R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୫୮
ତିଥି : ଅଷ୍ଟମୀ
୨୩ ଜୁନ୍ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 258
23 June 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## କୋଚିଂ ସେଣ୍ଟରରେ ନିଆଁ

# ୧୫ ଛାତ୍ର ଜୀବନ୍ତ ଦଗ୍ଧ



■ ଜୀବନ ବିକଳରେ ଛାତରୁ ଡେଇଁଲେ
■ ଉଚ୍ଚସ୍ତରୀୟ ତଦନ୍ତ ଲାଗି ନିର୍ଦ୍ଦେଶ
■ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଦୁଃଖପ୍ରକାଶ
■ ମୃତକଙ୍କ ଆତ୍ମୀୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା

ନୂଆଦିଲ୍ଲୀ, ୨୨।୬ : ଉତ୍ତରପ୍ରଦେଶର ଲକ୍ଷ୍ନୌର ଅଲିଗଞ୍ଜ ଅଞ୍ଚଳରେ ଥିବା କୋଚିଂ ସେଣ୍ଟର ଆନିମେସନ୍ ଷ୍ଟୁଡ଼ିଓ ଓ ପେଟ୍ ସପ୍‌ରେ ନିଆଁ ଲାଗି ୧୫ ଛାତ୍ରଙ୍କର ମୃତ୍ୟୁ ହୋଇଛି । ନିଆଁ ଲାଗିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜୋରଦାର କରାଯାଇଛି ଓ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଘଣ୍ଟାଏ ଭିତରେ ନିଆଁ ସମଗ୍ର କୋଠାକୁ ବ୍ୟାପି ଯାଇଥିଲା ଓ ୧୫ ଛାତ୍ର ଜୀବନ୍ତ ଦଗ୍ଧ ହୋଇଥିଲେ । କେତେକ ଛାତ୍ର ରକ୍ଷା ପାଇବା ପାଇଁ କୋଠାରୁ ଡେଉଁଥିବାର ମଧ୍ୟ ଲକ୍ଷ୍ କରାଯାଇଥିଲା । ତେବେ ଘଣ୍ଟାଏରୁ ଉର୍ଦ୍ଧ୍ୱ ସମୟ ପରେ ନିଆଁକୁ ଆୟତ୍ତ କରାଯାଇଛି ।

ଘଟଣାରୁ ପ୍ରକାଶ ଯେ ଉଷା ମେହେଟ୍ଟା ମାର୍ଗରେ ଥିବା ଏହି ୩ ମହଲା କୋଠାରେ ଅପରାହ୍ଣ ୩ଟା ସମୟରେ ନିଆଁ ଲାଗିଥିଲା । ସମଗ୍ର ଅଞ୍ଚଳ ଧୂଆଁରେ ଆଚ୍ଛାଦିତ ହୋଇପଡ଼ିଥିଲା । ଫଳରେ ସ୍ଥାନୀୟ ବାସିନ୍ଦା ଓ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । କୋଠାଟି ଏକ ବାଣିଜ୍ୟିକ ଅଞ୍ଚଳରେ ରହିଥିଲା । ଯେଉଁଠାରେ ଏକ ଗେମିଂ ଜୋନ୍, ପେଟ୍ କ୍ଲିନିକ୍ ଓ ଅନ୍ୟ ଦୋକାନ ସହ କୋଚିଂ ସେଣ୍ଟର ରହିଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ପ୍ରଥମ ମହଲାରୁ ଅଧିକାଂଶ ଲୋକ (୯ ପୃଷ୍ଠାରେ)

# ବ୍ରିଟେନ୍ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା



ନୂଆଦିଲ୍ଲୀ, ୨୨।୬ : ବ୍ରିଟେନର ପ୍ରଧାନମନ୍ତ୍ରୀ କୀର ଷ୍ଟାର୍ମର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି । ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବାଯାଏ ସେ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିବେ । ଗତ ୧୦ ବର୍ଷ ମଧ୍ୟରେ ସପ୍ତମ ପ୍ରଧାନମନ୍ତ୍ରୀ ଭାବେ ସେ ପଦ ଛାଡ଼ିଛନ୍ତି । ଯିଏ ନୂଆ ପ୍ରଧାନମନ୍ତ୍ରୀ ହେବ ତାଙ୍କୁ ସେ ସମ୍ପୂର୍ଣ୍ଣ ସମର୍ଥନ କରିବେ ବୋଲି ୬୩ ବର୍ଷୀୟ କୀର ଷ୍ଟାର୍ମର ଘୋଷଣା କରିଛନ୍ତି ।

ଇସ୍ତଫା ଦେବାପରେ ସେ କହିଛନ୍ତି ଯେ ମୋ ଦର ମୋତେ ଏବେ ପ୍ରଶ୍ନ ପଚାରିଛି । ପରବର୍ତ୍ତୀ ସାଧାରଣ ନିର୍ବାଚନ ପାଇଁ ମୁଁ ହୁଏତ ନେତୃତ୍ୱ ନେଇପାରେ । ସଂସଦୀୟ ଦଳର ପ୍ରଶ୍ନର ଉତ୍ତର ଶୁଣିଛି ଏବଂ ମୁଁ ସେମାନଙ୍କ କଥାକୁ ଗ୍ରହଣ କରିଛି । ପ୍ରତ୍ୟେକ ନିଷ୍ପତ୍ତି ଦେଶକୁ ଭଲପାଇବା ପ୍ରଥମ ଭାବି ନେଇଥିଲି । ଲେବର ପାର୍ଟିର ନେତା ପଦରୁ ମଧ୍ୟ ଇସ୍ତଫା ଦେବି । ଷ୍ଟାର୍ମର ମଧ୍ୟ କିଙ୍ଗ ଚାର୍ଲ୍ସ-୩ଙ୍କୁ ସାକ୍ଷାତ କରି ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଛନ୍ତି । ପରବର୍ତ୍ତୀ ସଂସଦୀୟ ଅଧିବେଶନ ସେପ୍ଟେମ୍ବରରେ ହେବା ପୂର୍ବରୁ ନୂଆ ନେତା ଚୟନ କରାଯିବ । ମୋର ଉତ୍ତରାଧିକାରୀଙ୍କୁ ମୁଁ ସମସ୍ତ ସହଯୋଗ କରିବି ଏବଂ ସେମାନେ ଏକ ଶକ୍ତିଶାଳୀ ବ୍ରିଟେନ୍ ଗଠନ ଦିଗରେ କାର୍ଯ୍ୟ କରିବେ । ଷ୍ଟାର୍ମର ମଧ୍ୟ ତାଙ୍କ ପତ୍ନୀ ଭିକ୍ଟୋରିଆଙ୍କୁ ଖରାପ ଓ ଭଲ ସମୟରେ ତାଙ୍କ ସହ ପାହାଡ଼ ଭଳି ଠିଆ ହୋଇଥିବାରୁ ଧନ୍ୟବାଦ ଦେଇଛନ୍ତି । ଦେଶପାଇଁ ନେଇଥିବା ବଡ ଦାୟିତ୍ୱକୁ ଛାଡ଼ିଛି । ଆଗାମୀ ଦିନରେ ଅନ୍ୟକିଛି ଦାୟିତ୍ୱ ନେବି । ଲେବର ପାର୍ଟିର ଜାତୀୟ କାର୍ଯ୍ୟକାରୀ ବୈଠକରେ ତାଙ୍କୁ ଇସ୍ତଫା ଦେବାକୁ କୁହାଯାଇଥିଲା । ଜୁଲାଇ ୧୬ ପୂର୍ବରୁ ନୂଆ ନେତା ଚୟନ କରାଯିବ । ତାଙ୍କ ଇସ୍ତଫା ପରେ ବ୍ରିଟେନରେ ରାଜନୈତିକ ଅସ୍ଥିରତା ଦେଖାଦେଇଛି । ଗତ ସପ୍ତାହରେ ଆଣ୍ଡିବର୍ଣ୍ଣହାମ୍ ଇଉତ୍ତର-ଇଂଲଣ୍ଡର ମେକର ଫିଲ୍ଡ ଉପନିର୍ବାଚନରେ (୯ ପୃଷ୍ଠାରେ)

## କ୍ରସ୍ ଭୋଟିଂ କରିଥିବା ବିଧାୟକଙ୍କୁ ଆଶ୍ୱସ୍ତି

# ସଦସ୍ୟତା ପଦ ରଦ୍ଦ ହେବନି

ଭୁବନେଶ୍ୱର, ୨୨।୬ (ସବ୍ୟୁ) : ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବା ବିଜେଡି ଓ କଂଗ୍ରେସର ୧୧ ବିଧାୟକଙ୍କର ସଦସ୍ୟତା ରଦ୍ଦ ପାଇଁ ହୋଇଥିବା ଆବେଦନକୁ ବାଚସ୍ପତି ସୁରମା ପାଢ଼ୀ ଖାରଜ କରିଛନ୍ତି । ଦୁଇ ଦଳ ପକ୍ଷରୁ ହୋଇଥିବା ଆବେଦନ ସମ୍ପୂର୍ଣ୍ଣ ନଥିଲା ବୋଲି ବାଚସ୍ପତି କହିବା ସହ ତଥ୍ୟ ପ୍ରମାଣ ଅଭାବ ଯୋଗୁ ଏହା ଖାରଜ ହୋଇଛି ବୋଲି ଦର୍ଶାଇଛନ୍ତି । ବିଜେଡିର ୮, କଂଗ୍ରେସର ୩ ବିଧାୟକଙ୍କର ସଦସ୍ୟତା ରଦ୍ଦ ପାଇଁ ଉଭୟ ଦଳ ପକ୍ଷରୁ ଆବେଦନ ହୋଇଥିଲା । ବାଚସ୍ପତିଙ୍କ କହିବାନୁଯାୟୀ ପ୍ରତି ଆବେଦନର ଏନ୍‌କ୍ଲୋଜର ପେପରରେ ଦସ୍ତଖତ ନାହିଁ । ସେହିପରି ଯିଏ ପିଟିସନ ସତ୍ୟପାଠ ଦେବା କଥା କିନ୍ତୁ ତାହା ମିଳିନାହିଁ । ରୁଲ୍-୬ ସବ୍‌ରୁଲ୍ ୬ ଏବଂ ୭ ଅନୁସାରେ ତଥ୍ୟ ଓ ପ୍ରମାଣ ନଥିବାରୁ ଏହାକୁ ଖାରଜ କରାଯାଇଛି ।

ଚଳିତବର୍ଷ ମାର୍ଚ୍ଚରେ ହୋଇଥିବା ରାଜ୍ୟସଭା ନିର୍ବାଚନରେ ବିଜେଡିର ୮ ବିଧାୟକ ସୁଭାସିନୀ ଜେନା,

### ବିଜେଡି-କଂଗ୍ରେସର ଆବେଦନକୁ ଖାରଜ କଲେ ବାଚସ୍ପତି

### ନିଷ୍ପତ୍ତିକୁ ବିଜେଡିର ସମାଲୋଚନା

ଅରବିନ୍ଦ ମହାପାତ୍ର, ଚନ୍ଦ୍ରମଣି କହଁର, ସନା ମହାକୁଡ, ନବ କିଶୋର ମଲ୍ଲିକ, ରମାକାନ୍ତ ଭୋଇ, ଦେବୀ ରଞ୍ଜନ ତ୍ରିପାଠୀ ଓ ସୌଭିକ୍ ବିଶ୍ୱାଳ କ୍ରସ୍ ଭୋଟିଂ କରିଥିଲେ । ସେହିଭଳି କଂଗ୍ରେସର ସୋଫିଆ ଫିର୍ଦ୍ଦୋଶ, ରମେଶ ଜେନା, ଦାଶରଥୀ ଗମାଙ୍ଗୋ ମଧ୍ୟ କ୍ରସ୍ ଭୋଟିଂ କରିଥିଲେ । ବିଜେଡି ପକ୍ଷରୁ ଏହି ବିଧାୟକମାନଙ୍କର ସଦସ୍ୟତା ରଦ୍ଦ ପାଇଁ ଆବେଦନ କରାଯାଇଥିଲା । କଂଗ୍ରେସ ମଧ୍ୟ ଅନୁରୂପ ଭାବେ ଏହି ଆବେଦନ କରିଥିଲା । ମାତ୍ର ଉଭୟଙ୍କ ଆବେଦନକୁ ବାଚସ୍ପତି ଖାରଜ କରିଛନ୍ତି । ବାଚସ୍ପତିଙ୍କ ଏହି ନିଷ୍ପତ୍ତିକୁ ବିଜେଡି ସମାଲୋଚନା କରିଛି । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ଅରୁଣ ସାହୁ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ୨୨ତମ ସମ୍ବିଧାନ ସଂଶୋଧନ ଓ ସମ୍ବିଧାନର ଦଶମ ପରିଚ୍ଛେଦରେ ଥିବା ବ୍ୟବସ୍ଥା ଅନୁଯାୟୀ ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ପରିପନ୍ଥୀ । ଦଳୀୟ ମନୋଭାବ ରଖି ଏହି ନିଷ୍ପତ୍ତି ନିଆଯାଇଛି । (୯ ପୃଷ୍ଠାରେ)

## ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ବିପର୍ଯ୍ୟୟ ପରିଚାଳନାରେ ଶିଥିଳତା ବରଦାସ୍ତ ହେବନି

ଭୁବନେଶ୍ୱର, ୨୨।୬ (ସବ୍ୟୁ) : ରାଜ୍ୟରେ ଆଗାମୀ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଓ ପ୍ରାକ୍-ପ୍ରସ୍ତୁତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ 'ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ-୨୦୨୬' ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବୈଠକରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଏକ ସମ୍ପୂର୍ଣ୍ଣ 'ଫୁଲ୍ ପ୍ରୁଫ୍' ବ୍ୟବସ୍ଥା ବିକଶିତ କରିଛି । ଏହି ଫୁଲ୍ ପ୍ରୁଫ୍ ବ୍ୟବସ୍ଥାକୁ ବଜାୟ ରଖିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ ।



ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ।

ଚଳିତ ବର୍ଷ 'ଏଲ୍ ନିନୋ' ପ୍ରଭାବ ଯୋଗୁଁ କମ୍ ବୃଷ୍ଟିପାତ ହେବାର ଆଶଙ୍କା ଥିବାରୁ ଖରିଫ ଫସଲ ଯେପରି ପ୍ରଭାବିତ ନହେବ, ସେଥିପାଇଁ (୯ ପୃଷ୍ଠାରେ)

▸▸ ୯୧୧ ଆଶ୍ରୟସ୍ଥଳୀ ରକ୍ଷଣାବେକ୍ଷଣ ଲାଗି ୬ ଲକ୍ଷ ଲେଖାଏଁ
▸▸ ସୋସିଆଲ ମିଡ଼ିଆରେ ସଠିକ୍ ସୂଚନା ପ୍ରଦାନ
▸▸ ଶୂନ୍ୟ ମୃତାହତ ସରକାରଙ୍କ ସଙ୍କଳ୍ପ

## ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା

ଭୁବନେଶ୍ୱର, ୨୨।୬ (ସବ୍ୟୁ) : ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।

ଏକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଘଟଣାରେ ସେ ଅତ୍ୟନ୍ତ ମର୍ମାହତ । ଏହି ଦୁଃଖଦ ଘଟଣାରେ ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି । ଆହତ ଓଡ଼ିଆ ଶ୍ରମିକମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ପ୍ରତ୍ୟେକ ମୃତ ଶ୍ରମିକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସିଏମ୍ଆର୍ଏଫ୍‌ରୁ ୪ ଲକ୍ଷ ଟଙ୍କା (୯ ପୃଷ୍ଠାରେ)

# ୪୮ ଘଣ୍ଟାରେ ସାରା ରାଜ୍ୟରେ ମୌସୁମୀ ପ୍ରବେଶ

ଭୁବନେଶ୍ୱର, ୨୨।୬ (ସବ୍ୟୁ): ରାଜ୍ୟରେ ବଦଳିଲା ପାଗର ମିଜାଜ । ବିଭିନ୍ନ ସ୍ଥାନରେ ଲାଗି ରହିଛି ମୌସୁମୀ ବର୍ଷା । ଫଳରେ ପ୍ରବଳ ଗରମ ଓ ଗୁଳୁଗୁଳିରୁ ମୁକ୍ତି ମିଳିଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଜି(ସୋମବାର) ଓଡ଼ିଶାର ଆହୁରି କିଛି ଅଞ୍ଚଳକୁ ପ୍ରବେଶ କରିଛି । ଆଗାମୀ ୪୮ ଘଣ୍ଟା ମଧ୍ୟରେ ଓଡ଼ିଶାର ଅବଶିଷ୍ଟ ଅଂଶକୁ ମୌସୁମୀ ବାୟୁ ଆହୁରି ଅଗ୍ରସର ହେବା ପାଇଁ ପରିସ୍ଥିତି ଅନୁକୂଳ ଅଛି ।

ପାଣିପାଗ ବିଭାଗର କହିବାନୁସାରେ, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଉତ୍ତର ସୀମା ଏବେ ବଲାଙ୍ଗୀର ଓ ବରଗଡ଼ର ଅଳ୍ପ ଅଂଶ, ନବରଙ୍ଗପୁର ଏବଂ ଝାରସୁଗୁଡ଼ାର କିଛି ଅଂଶ, କଳାହାଣ୍ଡି, ସୋନପୁର ଏବଂ ସୁନ୍ଦରଗଡ଼ର ଅଧିକାଂଶ ଅଂଶ ଦେଇ ଅତିକ୍ରମ କରିଛି । ଫଳରେ କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ସକାଳୁ ଝିପିଝିପି ବର୍ଷା ଜାରି ରହିଥିଲା । ସୋମବାର ସନ୍ଧ୍ୟା ସାଢ଼େ ୫ଟା ମଧ୍ୟରେ କୋରାପୁଟରେ ୨୮.୮ ମିମି ବର୍ଷା ହୋଇଥିବା ବେଳେ ସମ୍ବଲପୁରରେ ୧୫ ମିମି, ସୁନ୍ଦରଗଡ଼ ଓ ବରଗଡ଼ରେ ୧୨.୮ ମିମି, ଗୋପାଳପୁରରେ ୮.୮ ମିମି ବର୍ଷା ରେକର୍ଡ କରାଯାଇଛି ।

ଆସନ୍ତା ୪ ଦିନ ଅର୍ଥାତ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ସମଗ୍ର ଓଡ଼ିଶାରେ ମୌସୁମୀ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଓଡ଼ିଶାର ବାକି (୯ ପୃଷ୍ଠାରେ)

# ଆଇନଜୀବୀଙ୍କ ସହାୟତା ପରିମାଣ ବୃଦ୍ଧି

ଭୁବନେଶ୍ୱର, ୨୨।୬ (ସବ୍ୟୁ) : ରାଜ୍ୟରେ କାର୍ଯ୍ୟରତ ଆଇନଜୀବୀମାନଙ୍କ ସହାୟତା ପାଇଁ ଥିବା ରାଜ୍ୟ କଲ୍ୟାଣ ପାଣ୍ଠିରୁ ଆଇନଜୀବୀମାନଙ୍କୁ ଅବସର କିମ୍ବା ଦେହାନ୍ତ କ୍ଷେତ୍ରରେ ତାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଇନଜୀବୀ ମାନଙ୍କ ପାଇଁ ଏହି ସହାୟତା ରାଶିର ପରିମାଣ ୪୦ ପ୍ରତିଶତ ବୃଦ୍ଧି କରିଛନ୍ତି ।

ଏହାଦ୍ୱାରା ରାଜ୍ୟର ବିଭିନ୍ନ କୋର୍ଟରେ କାର୍ଯ୍ୟରତ ହଜାର ହଜାର ଆଇନଜୀବୀମାନେ ଉପକୃତ ହୋଇପାରିବେ । ସୂଚନାଯୋଗ୍ୟ ଯେ, ଶେଷଥର ପାଇଁ ଆଇନଜୀବୀ ମାନଙ୍କର ଏହି ସହାୟତା ରାଶି ୨୦୨୧ ମସିହାରେ ବୃଦ୍ଧି ପାଇଥିଲା ।

ଏହି ସହାୟତା ରାଶି ବୃଦ୍ଧିଦ୍ୱାରା ୫ ବର୍ଷ ବା ଏଥିରୁ କମ୍ ସମୟ ପାଇଁ କାର୍ଯ୍ୟରତ ଆଇନଜୀବୀମାନଙ୍କୁ କେବଳ ଦେହାନ୍ତ କ୍ଷେତ୍ରରେ (୯ ପୃଷ୍ଠାରେ)

## ରାୟଗଡା ଭିଡହିଂସା ମାମଲା

# ପୀଡ଼ିତାଙ୍କ ବୟାନ ରେକର୍ଡ



ଗିରଫ ୧୯ ଅଭିଯୁକ୍ତଙ୍କ ତାଲିକା ଜାରି
କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଲା ଏନ୍‌ସିଡବ୍ଲ୍ୟୁ

ଭୁବନେଶ୍ୱର, ୨୨।୬ (ସବ୍ୟୁ) : ରାୟଗଡା ଭିଡହିଂସା ମାମଲା ରେଡ୍‌ଫ୍ଲାଗ୍ ଅନ୍ତର୍ଭୁକ୍ତ ହେବା ପରେ ସିଏଡବ୍ଲ୍ୟୁ (ମହିଳା ବିରୋଧୀ ଅପରାଧ) ମାମଲାର ତଦନ୍ତ କରୁଛି । ପୀଡିତା ଦିଲ୍ଲୀରେ ଥିବାରୁ ସିଏଡବ୍ଲ୍ୟୁ ଭିଡିଓ କଲରେ ବୟାନ ରେକର୍ଡ କରିଛି । ଖାଲି ସିଏଡବ୍ଲ୍ୟୁ ନୁହେଁ ରାଜ୍ୟ ମହିଳା କମିଶନ ମଧ୍ୟ ମାମଲାର ତଦନ୍ତ କରୁଛି । ଗିରଫ ୧୯ ଅଭିଯୁକ୍ତଙ୍କ ତାଲିକା ଜିଲ୍ଲା ପୋଲିସ ପକ୍ଷରୁ ପ୍ରକାଶ କରାଯାଇଛି । ସେହିଭଳି ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହି ଘଟଣାରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହାର ରିପୋର୍ଟ ତଲବ କରିଛନ୍ତି ।

ବାରିପଦାକୁ ଫେଲୋସିପ୍ ପାଇଁ ଆସି ସେଠାରେ ରହୁଥିବା ଜଣେ ଯୁବତୀ ଓ ତାଙ୍କ ସହଯୋଗୀ ଯୁବକ ଗୁଗୁଲ ମ୍ୟାପରୁ ଭୁଲ୍ ରାସ୍ତା ପାଇ ରାୟଗଡା କଲ୍ୟାଣସିଂହପୁରଠାରେ ପହଞ୍ଚିଥିଲେ । ସେଠାରେ କେତେକ ପିଲାଙ୍କୁ ସେ ଚକୋଲେଟ୍ ଦେଉଥିବା ବେଳେ କୃଷ୍ଣ ଓ କିଛି ଯୁବକ ତାହା ଦେଖି ତାଙ୍କୁ ପିଲାଚୋର ଭାବି ଆକ୍ରମଣ କରିଥିଲେ । ଏପରିକି ପୀଡିତା ଯୁବତୀଙ୍କୁ ବିବସ୍ତ୍ର କରି ମାଡ ମାରିବା ସହ ଭିଡିଓ ସୁଟ୍ କରିଥିଲେ । ପରେ ସେହି ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରାଇଥିଲେ । ବଳରାମ ନାମକ ଜଣେ ଯୁବକଙ୍କ ପାଇଁ ପୀଡିତା ଜୀବନ ରକ୍ଷା କରିବାରେ ସମର୍ଥ ହୋଇଥିଲେ । ଏପରିକି କଲ୍ୟାଣସିଂପୁର ଆଇଆଇସି ଭିଡହିଂସା ଭିତରେ ପ୍ରାଣ ହରାଇଥାନ୍ତେ ବୋଲି ସିଏଡବ୍ଲ୍ୟୁ କହିଛି । ଅଳ୍ପକେ ସେ ବର୍ତ୍ତିଯାଇଥିଲେ । ପୀଡିତା ଯୁବତୀଙ୍କୁ କଲ୍ୟାଣସିଂପୁର ପୋଲିସ ଚିକିତ୍ସା କରାଇବା ପରେ ସେ ଥାନାରେ ଏତଲା ଦାଏର କରିଥିଲେ । ତାଙ୍କ ଏତଲା ଆଧାରରେ ପୋଲିସ (୯ ପୃଷ୍ଠାରେ)

# ପ୍ରବାସୀ ଶ୍ରମିକଙ୍କୁ ମାଡ଼, ୫ ଗିରଫ

## ଆହତ ଶ୍ରମିକଙ୍କୁ ଟ୍ରେନ୍ ଯୋଗେ ଘରକୁ ପଠାଇଲା ପୋଲିସ

ସମ୍ବଲପୁର, ୨୨।୬ (ସବ୍ୟୁ): ସମ୍ବଲପୁର ଜିଲ୍ଲା କ୍ଷେତରାଜପୁର ଥାନା ଅନ୍ତର୍ଗତ ଧୋବାପଡାରେ ଜଣେ ପ୍ରବାସୀ ଶ୍ରମିକଙ୍କୁ ପିଲା ଚୋର ସନ୍ଦେହରେ ମାଡ଼ ମାରିବା ଘଟଣା ପଦାକୁ ଆସିଛି । ଏହା ଜଣାପଡିବା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ।

ଜିଲ୍ଲା ଏସପି ମୁକେଶ କୁମାର ଭାମୁ ଘଟଣାକୁ ଗୁରୁତର ମନେ କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏଏସ୍ଆଇ ସୂର୍ଯ୍ୟନାରାୟଣ ଦାସଙ୍କ ଲିଖିତ ରିପୋର୍ଟ ଆଧାରରେ କ୍ଷେତରାଜପୁର ଥାନା ପୋଲିସ ୧୪୦/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସଦର ଏସ୍‌ଡିପିଓ ତୋଫାନ ବାଗଙ୍କ ନେତୃତ୍ୱରେ କ୍ଷେତରାଜପୁର, ଅଇଁଠାପାଲି, ଟାଉନ ଓ ଧନୁପାଲି ଥାନା ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି । ଭାଇରାଲ ଭିଡ଼ିଓ ଏବଂ ସିସିଟିଭି ଆଧାରରେ ପୋଲିସ ତଦନ୍ତ କରୁଛି । ଉକ୍ତ ଘଟଣାରେ ସମ୍ପୃକ୍ତ ୫ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ପଚରାଉଚରା କରୁଛି । ତେବେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି । (୯ ପୃଷ୍ଠାରେ)

# ଜୁନ୍ ୨୯ରୁ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ବନ୍ଦ

ବାରିପଦା, ୨୨।୬ (ସବ୍ୟୁ) : ଜୁନ୍ ୨୯ ତାରିଖରୁ ବର୍ଷାଋତୁ ପାଇଁ ପର୍ଯ୍ୟଟକ ଓ ଭ୍ରମଣକାରୀଙ୍କ ପାଇଁ ଶିମିଳିପାଳ ଜାତୀୟ ଉଦ୍ୟାନ ବନ୍ଦ ରହିବ । ତେବେ ତାଳବନ୍ଧ ଓ ଜାମୁଆଣି ଇକୋଟୁରିଜିମ କମ୍ପ୍ଲେକ୍ସ ଖୋଲା ରହିବ । ପରବର୍ତ୍ତୀ ପ୍ରବେଶ ତାରିଖ ଗଣମାଧ୍ୟମରେ ସୂଚନା ଦିଆଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡଃ ପ୍ରକାଶ ଚାନ୍ଦ ଗୋଗିନାନୀ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଶିମିଳିପାଳ ଜାତୀୟ ଉଦ୍ୟାନ ଦେଖିବା ଲାଗି ଦେଶବିଦେଶରୁ ପର୍ଯ୍ୟଟକମାନେ ଆସିଥାନ୍ତି । ତେବେ ବର୍ଷା ଋତୁରେ ସେଠାକୁ ଯିବା ନିରାପଦ ନୁହେଁ ।

## ଇତିହାସ

ସଂଯୁକ୍ତ ରାଷ୍ଟ୍ର ଲୋକସେବା ଦିବସ

୧୮୧୦- ବମ୍ବେ ଡନକନ୍ ଡକ୍‌ର ନିର୍ମାଣ ଶେଷ ।

୧୯୧୨- ଇଂରାଜୀ ଗଣିତଜ୍ଞ ତଥା କମ୍ପ୍ୟୁଟର ବୈଜ୍ଞାନିକ ଏଲେନ ଟ୍ୟୁରିଂଙ୍କ ଜନ୍ମ ।

୧୯୫୩- କାଶ୍ମୀରର ଏକ ହସ୍ପିଟାଲରେ ଶେଷନିଃଶ୍ୱାସ ତ୍ୟାଗକଲେ ଭାରତୀୟ ଜନସଂଘ ସଂସ୍ଥାପକ ଶ୍ୟାମା ପ୍ରସାଦ ମୁଖାର୍ଜୀ ।

୧୯୮୦- ସ୍ୱାଧୀନ ଭାରତର ଚତୁର୍ଥ ରାଷ୍ଟ୍ରପତି ଭି.ବି. ଗିରିଙ୍କ ପରଲୋକ ।

୧୯୮୦- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ କନିଷ୍ଠ ପୁତ୍ର ସଞ୍ଜୟ ଗାନ୍ଧିଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ।

୧୯୮୫- ଏୟାର ଇଣ୍ଡିଆର ଏକ ଯାତ୍ରୀବାହୀ ବିମାନ ଆୟରର୍ଲାଣ୍ଡ ଆକାଶରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ୩୨୯ ଯାତ୍ରୀଙ୍କ ମୃତ୍ୟୁ ।

୧୯୯୪- ପରମାଣୁ କାର୍ଯ୍ୟକ୍ରମରେ ରୋକ୍ ଲଗାଇବାକୁ ଘୋଷଣା କଲା ଉତ୍ତର କୋରିଆ ।

୨୦୦୮- ମେକ୍ସିକୋର ଟାୟାର କମ୍ପାନୀ ଟୋର୍ନେଲକୁ ୨୭୦ କୋଟି ଡଲାରରେ ଅଧିଗ୍ରହଣ କଲା ଭାରତର ପ୍ରସିଦ୍ଧ ଟାୟାର କମ୍ପାନୀ ଜେକେ ଟାୟାର ଇଣ୍ଡିଆ ।

୨୦୧୩- ଆମେରିକାର ଗ୍ରାଣ୍ଡ କେନିୟନ ପାହାଡ଼କୁ ରଶିରେ ଚଢ଼ି ପାର୍ କରିବାର ରେକର୍ଡ଼ କଲେ ନିକ ବାଲେଣ୍ଡା ।

୨୦୧୪- ବିଶ୍ୱ ଐତିହ୍ୟ ସୂଚୀରେ ସାମିଲ ହେଲା ଗୁଜରାଟର "ରାନୀ କି ବାବ' ଓ ହିମାଚଳର "ଗ୍ରେଟ୍ ହିମାଲୟନ ନେଶନାଲ ପାର୍କ' ।

## ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ

ସମଗ୍ର ବିଶ୍ୱରେ କ୍ରୀଡ଼ା, ସ୍ୱାସ୍ଥ୍ୟ ଏବଂ ଏକତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୨୩ ତାରିଖକୁ 'ଅନ୍ତର୍ଜାତୀୟ ଅଲିମ୍ପିକ୍ ଦିବସ' ଭାବେ ପାଳନ କରାଯାଇଥାଏ । ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏହାକୁ ନେଇ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି । ଆଧୁନିକ ଅଲିମ୍ପିକ୍ସ ଗେମ୍ସର ପ୍ରତିଷ୍ଠା ପାଇଁ ୧୮୯୪ ମସିହା ଜୁନ୍ ୨୩ରେ ପ୍ୟାରିସ୍‌ଠାରେ 'ଆନ୍ତର୍ଜାତୀୟ ଅଲିମ୍ପିକ୍ କମିଟି'ର ଗଠନ କରାଯାଇଥିଲା ଏବଂ ଏହି ଐତିହାସିକ ଦିନକୁ ମନେ ପକାଇବା ପାଇଁ ୧୯୪୮ ମସିହାରୁ ଆନୁଷ୍ଠାନିକ ଭାବେ ଅଲିମ୍ପିକ୍ ଦିବସ ପାଳନର ଶୁଭାରମ୍ଭ ହୋଇଥିଲା । ଏହି ଦିବସ କେବଳ ବିଶ୍ୱର ଶ୍ରେଷ୍ଠ ଆଥଲେଟ୍‌ମାନଙ୍କୁ ସମ୍ମାନିତ କରେ ନାହିଁ, ବରଂ ଜାତି, ଧର୍ମ, ବୟସ ଓ ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ଜୀବନରେ କ୍ରୀଡ଼ା ଏବଂ ଶାରୀରିକ କାର୍ଯ୍ୟକଳାପକୁ ଆପଣେଇବା ପାଇଁ ଅନୁପ୍ରାଣିତ କରିଥାଏ । ଏହି ଦିନ ବିଭିନ୍ନ ପ୍ରକାରର ଦୌଡ଼ ପ୍ରତିଯୋଗିତା, କ୍ରୀଡ଼ା ପ୍ରଦର୍ଶନୀ ଏବଂ ଶିକ୍ଷାଗତ ସେମିନାରମାନ ଆୟୋଜନ କରାଯାଇଥାଏ । ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ଅଲିମ୍ପିକ୍ସର ମୂଲ୍ୟବୋଧ ଯଥା— ଶ୍ରେଷ୍ଠତା, ବନ୍ଧୁତା ଏବଂ ସମ୍ମାନବୋଧର ବାର୍ତ୍ତା ପହଞ୍ଚାଇବା ଏବଂ ଏକ ସୁସ୍ଥ ତଥା ଶାନ୍ତିପୂର୍ଣ୍ଣ ବିଶ୍ୱ ଗଠନ ଦିଗରେ କ୍ରୀଡ଼ାକୁ ମାଧ୍ୟମ କରିବା ହିଁ ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ।



## ସୋସିଆଲ କୋଟ୍ସ



ସେ ମୋ ପାଇଁ ଜୀବନର ସବୁକିଛି ଥିଲେ । ବର୍ତ୍ତମାନ ଜୀବନରେ ଏକ ଖାଲି ପଣ ଆସିଯାଇଛି, ଯାହା ଜୀବନସାରା ସାଥିରେ ରହିବ । ତାଙ୍କ ସ୍ମୃତି ସାହାରାରେ ଜୀବନ ବ୍ୟତିତ କରିବି ।

ହେମା ମାଳିନୀ, ଅଭିନେତ୍ରୀ



କ୍ୟାରିୟରରେ ଅନେକ ସଂଘର୍ଷ କରିଛି । ଅଡିସନ ପାଇଁ ଯିବା ସମୟରେ ମୋ ପାଖେ ପୋଷାକ ମଧ୍ୟ ନଥିଲା, ମୁଁ ଉଡାରେ ଆଣୁଥିଲି ।

ରସିକା ଦୁଗଲ, ଅଭିନେତ୍ରୀ




ମୁଁ ନିଜ ଦେଶରେ କେବେ ବି ଅସୁରକ୍ଷିତ ଅନୁଭବ କରି ନାହିଁ । ମୁମ୍ବାଇ ପୋଲିସ ଠାରୁ କେହି ବି ଭଲ ସୁରକ୍ଷା ଦେବେ ନାହିଁ ।

କପିଲ ଶର୍ମା, ଅଭିନେତା

## ମଣିଷ ପାଲଟୁଛନ୍ତି କବାବ ରୋଲ୍

ସୋସିଆଲ ମିଡିଆରେ ଏବେ ଏକ ଆଶ୍ଚର୍ଯ୍ୟଜନକ ଟ୍ରେଣ୍ଡ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଲୋକେ ନିଜକୁ କବାବ ରୋଲ୍ ଭଳି ପ୍ରସ୍ତୁତ କରିବା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି । ଆମେରିକାରୁ ଆରମ୍ଭ ହୋଇଥିବା ଏହି ଅଜବ ଟ୍ରେଣ୍ଡକୁ 'କେବାବିଙ୍ଗ୍' କୁହାଯାଉଥିବା ବେଳେ ଏବେ ଏହା ୟୁକେରେ ମଧ୍ୟ ଖୁବ୍ ଦ୍ରୁତ ଗତିରେ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁସାରେ ଏହି ପ୍ରକ୍ରିୟାରେ ମଣିଷ ଶରୀର ଉପରେ ସସ୍, ପନିପରିବା ଏବଂ ମସଲା ଭଳି ସାମଗ୍ରୀ ସଜାଯାଇ ସେମାନଙ୍କୁ କବାବ ରୋଲ୍ ଭଳି ଗୁଡ଼ାଯାଇଥାଏ । ଆମେରିକାର ଫୁଡ୍ ରୋଲପ୍ଲେ ଏବଂ ଫୁଡ୍ ଫେଟିଶ୍ କମ୍ୟୁନିଟି ମଧ୍ୟରୁ ଏହାର ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ୟୁକେର 'ଡୋନର ଡ୍ୟାଡି' ନାମକ ଏକ ସର୍ଭିସ ଏହାକୁ ଲୋକପ୍ରିୟ କରାଇଛି । ଯେଉଁଠାରେ ଏକ ସ୍ୱାମୀ-ସ୍ତ୍ରୀଙ୍କ ଟିମ୍ ଲୋକମାନଙ୍କୁ ଏହି ବିଶେଷ 'ଡୋନର ମ୍ୟାଟ୍ରିକ୍ସ'ର ଅନୁଭୂତି ପ୍ରଦାନ କରୁଛନ୍ତି । ଏହି ମଣିଷ କବାବ ପ୍ରସ୍ତୁତ ପାଇଁ ପ୍ରାୟ ୬୦ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଉଛି, ଯେଉଁଥିରେ ପ୍ରଫେସନାଲ ସେଟ୍‌ଅପ୍, ଫଟୋସୁଟ୍ ଏବଂ ରେକର୍ଡିଂ ଭଳି ସୁବିଧା ପ୍ୟାକେଜ୍ ଆକାରରେ ଦିଆଯାଉଛି । ଏଭଳି ଅଜବ କାର୍ଯ୍ୟରୁ କିଛି ଲୋକଙ୍କୁ ମାନସିକ ଶାନ୍ତି ମିଳୁଥିବା ବେଳେ ସେମାନଙ୍କ ମତରେ ଶରୀର ଉପରେ ପଡୁଥିବା ଚାପ, ସ୍ପର୍ଶ ଏବଂ ଖାଦ୍ୟର ସୁଗନ୍ଧ ସେମାନଙ୍କୁ ସମ୍ପୂର୍ଣ୍ଣ ଆରାମ ବା ରିଲାକ୍ସ ଅନୁଭବ କରାଉଛି ।

## ହାଃହାଃ



**ରୋଗୀ :** ଡାକ୍ତରବାବୁ, ମୋତେ ଗୋଟେ ଅଜବ ରୋଗ ହେଇଛି । ମୁଁ ଯେତେବେଳେ ଚାହା ପିଉଛି, ମୋ ଡାହାଣ ଆଖି ବହୁତ ଜୋରରେ ବିନ୍ଧୁଛି ।

**ଡାକ୍ତର (କିଛି ସମୟ ଭାବିବା ପରେ) :** ଏଥିପାଇଁ କୌଣସି ଔଷଧର ଦରକାର ନାହିଁ । ଆରଥରକୁ ଚାହା ପିଇବା ବେଳେ କପ୍ ଭିତରୁ ଚାମଚଟା ବାହାର କରିଦେବେ, ଆଖି ଆଉ ବିନ୍ଧିବନି !



## ନଦୀ ସଫାକରିବାରୁ ତଦନ୍ତର ସାମ୍ନା

ଇଂଲଣ୍ଡରେ ଏକ ପ୍ରଦୂଷିତ ନଦୀର ସଫେଇ କରିବା ପରେ ଜଣେ ପରିବେଶ ଓକିଲଙ୍କୁ ଆଇନଗତ ତଦନ୍ତର ସାମ୍ନା କରିବାକୁ ପଡୁଥିବା ଜଣାପଡିଛି । ଏପରିକି ତାଙ୍କୁ ଏବେ ଜେଲ୍ ଦଣ୍ଡ ମଧ୍ୟ ହୋଇପାରେ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ୪୦ ବର୍ଷୀୟ ପଲ୍ ପାଉଲ୍ସଲ୍ୟାଣ୍ଡ ସ୍ୱେଚ୍ଛାସେବୀମାନଙ୍କ ସହ ମିଶି ନଦୀରୁ ୨୦୦ରୁ ଅଧିକ ବ୍ୟାଗ୍ ଆବର୍ଜନା ବାହାର କରିଥିଲେ । ପୂର୍ବ ଲଣ୍ଡନର ଏଲ୍ଗର୍ସ ବ୍ରୁକ୍ ନଦୀର ସଫେଇ ପାଇଁ ପଲ୍ 'ରିଭର ରୋଡିଙ୍ଗ୍ ଟ୍ରଷ୍ଟ'ର ସ୍ୱେଚ୍ଛାସେବୀମାନଙ୍କ ସହ ମିଶି ୧୦ ଦିନ ପର୍ଯ୍ୟନ୍ତ ଏକ ଅଭିଯାନ ଚଲାଇଥିଲେ । ଏଥିପାଇଁ ଏକ ଖୋଦେଇ ମେସିନ୍ ମଧ୍ୟ ଭଡ଼ାରେ ଅଣାଯାଇଥିଲା । ଯାହା ସାହାଯ୍ୟରେ ଟିମ୍ ନଦୀରୁ ପ୍ଲାଷ୍ଟିକ ପ୍ୟାକେଜିଂ, ଛୁଞ୍ଚି, ଘରୋଇ ଉପକରଣ ଏବଂ ଅସ୍ତ୍ରଶସ୍ତ୍ର ବାହାର କରିଥିଲେ । ତେବେ ସଫେଇ କାର୍ଯ୍ୟ ପରେ ପରିବେଶ ଏଜେନ୍ସି ପକ୍ଷରୁ ପଲ୍‌ଙ୍କୁ ଏକ ନୋଟିସ୍ ପଠାଯାଇ ତଦନ୍ତ ଆରମ୍ଭ କରାଯାଇଛି । କାରଣ ଏଜେନ୍ସିର ଅଭିଯୋଗ ଅନୁଯାୟୀ ନଦୀରେ ବିନା ଅନୁମତିରେ ସଫେଇ ଏବଂ ଆବର୍ଜନା ହଟାଇବା କାମ କରାଯାଇଛି । ଅନ୍ୟପଟେ ପଲ୍ ଓଲଟା ଅଭିଯୋଗ କରିଛନ୍ତି ଯେ ଏଜେନ୍ସି ନଦୀରେ ସୀୱେଜ୍ ଏବଂ ବେଆଇନ ଆବର୍ଜନା ଫିଙ୍ଗୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ସ୍ୱେଚ୍ଛାସେବୀମାନଙ୍କୁ ଟାର୍ଗେଟ୍ କରୁଛି । ଯଦିଓ ଏହି ସଫେଇ ପରେ ନଦୀକୁ ବନ୍ୟଜନ୍ତୁ ଫେରିବା ସହ ସ୍ଥାନୀୟ ଅଞ୍ଚଳର ସ୍ଥିତିରେ ସୁଧାର ଆସିଛି । ରିପୋର୍ଟ ଅନୁଯାୟୀ, ଯଦି ଏହି ମାମଲାରେ ନିୟମ ଉଲ୍ଲଙ୍ଘନ ହୋଇଥିବା ପ୍ରମାଣିତ ହୁଏ, ତେବେ ପଲ୍‌ଙ୍କୁ ସର୍ବାଧିକ ୨ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ହୋଇପାରେ ।



## ଅନୁତାପ କରୁଛନ୍ତି ଆଲିଆ

ହାସ୍ୟ ଅଭିନେତା ସମୟ ରୈନାଙ୍କ ଲୋକପ୍ରିୟ ଶୋ' 'ଇଣ୍ଡିଆଜ୍ ଗଟ୍ ଲେଟେଣ୍ଟ୍ ୨'ର ପ୍ରଥମ ଏପିସୋଡ୍‌ରେ ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ ଏବଂ ଶରଭରୀ ୱାଘଙ୍କୁ ଗେଷ୍ଟ ଭାବେ ସାମିଲ କରାଯାଇଛି । ଶୋ'ରେ ସମୟ ରୈନା ଏବଂ ଆଲିଆ ଭଟ୍ଟ ଉଭୟ ଉଭୟଙ୍କୁ ରୋଷ୍ଟିଂ କରୁଥିବା ଦେଖିବାକୁ ମିଳିଛି । ସମୟ ଆଲିଆଙ୍କୁ ଶୋ'କୁ ସ୍ୱାଗତ କରି କହିଥିଲେ ଯେ ପ୍ରଥମ ଏପିସୋଡ୍‌ରେ ଆଲିଆ ଗେଷ୍ଟ ହୋଇ ଆସିଥିବା କଥା ସେ ବିଶ୍ୱାସ କରିପାରୁନାହାନ୍ତି, ଯାହାର ଜବାବରେ ଆଲିଆ ହସି ହସି ନିଜର ସାମାନ୍ୟ ଅନୁତାପ ହେଉଥିବା କହିଛନ୍ତି । ଏହିଭଳି ପୁରା ଏପିସୋଡରେ ସମସ୍ତେ ଅନେକ ଟ୍ରୋଲିଂ ହୋଇଛି । ତେବେ ସୋସିଆଲ ମିଡିଆରେ ବିବାଦିତ ଶୋରେ ଆଲିଆଙ୍କ ଗେଷ୍ଟ ହୋଇଯିବାକୁ ଅନେକଲୋକ ନାପସନ୍ଦ କରିଛନ୍ତି । କିଛି ଲୋକ ଫିଲ୍ମ ପାଇଁ ଏଭଳି ଷ୍ଟଣ୍ଟ ପୁରା ଟିମ କରିଥିବାନେଇ ଆଲୋଚନା କରୁଛନ୍ତି । ସୂଚନା ଅନୁସାରେ ଗତବର୍ଷ ଇଣ୍ଡିଆଜ୍ ଗଟ୍ ଲେଟେଣ୍ଟ୍କୁ ନେଇ କୋର୍ଟ କେସ୍ ପର୍ଯ୍ୟନ୍ତ କଥା ଯାଇଥିବାରୁ ସମୟ ରୈନାଙ୍କୁ ବେଶ୍ ବିବାଦ ଘେରକୁ ଟଣାଯାଇଥିଲା । ସେହିଭଳି କିଛି ଲୋକ ଆଲିଆଙ୍କର କୁଲ ଅନ୍ଦାଜକୁ ପସନ୍ଦ କରୁଥିବା ମଧ୍ୟ ଦେଖିବାକୁ ମିଳିଛି ।

## ନାଁ ପାଇଁ ଗଲେ ଜେଲ

ରୁଷର ଏକ ସହରରେ ଜଣେ ୧୮ ବର୍ଷୀୟ ଛାତ୍ର ଟିମୋଫେ ୱାଖୋନିନଙ୍କୁ ପିଜା ଅର୍ଡର କରିବା ସମୟରେ ନିଜ ନାମ 'ଆଡୋଲ୍ଫ ହିଟଲର' କହିବା ମହଙ୍ଗା ପଡ଼ିଛି । ଏପରିକି ଏଥିପାଇଁ ତାଙ୍କୁ ଜେଲ୍ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିଛି । ସୂଚନା ଅନୁଯାୟୀ, ଟିମୋଫେ ଏକ ଡୋଡୋ ପିଜା ଆଉଟଲେଟ୍‌ରେ ଅର୍ଡର ଦେବା ବେଳେ ଏହି ନାମ ବ୍ୟବହାର କରିଥିଲେ, ଯାହା ପରେ ତାଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା । ତେବେ ଏଭଳି କରିବା ପଛର କାରଣ ପଚରାଯିବାରୁ ସେ କହିଥିଲେ ଯେ ସେ ଯୁଦ୍ଧକୁ ସମର୍ଥନ କରନ୍ତି ନାହିଁ ଏବଂ ଏହା ତାଙ୍କର ବିରୋଧ ପ୍ରଦର୍ଶନ କରିବାର ଏକ ଶୈଳୀ ଥିଲା । ଏହି ଘଟଣାର ପରଦିନ ହିଁ ପୋଲିସ ଉକ୍ତ ଛାତ୍ରଙ୍କୁ ତାଙ୍କ କଲେଜରୁ ଗିରଫ କରିଥିଲା ଏବଂ ତଦନ୍ତ ସମୟରେ ଅଧିକାରୀମାନେ ତାଙ୍କ ଡେସ୍କରୁ ନାଜି ପ୍ରତୀକ ମଧ୍ୟ ଜବତ କରିଥିଲେ । ପୋଲିସର କହିବା ଅନୁଯାୟୀ, ସେ କେବଳ ହିଟଲରଙ୍କ ନାମ ନେଇନଥିଲେ, ବରଂ ଅନ୍‌ଲାଇନ୍ ଚାଟ୍ ଫୋରମ୍‌ରେ ନାଜି ଚିହ୍ନର ଫଟୋ ମଧ୍ୟ ସେୟାର କରିଥିଲେ । ପରବର୍ତ୍ତୀ ସମୟରେ ପଚରାଉଚରା ବେଳେ ଛାତ୍ରଜଣକ ନିଜକୁ ନାଜି ସମର୍ଥକ ନୁହନ୍ତି ବୋଲି କହିବା ସହ ନିଜ କାର୍ଯ୍ୟର ପରିଣାମ ବିଷୟରେ ତାଙ୍କର କୌଣସି ଅନ୍ଦାଜ ନଥିଲା ବୋଲି ପ୍ରକାଶ କରିଥିଲେ । ତେବେ ରୁଷର ଆଇନ ଅନୁଯାୟୀ ନାଜି ପ୍ରତୀକ କିମ୍ବା ସେମାନଙ୍କ ବିଚାରଧାରାର ପ୍ରଚାର-ପ୍ରସାର କରିବା ଏକ ଅପରାଧ ହୋଇଥିବାରୁ, ଏହି ଆଧାରରେ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତାଙ୍କୁ ୫ ଦିନର ଜେଲ୍ ଦଣ୍ଡ ଶୁଣାଯାଇଛି ।





**ମେଷ:** ମାନସମ୍ମାନ ପ୍ରାପ୍ତି, ଉଚ୍ଚଆଶା ସଫଳ, ବ୍ୟବସାୟରେ ଉନ୍ନତି, ଶୁଭଖବର, ଦୂରଯାତ୍ରା ସଫଳ, ନୂତନ କାର୍ଯ୍ୟରେ ଲାଭ, ବ୍ୟକ୍ତିସହାୟତା, ଶରୀର ସୁସ୍ଥ, ବିଦ୍ୟାରେ ସଫଳତା, ଦ୍ୱିଜା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୦, ଆରାଧନା-କୁବେର ଭଗବାନ ।

**ବୃଷ:** ଶୁଭକାର୍ଯ୍ୟରେ ଧନବ୍ୟୟ, ବନ୍ଧୁବିବାଦ, ବ୍ୟବସାୟିକ ଖୁସି, କର୍ମକ୍ଷେତ୍ରେ ପରିଶ୍ରମ, ସ୍ୱଜନେ ବିରୋଧ, ଜମିଜମା ଗଣ୍ଡଗୋଳ, ବ୍ୟକ୍ତିସାହାଯ୍ୟ, ଦାମ୍ପତ୍ୟଖୁସି, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ମିଥୁନ:** ମାନସିକ ଶାନ୍ତି, ଲୋକସମ୍ପର୍କ, କାର୍ଯ୍ୟରେ ସଫଳତା, ବ୍ୟବସାୟ ବୃଦ୍ଧି, ଶୁଭ ସମାଚାର, ଅନୁଷ୍ଠାନରୁ ଲାଭ, ବିଦ୍ୟାରେ ସଫଳତା, ଶରୀର ସୁସ୍ଥ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ମା' ଭୁବନେଶ୍ୱରୀ ।

**କର୍କଟ:** ଶରୀର ସୁସ୍ଥ, ଅର୍ଥଲାଭ, ହେବାକାର୍ଯ୍ୟ ବିଳମ୍ବ, ଗୃହେ ଉତ୍ସବ, ଲୋକସମ୍ପର୍କ ବୃଦ୍ଧି, ବିବାଦ ସମାଧାନ, ପାରିବାରିକ ସହଯୋଗ, ଦୂରଯାତ୍ରା ସଫଳ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ସିଂହ:** ବ୍ୟବସାୟରେ ସ୍ୱଳ୍ପ ଲାଭ, କର୍ମକ୍ଷେତ୍ରେ ପରିଶ୍ରମ, ଅତିଥି ଦର୍ଶନ, ବିବାଦ ସମାଧାନ, ବିଶିଷ୍ଟ କାର୍ଯ୍ୟରେ ବିଳମ୍ବ, ଶତ୍ରୁସମସ୍ୟା, ଯାନବାହନେ ସତର୍କ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଲକ୍ଷ୍ମୀନାରାୟଣ ।

**କନ୍ୟା:** ଯାତ୍ରା ସଫଳ, କର୍ମକ୍ଷେତ୍ରେ ଶାନ୍ତି, ପଦୋନ୍ନତି, ଶରୀର ସୁସ୍ଥ, ଦେବଦର୍ଶନ, ଲୋକସମ୍ପର୍କ ବୃଦ୍ଧି, ସ୍ୱାସ୍ଥ୍ୟସମସ୍ୟା, ସନ୍ତାନଲାଭ, ଦାମ୍ପତ୍ୟଖୁସି, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୧୦, ଆରାଧନା-ମା' ବଗଳା ।

**ତୁଳା:** ଯାତ୍ରାରେ ସଫଳ, ସମ୍ମାନଲାଭ, ବନ୍ଧୁସମସ୍ୟା, ମାନସିକ ଶାନ୍ତି, ପଦବୀଲାଭ, ଅର୍ଥଲାଭ, ମାମଲା ସମାଧାନ, ବ୍ୟବସାୟରେ ଲାଭ, ସନ୍ତାନଖୁସି, ପାରିବାରିକ ଖୁସି, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବିଛା:** ଖୁସିଖବର, ବ୍ୟବସାୟରେ ଲାଭ, ଅର୍ଥଲାଭ, ପାରିବାରିକ ସମସ୍ୟା, ପଦବୀଲାଭ, ଯାତ୍ରା ସଫଳ, ଆଶାପୂର୍ଣ୍ଣ, ସମ୍ପତ୍ତିଲାଭ, ପୁରୁଣା ମାମଲା ସମାଧାନ, ଦାମ୍ପତ୍ୟଖୁସି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ପ୍ରଭୁ ନୃସିଂହ ।

**ଧନୁ:** କାର୍ଯ୍ୟରେ ବାଧା, ଅର୍ଥସମସ୍ୟା, କର୍ମକ୍ଷେତ୍ରେ ପରିଶ୍ରମ, ହେବାକାର୍ଯ୍ୟ ବିଳମ୍ବ, ମାନସିକ ଅଶାନ୍ତି, ବନ୍ଧୁସାହାଯ୍ୟ, ଉଚ୍ଚଆଶା ସଫଳ, ଲୋକସମ୍ପର୍କବୃଦ୍ଧି, ବ୍ୟବସାୟିକ କଷ୍ଟ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ଗୁରୁଜନଙ୍କ ସେବା ।

**ମକର:** ଅପମାନ, ଶରୀର ଅସୁସ୍ଥ, ପାରିବାରିକ ଖୁସି, ଉଚ୍ଚଆଶା ବିଫଳ, ଯାତ୍ରାରେ ସତର୍କ, ଦ୍ରବ୍ୟନଷ୍ଟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୁରୁଜନଙ୍କ ଆଶୀର୍ବାଦ, ବିଦ୍ୟାରେ ସଫଳ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା-ଲକ୍ଷ୍ମୀନାରାୟଣ ।

**କୁମ୍ଭ:** ପ୍ରୀତିବୃଦ୍ଧି, କାର୍ଯ୍ୟରେ ସଫଳ, ବନ୍ଧୁଲାଭ, ପଦବୀଲାଭ, ବ୍ୟବସାୟରେ ଉନ୍ନତି, ଶରୀର ସୁସ୍ଥ, ଅର୍ଥଲାଭ, ସମ୍ପତ୍ତିକ୍ରୟ, ମାମଲାରେ ଖୁସି, ପାରିବାରିକ ଖୁସି, ଭ୍ରାତୃସ୍ନେହ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୬, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ମୀନ:** ଦ୍ରବ୍ୟଲାଭ, ପୁରାତନ ରୋଗର ଉପସମ, ବ୍ୟବସାୟରେ ଲାଭ, ଅର୍ଥସମସ୍ୟା ସମାଧାନ, ସନ୍ତାନଖୁସି, ଶତ୍ରୁ ପରାଜିତ, ନୂତନ ସୁଯୋଗ ପ୍ରାପ୍ତି, ଯାନବାହନ କ୍ରୟ, ଶରୀର ସୁସ୍ଥ, ଦାମ୍ପତ୍ୟଖୁସି, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ମା' ବାଟମଙ୍ଗଳା ।

**ଜ୍ୟେଷ୍ଠ ଶୁକ୍ଳପକ୍ଷ ନବମୀ**
**୨୩.୬.୨୦୨୬, ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ଘରେ ପଶି ଲୁଟିନେଲେ ଏକ କୋଟି ଟଙ୍କାର ସୁନାଅଳଙ୍କାର ସମେତ ନଗଦ ଟଙ୍କା

ଖୋର୍ଦ୍ଧା, (ସବ୍ୟୁ) : ଘରେ ପଶି ଦୁର୍ବୃତ୍ତ ଆଲମିରାରୁ ଲୁଟିନେଲେ ପ୍ରାୟ କୋଟିଏ ଟଙ୍କାର ସୁନା, ରୁପା ଅଳଙ୍କାର ଓ ନଗଦ ଟଙ୍କା। ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଂଚଳରେ ଲୁଟେରାଙ୍କ ରାଜ କମିବାର ନା ଧରୁନି। ଗତକାଲି ବିଳମ୍ବିତ ରାତିରେ ଠିକାଦାର ଶିବାଜୀ ମଙ୍ଗରାଜ ଙ୍କ ଘରେ ପଶି ଦୁର୍ବୁର୍ତ ମାନେ କଳାକାନା ବୁଲେଇଥିବା ଶିବାଜୀ ବାଙ୍କୋଇ ଫାଣ୍ଡି ରେ ଅଭିଯୋଗ କରିଛନ୍ତି। ବାଙ୍କୋଇ ଗ୍ରାମର ପୂର୍ତ୍ତ ରାସ୍ତା ପାର୍ଶ୍ୱରେ ଥିବା ନୂଆସାହିରେ ଶିବାଜୀ ମଙ୍ଗରାଜଙ୍କ ବାସଭବନରେ କୌଣସି ଦୁର୍ବୃତ ବିଳମ୍ବିତ ରାତିରେ ଘରଭିତରକୁ ପଶି ପ୍ରାୟ ଏକ କୋଟି ଟଙ୍କାର ସୁନା, ରୁପା ଅଳଙ୍କାର ଓ ନଗଦ ଟଙ୍କା ଚୋରୀ କରିନେଇଯାଇଥିବାର ବାଙ୍କୋଇ ଫାଣ୍ଡିରେ ଅଭିଯୋଗ ହୋଇଛି। ଏଭଳି ଚୋରି ଖବର କୁ ନେଇ ସ୍ଥାନୀୟ ଭୟ ସୃଷ୍ଟି କରୁଛି।



ଶିବାଜୀଙ୍କ ଠାରୁ ସୁଚନା ରୁ ପ୍ରକାଶ ଯେ,ତାଙ୍କ ପରିବାର ବର୍ଗ ରାତ୍ରିରେ ସମସ୍ତେ ଘରେ ଶୋଇଥିବା ବେଳେ କେହି ଦୁର୍ବୃତ ଘରର କବାଟ ଖୋଲି ଘରେ ପଶି ଚୋରୀ ଶୋଇଥିବା ପଡ଼ିଥିବା ପରିବର ଲୋକଙ୍କ ଉପରେ ନିଶ୍ଚେତକ ସ୍ପ୍ରେ କରିଦେଇ ଆଲମାରୀରୁ ସୁନା, ରୁପା ଅଳଙ୍କାର ସାଥୀକୁ ୧ଲକ୍ଷ ୨୦ ହଜର ନଗଦ ଟଙ୍କା ଚୋରି କରି ନେଇଯାଇଛନ୍ତି।ସକାଳୁ ଦେଖିଲା ବେଳକୁ ଆଲମାରୀ ଖୋଲାଥିବାବେଳେ ସେଥିରେ ଅଳଙ୍କାର ଓ ନଗଦ ଟଙ୍କା ନାହିଁ। ଦୁର୍ବୃର୍ତ ଅଳଙ୍କାର ଥିବା ଖୋଳ ଗୁଡିକୁ ଗ୍ରାମ ମୁଣ୍ଡ ରେ ଥିବା ଏକ ପୋଖରୀ ନିକଟରେ ପକାଇଦେଇ ପଳାଯାଇଛନ୍ତି।

ଅଭିଯୋଗ ଅନୁଯାଇ ଚୋରୀ ହୋଇଥିବା ଜିନିଷ ଗୁଡିକ ମଧ୍ୟରେ ସୁନା ହାର ୪ଟା, ମଙ୍ଗଳ ସୂତ୍ର ୧୦ଟା, ଚେନ ୧୨ଟା, କାନ ଅଳଙ୍କାର ୧୫ହଳ, ବାହୁଟି ୮ହଳ, ସୁନା ମୁଦି ୩୦ଟି, ସୁନା ପଲା ୫ହଳ, ସୁନା କଏନ ୬ଟି ଏବଂ ରୂପା ଅଳଙ୍କାର ପ୍ରାୟ ଦେଢ଼ କିଲୋ ଓଜନ ର ଜିନିଷ ଯାହାର ଆନୁମାନିକ ମୂଲ୍ୟ ୯୯ଲକ୍ଷ ଟଙ୍କା ସମେତ ନଗଦ ୧ଲକ୍ଷ ୨୦ହଜାର ଟଙ୍କାକୁ ଦୁର୍ବୃର୍ତ ତାଙ୍କ ଘରୁ ଚୋରୀ କରିନେଇଯାଛନ୍ତି ବୋଲି ଅଭିଯୋଗ ହୋଇଛି। ଅଭିଯୋଗ ପାଇ ବାଙ୍କୋଇ ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ କରିବା ପରେ ଖୋର୍ଦ୍ଧା ରୁ ଡଗ ସ୍କ୍ୱାର୍ଡ ଓ ସାଇଁଟିଫିକ୍ ଟିମ ଏବଂ ଖୋର୍ଦ୍ଧା ଏସ୍‌ଡିପିଓ ପହଁଚି ଘଟଣା ର ତଦନ୍ତ କରିଛନ୍ତି।

## କୋର୍ଟ ଏସ୍କର୍ଟ ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ

ପୁରୀ (ସବ୍ୟୁ): କୋର୍ଟ ଏସ୍କର୍ଟ ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି । ସୋମବାର ସନ୍ଧ୍ୟାରେ ପୁରୀ - କୋଣାର୍କ ରାସ୍ତାର ବାଲିଗୁଆଳି ଛକରେ ବାଇକ୍ ଉପରେ ଚଢ଼ିଗଲା କୋର୍ଟ ଏସ୍କର୍ଟ ଗାଡ଼ି। ଏହି ଦୁର୍ଘଟଣାରେ ମୃତକ ହେଉଛନ୍ତି ଗଇଣ୍ଡଳ ଗାଁର ୨୪ ବର୍ଷୀୟ କୁନା ବେହେରା। ଗୁରୁତର ହୋଇଛନ୍ତି ଛଇତନା ଇତିଭୂଆଁ ଗାଁର ସୁଜିତ୍ ସାହୁ । ଉଭୟ ସନ୍ଧ୍ୟାରେ ବାଇକ୍ ଯୋଗେ ଗାଁ ଅଭିମୁଖେ ଯାଉଥିଲେ । ବାଇକ୍ ଯୋଗେ ଫେରୁଥିବାବେଳେ ଅନ୍ଧାର ରାସ୍ତା ଯୋଗୁଁ ପ୍ରଥମେ ଏକ ଷଣ୍ଢକୁ ଧକ୍କା ଦେଇ ରାସ୍ତାରେ ଛିଟିକି ପଡ଼ିଥିଲେ। ପରେ ପଛ ପଟୁ ଆସୁଥିବା କୋର୍ଟ ଏସ୍କର୍ଟ ଗାଡ଼ି ଧକ୍କା ଦେଇ ଉଭୟଙ୍କୁ ଘୋଷାରି ନେଇଥିଲା ।ତୁରନ୍ତ ଉଭୟଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ହେଲେ ଡାକ୍ତର କୁନାକୁ ମୃତ ଘୋଷଣା କରିଥିଲେ। ଗୁରୁତର ସୁଜିତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି । ଏହି ଦୁର୍ଘଟଣା ଖବର ପାଇ ପୋଲିସ ଫୋର୍ସ ସହ ବିଭିନ୍ନ ଥାନାର ଅଧିକାରୀ ,ସିଟି ଡିଏସପି ଓ ସଦର ଏସଡିପିଓ ହସ୍ପିଟାଲରେ ପହଞ୍ଚିଥିଲେ ।ଘଟଣାର ଅଧିକ ତଦନ୍ତ ଚାଲିଥିବା

# ମହିଳାଙ୍କ ଠାରୁ ଲୁଟ୍ : ୨ଗିରଫ

କଟକ(ସବ୍ୟୁ): ଦରଘାବଜାର ଥାନା ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ଜଣେ ମହିଳାଙ୍କୁ ଲୁଟ ଉଦ୍ୟମ ହୋଇଛି । ଏହି ଘଟଣାରେ ପୁଲିସ ୨ଜଣ କୁଖ୍ୟାତ ଲୁଟେରାଙ୍କୁ ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ମଠସାହି ଗୋପାଳଜୀଉ ଲେନର ଗୁଡା ଗୋଚ୍ଛାୟତ(୨୬) ଓ ତେଲେଙ୍ଗାବଜାରର ମନୋଜ କୁମାର ଜୁତାକି(୩୩) । ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି । ସୋମବାର ମଧ୍ୟାହ୍ନରେ କାଜିବଜାର ଅଞ୍ଚଳର ସୁରେନ୍ଦ୍ର ଯୋଶୀଙ୍କ ପତ୍ନୀ ସୁଶୀଳା ତାଙ୍କ ନଣନ୍ଦ ଘରକୁ ଆସିଥିଲେ । ଦିନ ପ୍ରାୟ ସାଢେ ୨ଟାରେ ସୁଶୀଳା ଗଙ୍ଗାମନ୍ଦିର ଛକରେ ପହଞ୍ôଚ ଘରକୁ ନେଇଯିବା ପାଇଁ ପୁଅକୁ ଫୋନ କରି ଡାକିଥିଲେ । ସେଠାରେ ପୁଅକୁ ଅପେକ୍ଷା କରି ସେ ଛିଡା ହୋଇଥିଲେ । ଏତିକିବେଳେ ଗୌରୀଶଙ୍କର ପାର୍କ ପଟୁ ହଠାତ ଉପରୋକ୍ତ ଦୁଇ ଦୁର୍ବୃତ୍ତ ଏକ କଳା ବୁଲେଟରେ ଆସି ସୁଶୀଳାଙ୍କୁ ଧକ୍କା ଦେଇ ତାଙ୍କ ହାତରୁ ଭ୍ୟାନିଟି ବ୍ୟାଗ ଛଡାଇ ନେଇଥିଲେ । ତଳେ ପଡିଥିବା ଅବସ୍ଥାରେ ସୁଶୀଳା ବଡ ପାଟିରେ ଚିତ୍କାର କରିଥିଲେ । ମାତ୍ର ଦୁର୍ବୃତ୍ତ ଦ୍ୱୟ ବାଲୁବଜାର ରାସ୍ତାରେ ଦ୍ରୁତ ବେଗରେ ପଳାଇଥିଲେ । ସେତେବେଳ ଉକ୍ତ ଅଞ୍ଚଳରେ ଗହଳି ନଥିବାରୁ ଦୁର୍ବୃତ୍ତମାନେ ସହଜରେ ଚମ୍ପଟ ମାରିଥିଲେ । କିଛି ସମୟ ପରେ ସୁଶୀଳାଙ୍କ ପୁଅ ଗାଡି ଧରି ସେଠାରେ ପହଞ୍ôଚବା ପରେ ସେମାନେ ବାଲୁବଜାର ଅଭିମୁଖେ ଯାଇଥିଲେ । ଏନେଇ ପୁଲିସକୁ ମଧ ସୂଚନା ଦିଆଯାଇଥିଲା । ତେବେ ଦ୍ରୁତ ବେଗରେ ଗାଡି ଚଳାଇ ଯିବା ସମୟରେ ବାଲୁବଜାର ରାସ୍ତାରେ ଏକ ଷଣ୍ଢରେ ବୁଲେଟ ଧକ୍କା ହେବାରୁ ୨ ଜଣ ଦୁର୍ବୃତ୍ତ ତଳେ ପଡିଯାଇଥିଲେ । ତଥାପି ସେମାନେ ଖସିଯିବାକୁ ଉଦ୍ୟମ କରିଥିଲେ । ମାତ୍ର ପଛେ ପଛେ ଆସୁଥିବା ସୁଶୀଳାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ୨ ଜଣଙ୍କୁ କାବୁ କରିନେଇଥିଲେ । ଖବର ପାଇ ଦରଘାବଜାର ଥାନା ପୁଲିସ ସେଠାରେ ପହଞ୍ôଚ ଦୁଇ ଦୁର୍ବୃତ୍ତଙ୍କୁ ନିଜ ହେଫାଜତକୁ ନେଇଥିଲା । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଗୁଡା ଜଣେ ପେସାଦାର ଲୁଟେରା । ପୂର୍ବରୁ ତା' ନାଁରେ ଚୋରି, ଛିନାତାଇ, ଲୁଟପାଟ ନେଇ ପୁରୀଘାଟ ଥାନାରେ ୧୨ଟା ଓ ଦରଘାବଜାର ଥାନାରେ ଗୋଟିଏ ମାମଲା ରହିଛି ।

## ସ୍ନାତକ ପାଠ୍ୟକ୍ରମ ନାମଲେଖାର ପ୍ରଥମ ମେଧା ତାଲିକା ପ୍ରକାଶିତ

# ଅଧିକାଂଶ ଷ୍ଟ୍ରିମରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଗରେ

ଭୁବନେଶ୍ୱର(ସବ୍ୟୁ): ଶିକ୍ଷାବର୍ଷ ୨୦୨୬-୨୭ ସ୍ନାତକ ପାଠ୍ୟକ୍ରମ ଲାଗି ପ୍ରଥମ ପର୍ଯ୍ୟାୟ ନାମଲେଖା ନିମନ୍ତେ ମେଧା ତାଲିକା ଆଜି (ସୋମବାର) ପ୍ରକାଶ ପାଇଛି । ପ୍ରଥମ ମେଧା ତାଲିକାରେ ରାଜ୍ୟର ୧, ୭୮, ୭୮୨ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି । ରାଜ୍ୟର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକ ପାଠ୍ୟକ୍ରମ ପାଇଁ ମୋଟ୍ ୨,୮୭,୩୨୭ଟି ଆସନ ଥିବାବେଳେ ୨,୩୭,୨୦୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ । ସେଥିମଧ୍ୟରୁ ପ୍ରଥମ ମେଧା ତାଲିକାରେ ୧,୭୮,୭୮୨ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି । ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କମାନଙ୍କ ମଧ୍ୟରେ ୬୯,୧୮୨ ଜଣ ପୁଅ, ୧,୦୯,୫୯୧ ଜଣ ଝିଅ ଏବଂ ୯ ଜଣ ତୃତୀୟଲିଙ୍ଗ ଛାତ୍ରଛାତ୍ରୀ ଅଛନ୍ତି । ପ୍ରଥମ ମେଧା ତାଲିକାରେ କଳାରେ ୧,୧୨,୮୨୨ ଜଣ, ବିଜ୍ଞାନରେ ୪୩,୬୯୩ ଜଣ, ବାଣିଜ୍ୟରେ ୧୫,୬୨୪ ଜଣ, ଶାସ୍ତ୍ରୀ ପାଠ୍ୟକ୍ରମରେ ୩,୩୭୧ଜଣ, ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ ୩,୨୪୫ଜଣ ଏବଂ ଲ' (ଆଇନ) ପାଠ୍ୟକ୍ରମ ପାଇଁ ୧୬୭ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି ।

କଳା ପାଠ୍ୟକ୍ରମରେ ରାଜନୀତି ବିଜ୍ଞାନ ପାଇଁ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ୯୪.୫୦% ପ୍ରତିଶତ କଟ୍ ଅଫ ମାର୍କ ରହିଛି । ସେହିପରି ଫିଜିକାଲ ସାଇନ୍ସରେ ଫିଜିକ୍ସ ପାଇଁ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ୯୬.୫୦% ପ୍ରତିଶତ ଏବଂ ବାୟୋଲୋଜିକାଲ ସାଇନ୍ସରେ ଜୁଲୋଜି (ପ୍ରାଣୀ ବିଜ୍ଞାନ) ପାଇଁ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ୯୪.୮୩% ପ୍ରତିଶତ କଟ୍ ଅଫ ମାର୍କ ରହିଛି । ବାଣିଜ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ୮୯.୧୭%, ଶାସ୍ତ୍ରୀ ପାଠ୍ୟକ୍ରମରେ ବ୍ରଜକିଶୋର ସଂସ୍କୃତି ଡିଗ୍ରୀ ମହାବିଦ୍ୟାଳୟ, ଗଡ଼ବିଷ୍ଣୁପୁର ପାଇଁ ୬୭.୫୭%, ସେଲ® ଫାଇନାନ୍ସିଂ ପାଠ୍ୟକ୍ରମରେ କମ୍ପ୍ୟୁଟର ସାଇନ୍ସ ପାଇଁ ବକ୍ସି ଜଗବନ୍ଧୁ ବିଦ୍ୟାଧର (ସ୍ୱୟଂ ଶାସିତ) ମହାବିଦ୍ୟାଳୟ ପାଇଁ ୯୨%, ଲ' (ଆଇନ) ପାଠ୍ୟକ୍ରମରେ ମଧୁସୂଦନ ଆଇନ ବିଶ୍ୱ ବିଦ୍ୟାଳୟର ୫ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏ ଏଲଏଲବି ପାଠ୍ୟକ୍ରମ ପାଇଁ ୮୯.୪୦% କଟ୍ ଅଫ ମାର୍କ ରହିଛି ।

ପ୍ରଥମ ମେଧା ତାଲିକାରେ ଚୟନୀତ ଏବଂ ଫ୍ରିଜ୍ ବିକଳ୍ପ ବାଛିଥିବା ଛାତ୍ରଛାତ୍ରୀମାନେ ଆସନ୍ତା୨୩ ଅର୍ଥାତ ମଙ୍ଗଳବାରରୁ ୨୫ ତାରିଖ ମଧ୍ୟରେ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଯାଇ ନିଜର ନାମଲେଖା ପ୍ରକ୍ରିୟା ସମ୍ପନ୍ନ କରିବେ । ସ୍ଲାଇଡ୍/ଫ୍ଲୋଟ୍ ବିକଳ୍ପ ବାଛିଥିବା ଛାତ୍ରଛାତ୍ରୀମାନେ ନିଜର ଆବଣ୍ଟିତ ଆସନ ପାଇଁ ନାମଲେଖା ଶୁଳ୍କ ଜମା କରି ଦ୍ୱିତୀୟ ପର୍ଯ୍ୟାୟ ଚୟନ ତାଲିକାକୁ ଅପେକ୍ଷା କରିବେ । ପ୍ରଥମ ପସନ୍ଦର ଅନୁଷ୍ଠାନରେ ଆସନ ପାଇଥିଲେ ମଧ ନାମ ଲେଖାଇବାକୁ ଇଚ୍ଛୁକ ନଥିବା ଛାତ୍ରଛାତ୍ରୀମାନେ ନୂତନ ଭାବେ ପ୍ରଚଳିତ "ଅଲଫର' ବିକଳ୍ପ ମାଧ୍ୟମରେ ଓଟିପି ଭିତ୍ତିକ ଯାଞ୍ଚ ଦ୍ୱାରା ନିଜ ପସନ୍ଦ ପରିବର୍ତ୍ତନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ଦୋକାନ ଭିତରେ ଯୁବକଙ୍କ ଆତ୍ମହତ୍ୟା

ବଲଙ୍ଗା , (ସବ୍ୟୁ) :ବଲଙ୍ଗା ଥାନା ଅନ୍ତର୍ଗତ ବାୟାବର ଛକରେ ଥିବା ଏକ ଦୋକାନ ଭିତରେ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଛି । ଯୁବକ ଜଣଙ୍କ ପିପିଲି ମଠସାହିର ଅଭିଜିତ ବେହେରା ବୋଲି ଜଣା ପଡ଼ିଛି । ସୂଚନା ମୁତାବକ ଅଭିଜିତ ଗତ ଏକ ବର୍ଷ ହେଲା ବାୟାବର ଛକରେ ପାନ ଦୋକାନ କରି ରହୁଥିଲା ବେଳେ ତାଙ୍କ ମା ବଲଙ୍ଗା ବଜାରରେ ଥିବା ଏକ ମେଡିସିନ ଦୋକାନରେ କାମ କରୁଥିଲେ । ଅଭିଜିତ ସୋମବାର ମଧ୍ୟାହ୍ନରେ ଦୋକାନ ବନ୍ଦ କରି ଶୋଇଥିଲେ । ଅଭିଜିତଙ୍କ ଜଣେ ସାଥୀ ଆସି ଦୋକାନ କବାଟ ବାଦେଇଥିଲେ ସୁଦ୍ଧା ଅଭିଜିତ କବାଟ ଖୋଲି ନଥିଲେ । ତାଙ୍କ ସାଥୀ ଜଣକ କବାଟ ଫଙ୍କରେ ଦେଖିଲା ବେଳକୁ ଅଭିଜିତ ରସି ଲଗାଇ ଝୁଲୁଥିବା ଦେଖିଥିଲେ । ସେ ସ୍ଥାନୀୟ ଲୋକଙ୍କୁ ଡାକ ପକାଇବାରୁ ଲୋକମାନେ ଆସି କବାଟ ଭାଙ୍ଗି ଗୁରୁତର ଅବସ୍ଥାରେ ମଙ୍ଗଳ ପୁର ମେଡ଼ିକାଲ ନେଇଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ବଲଙ୍ଗା ପୋଲିସ ମେଡିକାଲ ରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି । ବଲଙ୍ଗା ପୋଲିସ ୮/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଅପରାହ୍ନରେ ସାଇଣ୍ଟିଫିକ ଟିମ ସହ ଘଟଣା ସ୍ଥଳରେ ତଦନ୍ତ ଜାରି ରଖିଛି ।


## ନାବାଳିକା ବଳାତ୍କାର ଘଟଣା

# ଆସାମୀକୁ ୨୦ବର୍ଷ ଜେଲ୍ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର କ୍ଷତିପୂରଣ ନିର୍ଦ୍ଦେଶ

କଟକ,(ସବ୍ୟୁ): ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ଶୁଣାଣି କରି କଟକର ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ମାହାଙ୍ଗା ଥାନା ଅନ୍ତର୍ଗତ ଶିପୁରା ଗ୍ରାମର ଅଭିଯୁକ୍ତ ବାବିନା ଓରଫ ପ୍ରଶାନ୍ତ କୁମାର ମାହୁନ୍ତକୁ ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୨୦ହଜାର ଟଙ୍କାର ଜରିମାନା କରାଯାଇଛି । ଜରିମାନା ଅନାଦାୟ ଆସାମୀ ଅଧିକ ୧ବର୍ଷ ଜେଲ୍ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି । ଅପରପକ୍ଷରେ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାରେ ଆର୍ଥିକ ସହାୟତା ପ୍ରଦାନ ଲାଗି କଟକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ ମସିହା ମାର୍ଚ୍ଚ ୧୧ ତାରିଖ ସକାଳ ପ୍ରାୟ ୭ଟା ସମୟରେ ପୀଡ଼ିତା ଗ୍ରାମର ଏକ ନଳକୂପକୁ ପାଣି ଆଣିବାକୁ ଯାଇଥିଲେ । ସେହି ସମୟରେ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ଅଭିଯୁକ୍ତ ପ୍ରଶାନ୍ତ ମାହୁ ର ପୀଡ଼ିତାଙ୍କୁ ଜୋର୍ ଜବରଦସ୍ତ ନିକଟସ୍ଥ ଜଙ୍ଗଲ ବୁଦା ଭିତରକୁ ଟାଣି ନେଇଥିଲେ। ସେଠାରେ ତାଙ୍କ ସହ ଅସଦାଚରଣ କରିବା ସହ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା । ଏହି ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଅଭିଯୁକ୍ତ ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲା। ଏହାପରେ ପୀଡ଼ିତା ଘଟଣା ସଂକ୍ରାନ୍ତରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏ ନେଇ ମାହାଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କଟକର ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ବିଚାରପତି ହିମାଂଶୁ ଶେଖର ସିଂହ ବିଭିନ୍ନ ସାକ୍ଷୀ ଏବଂ ପ୍ରମାଣକୁ ଆଧାର କରି ଅଭିଯୁକ୍ତକୁ ଏହି ଘଟଣା ପାଇଁ ଦୋଷୀ ସାବ୍ୟସ୍ତ କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କୃଷ୍ଣଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଥିଲେ ।

## ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅଭିଯୋଗ ଭିତ୍ତିହୀନ

ନିମାପଡା,(ସବ୍ୟୁ): ଚାରିଛକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଶୃଙ୍ଖଳିତ କାର୍ଯ୍ୟସାଙ୍ଗକୁ କର୍ତ୍ତୃପକ୍ଷଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣି ଏଠାରୁ ଅନ୍ୟତ୍ର ବଦଳି ହୋଇଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ତ୍ରିଲୋଚନ ଗୋଚ୍ଛାୟତ ବିଭିନ୍ନ ଦାବୀ ନେଇ ଗତ ଗୁରୁବାର ଦିନ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନଶନରେ ବସିଥିଲେ। ସେ ଅନଶନ ବସିବାର ଦିନକ ପରେ ତ୍ରିଲୋଚନ ଆଣୁଥିବା ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ ,ଏଥିରେ କୌଣସି ସତ୍ୟାସତ୍ୟ ନାହିଁ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସଫେଇ ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ସଫେଇ କର୍ମଚାରୀ ଭାବେ ତ୍ରିଲୋଚନ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାକିରୀ କରିଥିବା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ, ରୋଗୀଙ୍କ ସଂପର୍କୀୟ, ନର୍ସ, ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ,ଆଶା କର୍ମୀ,ରୋଗୀ କଲ୍ୟାଣ ସମିତି ସଦସ୍ୟଙ୍କୁ ବିଭିନ୍ନ ଧମକ ଚମକ ଏବଂ ଦୁବ୍ୟବହାର ପ୍ରଦର୍ଶନ କରିଆସୁଥିଲେ। ଏପରିକି ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଶୃଙ୍ଖଳା ରକ୍ଷା ଏବଂ ବିଭିନ୍ନ କାଯ୍ୟ ସଂପର୍କରେ ଜାରି କରାଯାଉଥିବା ନିର୍ଦ୍ଦେଶକୁ ସେ ଆଦୌ ମାନୁନଥିଲେ। ବିଭିନ୍ନ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଭୋଜି କରିବା,ନିଶା ସେବନ କରି ଦୁର୍ବ୍ୟବହାର ପ୍ରଦର୍ଶନ କରିଆସୁଥିଲେ। ଦୀର୍ଘଦିନ ଧରି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଏକ ଗୃହକୁ ସେ ଅନଧିକୃତ ଭାବେ ଦଖଲ କରି ରଖିଛନ୍ତି। ତ୍ରିଲୋଚନଙ୍କ ବିରୋଧରେ ବିଭିନ୍ନ ସାଂଘାତିକ ଅଭିଯୋଗ ହେବା ପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଗତ ୨୦୨୫ ମସିହା ଜାନୁୟାରୀ ମାସରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ତାଙ୍କୁ ବଦଳି କରାଯାଇଥିଲା।



ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ
ରାଜ୍ୟସ୍ତରୀୟ ବଳିଦାନ ଦିବସ
୨୩ ଜୁନ, ୨୦୨୬
ସକାଳ ୯.୩୦ ମିନିଟ୍
ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ, ସତ୍‌ସଙ୍ଗ ବିହାର, ଭୁବନେଶ୍ୱରସ୍ଥିତ
ଡଃ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ସନ୍ଧ୍ୟା ୫.୩୦ ମିନିଟ୍ | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ସଭାପତି
ଶ୍ରୀମତୀ ସୁରମା ପାଢୀ
ବାଚସ୍ପତି, ଓଡ଼ିଶା ବିଧାନସଭା
ସଦୟ ଉପସ୍ଥିତି
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ପୂର୍ତ୍ତ, ଆଇନ ଓ ଅବକାରୀ, ଓଡ଼ିଶା
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର-ଭୁବନେଶ୍ୱର
ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର
OIPR: 15001/15001/2/26-27/0079 15001/79/2627

BUREAU OF ENERGY EFFICIENCY
Bachat Ke Sitare Dost Hamare
ଗ୍ରାହକ ସତର୍କତା !
ଏଲଇଡି ଟିଭି, ବ୍ରାଣ୍ଡ:ଭିଜିଓ ୱାର୍ଲ୍ଡ, ମଡେଲ: VW32GQ1/୨୦୨୫, ଯାଞ୍ଚ ପରୀକ୍ଷା ସମୟରେ ବିଇଇର ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଛି ।




www.beestarlabel.com ରେ ଲେବଲଗୁଡ଼ିକର ଶକ୍ତି ମୂଲ୍ୟାଙ୍କନ ଏବଂ ବୈଧତା ଯାଞ୍ଚ କରନ୍ତୁ ।
*ଏହି ନୋଟିସ୍ ଶକ୍ତି ଦକ୍ଷତା ବ୍ୟୁରୋର ନିୟମାବଳୀର ବ୍ୟବସ୍ଥା – ରଙ୍ଗୀନ ଟେଲିଭିଜନର ଲେବଲରେ ସେମାନଙ୍କର ପ୍ରଦର୍ଶନର ବିଶେଷତା ଏବଂ ପଦ୍ଧତି ଅନୁଯାୟୀ ଜାରି କରାଯାଇଛି ।
ଶକ୍ତି ଦକ୍ଷତା ବ୍ୟୁରୋ
ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଏକ ବୈଧାନିକ ସଂସ୍ଥା,
୪ର୍ଥ ମହଲା, ସେବା ଭବନ ଆର.କେ. ପୁରମ, ନୂଆଦିଲ୍ଲୀ-୧୧୦୦୬୬ (ଭାରତ),
/ବିଇଇଡିଜିଟାଲ /ଶକ୍ତି ଦକ୍ଷତା ବ୍ୟୁରୋ
CBC 34106/13/0004/2627

## ଯୌନ ନିର୍ଯାତନା ଅଭିଯୋଗ

# ଶରଣକୁଳ ଆଇଆଇସି ନିଲମ୍ବିତ

ଭୁବନେଶ୍ୱର, (ସବ୍ୟୁ) : ଯୌନ ନିର୍ଯାତନା ଅଭିଯୋଗ ହେବା ପରେ ଶରଣକୁଳ ଥାନା ଆଇଆଇସି ସୁଜିତ କୁମାର ଦାସଙ୍କୁ ନୟାଗଡ ଜିଲ୍ଲା ଡିପିଓକୁ ବଦଳି କରାଯାଇଥିଲା । ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶରେ ସେହି ମାମଲାର ତଦନ୍ତ ଜଣେ ମହିଳା ଡିଏସ୍‌ପି କରୁଥିଲେ । ତାଙ୍କ ରିପୋର୍ଟ ଆଧାରରେ ପୂର୍ବତନ ଆଇଆଇସି ସୁଜିତ କୁମାର ଦାସଙ୍କୁ ନିଲମ୍ବନ କରିଛନ୍ତି ଡିଜିପି । ଜମିବାଡି ବିବାଦରୁ ଗାଁର କେତେକ ଲୋକଙ୍କ ସହ ଜଣେ ମହିଳାଙ୍କର ଗଣ୍ଡଗୋଳ ହୋଇଥିଲା । ସେହି ମହିଳା ଶରଣକୁଳ ଥାନାକୁ ଆସି ଏତଲା କରିଥିଲେ । ତାଙ୍କୁ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇ ଆଇଆଇସି ସୁଜିତ କୁମାର ଦାସ ନିଜ ଗାଡିରେ ଭଡା ଘରକୁ ନେଇ ବଳାତ୍କାର କରିଥିଲେ । ତାଙ୍କୁ ଧମକ ଦେଇଥିଲେ ମଧ୍ୟ ଏ ସମ୍ପର୍କରେ କୌଣସିଠାରେ ଅଭିଯୋଗ ନକରିବାକୁ । ଏହା ପରେ ତାଙ୍କ ବିରୋଧୀ ଲୋକଙ୍କୁ ଲଗାଇ ମହିଳାଙ୍କ ଘର ଭଙ୍ଗାରୁଜା କରାଇଥିଲେ ଆଇଆଇସି । ଏହାପରେ ପୀଡିତା ମହିଳା ନୟାଗଡ ଏସ୍‌ପିଙ୍କ ପାଖେ ଅଭିଯୋଗ କରିବା ପରେ ଆଇଆଇସି ସୁଜିତ କୁମାର ଦାସଙ୍କୁ ଡିପିଓକୁ ବଦଳି କରାଯାଇଥିଲା । ସେହି ମାମଲାର ତଦନ୍ତ ଜଣେ ମହିଳା ଡିଏସ୍‌ପି କରିବା ପରେ ସୁଜିତ କୁମାର ଦାସଙ୍କୁ ନିଲମ୍ବନ କରାଯାଇଥିବା ପୋଲିସ ମୁଖ୍ୟାଳୟରୁ ସୂଚନା ମିଳିଛି ।

## ଶାରୀରିକ ସମ୍ପର୍କ ରଖି ୩୦ଲକ୍ଷର ସୁନା ଗହଣା, ୨୫ ଲକ୍ଷ ଟଙ୍କା ଠକେଇ

# ଉମରକୋଟରୁ ରସିକିଆ ଡାକ୍ତର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖି ୩୦ଲକ୍ଷର ସୁନାଗହଣା, ୨୫ଲକ୍ଷ ଟଙ୍କା ଠକି ନେଇଥିବା ଜଣେ ରସିକିଆ ସରକାରୀ ଡାକ୍ତରଙ୍କୁ ଉମରକୋଟରୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୋଲିସ । ପୀଡିତା ମହିଳାଙ୍କ ଟଙ୍କାରେ ଅଭିଯୁକ୍ତ ଡାକ୍ତର ଦୁବାଇ ଟୁର୍‌ରେ ଯାଇଥିଲେ । ମହିଳାଙ୍କ କହିବାନୁଯାୟୀ ୧୨ଲକ୍ଷରୁ ଉର୍ଦ୍ଧ୍ୱର୍ ଟଙ୍କା ଟୁର୍‌ରେ ଖର୍ଚ୍ଚ ହୋଇଥିଲା ।

୨୦୨୪ ମସିହାରେ ସୋସିଆଲ ମିଡିଆ ମାଧ୍ୟମରେ ରସିକିଆ ଡାକ୍ତର ଅବିନାଶ ମହାନ୍ତି ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇ ସମ୍ପର୍କ ରଖିବା ପାଇଁ ମହିଳାଙ୍କୁ ଅନୁରୋଧ କରିଥିଲେ । ସେ ନିଜକୁ ଜଣେ ଡାକ୍ତର ବୋଲି ସୋସିଆଲ ମିଡିଆରେ ପରିଚୟ ରଖିଥିଲେ । ବାରମ୍ବାର ରିକ୍ୟୁଏଷ୍ଟ ପରେ ମହିଳା ତାଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ । ପୀଡିତା ମହିଳା ଜାଣିବାକୁ ପାଇଥିଲେ ଯେ, ଅବିନାଶ ଗଞ୍ଜାମ ସାନଖେମୁଣ୍ଡି ଡେଙ୍ଗାଓସ୍ତ ସରକାରୀ ଡାକ୍ତରଖାନାରେ ଡାକ୍ତର ଭାବେ କାମ କରୁଛନ୍ତି । ଏହାପରେ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଥିଲା । ମହିଳା ଝିଅ ସହ ସ୍ୱାମୀଙ୍କ ଠାରୁ ଅଲଗା ରହୁଥିବାରୁ ତାଙ୍କୁ ମଧ୍ୟ ସେ ବିବାହ ପ୍ରତିଶ୍ରୁତି ଦେଇଥିଲେ । ଦିନକୁ ୨୫ରୁ ୩୦ଥର ଟେଲିଫୋନ୍ କଲ ଅଭିଯୁକ୍ତ ଡାକ୍ତର କରନ୍ତି । ସେଥିମଧ୍ୟରୁ ୪/୫ଥର ଭିଡିଓ କଲ କରିଥାନ୍ତି । ଭିଡିଓ କଲ ମାଧ୍ୟମରେ ଡାକ୍ତରଖାନା ଦେଖାଇବା ପରେ ପୀଡିତା ମହିଳା ତାଙ୍କୁ ବିଶ୍ୱାସକୁ ନେଇ ବନ୍ଧୁତା ଆଗକୁ ବଢାଇଥିଲେ । ପୀଡିତାଙ୍କ ଘରକୁ ଆସିବା ପାଇଁ ଅଭିଯୁକ୍ତ ଡାକ୍ତର ଅନୁରୋଧ କରି ରୁଟ୍‌ଚାଟ୍ ମାଗିଥିଲେ । ରୁଟ୍‌ଚାଟ ପୀଡିତା ପଠାଇବାପରେ ସେ ମହିଳାଙ୍କ ଭୁବନେଶ୍ୱର ଘରକୁ ଆସିଥିଲେ । ପ୍ରଥମଦିନ ତାଙ୍କ ଘରକୁ ଯିବା ସମୟରେ ସେ ନିଶାଶକ୍ତ ଥିଲେ ଏବଂ ମହିଳାଙ୍କୁ ଅସଦାଚରଣ କରିଥିବା ସେ ଗଣମାଧ୍ୟମରେ କହିଛନ୍ତି । ଡାକ୍ତର ଅବିନାଶଙ୍କୁ ପୀଡିତା ନିଜ ଘରେ ଖାଇବାକୁ ଦେଇ ଆତିଥ୍ୟ ପ୍ରଦାନ କରିଥିଲେ ।

ଏହାପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଆଗକୁ ବଢିଥିଲା । ଦୁବାଇ ଟୁର୍ ପାଇଁ ପୀଡିତା ମହିଳାଙ୍କୁ ଅଭିଯୁକ୍ତ ଅବିନାଶ ନିବେଦନ କରିବା ପରେ ଉଭୟେ ଦୁବାଇ ଯାଇଥିଲେ । ସେଠାରୁ ଅଭିଯୁକ୍ତ ଡାକ୍ତର ନିଜ ପାଇଁ ସୁନାଗହଣା, ମା'ଓ ଗାର୍ଲଫ୍ରେଣ୍ଡ ପାଇଁ ସାମଗ୍ରୀ କିଣିଥିଲେ । ଯାହା ଫଳରେ ପୀଡିତା ମହିଳାଙ୍କର ସନ୍ଦେହ ସୃଷ୍ଟି ହୋଇଥିଲା । ଦୁବାଇ ଟୁର୍‌ରେ ୧୨ଲକ୍ଷରୁ ଉର୍ଦ୍ଧ୍ୱର୍ ଟଙ୍କା ମହିଳା ଖର୍ଚ୍ଚ କରିଥିବା ଗଣମାଧ୍ୟମକୁ କହିଛନ୍ତି । ପୀଡିତାଙ୍କ ଝିଅ ପାଇଁ ଆଇଫୋନ୍ କିଣିବାକୁ ଚାହିଁବାରୁ ଅଭିଯୁକ୍ତ ଡାକ୍ତର ବାରଣ କରିଥିଲେ । ଯାହାଫଳରେ ମହିଳା ମନସ୍ତାପରେ ଦୁବାଇରୁ ଫେରିଥିଲେ । ସେବେଠାରୁ ସେ ଜାଣିବାକୁ ପାଇଥିଲେ ଯେ, ଅଭିଯୁକ୍ତ ଡାକ୍ତର ଅବିନାଶ ବିଭିନ୍ନ ମହିଳା ଓ ଯୁବତୀମାନଙ୍କ ସହ ସମ୍ପର୍କ ରଖିଛନ୍ତି । କିଛିଦିନ ପରେ ଡାକ୍ତରଙ୍କ ବିବାହ ଠିକ୍ ହୋଇଥିବା ପୀଡିତା ଜାଣିବା ପରେ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ରସିକିଆ ଡାକ୍ତର ଅବିନାଶ ମହାନ୍ତିଙ୍କୁ ଉମରକୋଟରୁ ଗିରଫ କରି ସୋମବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ

କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଚଳିତ ବର୍ଷ ଏହାର




ଥିମ୍ ରହିଥିଲା "ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ' । ଏହି ଅବସରରେ ଉଭୟ ଅନଲାଇନ୍ ଓ ଅଫଲାଇନ୍ ମୋଡରେ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଅନଲାଇନ୍ କୁଇଜରେ ଅବିନାଶ ପଣ୍ଡା, ବିଷ୍ଣୁପ୍ରିୟା ପାଣ୍ଡେ ଏବଂ ଅବରୀ ଘୋଷ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ । ସେହିପରି ଅଫଲାଇନ୍ ମୋଡରେ ଆଦ୍ୟାଶା ଶର୍ମା, ଆସ୍ଥା କୁମାରୀ ଓ ମୋକ୍ଷ ରେଠୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଯୋଗକୁ ନେଇ ହୋଇଥିବା ଅନଲାଇନ୍ ପୋଷ୍ଟର ପ୍ରତିଯୋଗିତାରେ ସୌରଭ ରାୟ, ସୌମ୍ୟାଶ୍ରୀ ଆଢ଼େକ ଏବଂ ତ୍ରିଲୋଚନ ଦଳାଇ ପ୍ରଥମ ତିନିଟି ସ୍ଥାନ ହାସଲ କରିଥିଲେ । ସେହିପରି ଅଫଲାଇନ୍ ମୋଡରେ ଆଦ୍ୟାଶୀ, ସୌମ୍ୟା ପ୍ରିୟଦର୍ଶିନୀ ଏବଂ ପ୍ରାଚୀ ପ୍ରଥମ ତିନିଟି ସ୍ଥାନ ଅଳଙ୍କୃତ କରିଥିଲେ । ଯୋଗାସନ ପ୍ରତିଯୋଗିତାର ଅନଲାଇନ୍ ବର୍ଗରେ ଅବରୀ ଘୋଷ ପ୍ରଥମ, ରଜେଶ ଆୟୋଙ୍ଗର ଦ୍ୱିତୀୟ ହୋଇଥିବା ବେଳେ ସୌରଭ ରାୟ ଏବଂ କୌଶିକ ଚନ୍ଦ୍ରା ଯୁଗ୍ମ ଭାବରେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏଥିସହ ଅଫଲାଇନ୍ ମୋଡରେ ଅମିୟ ରଞ୍ଜନ ସାହୁ ପ୍ରଥମ, ବିଶ୍ୱଜିତ ଦ୍ୱିତୀୟ ଓ ମନିଷା ସାମଲ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗ ପକ୍ଷରୁ ଏହାର ପ୍ରଶାସନ, ବିଦ୍ୟାର୍ଥୀ କଲ୍ୟାଣ ବିଭାଗ, ବିଚାରକ ମଣ୍ଡଳୀ, ଫ୍ୟାକଲଟି ସଦସ୍ୟ, ସ୍ୱେଚ୍ଛାସେବୀ, ବୈଷୟିକ ସହାୟତା ଟିମ୍ ସମେତ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଦିଆଯାଇଥିଲା । ଏହାର ସଫଳ ଆୟୋଜନ ନିମନ୍ତେ ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର (ଡ.) ତେଜପ୍ରତାପ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଆୟୋଜକମାନଙ୍କୁ ସାଧୁବାଦ ଦେଇଥିଲେ ।

# କଷ୍ଟ ଅଡିଟ୍‌ର ନୂତନ ଦିଗ ଉପରେ ଆଇସିଏମଏଆଇ ଭୁବନେଶ୍ୱର ଚାପ୍ଟରର ସେମିନାର

ଭୁବନେଶ୍ୱର, (ସବ୍ୟୁ): ଦି ଇନଷ୍ଟିଚ୍ୟୁଟ ଅଫ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ ଇଣ୍ଡିଆ (ଆଇସିଏମଏଆଇ) ର ଭୁବନେଶ୍ୱର ଚାପ୍ଟର ପକ୍ଷରୁ "କଷ୍ଟ ଅଡିଟ୍୩୬୦ସ୍ୱ: ଫ୍ରେମୱାର୍କ, ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଂ ଲିଙ୍କେଜ୍ଏବଂ




ମୂଲ୍ୟସୃଷ୍ଟି"ଶୀର୍ଷକ ଏକ ଦିବସୀୟ ବୃତ୍ତିଗତ ସେମିନାର ରବିବାର ସିଏମଏ ଭବନ, ନୟାପଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସେମିନାରରେ ଶିଳ୍ପ କ୍ଷେତ୍ର ଓ ପ୍ରାକ୍ଟିସ୍‌ରେ କାର୍ଯ୍ୟରତ ବହୁ କଷ୍ଟ ଆକାଉଣ୍ଟାଣ୍ଟ ଅଂଶଗ୍ରହଣ କରି କଷ୍ଟ ଅଡିଟ୍‌ର ପରିବର୍ତ୍ତିତ ଭୂମିକା ଓ ମୂଲ୍ୟ ସୃଷ୍ଟିରେ ଏହାର ଅବଦାନ ଉପରେ ଆଲୋଚନା କରିଥିଲେ ।

ପବିତ୍ର ପ୍ରଦୀପ ପ୍ରଜ୍ୱଳନ ଓ ଇନଷ୍ଟିଚ୍ୟୁଟ ଆନ୍ଥେମ୍ ଗାନ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ପିଡି କମିଟିର ଅଧ୍ୟକ୍ଷସିଏମଏ ସତ୍ୟସୁନ୍ଦର ମହାସୁଆରସ୍ୱାଗତ ଭାଷଣ ଦେଇଥିବାବେଳେ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷସିଏମଏ ଅବିନାଶ କୋଟନୀକଷ୍ଟ ଅଡିଟ୍୩୬୦ସ୍ୱପ୍ରଯୁକ୍ତି-ଆଧାରିତ ବର୍ଦ୍ଧିତ ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ବିଶେଷ ଅତିଥି ଭାବେସିଏମଏ ଉତ୍ତମ କୁମାର ନାୟକ, ପୂର୍ବତନ ଚେୟାରମ୍ୟାନ ଓ ଆରସିଏମ୍, ଆଇସିଏମଏଆଇ-ଇଆଇଆରସି ଏବଂ ସମ୍ମାନିତ ଅତିଥି ଭାବେସିଏମଏ ପ୍ରଣବ କୁମାର ମହାନ୍ତି, ନିର୍ଦ୍ଦେଶକ (ଅର୍ଥ), ଓଏଚପିସି ଲିମିଟେଡ୍ ଯୋଗଦେଇ କଷ୍ଟ ଅଡିଟ୍‌ର ରଣନୀତିଗତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଉଦ୍‌ଘାଟନୀ ଅଧିବେଶନରେସିଏମଏ ଶରତ କୁମାର ବେହେରା, ଭୁବନେଶ୍ୱର ଚାପ୍ଟରର ପୂର୍ବତନ ଅଧ୍ୟକ୍ଷ, ଧନ୍ୟବାଦ ଜ୍ଞାପନ କରିଥିଲେ ।

ବୈଷୟିକ ଅଧିବେଶନରେ ସିଏମଏ ନିରଞ୍ଜନ ମିଶ୍ର, ପ୍ରାକ୍ଟିସିଂ କଷ୍ଟ ଆକାଉଣ୍ଟାଣ୍ଟ; ସିଏମଏ ଲୀଳା ଶ୍ରୀନିବାସ ଚାସେଟ୍ଟି, ଡିଜିଏମ୍ (ଫାଇନାନ୍ସ), ଆରଆଇଏନଏଲ୍; ଏବଂସିଏମଏ ସୌମ୍ୟ ରଞ୍ଜନ ସିଂହ, ମ୍ୟାନେଜର (ଫାଇନାନ୍ସ), ଟିପିସିଓଡିଏଲ୍ କଷ୍ଟ ଅଡିଟ୍‌ର ଢାଞ୍ଚା, ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଂସଂଯୋଗ, ନିୟାମକ ଅନୁପାଳନ ଏବଂ ସଂସ୍ଥାର ମୂଲ୍ୟ ବୃଦ୍ଧିରେ କଷ୍ଟଅଡିଟ୍‌ରିଚାଳନାର ଭୂମିକା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଶେଷରେ ଏକ ପ୍ରଶ୍ନୋତ୍ତର ଅଧିବେଶନ ସହ ସେମିନାର ଉଦ୍‌ଯାପିତ ହୋଇଥିଲା ।

# ଜେଏସ୍‌ଡବ୍ଲୁ ଓଡ଼ିଶା ଖଣି ବିଭାଗରେ ଯୋଗ ଦିବସ

ଭୁବନେଶ୍ୱର (ସବ୍ୟୁ): ଜେଏସଡବ୍ଲୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗ ଏହାର ଖଣି ସ୍ଥାନଗୁଡ଼ିକରେ ଅନ୍ତର୍ଜାତୀୟ ଯୋଗ ଦିବସ କୁ ଅତ୍ୟନ୍ତ ଉତ୍ସାହ ଏବଂ ସାମୂହିକ ଭାବନା ସହିତ ପାଳନ କରିଛି । କର୍ମଚାରୀ, ପରିବାର ଏବଂ ସମ୍ପ୍ରଦାୟର ସଦସ୍ୟମାନେ ସୁସ୍ଥତା, ସନ୍ତୁଳନ ଏବଂ ସମନ୍ୱୟର ବିଷୟବସ୍ତୁକୁ ଗ୍ରହଣ କରି ଯୋଗ ଅଧିବେଶନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ଏହି ବର୍ଷର ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ ଥିଲା । ଏହି ବିଷୟବସ୍ତୁ ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା, ଭାବପ୍ରବଣ ସ୍ଥିରତା ଏବଂ ସକ୍ରିୟ ବାର୍ଦ୍ଧକ୍ୟକୁ ପ୍ରୋତ୍ସାହିତ କରିବାରେ ଏହାର ଭୂମିକାକୁ ଆଲୋକିତ କରିଥିଲା । ଉତ୍ସବରେ ପ୍ରଶିକ୍ଷିତ ପ୍ରଶିକ୍ଷକମାନଙ୍କ ନେତୃତ୍ୱରେ ମାର୍ଗଦର୍ଶିତ ଯୋଗ ପ୍ରଦର୍ଶନ କରାଯାଇଥିଲା, ଯେଉଁଥିରେ ଆସନ, ପ୍ରାଣାୟାମ ଏବଂ ଧ୍ୟାନ ଅଭ୍ୟାସ ଅନ୍ତର୍ଭୁକ୍ତ ଥିଲା । ଯୋଗ ଅଧିବେଶନଗୁଡ଼ିକ ନାରାୟଣପୋଷି ଖଣି, ନୁଗାଁଓ ଖଣି, ଗଣୁଆ ଖଣି, ଜେଏସଡବ୍ଲୁ କୋଇଡା କଲୋନୀ ଏବଂ ଜେଏସଡବ୍ଲୁ ବାର୍ବିଲ ଆବାସିକ କମ୍ପ୍ଲେକ୍ସରେ ଆୟୋଜିତ ହୋଇଥିଲା । ପ୍ରତିଯୋଗୀମାନେ ସୁସ୍ଥ ଜୀବନଶୈଳୀକୁ ଉତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଆସନ, ପ୍ରାଣାୟାମ ଏବଂ ଧ୍ୟାନ କୌଶଳଗୁଡ଼ିକୁ ଅନ୍ତର୍ଭୁକ୍ତ କରି ପ୍ରମାଣିତ ପ୍ରଶିକ୍ଷକମାନଙ୍କ ନେତୃତ୍ୱରେ ମାର୍ଗଦର୍ଶିତ ଯୋଗ ଅଧିବେଶନରେ ସାମିଲ ହୋଇଥିଲେ । ଅଂଶଗ୍ରହଣକାରୀମାନେ ଯୋଗକୁ ସେମାନଙ୍କ ଦୈନନ୍ଦିନ ଜୀବନରେ ସାମିଲ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଭାଷଣ ଦେଇ, ଓଡ଼ିଶା ଖଣି ବିଭାଗର ଜେଏସଡବ୍ଲୁ ଷ୍ଟିଲର ମାନବ ସମ୍ବଳ ମୁଖ୍ୟ, ଚିତ୍ତରଞ୍ଜନ ବାହିନୀପତି ଗୁରୁତ୍ୱାରୋପ କରିଥିଲେ ଯେ ଯୋଗ କେବଳ ଏକ ଅଭ୍ୟାସ ନୁହେଁ ବରଂ ଜୀବନର ଏକ ଉପାୟ, ଯାହା ଶରୀର, ମନ ଏବଂ ଆତ୍ମା ମଧ୍ୟରେ ଏକତାକୁ ପ୍ରୋତ୍ସାହିତ କରେ । ତାଙ୍କର କଥା ଅଂଶଗ୍ରହଣକାରୀମାନଙ୍କ ସହିତ ପ୍ରତିଧ୍ୱନିତ ହୋଇଥିଲା, ସାମଗ୍ରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ ଯୋଗର କାଳଜୟୀ ପ୍ରାସଙ୍ଗିକତାକୁ ଦୃଢ଼ କରିଥିଲା । ଏହି କାର୍ଯ୍ୟକ୍ରମ ଜେଏସଡବ୍ଲୁ ଷ୍ଟିଲର କର୍ମଚାରୀ ସୁସ୍ଥତା ଏବଂ ସାମୁଦାୟିକ ନିୟୋଜିତତା ପ୍ରତି ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା, ଯାହା ସମନ୍ୱୟ ଏବଂ ଶାନ୍ତି ପାଇଁ ଯୋଗର ବିଶ୍ୱ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖିଥିଲା ।

# ଭୁବନେଶ୍ୱରରେ ଶ୍ରୁତି ନାଟକ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ୨୧ ତାରିଖରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ସହଯୋଗରେ



ନାଟ୍ୟକାର ଡକଫର ବିଜୟ ମିଶ୍ରଙ୍କ ରଚିତ ନାଟକକୁ ନେଇ ଏକ ଶ୍ରୁତି ନାଟକ ଉତ୍ସବ ଡକ୍ଟର ଚନ୍ଦ୍ର ଶେଖର ହୋତା, ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀଙ୍କ ଆବାହକତ୍ୱରେ ତଥା ଓଡ଼ିଶା ନାଟ୍ୟ ସଂଘର ସଭାପତି ମିହିର କୁମାର ମେହେରଙ୍କ ସଭାପତିତ୍ୱରେ ସଂସ୍କୃତି ଭବନ ପ୍ରେକ୍ଷାଳୟ ଅନୁଷ୍ଠିତ ହୋଇଥିଲା । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବ ପ୍ରସାଦ ଦାଶ, ସ୍ୱତନ୍ତ୍ର ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖକ ତରୁଣକାନ୍ତି ରାଉତ ଏବଂ ଡକଫର ବିଜୟ ଚୌଧୁରୀ ସୁସାହିତ୍ୟିକ ଓ ନାଟ୍ୟ ସମୀକ୍ଷକ ଯୋଗ ଦେଇଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ନାଟ୍ୟ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ।

ଏହି ଉତ୍ସବରେ ବିଜୟ ମିଶ୍ରଙ୍କ ରଚିତ ଚାରିଟି ନାଟକ ଓଡ଼ିଶା ନାଟ୍ୟ ସଂଘର ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଚାରିଟି ମଣ୍ଡଳ ଯଥା- ପୂର୍ବାଞ୍ଚଳ ଜୋନରୁ କାନମାସ୍ , ପାରାଦୀପ ଦ୍ୱାରା ଶ୍ରୀମନ୍ ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ "ତା ରି ଲାଗି' ପଶ୍ଚିମାଞ୍ଚଳ ଜୋନରୁ ସ୍ୱର, ସମ୍ବଲପୁର ଦ୍ୱାରା ମାନସ ରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ "ଏକଦା ଲାବଣ୍ୟ' ଉତ୍ତରାଞ୍ଚଳ ଜୋନରୁ "ଶୋଭା ଓ କଳାକାର', ବାଲେଶ୍ୱର ଦ୍ୱାରା "ଲାଷ୍ଟ ଟ୍ରେନ' ଏବଂ ଦକ୍ଷିଣାଞ୍ଚଳ ଜୋନରୁ "ଦମୟନ୍ତୀ କଳା ପରିଷଦ' କୋଟପାଡ, କୋରାପୁଟ ଦ୍ୱାରା ପ୍ରସ୍ତୁତ ପ୍ରକାଶ ମହାନ୍ତିଙ୍କ ନିର୍ଦ୍ଦେଶିତ ନାଟକ "ଯନ୍ତା' ପରିବେଶିତ ହୋଇଥିଲା । ଶେଷରେ ନାଟ୍ୟ ସଂଘର କୋଷାଧକ୍ଷ ଅବିନାଶ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲ ।

# ଓଡ଼ିଶା ଆମ ପରିବାର ଚାରିଟେବୁଲ ଟ୍ରଷ୍ଟର ଶୁଭାରମ୍ଭ



ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ଠାରେ ଓଡ଼ିଶା ଆମ ପରିବାର ଚାରିଟେବୁଲ ଟ୍ରଷ୍ଟର ଶୁଭାରମ୍ଭ ହୋଇଯାଇଅଛି । ଏଥିରେ ମୁଖ୍ୟ ଅତିଥି ଭାବେ ପରିଚୟ ଫାଉଣ୍ଡେସନ ର ଅଧକ୍ଷା ଡଃ ରୋଜାଲିନ ପାଟଶାଣୀ ମିଶ୍ର, ପୂର୍ବତନ ବିଧାୟକ ବି.ଜେ.ପି ର ବରିଷ୍ଠ ନେତା ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ସାଂସଦ ଡଃ ପ୍ରସନ୍ନ କୁମାର ପାଟ୍ଟଶାଣୀ, ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଫକୀର ମୋହନ ବିଶ୍ୱ ବିଦ୍ୟାଳୟ, ପଦ୍ମଶ୍ରୀ ପ୍ରତିଭା ପ୍ରହଲ୍ଲାଦ, ପଦ୍ମଶ୍ରୀ ରୁଦଗର ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସମାଜସେବୀ ଯୋଗ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଶା ଆମ ପରିବାର ଚାରିଟେବୁଲ ଟ୍ରଷ୍ଟ ର ଅଧକ୍ଷ ତଥା ବିଶିଷ୍ଟ ସମାଜସେବୀ ବିଚିତ୍ରାନନ୍ଦ ଖୁଣ୍ଟିଆ (ନିଲୁ) ପରିଚାଳନା କରିଥିଲେ ।

# ନବ ଆର୍ଟ ହାଉସ୍' ପକ୍ଷରୁ 'ମଇଳା ଚଦର'ର ସ୍ୱତନ୍ତ୍ର ସ୍କ୍ରିନିଂ

ଭୁବନେଶ୍ୱର, (ସବ୍ୟୁ): ଏକ ଆବେଗପୂର୍ଣ୍ଣ ମୁହୂର୍ତ୍ତରେ 'ନବ ଆର୍ଟ ହାଉସ୍' ପକ୍ଷରୁ ଓଡ଼ିଆ ସ୍ୱାଧୀନ ଚଳଚ୍ଚିତ୍ର 'ମଇଳା ଚଦର'ର ପ୍ରଥମ ସାଧାରଣ ପ୍ରଦର୍ଶନୀ (ସ୍କ୍ରିନିଂ) ଅନୁଷ୍ଠିତ ହୋଇଯାଇଛି । ଏହା ହେଉଛି ଦୁଇ ପିଢ଼ିର ଏକ ନିଚ୍ଛକ କାହାଣୀ, ଯାହାକୁ ମାଆ ସସ୍ମିତା ସାହୁ ରଚନା କରିଥିବା ବେଳେ ତାଙ୍କ ଝିଅ ତଥା ଯୁବ ନିର୍ଦ୍ଦେଶିକା ଅଭିପ୍ସା ସାହୁ ନିଜ ନିପୁଣ ଦୂରଦୃଷ୍ଟି ଦ୍ୱାରା ପରଦାରେ ଜୀବନ୍ତ କରିଛନ୍ତି । ଏହି ସ୍ମରଣୀୟ ସନ୍ଧ୍ୟାରେ ସିନେମା, ସାହିତ୍ୟ, ସମାଜସେବା, ଶିକ୍ଷା ଓ କଳା କ୍ଷେତ୍ରର ଅନେକ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଗୌରବାନ୍ୱିତ କରିଥିଲେ । ସେମାନଙ୍କ ମଧ୍ୟରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ପୂର୍ବତନ ଅଧିକାରୀ ବୀରେନ୍ଦ୍ର ମୋହନ ବେବର୍ତ୍ତା ପଟ୍ଟନାୟକ, ବିଶିଷ୍ଟ ଓଡ଼ିଆ ଲେଖିକା ମମତା ବେବର୍ତ୍ତା ପଟ୍ଟନାୟକ, 'ରୂପାୟନ ଟ୍ରଷ୍ଟ'ର



ପ୍ରତିଷ୍ଠାତା ତଥା ସମାଜସେବୀ ଡକ୍ଟର ଶ୍ରଦ୍ଧାଞ୍ଜଳି ରାୟ, ସୃଜନଶୀଳ ନିର୍ଦ୍ଦେଶକ, ସଞ୍ଜୟ ଭଟ୍ଟ, ଗାୟକ ଅଜୟ ମହାନ୍ତି ଏବଂ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଚଳଚ୍ଚିତ୍ରର ଏକମାତ୍ର ଗୀତର ସ୍ୱର ସଂଯୋଜନା କରି କାହାଣୀରେ ଆବେଗିକ ସ୍ପର୍ଶ ଦେଇଥିବା ବିଶିଷ୍ଟ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏଥିସହ ଫିଲ୍ମର ମୁଖ୍ୟ ଅଭିନେତ୍ରୀ ବିଜୟଲକ୍ଷ୍ମୀ ପ୍ରହରାଜ, ଜୟନ୍ତୀ ମହାରାଣାଙ୍କ ସମେତ ଅରବିନ୍ଦ ନାୟକ, କାଶୀନାଥ ସାହୁ ଏବଂ ଶିଶୁ କଳାକାର ସମ୍ପଦା ରାଉତ ଓ ସାଇଲି ମହାନ୍ତିଙ୍କ ସମେତ ସମସ୍ତ କଳାକାରଙ୍କୁ ସମାରୋହରେ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରକାଶଥାଉ କି, 'ମଇଳା ଚଦର' ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବଗୁଡ଼ିକରେ ମଧ୍ୟ ବେଶ୍ ସଫଳତା ହାସଲ କରିସାରିଛି ।

# କିଟ୍ ଓ କିସ୍‌ରେ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ

ଭୁବନେଶ୍ୱର, (ସବ୍ୟୁ): ଭାରତ ସମେତ ବିଶ୍ୱର ବିଭିନ୍ନ ସ୍ଥାନରେ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଥିବା ବେଳେ



କିଟ୍ ଓ କିସ୍‌ରେ ମଧ୍ୟ ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଚଳିତବର୍ଷର ବିଷୟବସ୍ତୁ ଥିଲା 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ' । ଏହି ଅବସରରେ ପ୍ରାତଃ ୬ଟା ସମୟରେ କିସ୍ ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟରେ ମିଳିତ ଭାବେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବା ସହ ଯୋଗାଭ୍ୟାସ କରାଯାଇଥିଲା । ଏଥିରେ କିଟ୍, କିସ୍ ଓ କିମ୍ସର ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀ ଏକାଠି ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ ଯୋଗ ହେଉଛି ଆମର ପୁରାତନ ପରମ୍ପରା । ସମଗ୍ର ବିଶ୍ୱକୁ ଏହା ହେଉଛି ଭାରତର ସବୁଠାରୁ ମୂଲ୍ୟବାନ ଦାନ । ସମଗ୍ର ବିଶ୍ୱରେ ଯୋଗ ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ପାଇ ଚାଲିଛି । ଯୋଗ କେବଳ ଯେ ଆମକୁ ଶାରୀରିକ ଭାବେ ଫିଟ୍ ରଖିଥାଏ ତାହା ନୁହେଁ, ଏହା ମଧ୍ୟ ଆମର ମାନସିକ ଚାପ କମାଇବା ସହ ଆମକୁ ମାନସିକ ଶାନ୍ତି ପ୍ରଦାନ କରିଥାଏ ବୋଲି ସେ କହିଥିଲେ । ଚଳିତବର୍ଷର ବିଷୟବସ୍ତୁ ଉପରେ ଗୁରୁତ୍ୱଦେଇ ଶ୍ରୀ ସାମନ୍ତ କହିଲେ, ବାର୍ଦ୍ଧକ୍ୟ ଅବସ୍ଥାରେ ସୁସ୍ଥ ରହିବା ପାଇଁ ଯୋଗ ନିୟମିତ ଅଭ୍ୟାସ କରିବା ଉଚିତ । ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ କିଟ୍ ଓ କିସ୍‌ର ସମସ୍ତ ସ୍କୁଲ୍ ଓ ବିଭାଗୀୟ ଡିନ୍, ନିର୍ଦ୍ଦେଶକଙ୍କ ସମେତ ପ୍ରାୟ ୬ ହଜାର କର୍ମଚାରୀ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ । କିଟ୍ ଯୋଗ ସ୍କୁଲ୍ ପ୍ରଫେସର ଡ. ଶାନ୍ତମତି ଦାଶ ଓ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ପ୍ରଧାନ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ତାମିଲନାଡୁ ଚିଙ୍ଗୁଡ଼ି କାରଖାନାରେ ଦୁର୍ଘଟଣା: ୫ ଶ୍ରମିକ କେନ୍ଦୁଝର ଅଞ୍ଚଳର

କେନ୍ଦୁଝର, (ଜିପ୍ର) : ରବିବାର ତାମିଲନାଡୁ ଥିରୁଭାଲ୍ଲୁର ସ୍ଥିତ ସେଣ୍ଟ ପିଟର୍ସ ପାଉଲ ସିଫୁଡ୍ସ ଏକ୍ସପୋର୍ଟସ ପ୍ରା ଲିଃରେ ବିଷାକ୍ତ ଆମୋନିଆ ଗ୍ୟାସ ଲିକ ହୋଇ ୧୦ରୁ ଉର୍ଦ୍ଧ୍ୱ ମୃତାହତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଅଧିକାଂଶ ଓଡ଼ିଆ ଥିବା ବେଳେ ଅନ୍ୟମାନେ ଆସାମ ଓ ଝାଡ଼ଖଣ୍ଡ ରାଜ୍ୟର । ସୋମବାର ମୃତ ଓ ଶ୍ରମିକଙ୍କୁ ଚିହ୍ନଟ କରାଯାଇଛି । ସମସ୍ତ ମୃତ ଶ୍ରମିକ ମହିଳା ଓ କେନ୍ଦୁଝର ଜିଲ୍ଲାର ବୋଲି ଜଣାଯାଇଛି । ସୂଚନାନୁଯାୟୀ ତେଲକୋଇର ଅନ୍ୟ ଗାଁ ଓ ବାଂଶପାଳ ବ୍ଲକର ବିଭିନ୍ନ ଗାଁରୁ ମଧ୍ୟ ସେଠାରେ ଶ୍ରମିକ ଭାବେ ନିୟୋଜିତ ହୋଇଛନ୍ତି । ମୃତକଙ୍କ ସମ୍ପର୍କରେ ମିଳିଥିବା ସୂଚନାରେ, ମୃତକମାନେ ହେଲେ, ବାଂଶପାଳ ବ୍ଲକ ତଳ ଚମ୍ପେଇ ଗାଁର ଚମ୍ପାବତୀ ଜୁଆଙ୍ଗ, କୋ ଗାଁର ଫୁଲମଣି ଜୁଆଙ୍ଗ, ତେଲକୋଇ ବ୍ଲକ ରାଇସୁଆଁ ଅଞ୍ଚଳ ପାଟକୁଲି ପଞ୍ଚାୟତର ଟାଙ୍ଗିରି ଗାଁର ଶିବାନୀ ଜୁଆଙ୍ଗ ଓ ଗୀତା ଜୁଆଙ୍ଗ । ତେଲକୋଇ ବ୍ଲକ ତାଳପଦା ଅଞ୍ଚଳର ରଙ୍ଗମାଟିଆ ଗାଁର ଗୁମାଣୀ ଜୁଆଙ୍ଗ ।ରଙ୍ଗମାଟିଆ ଗାଁରୁ କେବଳ ୧୦ଜଣ ପୁଅ ଓ ୮ ଜଣ ଉକ୍ତ ଚିଙ୍ଗୁଡ଼ି କାରଖାନାରେ କାମ କରିବାକୁ ଯାଇଥିଲେ ।

# କ୍ରୀଷ୍ଣା କନ୍‌ସିଅସ୍‌ନେସ୍ ମୋରାଲ୍ ସ୍କୁଲ୍‌ରେ ଯୋଗ ଦିବସ



କଟକ, (ସବ୍ୟୁ): ମହାନଦୀବିହାରସ୍ଥିତ ଆଧ୍ୟାତ୍ମିକ ଶିକ୍ଷାନୁଷ୍ଠାନ 'କ୍ରୀଷ୍ଣା କନ୍‌ସିଅସ୍‌ନେସ୍ ମୋରାଲ୍ ସ୍କୁଲ୍' ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଡକ୍ଟର ପ୍ରଭାତ ରଞ୍ଜନ ବିଶ୍ୱାଳ ମଣିଷ ଶରୀର ଓ ମନ ଉପରେ ଯୋଗର ସୁପ୍ରଭାବ ବିଷୟରେ କହିଥିଲେ । ସ୍କୁଲ୍‌ର ପ୍ରିନ୍‌ସିପାଲ ରୀତା ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅନ୍ନପୂର୍ଣ୍ଣା ଦାସ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରାଜକିଶୋର ମହାନ୍ତି, ଯୋଗଗୁରୁ ହୀରା ପାଣିଗ୍ରାହୀ, ନିବେଦିତା ମହାନ୍ତି ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷାବିତ ଡକ୍ଟର ଶୁଭଲକ୍ଷ୍ମୀ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ଆୟୋଜିତ ଯୋଗ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କେ.ଏସ୍. ଆହ୍ଲାଦିତା, ଦ୍ୱିତୀୟ ସ୍ଥାନରେ ଥିବା ଦେବାଧିପତି ନାୟକ, ତୃତୀୟ ସ୍ଥାନରେ ଥିବା ଅର୍ଣ୍ଣବ ରାଉତଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସ୍କୁଲର ସଦସ୍ୟ କୃଷ୍ଣପ୍ରସାଦ ଦାସ, ଚୌଧୁରୀ ଅଶ୍ୱିନୀ କୁମାର ଦାସ, ସୁଶାନ୍ତ କୁମାର ସ୍ୱାଇଁ, ସୌଭାଗ୍ୟରଞ୍ଜନ ମହାପାତ୍ର, ଜ୍ଞାନରଞ୍ଜନ ରାଉତରାୟ, ସତ୍ୟଜିତ ଗୋସ୍ୱାମୀ, ସୌମ୍ୟରଞ୍ଜନ ପାତ୍ର, କେ. ଯୋଗାନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ବାପାଙ୍କୁ ହତ୍ୟା ଉଦ୍ୟମ, ପୁଅ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବାପାଙ୍କୁ ଆକ୍ରମଣ ସହ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ତାଙ୍କ ପୁଅକୁ ବଡବଜାର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲା ମୁନା ବେହେରା (୩୩)। ମାମଲା ନଂ ୪୩୭/୨୬ ରେ ତାଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ପଞ୍ଚୁଦେଉଳ ସାହିର ପ୍ରକାଶ ବେହେରା ରବିବାର ସକାଳେ ନିଜ ଦୋକାନରେ ବସି ବେପାର କରୁଥିବା ବେଳେ ତାଙ୍କ ପୁଅ ମୁନା ବେହେରା ସେଠାରେ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ବାପାଙ୍କ ଗଳା ଚିପି ହତ୍ୟା ଉଦ୍ୟମ କରିଥିଲେ। ଏଥିରେ ପ୍ରକାଶ ବେହେରାଙ୍କ ଗଳା ଓ ଶରୀରର ଅନ୍ୟାନ୍ୟ ସ୍ଥାନରେ ଆଘାତ ଲାଗିଥିଲା। ଚିତ୍କାର ଶୁଣି ପରିବାର ଲୋକ ଓ ସ୍ଥାନୀୟ ବାସିନ୍ଦାମାନେ ଦୌଡ଼ି ଆସି ପ୍ରକାଶ ବେହେରାଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ସ୍ଥାନୀୟ ଲୋକଙ୍କୁ ଦେଖି ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଆହତଙ୍କୁ ବ୍ରହ୍ମପୁର ସିଟି ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଥିଲା। ପରେ ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଥିଲା ଯେ ବାପା ଓ ପୁଅଙ୍କ ମଧ୍ୟରେ କିଛି ଦିନ ଧରି ପାରିବାରିକ ବିବାଦ ଚାଲିଥିଲା। ଅଭିଯୁକ୍ତ ମୁନା ବେହେରା ଅସାମାଜିକ ପ୍ରକୃତିର ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ପ୍ରାୟତଃ ବିଶୃଙ୍ଖଳା ସୃଷ୍ଟି କରୁଥିବା ନେଇ ପୋଲିସ ଜାଣିବାକୁ ପାଇଛି। ତଦନ୍ତ ପରେ ଆଜି ମୁନା ବେହେରାଙ୍କୁ ଗିରଫ କରିଥିଲା ବୋଲି ପୋଲିସ ସୂଚନା ଦେଇଛି ।

# ସାର୍ନା ଧର୍ମ କୋଡ ଏବଂ ସାନ୍ତାଳୀ ରାଜଭାଷା ମାନ୍ୟତା ପାଇଁ ରାଜ୍ୟସ୍ତରୀୟ ସେଙ୍ଗେଲ ସମ୍ମିଳନୀ

ବାରିପଦା, (ସବ୍ୟୁ) : ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଜୋନାଲ କମିଟିର ସେଙ୍ଗେଲ ପାର୍ଗାନା ମାଧବ ଚନ୍ଦ୍ର ମୁର୍ମୁ ଏବଂ ବାଲେଶ୍ୱର ଜିଲ୍ଲା ସେଙ୍ଗେଲ ସଭାପତି ନିରଞ୍ଜନ ମାର୍ଣ୍ଡିଙ୍କ ନେତୃତ୍ୱରେ ବାରିପଦା ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘରେ ରାଜ୍ୟ ସ୍ତରୀୟ ସେଙ୍ଗେଲ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଦେଶ ପାର୍ଗାନା ସହ ବାରିପଦା ଜୋନାଲ ସଭାପତି ନାରାନ ମୁର୍ମୁ ଏବଂ ଅଲ୍ ଇଣ୍ଡିଆ ମାଝୀ ପାର୍ଗାନା ମାଡୱାର ରାଜ୍ୟ ସଭାପତି କାଲୁରାମ ମୁର୍ମୁଙ୍କ ସମେତ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର ଏବଂ ଢେଙ୍କାନାଳ ଜିଲ୍ଲାର ସେଙ୍ଗେଲ ପ୍ରତିନିଧି ଉପସ୍ଥିତ ଥିଲେ। ଭାରତର ମହାମହିମ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ରାଇରଙ୍ଗପୁରକୁ ଆସିବା ପୂର୍ବରୁ ଗତ ୧୨ ଜୁନ ୨୦୨୬ ରିଖ ଦିନ ସାର୍ନା ଧର୍ମ କୋଡ ଘୋଷଣା କରାଯିବାକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ୨୦ ଜୁନରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ସାର୍ନା ଧର୍ମର ଧାର୍ମିକ ସ୍ଥଳ ପାହାଡପୁର ଗ୍ରାମର ଜାହେରଗାଳରେ ପୂଜାର୍ଚ୍ଚନା କରି ସାର୍ନା ଧର୍ମ କୋଡର ଘୋଷଣା ନକରିବା ପ୍ରକୃତି ପୂଜକ ଆଦିବାସୀଙ୍କୁ ବଡ ଧୋକା ଦେଇଥିବା ବିଷୟରେ ଆଲୋଚନା କରାଯାଇଥିଲା। ଯାହାକି ସାର୍ନା ଧର୍ମକୁ ଉପେକ୍ଷା କରି ମାରାଂବୁରୁ, ଜାହେର ଆୟ, ମଳେକ ତୁରୁୟକ ଆଦି ଦେବଦେବୀଙ୍କୁ ଅସମ୍ମାନ କରାଯାଇଛି ଏବଂ ସାର୍ନା ଧର୍ମର ସମ୍ମାନ ପାଇଁ ନୁହେଁ ବରଂ ହତ୍ୟା କରିବା ପାଇଁ ଦୁହେଁ ପୁଜା ଅର୍ଚ୍ଚନା କରିଥିଲେ ବୋଲି ନାରାନ ମୁର୍ମୁ କହିଥିଲେ। ପ୍ରକୃତି ପୂଜକ ଆଦିବାସୀମାନଙ୍କୁ ଧାର୍ମିକ ଗୁଲାମରେ ରଖିବା ପାଇଁ ଏବଂ ଭୋଟ ବ୍ୟାଙ୍କ ପାଇଁ ବୋକା ବନାଇବା ପାଇଁ ପୁଜା ଅର୍ଚ୍ଚନା କରିଥିଲେ ବୋଲି କହିଥିଲେ। ଆଦିବାସୀ ସମାଜ ବିକାଶ ପାଇଁ କିଛିବି ଘୋଷଣା ନକରି ଓଡ଼ିଶାର କେତେକ ବ୍ୟକ୍ତିମାନଙ୍କର ବିକାଶ ପାଇଁ କେବଳ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ତେଣୁ ଆଗାମୀ ଦିନରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା, ବିହାର, ବେଙ୍ଗଲ, ଝାଡ଼ଖଣ୍ଡ, ଆସାମ, ତ୍ରିପୁରା, ଅରୁଣାଚଳ ପ୍ରଦେଶ ଗସ୍ତରେ କଳାପତାକା ପ୍ରଦର୍ଶନ କରି କିମ୍ବା କୁଶପୁତ୍ତଳିକା ଦାହ କରି ବିରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ମୟୂରଭଞ୍ଜ ଜିଲ୍ଲାର ଯୁବା ସଭାପତି ଉଦୟନାଥ ହେମ୍ବ୍ରମ ସହ ବିକାଶ ଚନ୍ଦ୍ର ହେମ୍ବ୍ରମ, ଡମ୍ବରୁ ମୁର୍ମୁ, କିସାନ ମାର୍ଣ୍ଡି, ସୁକୁଲାଲ ସୋରେନ, ଅନିପା ଟୁଡୁ, ଗୁନାରାମ ମୁର୍ମୁ ଓ ରାଜାରାମ ମାଝୀ ଆଦି ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ।

# ପ୍ରବାସୀ ଶ୍ରମିକଙ୍କ ମରଶରୀର ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ ଡଃ. ପ୍ରଦୀପ ପାଣିଗ୍ରାହୀ

ବ୍ରହ୍ମପୁର, (ସବ୍ୟୁ) : ଗୋଆରେ କାର୍ଯ୍ୟରତ ଥିବା ଜଣେ ଓଡ଼ିଆ ପ୍ରବାସୀ ଶ୍ରମିକଙ୍କ ଦୁର୍ଘଟଣାରେ ଅକାଳ ବିୟୋଗ ପରେ ତାଙ୍କର ମରଶରୀରକୁ ଓଡ଼ିଶା ଫେରାଇ ଆଣିବା ପାଇଁ ବ୍ରହ୍ମପୁର ଲୋକସଭା ସାଂସଦ ଡଃ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଜରୁରୀ ପତ୍ର ଲେଖି ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି । ପ୍ରକାଶ ଯେ, ଗଜପତି ଜିଲ୍ଲା ମୋହନା ବ୍ଲକ ବଡ଼ସିନ୍ଧବା ଗ୍ରାମପଞ୍ଚାୟତ ଜାମଢିଅ ଗ୍ରାମର ତରାଙ୍ଗ ଦଳବେହେରାଙ୍କ ୩୨ ବର୍ଷୀୟ ପୁତ୍ର ଗଣେଶ ପରିବାର ପ୍ରତିପୋଷଣ ପାଇଁ ବିଗତ ତିନି ମାସ ହେଲା ଉତ୍ତର ଗୋଆର ବିଚୋଲିମ୍ ଥାନା ଅନ୍ତର୍ଗତ ସାକିଲି ଅଞ୍ଚଳରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ମାତ୍ର ସୋମବାର ଭୋର ପ୍ରାୟ ୩ଟା ସମୟରେ ଏକ ଚାରି ମହଲା କୋଠାରୁ ହଠାତ ଦୁର୍ଭାଗ୍ୟବଶତଃ ତଳକୁ ପଡ଼ିଯିବା ହେତୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇ ଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଖବର ପାଇବା ପରେ ମୃତ ଗଣେଶଙ୍କ ଗରିବ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବାରୁ ଗୋଆରୁ ମରଶରୀରକୁ ନିଜ ଗ୍ରାମକୁ ଫେରାଇ ଆଣିବା ସେମାନଙ୍କ ପାଇଁ ସମ୍ଭବପର ହେଉନାହିଁ। ଏ ସମ୍ପର୍କରେ ମୃତକଙ୍କ ପିତା ଓ ଗ୍ରାମବାସୀ ସାଂସଦଙ୍କୁ ଗୁହାରି କରିବା ପରେ ଡଃ. ପାଣିଗ୍ରାହୀ ତୁରନ୍ତ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସାଂସଦ ଡଃ. ପାଣିଗ୍ରାହୀ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ, ଓଡ଼ିଶା ସରକାର ଗୋଆ ପ୍ରଶାସନ ସହ ତୁରନ୍ତ ସମନ୍ୱୟ ରକ୍ଷା କରି ମୃତ ଶ୍ରମିକଙ୍କ ଶବକୁ ସମ୍ମାନର ସହ ଓଡ଼ିଶା ଫେରାଇ ଆଣିବାକୁ ବ୍ୟବସ୍ଥା କରନ୍ତୁ। ଏହା ସହିତ ଅସହାୟ ତଥା ଶୋକସନ୍ତପ୍ତ ଆଦିବାସୀ ପରିବାରକୁ 'ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜରୁରୀକାଳୀନ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସେ ପତ୍ର ମାଧ୍ୟମରେ ଦାବି କରିଛନ୍ତି ।

# ନିର୍ଭୁଲ ବହି ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲା ଜେଏମ୍ଏମ୍

ବାରିପଦା, (ସବ୍ୟୁ) : ଜେଏମଏମର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିର୍ଭୁଲ ପାଠପଢ଼ା ବହି ପ୍ରଥମ ଶ୍ରେଣୀରୁ ଅଷ୍ଟମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଯୋଗାଇବା ପାଇଁ ଦାବୀପତ୍ର ପ୍ରଦାନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା, ଏଠି ପ୍ରାୟତଃ ଅଧିକାଂଶ ପିଲାମାନେ ସରକାରୀ ସ୍କୁଲରେ ପାଠ ପଢ଼ନ୍ତି, ସରକାରଙ୍କ ଦ୍ୱାରା ପ୍ରଦତ୍ତ ପଢିବା ବହି ଠିକ୍ ସମୟରେ ପିଲାଙ୍କ ପାଖରେ ପହଂଚି ପାରୁନାହିଁ, ଏହାଦ୍ୱାରା ପିଲାଙ୍କ ପାଠ ପଢ଼ାରେ ଅସୁବିଧା ସୃଷ୍ଟି ହେଉଛି । ପିଲାଙ୍କର ଭବିଷ୍ୟତ ସହିତ ଖେଳ ହେବା ଭଳିଆ ପରିସ୍ଥିତି ହୋଇଛି ବୋଲି ଜେଏମଏମ ପକ୍ଷରୁ ଅଭିଯୋଗ କରାଯାଇଛି । ଏଥିସହ ଛାତ୍ରଛାତ୍ରୀଙ୍କୁ ସଠିକ୍ ବହି ଯୋଗାଇଦେବା ପାଇଁ ଦାବି କରାଯିବା ସହ ଦାବି ପୂରଣ ନହେଲେ ଜେଏମଏମ ପକ୍ଷରୁ ଆନ୍ଦୋଳନ କରାଯିବା ପାଇଁ ଚେତାବନୀ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଜେଏମଏମର ବରିଷ୍ଠ ନେତା ଦିବାକର ସୋରେନ, ବାରିପଦା ସହର ସଭାପତି ତରେନ ସେନାପତି, ସରୋଜ ହେମ୍ବ୍ରମ, ମାନସ ବାଗ, ଅଭୟ ବାଗ, ରାଜୀବ ଘଡେଇ ଓ ଗେଡୁ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ ।

## କୁଟୁଣିଆପାହାଡ ତଳି ବସ୍ତି ଉଚ୍ଛେଦକୁ ବିରୋଧ

# ଜେସିବି ସମ୍ମୁଖରେ ଶୋଇ ରହିଲେ ମହିଳା



ଢେଙ୍କାନାଳ,(ସବ୍ୟୁ) : ଗୋଟେ ସରକାର ଜମି ଦେଲା, ରାସ୍ତା ଦେଲା, ବିଜୁଳି ଦେଲା, ପଟ୍ଟା ଦେଲା ଆଜି ଆଉ ଗୋଟେ ସରକାର କହୁଛି ଏ ପଟ୍ଟାର ମୂଲ୍ୟ ନାହିଁ। ଆମେ ଭୂମିହୀନ ଭିଟାମାଟି ନାହିଁ ଦିର୍ଘ ବର୍ଷଧରି ଘର କରି ଆମେ ରହିଆସିଛୁ ମରିବୁ ପଛେ ଛାଡିବୁ ନାହିଁ କହି ଜେସିବି ସମ୍ମୁଖରେ ଶୋଇରହିଲେ ମହିଳା। ଏଭଳି ଏକ ଅଭାବନୀୟ ପରିସ୍ଥିତି ଢେଙ୍କାନାଳ ପୌରାଞ୍ଚଳ ଅନ୍ତର୍ଗତ ନଅ ନମ୍ବର ୱାର୍ଡ କୁଟୁଣିଆପାହାଡ ତଳସାହି ବସ୍ତି ଉଚ୍ଛେଦ ବେଳେ ଦେଖିବାକୁ ମିଳିଛି। ଉଚ୍ଛେଦ କରିବାକୁ ଯାଇଥିବା ବିଭିନ୍ନ ଅଧିକାରୀଙ୍କୁ ବସ୍ତି ବାସିନ୍ଦା ଘେରି ରହିଥିବା ବେଳେ ଆଜି ନାକେଦମ ହେବାକୁ ପଡିଛି। ଢେଙ୍କାନାଳ ପୌରାଞ୍ଚଳ ଅନ୍ତଗତ ନଅ ନମ୍ବର କୁଟୁଣିଆ ପାହାଡସାହି ବସ୍ତି ଦିର୍ଘ ୪୦ବର୍ଷ ଧରି ଗଢିଉଠିଛି। ସେଠାରେ ପ୍ରାୟ ୧୭୦ଘର ରହୁଥିବା ବେଳେ ସେମାନଙ୍କ ମଧ୍ୟରୁ ୮୦ଟି ପରିବାରକୁ ଗୁଣ୍ଠିକିଆ ପଟ୍ଟା ମଧ୍ୟ ମିଳିଛି। ସରକାର ଜମି ପଟ୍ଟା ସହିତ ଲାଇନ, ରାସ୍ତା, ପାଣି ଯୋଗାଇ ଦେଇଥିବା ବେଳେ ସେହି ବସ୍ତିରେ ରହୁଥିବା ଅନ୍ୟ ବେଆଇନ ଘର ଗୁଡିକୁ ଭାଙ୍ଗିବାକୁ ପୌରସଂସ୍ଥା ତରଫରୁ ଯୋଜନା କରାଯାଇଥିଲା। ଆଜି ୪ପ୍ଲାଟୁନ ପୋଲିସ ସହିତ ପୌରନିର୍ବାହୀ ଅଧିକାରୀ, ତହସିଲଦାରଙ୍କ ସହିତ ବିଭିନ୍ନ ଅଧିକାରୀମାନେ ବେଆଇନ ଭାବରେ ସରକାରୀ ଜମିରେ ଘର କରି ରହିଥିବା ଲୋକମାନଙ୍କୁ ଉଚ୍ଛେଦ କରିବା ପାଇଁ ଜେସିବି ନେଇ ପହଞ୍ଚିଥିଲେ। ଉଚ୍ଛେଦ ହେବାର ଜାଣିବା ପରେ ସେଠାରେ ବସବାସ କରି ରହୁଥିବା ପରିବାର ସମସ୍ତ ଅଧିକାରୀଙ୍କୁ ଘେରିବା ସହିତ ଜେସିବି ସମ୍ମୁଖରେ ବସିରହିଥିଲେ। ଏହାକୁ ନେଇ ଚାପା ଉତ୍ତେଜନା ଲାଗିରହିଥିଲା। ବସ୍ତି ବାସିନ୍ଦାଙ୍କ କହିବା ଅନୁସାରେ ଗୋଟିଏ ସରକାର ଭୂମିହୀନ ମାନଙ୍କୁ ଗୁଣ୍ଠିକିଆପଟ୍ଟା ସହିତ ବିଜୁଳି,ରାସ୍ତା,ପାଣି ଯୋଗାଇ ଦେଇଥିବା ବେଳେ ଅନ୍ୟ ଜଣେ ଭାଙ୍ଗିବାକୁ ଯୋଜନା କରିଛି। ଜମି ପଟ୍ଟାର ମୂଲ୍ୟ ନାହିଁ ବୋଲି କହିବା ସହିତ ମରିବୁ ପଛେ ହଟିବୁ ନାହିଁ ବୋଲି କହିଛନ୍ତି। ପ୍ରଥମେ ଥଇଥାନ କରି ତା ପରେ ବସ୍ତି ଭାଙ୍ଗନ୍ତୁ ନହେଲେ ଏଠାରୁ ହଟିବୁ ନାହିଁ ବୋଲି କହିଛନ୍ତି। କୌଣସି ସୂଚନା ନଦେଇ ଉଚ୍ଛେଦ କରିବାକୁ ଆସିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ପୌର ଉପାଧ୍ୟକ୍ଷ ପ୍ରକାଶ କଅଁର ତିବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ଢେଙ୍କାନାଳରେ କେଉଁ ଭଳିଶାସନ ଚାଲିଛି ବୋଲି ପ୍ରଶ୍ନ ଉଠାଇଛନ୍ତି। ପ୍ରଥମେ ଯେଉଁ ପ୍ରଭାବଶାଳୀ ବ୍ୟକ୍ତିମାନେ ଶହଶହ ଏକର ସରକାରୀ ଜମି ଦଖଲ କରିଛନ୍ତି ସେମାନଙ୍କୁ ପ୍ରଥମେ ଉଚ୍ଛେଦ କରି ପରେ ଅନ୍ୟମାନଙ୍କୁ ଉଚ୍ଛେଦ କରନ୍ତୁ ବୋଲି କହିଛନ୍ତି। ପୌରସଂସ୍ଥାର ନିର୍ବାହୀ ଅଧିକାରୀ ପୌରସଂସ୍ଥାର ପ ଅକ୍ଷର ଜାଣିନାହାଁନ୍ତି ବୋଲି କହିବା ସହିତ ଏହା ଢେଙ୍କାନାଳ ପାଇଁ ଏକଲଜ୍ଜାର ବିଷୟ ବୋଲି କହିଛନ୍ତି। ଗରୀବ ଲୋକଙ୍କୁ ଉଚ୍ଛେଦ କରିବା ପାଇଁ ୨ଶହ ପୋଲିସ ଅଧିକାରୀଙ୍କ ସହିତ ଆସିଛନ୍ତି। ପ୍ରଥମେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ସରକାରୀ ଜମିରୁ ଉଚ୍ଛେଦ କରାଯାଉ ବୋଲି କହିଛନ୍ତି। ଆଜି ଏହାକୁ ନେଇ ତିବ୍ର ଅସନ୍ତୋଷ ପ୍ରକାଶ ପାଇବା ସହିତ ଉଚ୍ଛେଦ ସ୍ଥଗିତ ରହିଥିବାର ଜଣାପଡିଛି।

# କୂଅରେ ପଡି ମହିଳାଙ୍କ ମୃତ୍ୟୁ

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଥାନା ଅନ୍ତର୍ଗତ ନଗୁଡୁ ଗ୍ରାମରେ ଜନୈକା ମହିଳା କୂଅରେ ପଡି ମୃତ୍ୟୁ ବରଣ କରିଥିବା ଜଣାଯାଇଛି। ମୃତା ମହିଳା ଜଣକ ହେଲେ ବାସନ୍ତୀ ବେହେରା (୫୫) । ପ୍ରକାଶ ଯେ, ସୋମବାର ସକାଳ ପ୍ରାୟ ୫ଟା ସମୟରେ ବାସନ୍ତୀ ତାଙ୍କର ଘରପାଖ କୂଅରୁ ପାଣି କାଢୁଥିବା ବେଳେ ଅସାବଧାନତା ବଶତଃ ସେଥିରେ ପଡି ଯାଇଥିଲେ । ଏନେଇ ଖବର ପାଇବା ପରେ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ କୂଅରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଗୁଡା ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇବା ସହ କେସ୍ ନଂ ୨୨/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି।

# ମନ୍ତ୍ରୀ ବିଭୁତି ଜେନାଙ୍କ ଇସ୍ତଫା ଦାବି କଲା ସିପିଏମ

ବ୍ରହ୍ମପୁର, (ସବ୍ୟୁ) ଗୋଳନ୍ଥରା ଥାନା ଅନ୍ତର୍ଗତ ଏକ ଘରୋଇ କଲେଜ ଛାତ୍ରୀ ଶୃତି ଭୋଳ ମାନସିକ ଚାପରୁ ମୃତ୍ୟୁ ବରଣ କରିଥିଲେ। ଏହି ଘଟଣାରେ ମନ୍ତ୍ରୀ ବିଭୁତି ଜେନାଙ୍କ ପୁତୁରା ତଥା ଅଭିଯୁକ୍ତ ବିଶ୍ୱଜିତ ଜେନାକୁ ପୋଲିସ ଗିରଫ କରିଛି। ବିଶ୍ୱଜିତ ଉକ୍ତ ଛାତ୍ରୀଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଛନ୍ତି ନା ' ଆତ୍ମହତ୍ୟା ପାଇଁ ବାଧ କରିଛି ତାହା ତଦନ୍ତ ପରେ ଜଣା ପଡିବ। ପୋଲିସର ତଦନ୍ତ ନିରପେକ୍ଷ ଓ ସ୍ୱଚ୍ଛ ହେବା ପାଇଁ ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ପାଇଁ ସିପିଏମ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଛାତ୍ରୀଙ୍କ ପରିବାର ଲୋକଙ୍କ ଅଭିଯୋଗ –ମୃତା ଛାତ୍ରୀ ଓ ବିଶ୍ୱଜିତଙ୍କ ମଧ୍ୟରେ ରହିଥିବା ନିବିଡ ସମ୍ପର୍କ ଅନେକ ଲୁକାୟିତ ଘଟଣା ରହିଥିବା ଦର୍ଶାଉଛି। ଏହି ସବୁ ଘଟଣାର ସଠିକ ତଦନ୍ତ କରି ଦୋଷୀକୁ ଦଣ୍ଡବିଧାନ ପାଇଁ ନିରପେକ୍ଷ ପୋଲିସ ତଦନ୍ତ ଜରୁରୀ। ଅଭିଯୁକ୍ତ ରାଜ୍ୟର ଜଣେ ପ୍ରଭାବ ଶାଳୀ ମନ୍ତ୍ରୀଙ୍କ ପୁତୁରା ଓ ଦଳୀୟ କାର୍ଯ୍ୟରେ ସକ୍ରିୟ ନେତୃତ୍ୱ ନେଉଥିଲେ। ତେଣୁ ନିରପେକ୍ଷ ତଦନ୍ତ ପାଇଁ ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ଇସ୍ତଫା ଦେବାକୁ ସିପିଏମ ପକ୍ଷରୁ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ କୁଳସଚିବଙ୍କ ଦାୟିତ୍ୱ ଗ୍ରହଣ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ କୁଳସଚିବ ଭାବେ ଚିନ୍ମୟୀ କହଁର ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ପୂର୍ବରୁ ଓଡ଼ିଶା ଜଳ ଯୋଗାଣ ବିଭାଗ ଏବଂ ସ୍ୱେଜ ବୋର୍ଡ (ଓଡବ୍ଲୁଏସ ଏସି) ଭୁବନେଶ୍ୱରର ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ । ଆଜି ବିଶ୍ୱବିଦ୍ୟାଳୟ ପହଂଚିବା ପରେ ପ୍ରଶାସନିକ କୋଠା ନିକଟରେ ଯୁଗ୍ମ ସଚିବ ଡ଼.ବାବୁଜୀ ସାମଲ, ସହକୁଳସଚିବ ଡ଼.ସରୋଜ କୁମାର ଦାଶ, କୁଳପତିଙ୍କ ସଚିବ ଏ.ସୂର୍ଯ୍ୟ ପ୍ରକାଶ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନର ପରିସରରେ ଥିବା ବିଭିନ୍ନ ବିଭାଗ ବୁଲି ଦେଖି ଥିଲେ । ପରେ ଶିକ୍ଷକ, ଅଣ ଶିକ୍ଷକ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇ। ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ।

# କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ରନ୍ଧନ କର୍ମଚାରୀଙ୍କ ବହିଷ୍କାର ଦାବିରେ ମାସାଆର୍ମୀ ପକ୍ଷରୁ ଦାବିପତ୍ର



ବାରିପଦା, (ସବ୍ୟୁ) : କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ଘଟିଥିବା ବିଷାକ୍ତ ଖାଦ୍ୟଖାଇ ଛାତ୍ରଛାତ୍ରୀ ଅସୁସ୍ଥ ହେବା ସହ ଗୋଟିଏ ଛାତ୍ରୀର ମୃତ୍ୟୁ ହୋଇଥିବା ଘଟଣାର ନିରପେକ୍ଷ ତଦନ୍ତ ସମାପ୍ତ ନହେବା ପୂର୍ବରୁ ବିଦ୍ୟାଳୟ ଖୋଲାଯାଇଥିବାରୁ ପ୍ରତିବାଦରେ ଆଜି ବିଦ୍ୟାଳୟର ଅଭିଭାବକ ଏବଂ ସ୍ଥାନୀୟ ଜନସାଧାରଣ ମାନେ ମାସାଆର୍ମୀ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କୁ ପ୍ରଦାନ କରିଛନ୍ତି । ଅଭିଭାବକମାନଙ୍କ ଅଭିଯୋଗ ଅନୁଯାୟୀ ବିଦ୍ୟାଳୟ ହଷ୍ଟେଲରେ ଖାଦ୍ୟ ରନ୍ଧନ କରୁଥିବା କର୍ମଚାରୀମାନଙ୍କ ବିରୋଧରେ ଉଠିଥିବା ଅଭିଯୋଗର ତଦନ୍ତ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ ଏବଂ ତଦନ୍ତ ରିପୋର୍ଟ ମଧ୍ୟ ସାର୍ବଜନୀନ କରାଯାଇନାହିଁ । ତଥାପି ପ୍ରଶାସନ ବିଦ୍ୟାଳୟ ଖୋଲିଦେଇଥିବାରୁ ଅଭିଭାବକମାନଙ୍କ ମନରେ ଭୟ ଓ ଅବିଶ୍ୱାସ ସୃଷ୍ଟି ହୋଇଛି । ଫଳରେ ସେମାନେ ନିଜ ପିଲାମାନଙ୍କୁ ହଷ୍ଟେଲକୁ ପଠାଇବାକୁ ନିରାପଦ ମନେ କରୁନାହାନ୍ତି । ସ୍ମାରକପତ୍ରରେ ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ତିନୋଟି ଦାବି ଉପସ୍ଥାପନ କରିଛନ୍ତି । ଆବେଦନ ପ୍ରାପ୍ତିର ତିନିଦିନ ମଧ୍ୟରେ ଅଭିଭାବକ, ସ୍ଥାନୀୟ ଜନସାଧାରଣ ଏବଂ ପ୍ରଶାସନଙ୍କ ଉପସ୍ଥିତିରେ ଏକ ବୈଠକ ଆୟୋଜନ କରାଯାଉ, ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ସମ୍ପୃକ୍ତ ରନ୍ଧନ କର୍ମଚାରୀମାନଙ୍କୁ ବହିଷ୍କାର କରାଯାଉ, ସ୍ଥିତି ଓ ପ୍ରଶାସନ ନେଇଥିବା ପଦକ୍ଷେପ ସମ୍ପର୍କରେ ଅଭିଭାବକମାନଙ୍କୁ ଅବଗତ କରାଯାଉ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଅଭିଭାବକମାନଙ୍କ ଆଶଙ୍କାକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ବୋଲି ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଆଶା ପ୍ରକାଶ କରିଛନ୍ତି ।

# ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ

ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜାମ ଓକିଲ ସଂଘର ଜଣେ ବରିଷ୍ଠ ଆଇନଜୀବୀ ରମା ସୁବୁଦ୍ଧି (୭୫)ଙ୍କ ସୋମବାର ପୂର୍ବାହ୍ନ ସାଢେ ୯ଟା'ବେଳେ ରେ ଏମିଏସିଜି ମେଡିକାଲରେ ମୃତ୍ୟୁ ଘଟିଥିଲା। ଗଞ୍ଜାମ ଓକିଲ ସଂଘର ଅସ୍ଥାୟୀ କାର୍ଯ୍ୟାଳୟ ପରିସରରେ ଏନେଇ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସେ ସ୍ୱର୍ଗତ ଆଇନଜୀବୀ ହରିଶ୍ଚନ୍ଦ୍ର ସୁବୁଦ୍ଧିଙ୍କ ସ୍ତ୍ରୀ ଥିଲେ। ତାଙ୍କର ଏକମାତ୍ର ପୁଅ ଆମେରିକାରେ ରହୁଥିବା ବେଳେ ସେ ଅନ୍ଧପସରାରେ ରହୁଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିଯିବାରୁ ଦୁଇଦିନ ପୂର୍ବେ ତାଙ୍କୁ ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ଆଜି ତାଙ୍କର ହୃଦଘାତରେ ମୃତ୍ୟୁ ଘଟିଥିବା ଜଣାପଡିଛି। ତାଙ୍କର ମୃତଦେହ ଏମକେସିଜି ର ସଂରକ୍ଷଣ ଗୃହରେ ସଂରକ୍ଷିତ ରଖାଯାଇଛି। ତାଙ୍କ ପୁଅ ବ୍ରହ୍ମପୁର ଆସିଲେ ମୃତଦେହ ସତ୍କାର କରାଯିବ ବୋଲି ଓକିଲ ସଂଘ ପକ୍ଷରୁ କୁହାଯାଇଛି। ଗଞ୍ଜାମ ଓକିଲ ସଂଘର ସଭାପତି ଶିତାଂଶୁ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ମୃତ ଆଇନଜୀବୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା । ସେହିପରି ସଂଘ ତରଫରୁ ଶୋକସନ୍ତାପ ପରିବାରବର୍ଗଙ୍କ ପାଇଁ ସମବେଦନା ମଧ୍ୟ ଜ୍ଞାପନ କରାଯାଇଥିଲା। ସଂଘ ବହୁ ଆଇନଜୀବୀଙ୍କୁ ଅକାଳରେ ହରାଇଛି ବୋଲି ଗଞ୍ଜାମ ଓକିଲ ସଂଘ ସଭାପତି କହିଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଜଗନ୍ନାଥ ମିଶ୍ର, , ଉପ ସଭାପତି ସତ୍ୟ ବସନ୍ତିଆ, ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ସାମନ୍ତରା ମଞ୍ଚାସିନ ଥିଲେ। ସୋମବାର ଏକ ଘଣ୍ଟା ପାଇଁ ଓକିଲ ସଂଘ ତରଫରୁ ଜିଲ୍ଲା ଜଜ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତ ଗୁଡିକରେ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା ।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ




**କଟକ :** ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ଉଦଘାଟନ କରି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ସୁସ୍ଥ ଓ ନିରାମୟ ଜୀବନଯାପନ ପାଇଁ ଯୋଗ ଏକାନ୍ତ ପ୍ରୟୋଜନ ବୋଲି କହିଥିଲେ । ଯୋଗ ପ୍ରଶିକ୍ଷିକା ଶୁଭଶ୍ରୀ ସାହୁ ଯୋଗର ବିଭିନ୍ନ ମୁଦ୍ରା ଓ ପ୍ରାଣାୟମ ପ୍ରଦର୍ଶନ ମାଧ୍ୟମରେ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗାଭ୍ୟାସର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଦିଗଦର୍ଶନ ଦେଇଥିଲେ । ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡିନ୍ ଡ. ନୟନ ରଂଜନ ସାମଲ, ଡ. ବିଶ୍ୱରଂଜନ ମହାନ୍ତି, ଡ. କୁମ୍ଭକର୍ଣ୍ଣ ରାଉତ, ଡା. ଦୁର୍ଗା ପ୍ରସାଦ ମିଶ୍ର, ଡ. ବିଶ୍ୱରଂଜନ ଷଡଙ୍ଗୀ, ଡ. ଅମୂଲ୍ୟ କୁମାର ବେହେରା, ବିକାଶ କୁମାର ଦାସ, ପ୍ରାଧ୍ୟାପିକା ଏନ୍ ପ୍ରେମଲତା ଦେବୀ, ସଚିବ ସୁଧାଂଶୁ ଭୂଷଣ କରଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ବିଭାଗୀୟ ମୁଖ୍ୟ ଓ ପଦାଧିକାରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ପ୍ରାରମ୍ଭିକ ସୂଚନା ଓ ଜାତୀୟ ସେବା ଯୋଜନା ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ବାରିପଦା :** ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟର ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ ଯୋଗ ଶିବିର ବାରିପଦା ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ୨୧ ଦିନ ଧରି ଏହି ନିଃଶୁଳ୍କ ଯୋଗ ଶିବିରରେ ୬ବର୍ଷରୁ ଉର୍ଦ୍ଧ୍ୱ ମୋଟ ୧୧୬ଜଣ ଛାତ୍ରଛାତ୍ରୀ ଓ ପୁରୁଷ ମହିଳା ଅଂଶଗ୍ରହଣ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଜ୍ୟୋତିରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ସ୍ୱରୂପା ସାହୁ ଯୋଗ, ଲୋକନାଥ ଦାସ ଛଉ, ଶ୍ରୀପତି ପାଣିଗ୍ରାହୀ ଓ ଦିବ୍ୟଜ୍ୟୋତି ପାଣିଗ୍ରାହୀ ସନ୍ତରଣ, ଅର୍ଚ୍ଚନା ଦାସ କଳା, ଅଲିଭା ଧଳ ଓଡିଶୀ, ଜିତେନ୍ଦ୍ର ଜୈସୱାଲ ଆତ୍ମସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଜିଲ୍ଲା ଦଳ ଚୟନ ସକାଶେ ସତ୍ୟପ୍ରକାଶ ଦାସ ଓ ଅଜିତ କୁମାର ସେଠି ଯୋଗ ବିଚାରକ ଭାବେ ସହଯୋଗ କରିଥିଲେ । ତତ୍‌ସହିତ ଅଷ୍ଟାଙ୍ଗ ଯୋଗ ଉପରେ ୭ ଦିନିଆ ଯୋଗ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିତ ପୁଷ୍ପା ପାତ୍ର ଓ ଅନ୍ତର୍ଜାତୀୟ ୟୁଟ୍ୟୁବର ଲବ ହାଁସଦାଃ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଅନୁଷ୍ଠାନର ସମ୍ପାଦକ ତଥା ଯୋଗ ଗୁରୁ ଜ୍ୟୋତିରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅତିଥି ଭାବେ ଯୋଗଦେଇ ଜିଲ୍ଲା କ୍ରୀଡା ଅଧିକାରୀ ଡ଼ଃ ସୁଭାଶିଷ ନାୟକ, ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ଉପସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ସମ୍ପାଦକ ବିଜୟ କୁମାର ଦାସ, ପାତାଞ୍ଜଳି ଯୋଗ ସମିତି, ବାରିପଦାର ଡ଼ଃ ଦିଲ୍ଲୀପ କୁମାର ପଣ୍ଡା, ସମାଜସେବୀ ସୋମନାଥ ସିଂହ, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ, ସଂସ୍ଥାର ଉପ ସଭାପତି ସୁଶାନ୍ତ କୁମାର ସେଠି ଓ ସାମାଜିକ କର୍ମୀ ଅଂକୁର ଖୁରାନା ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ଓ ପଦକ ପ୍ରଦାନ କରିବା ସହ ସମସ୍ତ ପ୍ରଶିକ୍ଷକ ଓ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।



**କଟକ :** ମହାନଦୀବିହାର ଡେଭଲପମେଣ୍ଟ ଆସୋସିଏସନ (ଏମଡିଏ) ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ମହାନଦୀବିହାର ଗୋଷ୍ଠୀ କେନ୍ଦ୍ର ପ୍ରାଙ୍ଗଣରେ ପାଳନ କରାଯାଇଥିଲା। ଏହି ଅବସରରେ ମହାନଦୀବିହାର ମହିଳା ସମିତି, ବରିଷ୍ଠ ନାଗରିକ ମଞ୍ଚ, ମହାନଦୀବିହାର ପେନସନର୍ସ ଆସୋସିଏସନ, ଜଗନ୍ନାଥ ସାଂସ୍କୃତିକ ପରିଷଦ ଓ ଅନ୍ୟାନ୍ୟ ଅଗ୍ରଣୀ ସାମାଜିକ ଅନୁଷ୍ଠାନର ସଦସ୍ୟମାନେ ଯୋଗଦେଇଥିଲେ। ଆୟୋଜିତ ଶିବିରକୁ ଏମଡିଏ ସଭାପତି ସଞ୍ଜୟ କୁମାର ଜେନା ଉଦଘାଟନ କରି ବାର୍ଦ୍ଧକ୍ୟ ଅବସ୍ଥାରେ ଯୋଗର ଉପକାରିତା ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ ଯୋଗ କରନ୍ତୁ – ନିରୋଗ ରହନ୍ତୁ ବାର୍ତ୍ତା ଉପରେ ଆଲୋକପାତ କରି ଯୋଗାଭ୍ୟାସକୁ କେବଳ ଗୋଟିଏ ଦିନରେ ସୀମିତ ନରଖି ପ୍ରତିଦିନ ଜୀବନର ଅଂଶ କରିବାକୁ ପରାମର୍ଶ ଦେଇଥିଲେ। ଆସୋସିଏସନର ବରିଷ୍ଠ ସଦସ୍ୟ ବିଷ୍ଣୁ ପ୍ରସାଦ କର ଯୋଗ ଶିକ୍ଷକ ଭାବେ ଶିବିର ପରିଚାଳନା କରିଥିଲେ। ଡ଼ଃ ଅର୍ପିତା ପ୍ରିୟଦର୍ଶିନୀ ଯୋଗର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ମହିଳା ଯୋଗ ଗୁରୁ ନିରୂପମା ପତି ଉପସ୍ଥିତ ସଦସ୍ୟମାନଙ୍କୁ ବିଭିନ୍ନ ଯୋଗାଭ୍ୟାସ କରାଇଥିଲେ। ଏହି ଶିବିରରେ ୪୭ ନମ୍ବର ୱାର୍ଡ କର୍ପୋରେଟର ଇଂ. ସୁବ୍ରତ ଘଡ଼ାଇ, ରବୀନ୍ଦ୍ରନାଥ ମହାନ୍ତି, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ଟି. ସୁବାରାଓ, ସୁଶାନ୍ତ ଘୋଷ, ଭାଗୀରଥୀ ସାମଲ, ପ୍ରଭାକର ରଣା, ଚତୁର୍ଭୁଜ ମହାପାତ୍ରଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଡ. ଅବନ୍ତୀ ଦାସ ମହାପାତ୍ର ଏବଂ ୱେଲନେସ୍ କୋଚ୍‌ଙ୍କ ଦ୍ୱାରା ଶିବିରାର୍ଥୀମାନଙ୍କର ବଡି ପାରାମିଟର ପରୀକ୍ଷା କରାଯାଇଥିଲା। ଶେଷରେ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପୌଷ୍ଟିକ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏମଡିଏ ଉପ-ସଭାପତି ସରୋଜ ପ୍ରସାଦ ସ୍ୱାଇଁ ଧନ୍ୟବାଦ ଜଣାଇଥିଲେ।




**ବ୍ରହ୍ମପୁର :** ବ୍ରହ୍ମପୁର ମହାନଗର ନିଗମ ଓ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ବ୍ରହ୍ମପୁର ଶାଖାର ମିଳିତ ଆନୁକୂଲ୍ୟରେ ରବିବାର ପ୍ରାତଃ ୬ଟାରେ ମହାତ୍ମା ଗାନ୍ଧୀ କ୍ରୀଡାଙ୍ଗନଠାର ଭବ୍ୟ ଭାବରେ ଆନ୍ତର୍ଜାତୀୟ ଯୋଗ ଦିବସ–୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ ସହରର ବିଭିନ୍ନ ସାମାଜିକ, ଶିକ୍ଷାନୁଷ୍ଠାନ, ଯୋଗ ସଂଗଠନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଶତାଧିକ ଯୋଗସାଧକ ଯୋଗଦେଇ ସମ୍ମିଳିତ ଭାବେ ଯୋଗାଭ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବ୍ରହ୍ମପୁର ମହାନଗର ନିଗମ କମିଶନର ଅକାଭରମ ସାସ୍ୟା ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଡ଼ଃ ଶଙ୍କର ମାଝୀ ଅତିଥିମାନଙ୍କୁ ମଞ୍ଚାସୀନ କରାଇଥିବା ବେଳେ ଆୟୋଜକ କମିଟିର ପରାମର୍ଶଦାତା ଶୁଶାନ୍ତ କୁମାର ସାବତ ସ୍ୱାଗତ ଭାଷଣ ପ୍ରଦାନ କରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଭାଗ ସଙ୍ଗଠିକା ନୀଳାକ୍ଷୀ ଦିଦିଙ୍କ ନେତୃତ୍ୱରେ ରୁନୀ ମଲ୍ଲିକ ଓ ହେମନ୍ତ ସାବରଙ୍କ ସହଯୋଗରେ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର ସଫଳ ପ୍ରଦର୍ଶନ କରାଯାଇଥିଲା। ଉପସ୍ଥିତ ଯୋଗ ସାଧକମାନେ ଉତ୍ସାହର ସହିତ ଏଥିରେ ଅଂଶଗ୍ରହଣ କରିଥିଲେ। ଡ଼ଃ ଶଙ୍କର ମାଝୀଙ୍କ ଦ୍ୱାରା ଯୋଗ ସଙ୍କଳ୍ପ ପାଠ କରାଯାଇଥିଲା । ଯେଉଁଥିରେ ସମସ୍ତେ ମାନସିକ ସନ୍ତୁଳନ, ସ୍ୱାସ୍ଥ୍ୟ, ଶାନ୍ତି ଓ ସାମାଜିକ ସମନ୍ୱୟ ପାଇଁ ନିଜକୁ ସମର୍ପିତ କରିବାର ପ୍ରତିଜ୍ଞା କରିଥିଲେ। ଶେଷରେ ଅଙ୍କିତ ସେନାପତିଙ୍କ ନେତୃତ୍ୱରେ ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ ଶାନ୍ତିପାଠ କରାଯାଇଥିଲା। କାର୍ଯ୍ୟକ୍ରମର ସମନ୍ୱୟକ ଡା. ସମରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଆସିକା :** ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ସ୍ଥାନୀୟ ବହୁ ସଙ୍ଗଠନ ପକ୍ଷରୁ ଯୋଗ ଶିବିର ସମେତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଯୋଗ ଅଭ୍ୟାସ ସ୍ୱାସ୍ଥ୍ୟ ପ୍ରତି ହିତ ହୋଇ ପାରିବ ବୋଲି ଯୋଗ ପ୍ରଶିକ୍ଷକ ପ୍ରସନ୍ନ କୁମାର ଦାସ ମତବ୍ୟକ୍ତ କରିଥିଲେ। ଟାଉନ୍ ହଲ୍ ପରିସରରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ପ୍ରଶିକ୍ଷକ ଶ୍ରୀ ଦାସ, ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ, ମାନବସେବା ସମିତିର ମୁଖ୍ୟ ଅବସର ପ୍ରାପ୍ତ ଶିକ୍ଷକ ଗଣେଷ ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପତାଞ୍ଜଳି ଯୋଗ ସମିତିର ଦିଲୀପ କୁମାର ପାଣିଗ୍ରାହୀ, କାମେଶ୍ୱର ଆଚାରି, ସିମାଞ୍ଚଳ ସାହୁ, ସୁରେନ୍ଦ୍ର ବିଷୋୟୀ ପ୍ରମୁଖ ଏହାର ପରିଚାଳନା କରିଥିବା ବେଳେ ସଂପ୍ରତି ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ରାଜ୍ୟରେ ୧୦ମ ସ୍ଥାନ ରଖିଥିବା ଇତିଶ୍ରୀ ଜେନା, ୬୩ ତମ ସ୍ଥାନ ଅକ୍ତିଆର କରିଥିବା ସ୍ନିଗ୍ଧା ସେନାପତି ଓ ୧୫୩ମ ସ୍ଥାନ ରଖିଥିବା ସ୍ମୃତିରଞ୍ଜନ ବେହେରା ଆସିକା ଅଂଚଳକୁ ଗୌରବିନିତ୍ୱ କରିଥିବାରୁ ଅତିଥିମାନଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ଏଥିରେ ଏମ୍ ତାରିଣୀ ସେନାପତି, ଅନୀଲ ପାଣିଗ୍ରାହୀ, ବିଦେଶୀ ନାହାକ, ଡି ଶିବ ପାତ୍ର, ଡି. ସଞ୍ଜୀବ ପାତ୍ର, ନରେନ୍ଦ୍ର ସାହୁଙ୍କ ସମେତ ଶତାଧିକ ଏଥିରେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରାତଃକାଳରୁ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ପୁରୁଷ ଓ ମହିଳାଙ୍କୁ ଯୋଗ ପ୍ରଶିକ୍ଷକ ଶ୍ରୀ ଦାସ ବିଭିନ୍ନ ଯୋଗମୁଦ୍ରା, ଆସନ ଓ ପ୍ରାଣାୟାମ ଅଭ୍ୟାସ କରାଇଥିଲେ।

### ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଚାନକ ବିଦ୍ୟାଳୟ ପରିଦର୍ଶନ

# ପ୍ରଧାନ ଶିକ୍ଷକଙ୍କ ସମେତ ୪ ଶିକ୍ଷକଙ୍କ ବେତନ ବନ୍ଦ ନିର୍ଦ୍ଦେଶ

ବିଞ୍ଝାରପୁର,(ସବ୍ୟୁ) : ଯାଜପୁର ଶିକ୍ଷାଧିକାରୀଙ୍କ ଅଚାନକ ବିଦ୍ୟାଳୟ ପରିଦର୍ଶନ ବେଳେ ଏକାଧିକ ବେଆଇନ ତଥା ସ୍ୱଚ୍ଛାଚାରିତା ଅନୁଭବ କରି ବିଞ୍ଝାରପୁର ବ୍ଲକର ଚାରିଜଣ ଶିକ୍ଷକଙ୍କ ବେତନ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ପ୍ରକାଶ ଯେ ବିଞ୍ଝାରପୁର ବ୍ଲକରେ ଅନୁଷ୍ଠିତ ହେବାକୁ ଥିବା ଜନଶୁଣାଣୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଅଚାନକ ବିଦ୍ୟାଳୟ ପରିଦର୍ଶନ ପାଇଁ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ ମଲ୍ଲିକଙ୍କ ସହିତ ମାଁସଡା ଛକ ନିକଟ କଲ୍ୟାଣପୁର ପଞ୍ଚାୟତ ଅନ୍ତର୍ଗତ ବରୁଣେଶ୍ୱର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପରିସରରେ ପୂର୍ବାହ୍ନ ଏଗାରଟା ସମୟରେ ଅଚାନକ ବିଦ୍ୟାଳୟ ପରିଦର୍ଶନ ପାଇଁ ପ୍ରବେଶ କରିଥିଲେ।ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ବିଦ୍ୟାଳୟର ଅବସ୍ଥା ଓ ଶିକ୍ଷକମାନଙ୍କ କାର୍ଯ୍ୟକଳାପ ଅବଲୋକନ କରି ଉତକ୍ଷିପ୍ତ ହୋଇଥିଲେ। ପୂର୍ବାହ୍ନ ୧୧ଟା ହୋଇ ସାରିଥିଲେ ମଧ ଶ୍ରେଣୀକକ୍ଷ ଗୁଡିକରେ ଶିକ୍ଷକମାନେ ଉପସ୍ଥିତ ନଥିଲେ। ଛାତ୍ର ଉପସ୍ଥାନ ପଡିନଥିବା ବେଳେ ଶିକ୍ଷକ ଉପସ୍ଥାନରେ ଶିକ୍ଷକମାନେ ଦସ୍ତଖତ କରିଥିଲେ। ବିଦ୍ୟାଳୟର ସମୁଦାୟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୩୪ଜଣ ହୋଇଥିବା ବେଳେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଶୋଚନୀୟ ଥିଲା। ଯାହାକି ଅଭିଭାବକ ତଥା ପିତା ମାତାଙ୍କୁ ସଚେତନ କରିବାରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଅନାଗ୍ରହ କୁ ଶିକ୍ଷାଧିକାରୀ ମହେଶ୍ୱର ସାହୁ ପଏଣ୍ଟଆଉଟ କରିଥିଲେ। ଏହାଛଡା ବିଦ୍ୟାଳୟର ପରିସର ସଫେଇ ହୋଇ ନଥିବାରୁ କ୍ଲିନନେସ ଆଦୌ ବାରି ହେଉନଥିଲା। ଟିଚରମାନଙ୍କ ମଧ୍ୟରୁ କେତେକୟୁନିଫର୍ମରେ ନଥିଲେ।ଏହି ସବୁ ଉଲ୍ଲେଖନୀୟ ସ୍ୱେଚ୍ଛାଚାରିତା ଓ ମନମାନୀକୁ ନେଇ ଶିକ୍ଷାଧିକାରୀ ମହେଶ୍ୱର ସାହୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତୁରନ୍ତ ପ୍ରଧାନ ଶିକ୍ଷକ ବିପିନ ବିହାରୀ ସାହୁ,ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ସାହୁ,କବିତା ସାହୁ ଓ ଭାଗ୍ୟଶ୍ରୀ ଦାଶଙ୍କ ଦରମା ବନ୍ଦ କରିବାକୁ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ ମଲ୍ଲିକଙ୍କୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ। ଘଟଣା ସମ୍ପର୍କରେ ବିଇଓ ଶ୍ରୀ ମଲ୍ଲିକଙ୍କୁ ପଚାରିଲାରୁ ସେ ଘଟଣାର ସତ୍ୟତାକୁ ସ୍ୱୀକାର କରିଥିଲେ। ଘଟଣାକୁ ନେଇ ବିଞ୍ଝାରପୁର ବ୍ଲକ ପ୍ରାଥମିକ ଶିକ୍ଷକ ମହଲରେ କୋକୁଆ ଭୟ ସଂଚାରିତ ହୋଇଛି।

# କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ୧୦୪ତମ ରାଜ୍ୟସ୍ତରୀୟ ଜୟନ୍ତୀ

ସାଲେପୁର,(ସବ୍ୟୁ) : କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମସ୍ଥାନ ସାଲେପୁର ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସୁରେନ୍ଦ୍ର ମେମୋରିଆଲ କ୍ଲବର ମିଳିତ ଆନୁକୂଲ୍ୟରେ, ପୁରୁଷୋତ୍ତମପୁର ଗ୍ରାମ୍ୟ କମିଟିର ସହଯୋଗରେ କଥାସମ୍ରାଟଙ୍କ ୧୦୪ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି । ଅପରାହ୍ନରେ ସୁରେନ୍ଦ୍ର ମେମୋରିଆଲ କ୍ଲବର ସମ୍ପାଦକ ଦେବେନ୍ଦ୍ରନାଥ ସ୍ୱାଇଁଙ୍କ ସଂଯୋଜନା ଏବଂ ପୁରୁଷୋତ୍ତମପୁର ଗ୍ରାମ୍ୟ କମିଟିର ସଭାପତି ଶରତ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ମୁଖ୍ୟ ଅତିଥି ଭାବେ ଡ. ରଣଜିତ କୁମାର ପରିଡା ଯୋଗଦେଇ ସୁରେନ୍ଦ୍ର ମହାନ୍ତି ଜଣେ ସାଲିସବିହୀନ ସାରସ୍ୱତ ସ୍ରଷ୍ଟା ଥିବା ବେଳେ ତାଙ୍କ ଭଳି ଜଣେ ମହାନ ସାହିତ୍ୟିକଙ୍କୁ ଜନ୍ମ ଦେଇ ଏହି ମାଟି ଗର୍ବିତ ବୋଲି



ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଡ଼ଃ ଗିରିଶ ଚନ୍ଦ୍ର ସାହୁ ଯୋଗଦେଇ ସୁରେନ୍ଦ୍ର ମହାନ୍ତିଙ୍କୁ ଓଡ଼ିଆ ସାହିତ୍ୟର କାଳଜୟୀ ବ୍ୟକ୍ତିତ୍ୱ ବୋଲି ବର୍ଣ୍ଣନା କରିଥିଲେ । ସମ୍ମାନିତ ବକ୍ତା ଭାବେ ଡ଼ଃ ସଚ୍ଚିଦାନନ୍ଦ ବେହେରା ଓ ସମ୍ମାନିତ ଅତିଥି ଭାବେ ଡ. ଭାବଗ୍ରାହୀ ରାଉତ ଏବଂ ଡ଼ଃ ସସ୍ମିତା ପଟ୍ଟନାୟକ ଯୋଗଦେଇ ସୁରେନ୍ଦ୍ର ମହାନ୍ତିଙ୍କ ସ୍ମୃତିଚାରଣ କରିବା ସହ ତାଙ୍କୁ ଓଡ଼ିଆ ବାଣୀ ଭଣ୍ଡାରର ଏକ ଅମୂଲ୍ୟ ରନି ବୋଲି ଅଭିହିତ କରିଥିଲେ ।ଓଡ଼ିଶା ସାହିତ୍ୟ ଏକାଡେମୀର ସହସଚିବ ସଞ୍ଜୟ କୁମାର ଛୁଆଲସିଂ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଶ୍ୱରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ସାହିତ୍ୟିକ ଚନ୍ଦ୍ରମଣି ଭୂୟାଁ, ସୁରେନ୍ଦ୍ର ମହାରଣା, ଗଗନ ମିଶ୍ର, ସମିତି ସଦସ୍ୟ ସରୋଜ ମହାନ୍ତିଙ୍କ ସମେତ ବହୁ ସୁରେନ୍ଦ୍ରପ୍ରେମୀ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିବା ରକ୍ତଦାତାଙ୍କୁ ରକ୍ତବୀର ସମ୍ମାନରେ ସମ୍ମାନିତ କରାଗଲା ।ଏହି କାର୍ଯ୍ୟକ୍ରମକୁ ଜ୍ୟୋତିରଞ୍ଜନ ଦାସ, ସୌଭାଗ୍ୟ ମହାନ୍ତି, ଯୋଗେନ୍ଦ୍ରନାଥ ସ୍ୱାଇଁ, ଚକ୍ରଧର କାଣ୍ଡି, ରୀତେଶ କୁମାର ମହାନ୍ତି, ଦେବୀପ୍ରସାଦ ପରିଜା, ଗୌତମ ନାଥ, ସୌମ୍ୟରଞ୍ଜନ ନାୟକ, ଦେବେନ୍ଦ୍ର ଭୋଇ, ସୁବ୍ରତ କୁମାର ଦାସ, ଅଭିଷିକ୍ତା, ଲୋପାମୁଦ୍ରା ଓ ଅଙ୍କିତା ରାଉତ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ମହାପୁରୁଷ ଅଚ୍ୟୁତାନନ୍ଦ ସେବା ପରିଷଦର ପ୍ରଥମ ବାର୍ଷିକ ଉତ୍ସବ

ନେମାଳ ,(ସବ୍ୟୁ) : ସମାଜରେ ଦୁସ୍ଥ, ଅବହେଳିତ, ନିଷ୍ପେସିତ, ରୋଗାକ୍ରାନ୍ତ ବ୍ୟକ୍ତିମାନଙ୍କୁ ସହାୟତା,ଶିକ୍ଷା ତଥା ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ଗଠିତ ସାମାଜିକ ଅନୁଷ୍ଠାନ 'ମହାପୁରୁଷ ଅଚ୍ୟୁତାନନ୍ଦ ସେବା ପରିଷଦ'ର ପ୍ରଥମ ବାର୍ଷିକ ଉତ୍ସବ ନଗସପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମାଜସେବୀ 'ଶବର ସାଥୀ' ଅଭିମନ୍ୟୁ ଦାସ, ଆଇନଜୀବୀ ନାରାୟଣ ଦିବେଦୀ, ଅନୁଷ୍ଠାନର ସଭାପତି ସୁଧାକର ସ୍ୱାଇଁ, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଇଂ ବାଦଲ ସାହୁ, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଲକ୍ଷ୍ମଣ ଲେଙ୍କା ଓ ବିଜୟାନନ୍ଦ ପ୍ରଧାନ, ନାରାୟଣ ରାଉତ, ଇଂଜିନିୟର ଚନ୍ଦ୍ରଶେଖର ରାଉତ, ରବେୟା ସରୱାର୍, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ସ୍ୱାଇ ଓ ବସନ୍ତ କୁମାର ସ୍ୱାଇ, ରଶ୍ମିତା ପରିଡା, ପବିତ୍ର ଷଡଙ୍ଗୀ,ରଞ୍ଜନ କୁମାର ବେହେରା, ଶିଶିର ଦାସ ପ୍ରମୁଖ ଯୋଗଦେଇଥିଲେ। ପରିଷଦର ସମ୍ପାଦକ ଅବସରପ୍ରାପ୍ତ ଶିକ୍ଷାଧିକାରୀ



ଅନନ୍ତ କିଶୋର ଭୂୟାଁ ବାର୍ଷିକ ବିବରଣୀ ପାଠ କରିଥିଲେ ଓ କୋଷାଧକ୍ଷ ଯୁବ ସମାଜସେବୀ ଇଂଜିନିୟର ଆଲୋକ ଭୂୟାଁ ସାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହିଅବସରରେ ସମାଜସେବା କ୍ଷେତ୍ରରେ ଅଭିମନ୍ୟୁ ଦାସ , ନିଶ୍ଚିନ୍ତକୋଇଲି ବ୍ଲକ ମାଟ୍ରିକ ପରୀକ୍ଷାରେ ଏ୧ ଗ୍ରେଡ ପାଇଥିବା ଛାତ୍ରୀ ଆଦ୍ୟାଶା ଦାସ ଓ ସ୍ନେହାଶିଷ ମହାପାତ୍ର, ନୃତ୍ୟଶିଳ୍ପୀ ଅନ୍ନପୂର୍ଣ୍ଣା ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆର୍ଥିକ ଅନଗ୍ରସର ସେକ ସନ୍ନାଉଲ୍ଲା ଓ ରଙ୍ଗଲତା ଦାସଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।ତୁଷାରକାନ୍ତ ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ। ପବିତ୍ର ମହାରଣା, ସଞ୍ଜୟ ଷଡଙ୍ଗୀ,ମୀନକେତନ ଭୂୟାଁ ଓ ମନୋଜ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରଦ୍ଧା ନିର୍ସିଂ କଲେଜ ଘର ସିଲ୍

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲିସ୍ଥିତ ପଥରପଦା ପଂଚାୟତ ଅନ୍ତର୍ଗତ ମା ତାରିଣୀ ମହାବିଦ୍ୟାଳୟ ସନ୍ନିକଟ ଶ୍ରଦ୍ଧା ନର୍ସିଂ କଲେଜ ଗୃହକୁ ଆଜି ପ୍ରଶାସନ ପକ୍ଷରୁ ସିଲ କରାଯାଇଛି। ଶ୍ରଦ୍ଧା ନିର୍ସିଂ କଲେଜ କରିଥିବା ପ୍ରଭୁରାମ ଖଣ୍ଡାଇ ଉର୍ଥନା ଫାଇନାନ୍ସରୁ ପ୍ରାୟ ଦେଢ କୋଟିରୁ ଉର୍ଦ୍ଧ୍ୱରଣ କରିଥିଲେ। ସଠିକ ସମୟରେ ଋଣ ନସୁଝିବାରୁ ମାମଲା ରୁଜୁ ହୋଇଥିଲା। ଏନେଇ ଅଦାଲତରେ ବ୍ୟାଙ୍କ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ହେଲେ ପ୍ରଭୁରାମ ମାମଲାରେ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଏହା ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ କରାଯାଇଥିଲା। ଆଜି ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ବ୍ୟାଙ୍କ ଓ ପୁଲିସ ଉପସ୍ଥିତିରେ ଉକ୍ତ ଗୃହର ତାଲା ଭଂଗାଯାଇ ସିଲ କରାଯାଇଥିଲା। ପାଣିକୋଇଲି ପୁଲିସ ପକ୍ଷରୁ ସବଇନ୍ସପେକଟର ପ୍ରଶାନ୍ତ ଦାଶଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ସହିତ ଲିଗଲ ଆଡମିଷ୍ଟ୍ରେଟିଭ ଅଫିସର ଆଦିତ୍ୟ ପ୍ରସାଦ ପରିଡା, କଲେକସନ ମ୍ୟାନେଜର ରାଜେଶ ପଟ୍ଟନାୟକ, ଆଇନଜିବୀ ସଂଜିତ ଚୌଧୁରୀ, ଶଶିକାନ୍ତ ପଟନାୟକ, କଂଟାକ ଅଫିସର ସନ୍ତୋଷ କଣ୍ଟ ପ୍ରମୁଖଙ୍କ ଉପସ୍ଥିତିରେ ଶ୍ରଦ୍ଧା ନିର୍ସିଂ କଲେଜର ଘର ତାଲା ଭଂଗାଯାଇ ସିଲ କରାଯାଇଥିଲା। ପୂର୍ବରୁ ଏକ ମାମଲା ୬୮/୨୫ ଅଦାଲତରେ କରାଯାଇ ଉକ୍ତ ଗୃହ ଖାଲି କରିବାକୁ ନିର୍ଦ୍ଦେଶ ରହିଥିଲା। ମାତ୍ର ପ୍ରଭୁରାମ ଖଣ୍ଡାଇ ଅଦାଲତ ନିର୍ଦ୍ଦେଶକୁ ବେଖାତିରି କରିଚାଲିଥିଲେ। ଆଜି ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶରେ ଉକ୍ତ ଗୃହକୁ ପୁଲିସ ଉପସ୍ଥିତିରେ ସିଲ କରାଯାଇଥିଲା ବେଳେ ପ୍ରଭୁରାମ ଅନୁପସ୍ଥିତ ଥିଲେ।

# ସୁସ୍ଥ ରାଷ୍ଟ୍ର ଗଠନରେ ସୁସ୍ଥ ଶରୀର ଓ ମନ ସହାୟକ ହୋଇଥାଏ

ବ୍ୟାସନଗର, (ଜିପ୍ର) : ବ୍ୟାସନଗର ସ୍ୱାସ୍ଥ୍ୟ ସୁରକ୍ଷା ମଂଚ ଓ ବ୍ୟାସନଗର ପୌର ପରିଷଦ ମିଳିତ ଆନୁକୂଲ୍ୟରେ ଇଣ୍ଡୋର ଷ୍ଟାଡିୟମ ପରିସରରେ ଦ୍ୱାଦଶ ତମ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ କୋରେଇ ବିଧାୟକ ତଥା ଯାଜପୁର ଜିଲା ଯୋଜନା ବୋର୍ଡ ଅଧକ୍ଷ ଆକାଶ ଦାସନାୟକ ଯୋଗଦେଇ ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ନିୟମିତ ଯୋଗ କରିବାକୁ ପରାମର୍ଶ ଦେଇ ସୁସ୍ଥ ରାଷ୍ଟ୍ର ଗଠନରେ ସୁସ୍ଥ ଶରୀର ଓ ସୁସ୍ଥ ମନ ସହାୟକ ହୋଇଥାଏ ବୋଲି କହିଥିଲେ । ଅନ୍ୟତମ ଅତିଥିଭାବେ ବ୍ୟାସନଗର ପୌରପରିଷଦ ଅଧକ୍ଷ ସୁବାଷ ଚନ୍ଦ୍ର ବଳ ଯୋଗଦେଇ ମଣିଷ ନିରୋଗ ରହିବାକୁ ହେଲେ ଯୋଗକୁ ଜୀବନଚର୍ଯ୍ୟା ସହିତ ଯୋଡିବାକୁ ପରାମର୍ଶ ଦେଇଥିଲେ । ଯୋଗଗୁରୁ ବ୍ରିଜେଶ କୁମାର ପତି ଓ ବିଭୂରଞ୍ଜନ ପାଲ ପ୍ରିୟତମା ଦାସ ପ୍ରମୁଖ ଶିକ୍ଷାର୍ଥୀଙ୍କୁ ଯୋଗାଭ୍ୟାସ ଶିକ୍ଷା କରାଇଥିଲେ । ସ୍ୱାସ୍ଥ୍ୟ ସୁରକ୍ଷା ମଂଚର ମୁଖ୍ୟ



ସଂଯୋଜକ ଡ଼. ଚିନ୍ତାମଣି ପାଢୀଙ୍କ ସଭା ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଂଚ ସମ୍ପାଦକ ଶିଶିର କୁମାର ରାଉତ, ସଭାପତି ବିଜୟ କୁମାର ଦାସ, ଉପ ସଭାପତି ଦେବଦତ ରାୟ, ଦୀପକ କୁମାର ପରିଡା, ସହ ସମ୍ପାଦକ ଭରତ ଚନ୍ଦ୍ର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ପ୍ରଣବେନ୍ଦୁ ଜେନା, କୋଷାଧକ୍ଷ ଜିତେନ୍ଦ୍ର କୁମାର ରାଉତ, ଆଶୁତୋଷ ମିଶ୍ର, ଅଶୋକ ଦାସ, ପ୍ରକାଶ ଚକ୍ର, ଦୁର୍ବାଦଳ ବସୁ, ସତ୍ୟବ୍ରତ ପରିଡା, ଅମିତ ଦାସ, ଶଙ୍କର୍ଷଣ ରାଉତ, ଚିତ୍ରସେନ ଦାସ, ବିଷ୍ଣୁ ଚରଣ ବିଶ୍ୱାଳ, ପରମେଶ୍ୱର ଜେନା, ତଥାଗତ ବାଇ, କୁଳମଣି ରାଉତଙ୍କ ସମେତ ମଂଚ କର୍ମକର୍ତ୍ତା ଓ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଭିନ୍ନ ପଞ୍ଚାୟତରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ

ରଘୁନାଥପୁର,(ସବ୍ୟୁ) : ରାଜ୍ୟରେ ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ରଘୁନାଥପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଗତ ୩ଦିନ ଧରି ପାଳନ ହୋଇ ଆସୁଥିବା ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକ କଲ୍ୟାଣ ଯୋଜନାକୁ ବ୍ଲକ ଓ ପଞ୍ଚାୟତ ଅଧିକାରୀଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ, ଆଶା କର୍ମୀ , ଅଙ୍ଗନବାଡ଼ି କର୍ମୀ, ଏମବିକେ, ସିଆରପିମାନେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ପ୍ରୟାସ ଜାରି ରଖିଥିଲେ । ଏହି କାର୍ଯ୍ୟକ୍ରମରେ ନୂତନ ରାସନ କାର୍ଡ ଧାରୀ ମାନଙ୍କୁ ରାସନ କାର୍ଡ, ନୂତନ ଭତ୍ତା ବଣ୍ଟନ, ଆୟୁଷ୍ମାନ କାର୍ଡ ବଣ୍ଟନର ବ୍ୟବସ୍ଥା କରା ଯାଇଥିବା ବେଳେ ମହିଳା ଋଜି ଗ୍ରୁପ ମାନଙ୍କ ଦାରା ଉତ୍ପାଦିତ ଦ୍ରବ୍ୟର ଷ୍ଟଲ ପ୍ରଦର୍ଶିତ କରାଯାଇଥିଲା । ଏହା ସହିତ ଉଦଯାପନୀ ଦିବସରେ ମହିଳା ମାନଙ୍କ ମନୋରଞ୍ଜନ ପାଇଁ ଝୁଲଣଦୋଳିର ବ୍ୟବସ୍ଥା କରା ଯାଇଥିଲା । ଏଥି ମଧ୍ୟରୁ ଧରାଧରପୁର ସରପଞ୍ଚ ନଳିନୀପ୍ରଭା ମୃଦୁଲୀଙ୍କ ପ୍ରତ୍ୟକ୍ଷ ତତ୍ତାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ବେଶ ଚିତ୍ତାକର୍ଷକ ହୋଇଥିଲା ବେଳେ ଜଗନ୍ନାଥପୁର ସରପଞ୍ଚ ଜଗବନ୍ଧୁ ମଲ୍ଲିକ, ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ, ବିଦ୍ୟାଧରପୁର ସରପଞ୍ଚ ସାହେଦା ତବସୁମା, ଅଢ଼େଇକୂଳ ସରପଞ୍ଚ ରୀନା ସ୍ୱାଇଁ, ସାଦେଇପୁର ସରପଞ୍ଚ ପ୍ରଭାସିନୀ ପ୍ରଧାନ, ଚିକିଣିଆ ସରପଞ୍ଚ ବିଷ୍ଣୁ ସେଠୀ, ବରାଗୋଳ ସରପଞ୍ଚ ଜୟନ୍ତୀ ଦାସ, ଛପଡା ସରପଞ୍ଚ ଅମୀତା ଖୁଣ୍ଟିଆ, ପୁରଣ ଓଡ଼ପଡ଼ା ସରପଞ୍ଚ ଶିବରାମ ସାହୁ, ଗୁଆଳିପୁର ସରପଞ୍ଚ ମନୋଜୀନି ସାହୁ, ସୁଷମା ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଥିଲେ ।

# ମୋତେ ବଦନାମ କରିବାକୁ ଚାଲିଛି ଷଡଯନ୍ତ୍ର -ସର୍ଖେଲ

ପାରାଦୀପ, (ଜି ପ୍ର ) : ଗତ କିଛିଦିନ ହେବ ପାରାଦୀପ ରାଜନୀତି ବେଶ ସରଗରମ ହେବାରେ ଲାଗିଛି ପୌରାଧକ୍ଷଙ୍କ ଘର ଉପରକୁ ବୋତଲ ବୋମା ମାଡ ହେଉ ଅବା ଗୋଟିଏ ଶ୍ରମିକ ସଂଘ ଛାଡି ଅନ୍ୟ ଶ୍ରମିକ ସଂଘ ସହ କିଛି ଶ୍ରମିକ ମିଶିବା ଘଟଣା ପ୍ରତିଦିନ କିଛିନା କିଛି ଘଟଣାକୁ ନେଇ ପ୍ରେସ ମିଟ ଥାନା ଘେରାଉ ହେଉ ଅବା ଜଣେ ଶ୍ରମିକ ନେତା ଅନ୍ୟ ଜଣେ ଶ୍ରମିକ ନେତାଙ୍କୁ ଟାର୍ଗେଟ କରିବା ଏବେ ବନ୍ଦର ନଗରୀ ପାରାଦୀପ ରାଜନିତ ବେଶ ସରଗରମ। ଆଜି ପୁଣି ବାପି ସର୍ଖେଲ ସାମ୍ବାଦିକ ସମ୍ମିଳନୀ କରି ବିରୋଧୀଙ୍କ ଉପରେ ରୋଷ ଝାଡିଛନ୍ତି।ବାପିଙ୍କ କହିବା କଥା ମୋତେ ବଦନାମ କରିବା ପାଇଁ ଏକ ରୀତିମତ ଷଡଯନ୍ତ୍ର ଆରମ୍ଭ ହୋଇଛି। ଏକ ନିର୍ଦ୍ଦିଷ୍ଟ ଶ୍ରମିକ ସଂଗଠନ ମୋତେ ଆଉ ଆମ ଶ୍ରମିକ ସଂଗଠନ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘକୁ ବଦନାମ କରିବାକୁ ଅପଚେଷ୍ଟା କରିଛନ୍ତି। ନିକଟରେ ଆମ ଶ୍ରମିକ ସଂଗଠନ ଛାଡି କିଛି ଶ୍ରମିକ ତାଙ୍କ ଶ୍ରମିକ ସଂଗଠନରେ ମିଶିଥିବା ମିଛ ପ୍ରଚାର ମଧ କରାଯାଇଥିବା। ବାପି ଆଜି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି ବାମନ କମ୍ପନିରେ କାର୍ଯ୍ୟରତ କିଛି ଶ୍ରମିକ ପଇସା ନପାଇଥିବା ବେଳେ କମ୍ପାନୀ ପଳାଇଲା।ଉକ୍ତ କମ୍ପାନୀ ଉପରେ ବାକି ଥିବା ୬୪୦ ଜଣ ଠିକା ଶ୍ରମିକଙ୍କ ପାଖାପାଖି ୧ କୋଟି ୨୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱଟଙ୍କା ଆମ ସଂଗଠନ କେନ୍ଦ୍ରୀୟ ଉପ ମୁଖ୍ୟ ଶ୍ରମ କମିସନରଙ୍କ ନିକଟରେ ଅଭିଯୋଗ ପରେ କମ୍ପାନୀ ଆସି ଶ୍ରମିକମାନଙ୍କ ପାଉଣା ପ୍ରଦାନ କରିଛି। ଏକ ନିର୍ଦ୍ଦିଷ୍ଟ ଶ୍ରମିକ ସଂଗଠନ ବଦନାମ ହୋଇଥିବା ବେଳେ ତାଙ୍କ ପାଖକୁ ଆଉ କୌଣସି ଶ୍ରମିକ ଯାଉନଥିବା ବେଳେ ତାଙ୍କ ପାଖରେ ଥିବା କିଛି ସ୍ୱଳ୍ପ ଶ୍ରମିକଙ୍କୁ ଧରି ଲୋକ ଦେଖାଣିଆ ମିଶ୍ରଣପର୍ବ କରି ବାପି ସର୍ଖେଲଙ୍କ ଶ୍ରମିକ ସଙ୍ଗଠନକୁ ଶ୍ରମିକ ମାନେ ଛାଡି ଆମ ସହ ଯୋଗ ଦେଉଥିବା ଏକ ଅପପ୍ରଚାର ଆରମ୍ଭ କରାଯାଇଥିବା ବାପି ସର୍ଖେଲ ଆଜି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ପ୍ରକାଶ କରିଛନ୍ତି।ଶ୍ରମିକ ଭାଇମାନେ ଜାଣିଛନ୍ତି ପାରାଦୀପରେ କିଏ ଶ୍ରମିକମାନଙ୍କ ପାଇଁ ଲଢେଇ କରୁଛି। ମିଛ କଥା କହି ଶ୍ରମିକ ମାନଙ୍କମନରେ ଏକ ଭ୍ରାନ୍ତ ଧାରଣା ସୃଷ୍ଟି କରୁଥିବା ଶ୍ରମିକ ସଂଗଠନ ଠାରୁ ଶ୍ରମିକ ଭାଇମାନେ ଦୁରେଇ ରହିବାକୁ ବାପି ସର୍ଖେଲ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ନିବେଦନ କରିଛନ୍ତି।

# ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଯୋଗ ଦିବସ ପାଳିତ

ନାଉଗାଁ,(ସବ୍ୟୁ) : ରବିବାର ସରକାରୀ ଉଚ୍ଚ ବିଦ୍ୟାଳୟ ନାଉଗାଁହାଟ ପ୍ରାଙ୍ଗଣରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସନ୍ତୋଷୀ ସେଠୀଙ୍କ ସଭାପତିତ୍ୱରେ ଏବଂ ଏନସିସି ଶିକ୍ଷକ ତଥା ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ଶ୍ରୀମାନ ମାନସ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ରୂପେ ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇ ଯୋଗ ଦାରା ନିରୋଗ ରହିବା ଓ ସୁସ୍ଥ ଜୀବନ ଯାପନ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି ଯୋଗଦେଇ ଯୋଗର ଉପଯୋଗିତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ପତଞ୍ଜଳିର ଯୋଗଗୁରୁସୋମନାଥ ପ ଣ୍ଡା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଆସନ ଓ ପ୍ରାଣାୟାମ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ , ଶିକ୍ଷୟିତ୍ରୀ , ଶିକ୍ଷା କର୍ମଚାରୀ ଏବଂ ଏନସିସି କ୍ୟାଡେଟ ସହଯୋଗ କରିଥିଲେ ।

# ବ୍ଲକସ୍ତରୀୟ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ରାଜନଗର,(ସବ୍ୟୁ) : ରାଜ୍ୟ ସରକାରଙ୍କ ସଫଳତାର ଦୁଇ ବର୍ଷ ପୂର୍ତ୍ତି ପାଳନ ଅବସରରେ ରାଜନଗରରେ ବ୍ଲକସ୍ତରୀୟ ବିକାଶର ଧାରା ଓଡିଶା ସାରା ୫ ଦିବସୀୟ କାର୍ଯ୍ୟକ୍ରମ ସୋମବାର ରାଜନଗର ବ୍ଲକ ପରିସରରେ ଉଦଘାଟିତ ହୋଇଯାଇଛି । ରାଜନଗର ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ରାଜ୍ୟ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଡ଼ିଓ ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ଯୀଶୁ କ୍ରିଷ୍ଣା ଦାସ, ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର ରଶ୍ମି ରଞ୍ଜନ ମହାନ୍ତି, ସିଡିପିଓ ରୁପାଲୀ ମିଶ୍ର, ସାମ୍ବାଦିକ ଭାସ୍କର ରାଉତରାୟଙ୍କ ସମେତ ଯୋଗାଣ ଅଧିକାରୀ, କୃଷି ଅଧିକାରୀ, ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।କାର୍ଯ୍ୟକ୍ରମକୁ କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ମାଝୀ, ବିଏସଏସଓ ମନୋଜ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ପାତ୍ର ଦଶ ଜଣ ଅନ୍ନପୂର୍ଣ୍ଣା ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା କାର୍ଡ ଓ କୋଡିଏ ଜଣ ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ବଣ୍ଟନ କରିଥିଲେ ।

# ସିଦ୍ଧମହାବୀରଙ୍କ ନବମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

କୁଆଖିଆ,(ସବ୍ୟୁ) :ରସୁଲପୁର ବ୍ଲକ ଅନ୍ତର୍ଗତ ଟିକରପଡା ପଂଚାୟତ କୁଜିବରପୋଡା ଜାଗୁଲାଇ ଗ୍ରାମର ଶ୍ରୀ ଶ୍ରୀ ସଙ୍କଟ ମୋଚନ ସିଦ୍ଧମହାବୀର ଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅଙ୍କୁରରୋପଣ,ଧ୍ୱଜାରୋହଣ ପରେ ଆରମ୍ଭ ହୋଇ ଆଜି ପୂର୍ଣ୍ଣାହୂତି ହୋଇଛି । ସିଦ୍ଧମହାବୀରଙ୍କ ବିଶ୍ୱଶାନ୍ତି ଯଜ୍ଞ ଓ ଅନ୍ୟ କାର୍ଯ୍ୟକ୍ରମ ବାର୍ଷିକ ଯଜ୍ଞ ବିଭିନ୍ନ କାର୍ଯ୍ୟକ୍ରମ କଳସ ଶୋଭାଯାତ୍ରା ଆଦି ବେଶ ଉପଭୋଗ୍ୟ ହୋଇଥିଲା । କର୍ତାବିଜୟ କୁମାରନାୟକ,ରଞ୍ଜୟ ମଲିକ, ସୁନୀଲ ମହାନ୍ତି ଯଜ୍ଞ ବିଧି ପରିଚାଳନା କରୁଥିବା ବେଳେ ପଣ୍ଡିତ ବୃନ୍ଦ, ପୂଜାଦୀ କର୍ମକାଣ୍ଡ ନିର୍ବାହ କରଥିଲେ । ଏହି ଯଜ୍ଞରେ ବେଦପାଠ, ସୂର୍ଯ୍ୟ, ଗୋ ପୂଜା,ନାମ ସଂକୀର୍ତ୍ତନ କରାଯାଇଥିଲା। ସିଦ୍ଧମହାବୀର କମିଟିସୁଶାନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ବେହୁରାୟ, ପ୍ରଭୁଦତ୍ତ ବେହୁରାୟ, ପ୍ରଶାନ୍ତ ମହାନ୍ତି, ବ୍ରଜ କିଶୋର ରାଉତ, ରାହାସ ବିହାରୀ ମଲିକ, ଚନ୍ଦ୍ରଶେଖର ବେହୁରାୟ, ସୋମନାଥ ପାଣି, ଅଜୟ ନାୟକ, ରବୀନ୍ଦ୍ର ପାତ୍ର, ପ୍ରକାଶ ମଲିକ, ଅର୍ଜୁନ ବିଶ୍ୱାଳ, ରାମଚନ୍ଦ୍ର ରାଉତ, ସଞ୍ଜୟ ମଲିକ, ପୂର୍ଣ୍ଣ ଚନ୍ଦ୍ର ନାୟକ, ମନ୍ମଥ ନାୟକ, ସନ୍ତୋଷ ମଲିକ ଗ୍ରାମବାସୀ ସମସ୍ତେ ଯଜ୍ଞ ପରିଚାଳନା କରୁଛନ୍ତି । ଯଜ୍ଞ ସ୍ଥଳକୁ ବିଭିନ୍ନ ଦିନରେ ବିଧାୟକ ଆକାଶ ଦାସ ନାୟକ, ଭବ ପ୍ରସାଦ ଦାସ ବୁଲି ମହାବୀରଙ୍କ ଦର୍ଶନ ଲାଭ କରିଥିଲେ ।

# ଯାଜପୁର ଜିଲ୍ଲା କୋର୍ଟ ପରିସରରେ ଯୋଗ ଦିବସ ପାଳିତ

ଯାଜପୁର ସଦର,(ସବ୍ୟୁ) : ଯାଜପୁର ଜିଲ୍ଲା କୋର୍ଟ ପରିସରରେ ବିଶ୍ୱ ଯୋଗ ଦିବସ ଉପଲକ୍ଷେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଦୌରା ଜଜ ତଥା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଅମୃତ ରଞ୍ଜନ ନନ୍ଦ ଏହି ଶିବିରକୁ ଉଦଘାଟନ କରିଥିଲେ । ଜିଲ୍ଲା କୋର୍ଟର ସମସ୍ତ ବିଚାରପତି ବୃନ୍ଦ ଏବଂ କର୍ମଚାରୀମାନେ ଶିବିରରେ ଅଂଶଗ୍ରହଣ କରିଥିଲେ । ଦୈନିକ ଦିନଚର୍ଯ୍ୟାରେ କିପରି ଯୋଗାଭ୍ୟାସ, ଆସନ ଓ ପ୍ରାଣାୟାମକୁ ସାମିଲ କରି ନିଜକୁ ସୁସ୍ଥ ରଖିପାରିବେ, ସେ ସମ୍ପର୍କରେ ଯୋଗଗୁରୁ ବିକାଶ ଚନ୍ଦ୍ର ସାହୁଙ୍କଠାରୁ ଶିକ୍ଷା ନେଇଥିଲେ । ଏହି ଶିବିରକୁ ଜିଲ୍ଲା କୋର୍ଟର ରେଜିଷ୍ଟ୍ରାର ପଲ୍ଲବୀ ରାଣୀ ସାହୁ ଏବଂ ଆଇନ ସେବା ପ୍ରାଧିକରଣର ସଚିବ ଲିପା ମହାନ୍ତି ପରିଚାଳନା କରିଥିଲେ ।

# ଯୁବସାମ୍ବାଦିକଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା


କୁଆଁପାଳ ,(ସବ୍ୟୁ) : ମାହାଙ୍ଗା ବ୍ଲକ ଅଂଚଳର ଯୁବ ସାମ୍ବାଦିକ ଦୀପକ କୁମାର ସାହୁଙ୍କ ଅସମୟରେ ବିୟୋଗ ମାହାଙ୍ଗା ଅଂଚଳ ପାଇଁ ଅପୂରଣୀୟ କ୍ଷତି ବୋଲି ଦୀପକଙ୍କ ସ୍ମୃତିରେ ଆୟୋଜିତ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ମାହାଙ୍ଗା ଅଂଚଳର ସାମ୍ବାଦିକ,ବୁଦ୍ଧିଜିବୀ ଓ ସାମାଜିକ କର୍ମୀମାନେ ମତ ବ୍ୟକ୍ତ କରିଥିଲେ। କୁଆଁପାଳ ସନ୍ନିକଟ ବଣ୍ଟୁଆ ମହାପୁରୁଷଙ୍କ ପୀଠରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ସାମ୍ବାଦିକ ତଥା ସମବାୟବିତ୍ ଅଖିଳେଶ ପଦ ମହାନ୍ତି ଅଧକ୍ଷତା କରିଥିଲେ। ସାମ୍ବାଦିକ ସତ୍ୟବ୍ରତ ବାରିକ,ରଶ୍ମିରଞ୍ଜନ ମହାନ୍ତି,ତାପସ ବିଶ୍ୱାଳ,ଧନେଶ୍ୱର ସେଠୀ,ବିଜୟ ଜେନା,ରବି ନାରାୟଣ ଦାସ,ପ୍ରଦୀପ୍ତ ମହାରଣା,ହେମନ୍ତ ଦାସ,ରମେଶ ଦାସ,ବିକାଶ ମହାନ୍ତି,ମହେଶ୍ୱର ବେହେରା,ଶ୍ୟାମ ସୁନ୍ଦର



ପ ଲେ ଇ , ସ ମା ଜ ସେ ବୀ ଶିବଚରଣ ଜେନା,କ୍ରୀଷ୍ଣକାନ୍ତ ଢ଼ଷଙ୍ଗୀ,ଡଲି ବେହେରା, ଜଗନ୍ନାଥ ମଲିକ,ରଞ୍ଜନ ବାରିକ,ଯଜ୍ଞେଶ୍ୱର ବିଶ୍ୱାଳ,ରାମକୃଷ୍ଣ ସାହୁ,ସୁରେଶ ବଳ,ଦିବାକର ରାଉତ,ଉତମ ରାଉତ,ପ୍ରଦୀପ୍ତ ବିଶ୍ୱାଳ,ହିମାଂଶୁ ପୃଷ୍ଟି ,ଅଭିଷେକ ରାୟ,ଆଲୋକ ସେଠୀ ପ୍ରମୁଖଙ୍କ ସମେତ ଅନେକ ସାମ୍ବାଦିକ ଯୋଗ ଦେଇଥିଲେ।

# ପାରାଦୀପ କଷ୍ଟମ କାର୍ଯ୍ୟାଳୟରେ ଯୋଗ ଦିବସ

ପାରାଦୀପ, (ଜିପ୍ର) : ପାରାଦୀପ କଷ୍ଟମ ବିଭାଗ କାର୍ଯ୍ୟାଳୟରେ ଆଜି ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହିଅଯାଇଛି ସହକାରୀ କଷ୍ଟମ କମିଶନର ଶୁଭେନ୍ଦୁ ମହାନ୍ତି ଓ କଷ୍ଟମ ଇନ୍ସପେକେଟର ଜ୍ୟୋତି ପ୍ରକାଶ ରାଉତଙ୍କ ପ୍ରତେକ୍ଷ ତତ୍ୱାବଧାନରେ ସମସ୍ତ କର୍ମଚାରୀ ଏହି ଯୋଗ ଦିବସରେ ନିଜକୁ ସାମିଲ କରିଥିଲେ ପ୍ରାତଃରେ ସମସ୍ତେ ଏକତ୍ରିତ ହୋଇ ଯୋଗ କରିଥିବା ଦେଖିବାକୁ ମିଳିଥିଲା ଦୀର୍ଘ ସମୟ ଯୋଗ କରି ସମସ୍ତ ଉଚ୍ଚ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନେ ମଧ୍ୟ ଯୋଗ କରିଥିଲେ। ଯୋଗ



ଦ୍ୱାରା ମଣିଷ ନିରୋଗ ହେବ ଓ ଏକ ସୁସ୍ଥ ଜୀବନ ଜାପାନ କରି ପାରିବ ବୋଲି ସହକାରୀ କମିସନର ଶୁଭେନ୍ଦୁ ମହାନ୍ତି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ

# ନିଶା ନିବାରଣ କେନ୍ଦ୍ର ମୃତ୍ୟୁ ମାମଲା : ୯ ଗିରଫ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଥାନା ଜାରକା ପଣ୍ଡୁଆସ୍ଥିତ ସୁଧାରପଥ ନିଶା ନିବାରଣ କେନ୍ଦ୍ରରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାରେ ପୁଲିସ ନିଶାନିବାରଣ କେନ୍ଦ୍ରର ମାଲିକ ସମେତ ୯ ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଏ ନେଇ ଯାଜପୁର ରୋଡ ଏସ ଡି ପି ଓ ଶରତ ଚନ୍ଦ୍ର ପାତ୍ର ଧର୍ମଶାଳା ଥାନା ପରିସରରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୁଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନେ ନିଶାନିବାରଣ କେନ୍ଦ୍ରର ମାଲିକ ଏହି ଥାନା ବଡମଙ୍ଗଳପୁର ଗ୍ରାମର ରବିନାରାୟଣ ପଣ୍ଡାଙ୍କ ପୁଅ ରଶ୍ମିରଞ୍ଜନ ପଣ୍ଡା(୩୫), ଅନ୍ତେବାସୀ କୁଆଖିଆ ଥାନା କଲଣ ଗ୍ରାମର ରମେଶ ଚନ୍ଦ୍ର ସାହୁଙ୍କ ପୁଅ ସିଦ୍ଧାର୍ଥ ଶେଖର ସାହୁ (୩୧), ଭଦ୍ରକ ଜିଲ୍ଲା ଧୁଶୁରୀ ଥାନା ଆରଡି ଗ୍ରାମର ପ୍ରଶାନ୍ତ କୁମାର ଦାସଙ୍କ ପୁଅ ଚନ୍ଦନ କୁମାର ଦାସ (୨୮),ବିଂଝାରପୁର ଥାନା ସ୍ୱାଇଁକୁଳ ଗ୍ରାମର ପ୍ରଶାନ୍ତ କୁମାର ରଥଙ୍କ ପୁଅ ବିଶ୍ୱଜିତ ରଥ (୨୨),ଧର୍ମଶାଳା ଥାନା ଚକ୍ରୋଡା ଗ୍ରାମର ରବିନ୍ଦ୍ର ପଣ୍ଡାଙ୍କ ପୁଅ ମହେନ୍ଦ୍ର ପଣ୍ଡା(୩୨) , କେନ୍ଦୁଝର ଜିଲ୍ଲା ମଣ୍ଡାଉ ଥାନା ଟିକଗୁମୁରା ଗ୍ରାମର ସୁନିଲ ପ୍ରସାଦଙ୍କ ପୁଅ ସୁମିତ ପ୍ରସାଦ (୪୦), ଏହି ଥନା ଜାରକା ଅଂଚଳର କୈଳାସ ପାତ୍ରଙ୍କ ପୁଅ କଉସିକ ପାତ୍ର ((୨୫) ,ଏହି ଥାନା ଉତରଶାଶନ ଗ୍ରାମର ଭାସ୍କର ଶତପଥୀଙ୍କ ପୁଅ ଆଶିଶ ଶତପତୀ(୩୫) ଓ ବାଲେଶ୍ୱର ଜିଲ୍ ଟାଉନ ଥାନା ସୁନହାଟ ଗ୍ରାମର ପ୍ରଭଞ୍ଜନ ପାଣିଙ୍କ ପୁଅ ମିମାଂଶୁ ପାଣି (୨୨) ବୋଲି ଜଣାପଡିଛି। ଗତ ୧୯ ତାରିଖ ସକାଳେ ଭଗବାନପୁର ଗ୍ରାମର ରାଜୀବ ବାରିକ (୩୮)ଙ୍କୁ ଅନ୍ତେବାସୀମାନଙ୍କ ଚୁଟି ଓ ଦାଢ଼ି କାଟିବା ପାଇଁ ଡକାଯାଇଥିଲା। ଖବର ପାଇ ରାଜିବ ନିଜ ପୁଅ ଚନ୍ଦନ ବାରିକକୁ ସାଙ୍ଗରେ ନେଇ ଜାରକାସ୍ଥିତ ସୁଧାରପଥ ନିଶା ନିବାରଣ କେନ୍ଦ୍ରକୁ ଆସିଥିଲେ। ସେଠାରେ ଡେରି ହେବାରୁ ବାପାଙ୍କର କାମ ବିଳମ୍ବ ହେବା କହି ଅନ୍ତେବାସୀମାନେ ତାଙ୍କ ପୁଅକୁ ଘରକୁ ପଠାଇ ଦେଇଥିଲେ। ଅପରାହ୍ନ ୪ଟା ବେଳେ ଏକ ଅଜଣା ଫୋନ୍ କଲ୍ ମାଧ୍ୟମରେ ତାଙ୍କ ପନୀ ତୁଳସୀ ବାରିକଙ୍କୁ ସୂଚନା ମିଳିଥିଲା ଯେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଛି ଏବଂ ସେମାନେ ଧର୍ମଶାଳା ମେଡିକାଲରେ ଅଛନ୍ତି । ଏହି ଘଟଣାକୁ ନେଇ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଛି ବୋଲି ପନୀ ତୁଳସୀ ବାରିକ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ୨୫୨/୨୬ରେ ଏକ ମମଲା ରୁଜୁ କରି ୯ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୁଲିସ ସୁଚନା ଦେଇଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଧର୍ମଶାଳା ଥାନା ଅଧିକାରୀ ଚିନ୍ମୟୀ ସାହୁ ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଛଟେଇ ପ୍ରତିବାଦରେ ଓଡ଼ିଶା ସ୍ୱାସ୍ଥ୍ୟମିତ୍ର ସଂଘର ଆନ୍ଦୋଳନ



ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ୯୯୩ ସ୍ୱାସ୍ଥ୍ୟମିତ୍ରଙ୍କ ଅନ୍ୟାୟ ଛଟେଇ ପ୍ରତିବାଦରେ ସୋମବାର ଦିନ ପିଏମଜି ଠାରେ ଆନ୍ଦୋଳନ କରିଛନ୍ତି । ସଂଘର ସଭାପତି - ରୀତାଞ୍ଜଳି ବେହେରା, ସମ୍ପାଦକ - ମାନସ କୁମାର ଲେଙ୍କା, ବରିଷ୍ଠ ଉପଦେଷ୍ଟା - ସୁଦର୍ଶନ ଛୋଟରାୟ, ରାଜ୍ୟ ଆଉଟସୋର୍ସିଂ ଫେଡେରେସନ ସଭାପତି - ପ୍ରଭାତ ମହାନ୍ତି ପ୍ରମୁଖ ରାଜ୍ୟ ସରକାରଙ୍କ ଶାସନର ଦୁଇବର୍ଷ ଉତ୍ସବ ପାଳନ କରୁଥିବା ବେଳେ ରାଜ୍ୟର ୯୯୩ଜଣ ସ୍ୱାସ୍ଥ୍ୟମିତ୍ରଙ୍କୁ ଅନିଶ୍ଚିତ ଭବିଷ୍ୟତ ମଧ୍ୟକୁ ଠେଲି ଦେଇଛନ୍ତି । ତୁରନ୍ତ ସମସ୍ତ ସ୍ୱାସ୍ଥ୍ୟମିତ୍ରଙ୍କୁ ନିୟମିତ କରିବା ସହ ସରକାରୀ ଡାକ୍ତରଖାନାରେ ନିଯୁକ୍ତି ଦେବା ପାଇଁ ନିବେଦନ କରିଛନ୍ତି।ଗତ ୮ ବର୍ଷ ଧରି ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିଆସୁଥିବା ୯୯୩ ଜଣ ସ୍ୱାସ୍ଥ୍ୟମିତ୍ରଙ୍କୁ ଅଚାନକ ଛଟେଇ କରିବା ନିଷ୍ପତ୍ତିକୁ 'ଅଲ ଓଡ଼ିଶା ସ୍ୱାସ୍ଥ୍ୟମିତ୍ର ସଂଘ' ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ରାଜ୍ୟର ୩୦ଟି ଜିଲ୍ଲାର ୭୦୦ରୁ ଉର୍ଦ୍ଧ୍ୱ ବେସରକାରୀ ଚିକିତ୍ସାଳୟରେ ରୋଗୀସେବା ଏବଂ ସରକାରୀ ସ୍ୱାସ୍ଥ୍ୟ ଯୋଜନାର ସଫଳ ରୂପାୟନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଏହି କର୍ମଚାରୀମାନଙ୍କୁ ଛଟେଇ କରିବା ନିଷ୍ପତ୍ତି ଲକ୍ଷାଧିକ ଗରିବ ରୋଗୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ସଂଘ ଆଶଙ୍କା ପ୍ରକାଶ କରିଛି।ସରକାରଙ୍କ ପରିବର୍ତ୍ତନ ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ବେଳେ କାହାରି ଚାକିରି ଯିବ ନାହିଁ ବୋଲି ପ୍ରତିଶ୍ରୁତି ମିଳିଥିଲା। ଏପରିକି ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ବିଧାନସଭାରେ ସ୍ୱାସ୍ଥ୍ୟମିତ୍ରମାନେ ଆରୋଗ୍ୟ ମିତ୍ର ଭାବେ କାର୍ଯ୍ୟ କରୁଥିବା ନେଇ ବୟାନ ଦେଇଥିଲେ। ହେଲେ ବର୍ତ୍ତମାନ ୨୯.୦୫.୨୦୨୬ରେ ସେମାନଙ୍କୁ ଛଟେଇ ନୋଟିସ ମିଳିଛି, ଯାହାକି ୩୦ ଜୁନ ୨୦୨୬ରେ କାର୍ଯ୍ୟକାରୀ ହେବ। ଏହି ୯୯୩ ଜଣ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୭୦% ମହିଳା ଅଛନ୍ତି। ନାରୀ ସଶକ୍ତୀକରଣ କଥା କହୁଥିବା ସରକାରଙ୍କ ଏଭଳି ନିଷ୍ପତ୍ତି ମହିଳା କର୍ମଚାରୀଙ୍କୁ ରାଜରାସ୍ତାକୁ ଠେଲି ଦେଇଛ ବୋଲି ସଂଘ ପକ୍ଷରୁ କୁହାଯାଇଛି । ସ୍ୱାସ୍ଥ୍ୟମିତ୍ରଙ୍କ ପ୍ରତି ହୋଇଥିବା ଅନ୍ୟାୟ ଛଟେଇ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରାଯିବା ସହ ସମସ୍ତ ସ୍ୱାସ୍ଥ୍ୟମିତ୍ରଙ୍କୁ ଚାକିରି ସୁରକ୍ଷା ପ୍ରଦାନ କରିବା ଓ ଆଉଟ ସୋର୍ସିଙ୍ଗ ପରି କୁତ୍ସିତ ପ୍ରଥାକୁ ଉଚ୍ଛେଦ କରି ସିଧା ସଳଖ ଡିପାର୍ଟମେଣ୍ଟ ଅଧୀନକୁ ନିଆଯାଉବୋଲି ଦାବି କରିସଂଘ ଆନ୍ଦୋଳନକୁ ଓହ୍ଲାଇଛି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

# ବିଶ୍ୱ ଯୋଗ ଦିବସ ପାଳିତ

ଅସ୍ତରଙ୍ଗ,(ସବ୍ୟୁ): ଅସ୍ତରଙ୍ଗ ବ୍ଲକ ପଡିଆରେ ରବିବାର ଦିନ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ଅସ୍ତରଙ୍ଗ ପଞ୍ଚାୟତ ସମିତି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଯୋଗ ମହୋତ୍ସବ ସମିତି -ଅସ୍ତରଙ୍ଗ ଶାଖା, ଈଶ୍ୱରୀୟ ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱ ବିଦ୍ୟାଳୟ ଆଦି ବିଭିଣ୍ଣ ଅନୁଷ୍ଠାନ ର ମିଳିତ ସହଭାଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୁବକ, ମହିଳା, ଛାତ୍ରଛାତ୍ରୀ, ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମର ଭାଇଭଉଣୀ,ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ । ଯୋଗ ଦିବସ ଉପରେ ଅନୁଷ୍ଠିତ ଆଲୋଚନା ସଭାରେ ଅତିଥି ଭାବେ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ପୁରୀ ବିଭାଗ ବୌଦ୍ଧିକ ପ୍ରମୁଖ ସୁଶାନ୍ତ କୁମାର ପରିଡା, ବୈଜ୍ଞାନିକ ଶଙ୍କର ପ୍ରସାଦ ଜେନା, ବ୍ରହ୍ମାକୁମାରୀ ରାଜଯୋଗିନୀ ପ୍ରଭାତୀ ଭଉଣୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦାନ କରି ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଯୋଗଗୁରୁ ଭାବେ ପ୍ରଶାନ୍ତ କୁମାର ନାୟକ, ଉଲ୍ଲାସ ଚନ୍ଦ୍ର ବେହେରା ଓ ଜୟୀରାମ ମୁଦୁଲିଙ୍କ ନେତୃତ୍ୱରେ ଯୋଗ ଅଭ୍ୟାସ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ପକ୍ଷରୁ ଶଶାଙ୍କ ଶେଖର ସେଠୀ, ଲକ୍ଷ୍ମୀପ୍ରିୟା ନାୟକ ଓ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ସମେତ ବିଭିନ୍ନ ଅଧିକାରୀ ଉପସ୍ଥିତ ରହିଥିଲେ ଏହି ଯୋଗ ଶିବିର କାର୍ଯ୍ୟକ୍ରମକୁ ସମାଜସେବୀ ଦୁଷ୍ମନ୍ତ ପରିଡ଼ା ପରିଚାଳନା କରିଥିଲେ ।

# ବାରଙ୍ଗ ୩୩ ନମ୍ବର ଜୋନରେ ବଦଳୁଛି ରାଜନୈତିକ ସମୀକରଣ

ଫୁଲନଖରା ,(ସବ୍ୟୁ): ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରଙ୍ଗ ବ୍ଲକର ୩୩ ନମ୍ବର ଜୋନ ଭୌଗୋଳିକ ସ୍ଥିତି ଓ ଜନସଂଖ୍ୟା ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଭାବେ ପରିଗଣିତ। ନଗରୀ, ସାଇଁସୋ, ହରିଅନ୍ତା, ଉଷୁମା, କୁରାଙ୍ଗ ପ୍ରଧାନ, କୁରାଙ୍ଗ ଶାସନ, ଖଲର୍ଦ୍ଦା ଓ କୋରକରା ପରି ଆଠଟି ପଞ୍ଚାୟତକୁ ନେଇ ଗଠିତ ଏହି ଜୋନକୁ ନିଆଳି ନିର୍ବାଚନ ମଣ୍ଡଳୀର ପ୍ରବେଶ ଦ୍ୱାର କୁହାଯାଏ। ରାଜନୈତିକ ଦୃଷ୍ଟିକୋଣରୁ ଏହାର ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ମୋହନ ସରକାର ଦୁଇ ବର୍ଷର ଶାସନ ପୂରଣ କରି ବିଭିନ୍ନ ସ୍ତରରେ ନିଜର ସଫଳତା ଏବଂ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ସକ୍ରିୟ ରହିଛନ୍ତି। ବ୍ଲକ ଓ ପଞ୍ଚାୟତ ସ୍ତରରେ ଆୟୋଜିତ କାର୍ଯ୍ୟକ୍ରମ ମାଧ୍ୟମରେ ଶାସକ ଦଳ ନିଜ ସଂଗଠନକୁ ମଜବୁତ କରିବା ସହ ଜନସାଧାରଣଙ୍କ ସହ ସମ୍ପର୍କ ବୃଦ୍ଧି କରୁଥିବା ଦେଖାଯାଉଛି। ଅନ୍ୟପକ୍ଷରେ, ୩୩ ନମ୍ବର ଜୋନରେ ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ ଆଲୋକ, ରାସନ କାର୍ଡ, ଭତ୍ତା, ଅନ୍ତୋଦୟ ଗୃହ ଯୋଜନା ଭଳି ଅନେକ ସମସ୍ୟା ଆଜି ମଧ୍ୟ ଲୋକଙ୍କ ପାଇଁ ଚିନ୍ତାର ବିଷୟ ହୋଇ ରହିଛି। ମହୀଧରପଡ଼ା-ଗୋବିନ୍ଦପୁର ରାସ୍ତାର ତ୍ରିନାଥ ବଜାରଠାରୁ ସନ୍ତୋଳ ପର୍ଯ୍ୟନ୍ତ ଅଂଶ ଦୀର୍ଘଦିନ ଧରି ଖରାପ ଅବସ୍ଥାରେ ଥିବାରୁ ଯାତାୟାତରେ ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ରାହ୍ମଣଝରିଲୋ। ରାୟପୁର ସ୍ଥିତ ଶୀତଳଭଣ୍ଡାର ଏପର୍ଯ୍ୟନ୍ତ ପୁନରୁଦ୍ଧାର କି ନବୀକରଣ ହୋଇପାରିନାହିଁ ଯାହାଦ୍ୱାରା ସ୍ଥାନୀୟ ଚାଷୀ ମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ୯ ସେହିପରି ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଆଖପାଖର ପ୍ରାୟ ୧୨ଟି ପଞ୍ଚାୟତର ଲୋକ ନିର୍ଭରଶୀଳ ଥିଲେ ମଧ୍ୟ ଦୀର୍ଘ ଦୁଇ ବର୍ଷ ଧରି ଏଠାରେ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ଅଭାବ ରହିଛି। ଏଥିସହ ପାରାମେଡିକାଲ କର୍ମଚାରୀଙ୍କ ପାଇଁ ଆବାସିକ ସୁବିଧା ନ ଥିବାରୁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହେଉଛି। ରାଜନୈତିକ ଦୃଷ୍ଟିରୁ ଦେଖିଲେ, ଗତ ଦୁଇଟି ବିଧାନସଭା ନିର୍ବାଚନରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। କଂଗ୍ରେସ ଧୀରେ ଧୀରେ ନିଜ ସଂଗଠନ ଓ ଜନାଧାର ହରାଇଥିବା ବେଳେ, ବିଜେଡି ଏହି ଅଞ୍ଚଳରେ ଏବେ ମଧ୍ୟ ପଞ୍ଚାୟତ ସ୍ତରରେ ନିଜର ଉପସ୍ଥିତି ରଖିଛି। ଅନେକ ସରପଞ୍ଚ, ସମିତି ସଭ୍ୟ ଏବଂ ବାରଙ୍ଗ ପଞ୍ଚାୟତ ସମିତିର ନେତୃତ୍ୱ ବିଜେଡି ସମର୍ଥିତ ଥିଲେ ମଧ୍ୟ ଜନସମସ୍ୟା ପ୍ରସଙ୍ଗରେ ସେମାନଙ୍କର ସକ୍ରିୟ ଆନ୍ଦୋଳନ କିମ୍ବା ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ଭଳି ପଦକ୍ଷେପ ସେତେଟା ଦେଖିବାକୁ ମିଳୁନାହିଁ।

# ଶିଖରପୁରରେ ପଞ୍ଚାୟତସ୍ତରୀୟ ଜନସମ୍ପର୍କ କାର୍ଯ୍ୟକ୍ରମ



ଖଣ୍ଡପଡ଼ା,(ସବ୍ୟୁ): ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଶିଖରପୁର ଠାରେ ପଞ୍ଚାୟତସ୍ତରୀୟ ବିକାଶର ଧାରା ଓଡ଼ିଶା ସାରା ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଶୁଭାରମ୍ଭ କରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ କିରଣବାଳା ସାହୁ ପୌରୋହିତ୍ୟ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱଜିତ ତ୍ରିପାଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡଃ ଅଭିଷାର ପଣ୍ଡା, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡ଼ିପିଓ) କନକଲତା ପୁଜାରୀ, ସମିତି ସଭ୍ୟ ନିର୍ମଳ ତ୍ରିପାଠୀ ଯୋଗଦେଇ ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ କରାଯାଇଥିବା ବିକାଶ କାର୍ଯ୍ୟକ୍ରମକୁ ନିଜସ୍ୱ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କେନ୍ଦ୍ର ସରକାର ୧୨ ବର୍ଷ ପୂରଣ କରିଥିବା ବେଳେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନାର ଲାଭ ଜନସାଧାରଣ କିଭଳି ଭାବେ ପାଇପାରିବେ ସେ ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋଜ କୁମାର ପ୍ରଧାନ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଖାଉଟି କାର୍ଡ, ନୂତନ ରାସନକାର୍ଡ, ମଧୁବାବୁ ପେନସନ ଯୋଜନାରେ ନୂତନ ଭତ୍ତା, ଆୟୁଷ୍ମାନ କାର୍ଡ ଓ ପଞ୍ଚାୟତର ଚାରି ଜଣ ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ବଣ୍ଟନ କରାଯାଇଥିଲା। ପୂର୍ବତନ ସରପଞ୍ଚ ତଥା ସମାଜସେବୀ ନବକିଶୋର ସାହୁ, ବନମାଳୀ ଦ୍ୱାରୀଙ୍କ ସମେତ ଗ୍ରାମର ଯୁବକମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ପଞ୍ଚାୟତ ଅଧୀନ ସମସ୍ତ ୱାର୍ଡର ମହିଳା, ପୁରୁଷ ଯୋଗଦେଇ ଥିବା ଜଣାଯାଇଛି।

## କ୍ରେସେଣ୍ଟା ଫର୍ଟିଲିଟିର ପ୍ରଥମ ବାର୍ଷିକ ଉତ୍ସବ ପାଳିତ

# ଭାରତର ପରିବର୍ତ୍ତିତ ଜନସଂଖ୍ୟା ଚିତ୍ର ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର,(ସବ୍ୟୁ): କ୍ରେସେଣ୍ଟା ଫର୍ଟିଲିଟି ତାହାର ପ୍ରଥମ ବାର୍ଷିକ ଉତ୍ସବକୁ ରବିବାର ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରିଛି। ଏହି ଅବସରରେ ଚିକିତ୍ସା କ୍ଷେତ୍ର, ଆଇଟି , ବ୍ୟାଙ୍କିଙ୍ଗ ଶିଳ୍ପ, ଗଣମାଧ୍ୟମ ଏବଂ ବିଭିନ୍ନ ସାମାଜିକ ସଂଗଠନର



ବିଶିଷ୍ଟ ଅତିଥିମାନେ ଯୋଗଦେଇଥିଲେ। ବୁର୍ଲା ମେଡ଼ିକାଲ କଲେଜ ପ୍ରଫେସର ଡ଼. ବେଣୁଧର ପାଣ୍ଡେ ସ୍ୱାଗତ ଅଭିଭାଷଣ ରଖି ବିଷୟ ବସ୍ତୁ ଉପରେ ବ୍ୟାପକ ଆଲୋଚନା କରିଥିବା ବେଳେ ଡ଼. ନିହାର ରଞ୍ଜନ ଭୋଇ ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ଓ ଆଧୁନିକ ଚିକିତ୍ସା ପଦ୍ଧତି ଉପରେ ମତ ରଖିଥିଲେ । ଭାରତର ପରିବର୍ତ୍ତିତ ଜନସଂଖ୍ୟା ଚିତ୍ର - ବୃଦ୍ଧାବସ୍ଥା ଆଡ଼କୁ ଅଗ୍ରସର ହେଉଥିବା ଦେଶ ଶୀର୍ଷକକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଳମ୍ବିତ ମାତୃତ୍ୱ-ପିତୃତ୍ୱ, ହ୍ରାସ ପାଉଥିବା ପ୍ରଜନନ ହାର ଏବଂ ପ୍ରଜନନ ସଚେତନତାର ଆବଶ୍ୟକତା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରାଯାଇଥିଲା। ଡା. ଦୀପକ ଶତପଥୀ ଭାରତର ପରିବର୍ତ୍ତିତ ଜନସଂଖ୍ୟା ପ୍ରବଣତା ଉପରେ ଏକ ବିଶେଷ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ କ୍ୟାରିୟର, କାର୍ଯ୍ୟ-ଜୀବନ ସନ୍ତୁଳନ ଏବଂ ପରିବାର ଯୋଜନା ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ଏଥିରେ ଯୋଗଦେଇ ବର୍ତ୍ତମାନ ପିଢ଼ୀ ସମ୍ମୁଖୀନ ହେଉଥିବା ସୁଯୋଗ ଓ ଆହ୍ୱାନ ସମ୍ପର୍କରେ ମତ ବିନିମୟ କରିଥିଲେ। ଏହି ଉତ୍ସବରେ ୨୦୦ରୁ ଅଧିକ ଅତିଥି ଉପସ୍ଥିତ ଥିଲେ। ପ୍ରଫେସର ପିସ ମହାପାତ୍ର, ପ୍ରଫେସର ଜିଡିସାହୁ, ପ୍ରଫେସର ତୁଷାର କର, ଡା. ପି କେ ଆଚାର୍ଯ୍ୟ, ଡା. ଦୀପକ ଶତପଥୀ, ଦେବସ୍ମିତା ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ଅରବିନ୍ଦ ଦାସ , ସସ୍ମିତା ଓ ପ୍ରଜ୍ଞାଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱ ଏହି କାର୍ଯ୍ୟକ୍ରମକୁ ଗରିମାମୟ କରିଥିଲେ।ସେମାନଙ୍କର ମୂଲ୍ୟବାନ ମତାମତ ଓ ପରାମର୍ଶ ଆଲୋଚନାକୁ ଅଧିକ ବୁଦ୍ଧିମନ୍ତ କରିଥିଲା। କ୍ରେସେଣ୍ଟା ଫର୍ଟିଲିଟିର ନେତୃତ୍ୱ ପକ୍ଷରୁ ସୁଲଭ ମୂଲ୍ୟରେ ଉନ୍ନତମାନର ପ୍ରଜନନ ଚିକିତ୍ସା ସେବା ପ୍ରଦାନ ପ୍ରତି ସଂସ୍ଥାର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରାଯାଇଥିଲା। ଗତ ଏକ ବର୍ଷ ମଧ୍ୟରେ ସଂସ୍ଥା ଓଡ଼ିଶାର ୨୦ଟି ଜିଲ୍ଲାରେ ନିଜର ସେବା ବିସ୍ତାର କରି ବିଶେଷଜ୍ଞ ପ୍ରଜନନ ସେବାକୁ ଅଧିକ ସଂଖ୍ୟକ ଦମ୍ପତି ଓ ପରିବାରଙ୍କ ନିକଟରେ ପହଞ୍ଚାଇପାରିଛି। ରାଜ୍ୟବ୍ୟାପୀ ନିଜର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବାର ଲକ୍ଷ୍ୟ ନେଇ କ୍ରେସେଣ୍ଟା ଫର୍ଟିଲିଟି ସୁଲଭତା, ସଚେତନତା ଓ ଉତ୍କର୍ଷତାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛି। ଭାରତର ପରିବର୍ତ୍ତିତ ଜନସଂଖ୍ୟା ଚିତ୍ରର ସମ୍ମୁଖୀନ ଆହ୍ୱାନ ଗୁଡ଼ିକର ମୁକାବିଲା ପାଇଁ ସମୟୋପଯୋଗୀ ପରିବାର ଯୋଜନା, ଜନସଚେତନତା ବୃଦ୍ଧି ଏବଂ ସମସ୍ତଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ସମାନ ସୁଯୋଗ ସୁନିଶ୍ଚିତ କରିବାର ଆହ୍ୱାନ ସହିତ କାର୍ଯ୍ୟକ୍ରମର ସମାପନ ହୋଇଥିଲା।

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ


ଦଶପଲ୍ଲା,(ସବ୍ୟୁ): ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଦଶପଲ୍ଲାର ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ ହୋଇଯାଇଛି । ରବିବାର ସ୍କୁଲ ଛୁଟି ଥିବା ବେଳେ ବିଭିନ୍ନ ବିଦ୍ୟାଳୟ ରେ ଏହି ଯୋଗ ଦିବସ ପାଳନ କରାଯାଇଛି । ଛୁଟି ସତ୍ତ୍ୱେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ସକାଳୁ ସକାଳୁ ପହଂଚି ଯୋଗ କରିଥିଲେ । ସେହିପରି ଦଶପଲ୍ଲା କୋର୍ଟ ପରିସରରେ ଯୋଗ ଦିବସ ପାଳିତ ହୋଇଯାଇଛି । ତାଲୁକ ଆଇନି ସେବା କମିଟି ଅଧ୍ୟକ୍ଷା ତଥା ଜେ ଏମ ଏଫ ସି ଦେବମାଳିନୀ ଐଶ୍ୱରୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଚାରପତି ଙ୍କ ସହ କୋର୍ଟ କର୍ମଚାରୀ ଓ ଆଇନିଜୀବୀ ମାନେ ଯୋଗ ଦେଇ ଯୋଗ କରିଥିଲେ । ସେହିପରି ଦଶପଲ୍ଲା ବ୍ଲକ ଓ ଏନ ଏ ସି ପକ୍ଷରୁ ମିଳିତ ଭାବେ ଦଶପଲ୍ଲା ବିଜୁପଟନାୟକ ଇଣ୍ଡୋର ଷ୍ଟାଡିଅମ ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ଆୟୋଜନ କରାଯାଇଥିଲା । ଏଥିରେ ବିଡ଼ିଓ ଶରତ ଚନ୍ଦ୍ର ମଲ୍ଲିକ,ଏନ ଏ ସି କାର୍ଯ୍ୟନିର୍ବାହି ଅଧିକାରୀ ଅଭିନାଶ ମହାନ୍ତି,ପୂର୍ବତନ ବିଧାୟକ ପୂର୍ଣଚନ୍ଦ୍ର ନାଏକ, ସାଂସଦ ପ୍ରତିନିଧି କିଶୋର ଚନ୍ଦ୍ର ଦଳାବେହେରା,ଅଞ୍ଜନ ଦାସ ଙ୍କ ସହ କାଉନସିଲର ଯୋଗ ଦେଇ ଯୋଗ କରିଥିଲେ । ଏହି ଯୋଗ ଦିବସ ରେ ଯୋଗ ହିଁ ନିରୋଗ ବୋଲି ଉପସ୍ଥିତ ନେତୃବୃନ୍ଦ ମତ ପ୍ରକାଶ କରିଥିଲେ ।

## ବଳିଦାନ ଦିବସରେ ମହାତ୍ମା ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି

# ଅଖଣ୍ଡଭାରତ, ଜାତୀୟ ଏକତା ଓ ରାଷ୍ଟ୍ର ନିର୍ମାଣର ବିଶ୍ୱକର୍ମା

ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତର ସ୍ୱାଧୀନତା ପରବର୍ତ୍ତୀ ରାଜନୈତିକ ଇତିହାସରେ ତଥା ଭାରତୀୟ ରାଜନୀତି, ଶିକ୍ଷା ଓ ଜାତୀୟତାବାଦୀ ଚିନ୍ତାଧାରାର ଏକ ଉଜ୍ଜ୍ୱଳ ନକ୍ଷତ୍ର। କେବଳ ଜଣେ ରାଜନେତା ନୁହନ୍ତି ବରଂ ଜଣେ ଶିକ୍ଷାବିତ, ଦୂରଦର୍ଶୀ ରାଷ୍ଟ୍ରଚିନ୍ତକ, ସଂଗଠକ ଏବଂ ଦୂରଦର୍ଶୀ ରାଷ୍ଟ୍ରନାୟକ ଭାବେ ଭାରତୀୟ ଇତିହାସରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି। ଭାରତର ଏକତା, ଅଖଣ୍ଡତାଏ ବଂସାଂସ୍କୃତିକ ଜାତୀୟତାରେ ତାଙ୍କର ଅବଦାନ ଅତୁଳନୀୟ ଓ ସ୍ୱାଧୀନ ଭାରତର ବିକଳ୍ପ ରାଜନୈତିକ ଚିନ୍ତାଧାରାର ମୂଳଦୁଆ ପକାଇବାରେ ତାଙ୍କର ଭୂମିକା ଐତିହାସିକ। ସ୍ୱାଧୀନତା ପରେ ଭାରତ ଯେତେବେଳେ ବିଭାଜନ ରକ୍ଷତ, ଶରଣାର୍ଥୀ ସମସ୍ୟା, ସୀମା ସଙ୍କଟ ଏବଂ ଜାତୀୟ ଏକତାର ଆହ୍ୱାନର ସମ୍ମୁଖୀନ ହେଉଥିଲା, ସେତେବେଳେଶ୍ୟାମା ପ୍ରସାଦ ମୁଖାର୍ଜୀ ଏକ ଶକ୍ତିଶାଳୀ ଜାତୀୟ ବିକଳ୍ପ ରାଜନୈତିକଧାରାର ଆବଶ୍ୟକତା ଅନୁଭବ କରିଥିଲେ। ସେହି ଚିନ୍ତାଧାରାରୁ୧୯୫୧ମସିହାରେ ଭାରତୀୟ ଜନସଂଘର ଉତ୍ପତ୍ତି ହୋଇଥିଲା, ଯାହାପରବର୍ତ୍ତୀସମୟରେଭାରତୀୟଜ ନତାପାର୍ଟିରୂପେବିକଶିତ ହୋଇ ବିଶ୍ୱର ସର୍ବବୃହତ ରାଜନୈତିକ ଶକ୍ତିର ମହାଦ୍ରୁମରେ ପରିଣତ ହୋଇଛି। ୨୩ ଜୁନ ହେଉଛି ସେହି ମହାନ ଜନନାୟକ ତଥା ଭାରତୀୟ ଜାତୀୟତାବାଦର ଅଗ୍ରଦୂତଙ୍କ ପୁଣ୍ୟତିଥି ତଥା ବଳିଦାନ ଦିବସ !

ଜନ୍ମ ଓ ଶିକ୍ଷା : ପଣ୍ଡିତ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ୧୯୦୧ମ ସିହା ଜୁଲାଇ ୬ତାରିଖରେ କୋଲକାତାରେ ହୋଇଥିଲା। ତାଙ୍କ ପିତା ଆଶୁତୋଷ ମୁଖାର୍ଜୀ ଜଣେ ପ୍ରଖ୍ୟାତ ଶିକ୍ଷାବିତ ଓ କଲିକତା ବିଶ୍ୱବିଦ୍ୟାଳୟର ଉପ-କୁଳପତି ଥିଲେ। ପିତାଙ୍କ ପରି ଶ୍ୟାମା ପ୍ରସାଦ ମଧ୍ୟ ଅସାଧାରଣ ମେଧାବୀ ଥିଲେ। ଏହା ସହିତ ମାତା ଯୋଗମାୟା ଦେବୀଙ୍କ ସ୍ନେହ ଓ ଆଦର୍ଶ ତାଙ୍କ ବ୍ୟକ୍ତିତ୍ୱ ଗଠନରେ ଗଭୀର ପ୍ରଭାବ ପକାଇଥିଲା। ସେ ୧୯୨୧ରେ ଇଂରାଜୀରେ ପ୍ରଥମ ଶ୍ରେଣୀ ସହ ସ୍ନାତକ ପାସ କରିବା ପରେ ୧୯୨୩ରେ ବଙ୍ଗୀୟ ଭାଷାରେ ଏମ୍ଏ ପାସ କଲେ। ଏହାପରେ ୧୯୨୪ରେ ବିଏଲ ଡିଗ୍ରୀ ହାସଲ କରି ୧୯୨୬ରେ ଇଂଲଣ୍ଡରୁ ବାରିଷ୍ଟର ହୋଇ ଫେରିଲେ। ୧୯୩୪ରେ ମାତ୍ର ୩୩ବର୍ଷ ବୟସରେ ସେ କଲିକତା ବିଶ୍ୱବିଦ୍ୟାଳୟର ସର୍ବକନିଷ୍ଠ କୁଳପତି ହେଲେ। ତାଙ୍କ କାର୍ଯ୍ୟକାଳରେ ଭାରତୀୟ ଭାଷା ଓ ସଂସ୍କୃତିକୁ ସେବିଶେଷ ପ୍ରୋତ୍ସାହନ ଦେଇଥିଲେ । ରବୀନ୍ଦ୍ରନାଥ ଠାକୁରଙ୍କୁ ବିଶ୍ୱବିଦ୍ୟାଳୟରେ ପ୍ରଥମଥର ବଙ୍ଗଳାରେ ଦୀକ୍ଷାନ୍ତ ଭାଷଣ ଦେବାକୁ ଆମନ୍ତ୍ରଣ କରିବା ତାଙ୍କର ଏକ ଐତିହାସିକ ପଦକ୍ଷେପ ଥିଲା। ତାଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟରେ ଅନେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା।



ରାଜନୈତିକ ଜୀବନର ଆରମ୍ଭ : ଶ୍ୟାମା ପ୍ରସାଦ ମୁଖାର୍ଜୀ ପ୍ରଥମେ ଶିକ୍ଷାକ୍ଷେତ୍ରରେ କାର୍ଯ୍ୟ କରୁଥିଲେହେଁ ପରବର୍ତ୍ତୀ ସମୟରେ ଦେଶସେବାର ଉଦ୍ଦେଶ୍ୟ ନେଇ ରାଜନୀତିରେ ପ୍ରବେଶ କରିଥିଲେ। ୧୯୨୯ ମସିହାରେ ସେ ବଙ୍ଗୀୟ ବିଧାନ ପରିଷଦକୁ କଂଗ୍ରେସ ପ୍ରାର୍ଥୀଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ପରେ କଂଗ୍ରେସର ନୀତିସହ ମତଭେଦ ହେତୁ ସେ ଇସ୍ତଫା ଦେଇଥିଲେ। ୧୯୪୧-୧୯୪୨ରେ ସେ ବଙ୍ଗଳାର ଅର୍ଥମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୪୩ ବଙ୍ଗ ଦୁର୍ଭିକ୍ଷ ସମୟରେ ସେ ବ୍ରିଟିଶ ସରକାରଙ୍କ ଉଦାସୀନତା ବିରୋଧରେ ସ୍ୱର ଉଠାଇ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେ ସର୍ବଦା ଜନସାଧାରଣଙ୍କ ସମସ୍ୟା ଓ ରାଷ୍ଟ୍ରୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିଲେ। ଦେଶବିଭାଜନ ପୂର୍ବରୁ ସେ ବଙ୍ଗର ହିନ୍ଦୁବସବାସୀ ଅଞ୍ଚଳ ଗୁଡ଼ିକୁ ଭାରତରେ ରଖିବା ପାଇଁ ଦୃଢ଼ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଉଦ୍ୟମ ଫଳରେ ପଶ୍ଚିମବଙ୍ଗ ଭାରତର ଅଂଶ ଭାବେ ରହିପାରିଥିଲା।

ବଙ୍ଗ ବିଭାଜନ ରୋକିବାରେ ଭୂମିକା: ୧୯୪୭ରେ ଯେତେବେଳେ ମୁସଲିମ୍ଲିଗ୍ସମ୍ପୂର୍ଣ୍ଣ ବଙ୍ଗଳାକୁ ପାକିସ୍ତାନରେ ମିଶାଇବାକୁ ଚାହୁଁଥିଲା, ଶ୍ୟାମାପ୍ରସାଦ ଦୃଢ଼ଭାବେ ଏହାର ବିରୋଧ କରିଥିଲେ। ସେ ଯୁକ୍ତି ବାଢ଼ିଥିଲେ ଯେ ବଙ୍ଗଳାର ହିନ୍ଦୁ ବହୁଳ ଅଞ୍ଚଳକୁ ଭାରତରେ ରଖାଯାଉ। ତାଙ୍କର ଅକ୍ଳାନ୍ତ ପରିଶ୍ରମ ଫଳରେ ଆଜିର ପଶ୍ଚିମବଙ୍ଗ, କଲିକତା ଓ ଦାର୍ଜିଲିଂ ଭାରତର ଅଂଶ ହୋଇ ରହିଛି। ଏହାହିଁ ତାଙ୍କ ଜୀବନର ସବୁଠାରୁ ବଡ଼ ରାଜନୈତିକ ଅବଦାନ।

ସ୍ୱାଧୀନ ଭାରତରେ ଅବଦାନ : ସ୍ୱାଧୀନ ଭାରତର ପ୍ରଥମ ମନ୍ତ୍ରିମଣ୍ଡଳରେ ସେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ନିମନ୍ତ୍ରଣରେ ଶିଳ୍ପ ଓ ଯୋଗାଣ ମନ୍ତ୍ରୀଭାବେ କାର୍ଯ୍ୟ କରିଥିଲେ। ସେ ଦେଶର ଔଦ୍ୟୋଗିକ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ । ତାଙ୍କ ସମୟରେ ଅନେକ ଶିଳ୍ପ ପ୍ରତିଷ୍ଠାନର ବିକାଶ ହୋଇଥିଲା। ତାଙ୍କ ସମୟରେ ଚିତ୍ତରଞ୍ଜନ ଲୋକୋମୋଟିଭ୍, ସିନ୍ଦ୍ରି ସାରକାରଖାନା ଓ ହିନ୍ଦୁସ୍ତାନ ଏୟାର କ୍ରାଫ୍ଟ ଭଳି ସଂସ୍ଥାର ମୂଳଦୁଆ ପଡିଥିଲା। ବିଶେଷ କରି ପୂର୍ବ ପାକିସ୍ତାନରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ଓ କେନ୍ଦ୍ରସରକାରଙ୍କ ନୀତିକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ପଣ୍ଡିତ ନେହେରୁ ଓ ଲିଆକତ ଅଲ୍ଲୀଙ୍କ ଦେଶ ବିରୋଧୀ ନୀତିଯୋଗୁ ସେ ମନ୍ତ୍ରୀପଦରୁ ଇସ୍ତଫା ଦେଇଥିଲେ। ପୂର୍ବ ପାକିସ୍ତାନରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ପ୍ରତି, ଚୁକ୍ତିରେ ଉପଯୁକ୍ତ ସୁରକ୍ଷା ନଥିବାରୁ ସେ ଅସନ୍ତୁଷ୍ଟ ଥିଲେ।

ଶ୍ୟାମା ପ୍ରସାଦଙ୍କ ବିଚାରଧାରା : ଡ଼. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବିଚାରଧାରା ସର୍ବଦା ଦେଶପ୍ରେମ, ସାହସ ଓ ଆଦର୍ଶବାଦ ଉପରେ ପର୍ଯ୍ୟବସିତ ଥିଲା । ସେ ସର୍ବଦା ରାଷ୍ଟ୍ରହିତକୁ ବ୍ୟକ୍ତିଗତ ସ୍ୱାର୍ଥ ଉପରେ ସ୍ଥାନ ଦେଇଥିଲେ। ଶିକ୍ଷା, ରାଜନୀତି ଓ ଜାତୀୟ ଏକତା କ୍ଷେତ୍ରରେ ତାଙ୍କ ଅବଦାନ ଆଜି ମଧ୍ୟ ପ୍ରେରଣାଦାୟକ। ଭାରତୀୟ ଲୋକତନ୍ତ୍ରରେ ବିକଳ୍ପ ରାଜନୀତିର ମୂଳଦୁଆ ପକାଇବା, ଜାତୀୟ ଏକତା ପାଇଁ ସଂଘର୍ଷ କରିବା ଏବଂ ଭାରତୀୟ ସଂସ୍କୃତିର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବା ଯୋଗୁଁ ସେ ସଦାସର୍ବଦା ସ୍ମରଣୀୟ ହୋଇ ରହିବେ। ତାଙ୍କର ବିଚାରଧାରା ଗୁଡିକ ହେଉଛି 'ରାଷ୍ଟ୍ରସର୍ବୋପରି' (ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ଦେଶର ସ୍ୱାର୍ଥ ବଡ଼), 'ସାଂସ୍କୃତିକ ରାଷ୍ଟ୍ରବାଦ' (ଭାରତର ଏକତାର ମୂଳହେଉଛି ଏହାର ସଂସ୍କୃତି), 'ଶିକ୍ଷାର ଗୁରୁତ୍ୱ' (ମାତୃଭାଷାରେ ଶିକ୍ଷା ଓ ଭାରତୀୟ ମୂଲ୍ୟବୋଧକୁ ଗୁରୁତ୍ୱ), 'ନୀତି ପାଇଁ ଇସ୍ତଫା' (ନିଜ ନୀତି ସହ ସାଲିସ ନକରିବାକୁ ଶ୍ୟାମାପ୍ରସାଦ ଦୁଇଥର ମନ୍ତ୍ରୀପଦ ତ୍ୟାଗ କରିଥିଲେ)।

ଭାରତୀୟ ଜନସଂଘର ସ୍ଥାପନା : ୧୯୫୧ ମସିହା ଅକ୍ଟୋବର ୨୧ରେ ଶ୍ୟାମାପ୍ରସାଦମୁ ଖାର୍ଜୀ ଭାରତୀୟ ଜନସଂଘ ପ୍ରତିଷ୍ଠା କରିଥିଲେ। ଏ ହାଥିଲା ସ୍ୱାଧୀନ ଭାରତରେ ଏକ ଶକ୍ତିଶାଳୀ ଜାତୀୟତାବାଦୀ ରାଜନୈତିକ ଆନ୍ଦୋଳନର ଆରମ୍ଭ। ଏହାର ମୂଳ ଉଦ୍ଦେଶ୍ୟ ଥିଲା ଏକ ସଶକ୍ତ, ଏକତାବଦ୍ଧ ଓ ସାଂସ୍କୃତିକ ଭାରତ ଗଠନ। ସେ ସର୍ବଦା କହୁଥିଲେ, ଗୋଟିଏ ଦେଶରେ ଦୁଇଟି ବିଧାନ, ଦୁଇଟି ପ୍ରଧାନ, ଦୁଇଟି ନିଶା ନଚଳିବ ନାହିଁ। ସେସର୍ବଦା ବିଶ୍ୱାସ କରୁଥିଲେଯେ ଭାରତର ସାଂସ୍କୃତିକ ପରମ୍ପରା, ଜାତୀୟ ଏକତା ଏବଂ ଦେଶପ୍ରେମ ହେଉଛି ରାଷ୍ଟ୍ରଗଠନର ମୂଳଆଧାର। ଦଳର ମୂଳ ଆଦର୍ଶ ଥିଲା । ଭାରତୀୟ ସଂସ୍କୃତି ଆଧାରିତ ଜାତୀୟତାବାଦ, ଅଖଣ୍ଡଭାରତ, ସାଂସ୍କୃତିକ ଏକତା, ଲୋକତନ୍ତ୍ର ଏବଂ ଜାତୀୟ ସ୍ୱାଭିମାନ। ଜନସଂଘ ବିଶ୍ୱାସ କରୁଥିଲା ଯେ ଭାରତ କେବଳ ଏକ ଭୌଗୋଳିକ ସୀମାରେଖା ନୁହେଁ, ବରଂ ଏହା ହଜାର ବର୍ଷର ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଐତିହାସିକ ଐକ୍ୟର ପ୍ରତୀକ। ତେଣୁ ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା କରିବା ଦଳର ସର୍ବୋଚ୍ଚ ପ୍ରାଥମିକତା ଥିଲା।

ଜାମ୍ମୁ-କାଶ୍ମୀର ପ୍ରସଙ୍ଗରେ ଶ୍ୟାମା ପ୍ରସାଦଙ୍କ ଭୂମିକା: ଜନସଂଘର ସବୁଠାରୁ ବଡ଼ ଆନ୍ଦୋଳନ ଥିଲା ଜାମ୍ମୁ-କାଶ୍ମୀରର ସମ୍ପୂର୍ଣ୍ଣ ଏକୀକରଣ। ସେତେବେଳେ ଜାମ୍ମୁ-କାଶ୍ମୀରର ନିଜସ୍ୱ ପତାକା, ଅଲଗା ସମ୍ବିଧାନ ଏବଂ ବିଶେଷ ସାମ୍ବିଧାନିକ ବ୍ୟବସ୍ଥା ଥିଲା। ସେତେବେଳେ ଜାମ୍ମୁ-କାଶ୍ମୀରରେ ପ୍ରବେଶ ପାଇଁ ଭାରତୀୟମାନଙ୍କୁ ପରମିଟ କରକାର ହେଉଥିଲା। ଏହି ବ୍ୟବସ୍ଥାକୁ ସେ ଦୃଢ଼ ଭାବରେ ବିରୋଧ କରୁଥିଲେ। ସେ ଏହାକୁ ଦେଶର ଅଖଣ୍ଡତା ପ୍ରତି ବିପଦ ବୋଲି କହୁଥିଲେ। ସେମାନେ କରୁଥିଲେଯେ ଭାରତର ଏକତା ଓ ଅଖଣ୍ଡତା ପାଇଁ ସମଗ୍ର ଦେଶରେ ଏକ ସମାନ ସାମ୍ବିଧାନିକ ବ୍ୟବସ୍ଥା ରହିବା ଆବଶ୍ୟକ। ତାଙ୍କର ପ୍ରସିଦ୍ଧ ସ୍ଲୋଗାନ ଥିଲା ଏକଦେଶରେ ଦୁଇବିଧାନ, ଦୁଇ ପ୍ରଧାନ ଓ ଦୁଇ ନିଶାନ ଚାଲିବ ନାହିଁ। ଏହି ନାରା କେବଳ ରାଜନୈତିକ ସ୍ଲୋଗାନ ନଥିଲା, ବରଂ ଭାରତର ସାର୍ବଭୌମତ୍ୱ ଓ ସମାନ ସାମ୍ବିଧାନିକ ବ୍ୟବସ୍ଥା ପ୍ରତି ତାଙ୍କର ଦୃଢ଼ବିଶ୍ୱାସର ପ୍ରତିଫଳନ ଥିଲା।



### ଜନସଂଘରୁ ଭାରତୀୟ ଜନତାପାର୍ଟି ପର୍ଯ୍ୟନ୍ତ ଐତିହାସିକ ଯାତ୍ରା

ରହସ୍ୟମୟ ମୃତ୍ୟୁ : ୧୯୫୩ ମେ ୧୧ରେ ବିନାପରମିଟରେ କାଶ୍ମୀର ପ୍ରବେଶ କରିବାରୁ ତାଙ୍କୁ ଗିରଫ କରାଗଲା। ଶ୍ରୀନଗରରେ ତାଙ୍କୁ ବନ୍ଦୀ କରି ରଖାଗଲା। କାରାବାସ ସମୟରେ ୨୩ଜୁନ୍ ୧୯୫୩ରେ ସନ୍ଦେହଜନକ ପରିସ୍ଥିତିରେ ବନ୍ଦୀ ଅବସ୍ଥାରେ ତାଙ୍କର ଦେହାନ୍ତ ହେଲା। ତାଙ୍କ ମୃତ୍ୟୁ ସାରାଦେଶକୁ ଦୋହଲାଇ ଦେଇଥିଲା। ତାଙ୍କ ବଳିଦାନ ପରେ ପରମିଟ ବ୍ୟବସ୍ଥା ଉଚ୍ଛେଦ ହେଲା ଏବଂ କାଶ୍ମୀର ସମ୍ପୂର୍ଣ୍ଣଭାବେ ଭାରତ ସହ ସଂଯୁକ୍ତ ହେବା ପ୍ରକ୍ରିୟା ଆରମ୍ଭ ହେଲା। ତାଙ୍କର ଏହି ବଳିଦାନ ଜନସଂଘର ଜାତୀୟ ଏକତା ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ କରିଥିଲା ସତ, କିନ୍ତୁ ଆଜି ମଧ୍ୟ ତାଙ୍କର ମୃତ୍ୟୁ ଭାରତୀୟ ରାଜନୀତିର ଏକ ଆଲୋଚିତ ଅଧ୍ୟାୟ ଭାବେ ରହିଛି।

ଅଖଣ୍ଡ ଭାରତର ଧାରଣା ଓ ବିଜେପିର ଉତ୍ପତ୍ତି : ଜନସଂଘ ଅଖଣ୍ଡ ଭାରତ ଧାରଣାକୁ ସମର୍ଥନ କରୁଥିଲା। ଏହାର ଅର୍ଥ ସାମରିକ ବିସ୍ତାର ନୁହେଁ, ବରଂ ଭାରତୀୟ ସଭ୍ୟତାର ସାଂସ୍କୃତିକ ଓ ଐତିହାସିକ ଏକତାର ସୁରକ୍ଷା। ଦଳ ମନେକରୁଥିଲାଯେ ବିଭାଜନ ଭାରତୀୟ ସମାଜର ଏକ ଦୁଃଖଦ ଅଧ୍ୟାୟ ଥିଲା ଏବଂ ଜାତୀୟ ଏକତାର ଭାବନାକୁ ସୁଦୃଢ଼ କରିବା ଆବଶ୍ୟକ। ୧୯୫୦ ଓ ୧୯୬୦ଦଶକରେ ଜନସଂଘ ଏକ ଛୋଟ ବିରୋଧୀଦଳ ଭାବେ କାର୍ଯ୍ୟ କରୁଥିଲା। କିନ୍ତୁ ଏହା ଜାତୀୟ ସୁରକ୍ଷା, ସୀମା ସୁଦୃଢ଼ୀକରଣ, ସ୍ୱଦେଶୀ ଅର୍ଥନୀତି ଏବଂ ସାଂସ୍କୃତିକ ପରିଚୟ ପ୍ରଶ୍ନରେ ନିଜର ସ୍ପଷ୍ଟ ମତ ରଖିଥିଲା। ଦୀନଦୟାଲ ଉପାଧ୍ୟାୟ ଏକାତ୍ମ ମାନବବାଦ ନୀତି ମାଧ୍ୟମରେ ଜନସଂଘର ବୈଚାରିକ ଆଧାରକୁ ଆହୁରି ସୁଦୃଢ଼ କରିଥିଲେ। ଏହି ଦର୍ଶନ ଅନୁଯାୟୀ ବିକାଶର କେନ୍ଦ୍ର ବିନ୍ଦୁ ହେଉଛି ମଣିଷ ଏବଂ ସମାଜର ସର୍ବାଙ୍ଗୀଣ ଉନ୍ନତି। ୧୯୭୫ ମସିହାରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା ହେବା ପରେ ଜନସଂଘର ନେତା ଓ କର୍ମୀମାନେ ଗଣତନ୍ତ୍ରର ସୁରକ୍ଷା ପାଇଁ ସଂଘର୍ଷ କରିଥିଲେ ଓ ଅନେକନେତା କାରାବରଣ କରିଥିଲେ। ଜରୁରୀକାଳ ପରେ୧୯୭୭ମସିହାରେ ଜନସଂଘ ଅନ୍ୟ ବିରୋଧୀ ଦଳମାନଙ୍କ ସହ ମିଶି ଜନତାପାର୍ଟି ଗଠନ କରିଥିଲା ଏବଂ ପ୍ରଥମଥର ପାଇଁ କେନ୍ଦ୍ରରେ ଅଣ-କଂଗ୍ରେସ ସରକାର ଗଠନ ହୋଇ ଥିଲା। ଏହାପରେ ୧୯୮୦ ମସିହାରେ ଜନତା ପାର୍ଟିରେ ମତଭେଦ ହେବା ପରେ ଜନସଂଘ ପରମ୍ପରାର ନେତାମାନେ ଭାରତୀୟ ଜନତାପାର୍ଟି ଗଠନ କରିଥିଲେ। ଅଟଳବିହାରୀ ବାଜପାୟୀ, ଲାଲକୃଷ୍ଣ ଆଡ଼ଭାନୀ, ମୁରଲୀ ମନୋହର ଯୋଶୀ ପ୍ରମୁଖ ନେତାମାନେ ଏହି ଦଳକୁ ଆଗକୁ ନେଇଥିଲେ। ବିଜେପି ଜନସଂଘର ମୂଳଆଦର୍ଶ-ଜାତୀୟତାବାଦ, ସୁଶାସନ, ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଏବଂ ଅଖଣ୍ଡଭାରତର ଧାରଣାକୁ ଅନୁସରଣ କରି ନିଜର ରାଜନୈତିକ ଯାତ୍ରା ଜାରି ରଖିଥିଲା। ୧୯୯୮ରୁ ୨୦୦୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ନେତୃତ୍ୱରେ ବିଜେପି ସରକାର ଦେଶର ଭିତ୍ତିଭୂମି ବିକାଶ, ଜାତୀୟ ରାଜପଥ ପ୍ରକଳ୍ପ,ଦୂରସଂଚାର କ୍ଷେତ୍ରର ବିକାଶ ଏବଂ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବାରେ ପଦକ୍ଷେପ ନେଇଥିଲା। ୨୦୧୪ ପର ଠାରୁ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଜେପି ସରକାର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛି। ସମର୍ଥକଙ୍କ ମତରେ, ଜାମ୍ମୁ-କାଶ୍ମୀରର ବିଶେଷ ମାନ୍ୟତା ଅପସାରଣ, ସୀମା ଭିତ୍ତିଭୂମି ବିକାଶ, ଡିଜିଟାଲ ସେବାବିସ୍ତାର, କଲ୍ୟାଣମୂଳକ ଯୋଜନାଓ ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକ ଜନସଂଘର ଦୀର୍ଘଦିନର କିଛି ଲକ୍ଷ୍ୟ ସହ ସମ୍ପର୍କିତ ପଦକ୍ଷେପ ଭାବେ ଦେଖାଯାଏ। ସେହି ସମୟରେ ଏହି ପଦକ୍ଷେପ ଗୁଡ଼ିକୁ ନେଇ ଭାରତୀୟ ରାଜନୀତିରେ ବିଭିନ୍ନ ମତ ଓ ଆଲୋଚନା ମଧ୍ୟ ରହିଛି। ଆଜି ଭାରତୀୟ ଜନତାପାର୍ଟି ନିଜକୁ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଚିନ୍ତାଧାରାର ଉତ୍ତରାଧିକାରୀ ଭାବେ ଉପସ୍ଥାପନ କରେ। ଜାତୀୟ ଏକତା, ସାଂସ୍କୃତିକ ଗୌରବ, ଆତ୍ମନିର୍ଭରତା, ସୁଶାସନ ଓ ବିକଶିତ ଭାରତର ସଂକଳ୍ପକୁ ଦଳ ତାହାର ପ୍ରମୁଖ ଲକ୍ଷ୍ୟ ଭାବେ ବର୍ଣ୍ଣନା କରିଥାଏ।

ଭାରତୀୟ ଜନସଂଘର ସ୍ଥାପନାରୁ ଆରମ୍ଭ କରି ଭାରତୀୟ ଜନତା ପାର୍ଟିର ବିକାଶ ପର୍ଯ୍ୟନ୍ତ ରଯାତ୍ରା ଭାରତୀୟ ଗଣତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ପଣ୍ଡିତ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଦ୍ୱାରା ରୋପିତ ଜାତୀୟ ଏକତା, ଅଖଣ୍ଡତା ଓ ସାଂସ୍କୃତିକ ଜାତୀୟତାର ଏହି ବୀଜ ଆଜି ଏକ ବୃହତ ରାଜନୈତିକ ଦ୍ରୁମରେ ପରିଣତ ହୋଇଛି। ଇତିହାସ ସାକ୍ଷୀଯେ, ଛୋଟ ଏକ ରାଜନୈତିକ ଆନ୍ଦୋଳନ ଭାବେ ଆରମ୍ଭ ହୋଇଥିବା ଜନସଂଘ କାଳକ୍ରମେ ଦେଶର ରାଜନୀତିର ଏକ ପ୍ରମୁଖ ଶକ୍ତିରେ ପରିଣତ ହୋଇଛି। ଏହି ଯାତ୍ରାର କେନ୍ଦ୍ରବିନ୍ଦୁରେ ରହିଛି ଜାତୀୟ ଏକତା, ଲୋକ ତାନ୍ତ୍ରିକ ମୂଲ୍ୟବୋଧ ଓ ଭାରତକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ଆତ୍ମ ବିଶ୍ୱାସୀ ରାଷ୍ଟ୍ରଭାବେ ଗଢ଼ିତୋଳିବାର ଆକାଂକ୍ଷା । ଏହି ଆକାଂକ୍ଷାର ପ୍ରତିଷ୍ଠାତା ପଣ୍ଡିତ ଶ୍ୟାମା ପ୍ରସାଦ ମୁଖାର୍ଜୀ କେବଳ ଜଣେ ରାଜନେତା ନଥିଲେ ବରଂ ସେ ଜଣେ ଯୁଗଦ୍ରଷ୍ଟା ନେତା ଥିଲେ ଯିଏ ଭାରତର ଏକତା, ଅଖଣ୍ଡତା ଓ ଗୌରବ ପାଇଁ ଆଜୀବନ ସଂଘର୍ଷ କରିଥିଲେ। ତାଙ୍କର ଚିନ୍ତାଧାରା, ଆଦର୍ଶ ଓ ବଳିଦାନ ଆଜି ମଧ୍ୟେ କୋଟିକୋଟି ଭାରତବାସୀଙ୍କୁ ପ୍ରେରଣା ଯୋଗାଉଛି। ତାଙ୍କ ଆଦର୍ଶ ଆମକୁ ଶିଖାଏ ଯେ ଜାତୀୟ ସ୍ୱାର୍ଥ, ଦୃଢ଼ ସଙ୍କଳ୍ପ ଓ ନିଷ୍ଠା ମାଧ୍ୟମରେ ଜଣେ ବ୍ୟକ୍ତି ଇତିହାସର ଗତିପଥକୁ ପରିବର୍ତ୍ତନ କରିପାରେ। ତାଙ୍କର ଏକଦେଶ, ଏକବିଧାନ ରସ୍ୱପ୍ନ ୨୦୧୯ରେ ଧାରା ୩୭୦ ଉଚ୍ଛେଦ ପରେ ସାକାର ହୋଇଛି। ସେହି କାରଣରୁ ପଣ୍ଡିତ ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତର ଇତିହାସରେ ଏକ ଅମର ନାମ ହୋଇ ରହିବେ।

ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କର ତିରୋଧାନ ଦିବସ ୨୩ ଜୁନ ଦେଶବାସୀ ବଳିଦାନ ଦିବସ ଭାବେ ପାଳନ କରୁଛନ୍ତି। ଏହି ଅବସରରେ ରାଜ୍ୟ ବିଜେପି ତରଫରୁ ସମସ୍ତ ଜିଲ୍ଲାରେ ଜିଲ୍ଲା କାର୍ଯ୍ୟକର୍ତ୍ତା ସମ୍ମିଳନୀ ଆୟୋଜନ କରାଯାଇଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଦେଶ ପାଇଁ ଅବଦାନ, କେନ୍ଦ୍ରମନ୍ତ୍ରୀଭାବେ ତାଙ୍କରଭୂମିକାଓଭାରତୀୟଜ ନସଂଘର ପ୍ରତିଷ୍ଠାତା ସଭାପତି ଭାବେ ତାଙ୍କର ବଳିଦାନ ଆଦି କୁନେଇ ଆଲୋଚନା କରାଯିବା ସହିତ ସମସ୍ତ ଶୈକ୍ଷଣିକ କ୍ଷେତ୍ରରେ ସ୍ମାରକୀ ସମ୍ମିଳନୀ ଆୟୋଜନ କରାଯାଉଛି।

**ଶ୍ରୀ ମନମୋହନସାମଲ**
**ରାଜ୍ୟ ସଭାପତି,**
**ଭାରତୀୟ ଜନତା ପାର୍ଟି, ଓଡିଶା**
**ଏବଂ ରାଜ୍ୟସଭା ସାଂସଦ**

## ସମ୍ପାଦକୀୟ

# ଜୀବନରେ ଯୋଗର ଆବଶ୍ୟକତା



ଚଳିତ ଜୁନ୍ ୨୧ରେ ଦ୍ୱାଦଶତମ ଅର୍ନ୍ତଜାତୀୟ ଯୋଗ ଦିବସ ଯେପରି ସାରା ବିଶ୍ୱରେ ପାଳିତ ହୋଇଛି, ଏହା ଆନନ୍ଦର ବିଷୟ । ଯୋଗ ଭାରତରେ କେବଳ ଯୋଗୀ ଋଷିମାନଙ୍କ ମଧ୍ୟରେ ସୀମିତ ନଥିଲା । ପୁରାକାଳରେ ଯେଉଁ ଗୁରୁକୁଳ ଆଶ୍ରମ ରହିଥିଲା, ସେଠାରେ ସ୍ୱାସ୍ଥ୍ୟରକ୍ଷା ପାଇଁ ଯୋଗ ଓ ବାହ୍ୟିକ ଆକ୍ରମଣର ମୁକାବିଲା ଲାଗି ଯୁଦ୍ଧ ବିଦ୍ୟା ମଧ୍ୟ ପାଠ୍ୟକ୍ରମର ଅର୍ନ୍ତଭୁକ୍ତ ଥିଲା । ଏପରିକି ରାମାୟଣ ଓ ମହାଭାରତରେ ଏହାର ଅନେକ ଦୃଷ୍ଟାନ୍ତ ମିଳିଥାଏ । କିନ୍ତୁ ଭାରତ ସ୍ୱାଧୀନତା ଲାଭ କଲା ପରେ, ଗାନ୍ଧିଜୀ ଭାରତର ରାଜନୀତିରେ ଆଧ୍ୟାତ୍ମିକତାକୁ ଯେପରି ସଂଯୁକ୍ତ କରିବାକୁ ଚାହୁଁଥିଲେ, ତାହା ସମ୍ଭବ ହୋଇ ନଥିଲା । ଏଇ କେତେବର୍ଷ ତଳେ ବାବା ରାମଦେବ ଯୋଗକୁ ଭାରତରେ ଲୋକପ୍ରିୟ କରିବାକୁ ଉଦ୍ୟମ କରିଥିଲେ । ଫଳରେ ଯୋଗ କ୍ରମଶଃ ଧୀରେ ଧୀରେ ଭାରତୀୟମାନଙ୍କ ଦୈନନ୍ଦିନ ଜୀବନ ସହିତ ଯୋଡ଼ି ହୋଇଗଲା । ଭାରତର ଏହି ଯୋଗ ପରମ୍ପରାକୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜଣେ ସଫଳ ପ୍ରଚାରକ ଭାରତର ପ୍ରଧାନମନ୍ତ୍ରୀ ହେବା ପରେ କେବଳ ଭାରତରେ ନୁହେଁ ସାରା ବିଶ୍ୱରେ ଆଦୃତ କରି ପାରିଥିଲେ । ତାଙ୍କରି ଉଦ୍ୟମରେ ଏଗାର ବର୍ଷ ତଳେ ଜୁନ୍ ୨୧ ତାରିଖକୁ ବିଶ୍ୱବାସୀ ଅର୍ନ୍ତଜାତୀୟ ଯୋଗ ଦିବସ ଭାବେ ପାଳନ କରିବାର ସୁଯୋଗ ମିଳିଥିଲା । ମୋଦିଜୀଙ୍କର ଏହି ଉଦ୍ୟମ ପ୍ରକୃତରେ ଭାରତର ଏକ ବଡ଼ ସଫଳତା ମଧ୍ୟରୁ ଗୋଟିଏ ବୋଲି କୁହାଯାଇ ପାରେ ।

**ଆମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମ୍‌ଠାରେ ରାଜ୍ୟସ୍ତରୀୟ ଯୋଗ ଦିବସରେ ଅଂଶଗ୍ରହଣ କରି ନିଜେ ଯୋଗାସନ କରିଥିଲେ । ସେ ମଧ୍ୟ ସେଠାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ରାଜ୍ୟର ଯୁବକ ଓ ଯୁବତୀମାନେ ମୋବାଇଲ ଫୋନ ଛାଡି ଅନ୍ତତଃ ଦୈନିକ ୨୦ ବା ୩୦ ମିନିଟ ପର୍ଯ୍ୟନ୍ତ ଯୋଗାଭ୍ୟାସ କରିବା ଉଚିତ । ...**

**ଦୁଃଖର କଥା 'ଯୋଗ'କୁ କେତେକ ଓଡ଼ିଆ ହିନ୍ଦୀ ଭାଷାର ଅନୁକରଣରେ 'ୟୋଗା' ବୋଲି କହୁଛନ୍ତି । ଏ ସବୁ ଅଭ୍ୟାସ ଓଡ଼ିଆମାନେ ପରିହାର କରିବା ଉଚିତ ।**

୨୦୧୫ରେ ଯେତେବେଳେ ପ୍ରଥମ ଅର୍ନ୍ତଜାତୀୟ ଯୋଗ ଦିବସ ମୋଦିଜୀଙ୍କ ନେତୃତ୍ୱରେ ପାଳନ କରା ଯାଇଥିଲା ଅନେକ ବିରୋଧୀ ଦଳର ନେତା ଓ ଆଉ କେତେକ ମୋଦିଜୀଙ୍କ ପ୍ରତି ଅସହିଷ୍ଣୁ ହୋଇ ପଡ଼ିଥିବା ଲୋକେ ଯୋଗ ବିରୋଧରେ ମଧ୍ୟ କହିବାକୁ ପଛାଇ ନଥିଲେ । ମାତ୍ର ସାରା ବିଶ୍ୱରେ ଯୋଗ ଏକପ୍ରକାର ସାମାଜିକ ଆନ୍ଦୋଳନରେ ପରିଣତ ହୋଇଥିଲା । ଭାରତର ଏହି ନେତୃତ୍ୱକୁ ଅନ୍ୟାନ୍ୟ ଅନେକ ରାଷ୍ଟ୍ର ଆଦର ସହକାରେ ଗ୍ରହଣ କରି ନେଇଥିଲେ ।

ଚଳିତ ବର୍ଷ ଅର୍ନ୍ତଜାତୀୟ ଯୋଗ ଦିବସର ଦ୍ୱାଦଶ ବର୍ଷରେ ଯୋଗର ପ୍ରଭାବକୁ ଅସ୍ୱୀକାର କରାଯାଇ ନପାରେ । ଗତ ଜୁନ ୨୧ରେ ଦ୍ୱାଦଶ ଅର୍ନ୍ତଜାତୀୟ ଯୋଗ ଦିବସର ଥିମ୍ ବା ବିଷୟବସ୍ତୁ ରଖା ଯାଇଥିଲା 'ବୟସ ବୃଦ୍ଧି ସହିତ ସୁସ୍ଥ ରହିବାକୁ ଯୋଗ' (Yoga for Health Ageing) । ଗତ ୨୧ ତାରିଖରେ କଲକାତାର ରେଡ୍ ରୋଡ୍‌ଠାରେ ଜାତୀୟ ସ୍ତରର ଯୋଗ ଦିବସରେ ଯୋଗ ଦେଇଥିଲେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି । ସେଠାରେ ସେ କେବଳ ବକ୍ତୃତା ଦେଇ ନଥିଲେ, ୩୫,୦୦୦ ଅଂଶଗ୍ରହଣକାରୀଙ୍କ ସହ ନିଜେ ସେ ଯୋଗାସନରେ ଭାଗ ନେଇଥିଲେ । ପ୍ରଥମେ 'ଓମ୍' ଉଚ୍ଚାରଣରୁ ସେଠାରେ ଯୋଗାସନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ବକ୍ତୃତା ଦେଇସାରି ପ୍ରଧାନମନ୍ତ୍ରୀ ମୋଦି ମଞ୍ଚରୁ ତଳକୁ ଓହ୍ଲାଇ, ଭୁଲ ଯୋଗାସନ କରୁଥିବା ପ୍ରାୟ ତିନି ଜଣଙ୍କୁ କିପରି ଠିକ୍ ଯୋଗାସନ କରାଯାଏ, ତାହା ଶିଖାଇ ଥିଲେ । ଏ କମ୍ ବଡ଼ କଥା ନୁହେଁ ।

ଯଥାର୍ଥରେ ଭାରତର ଉପ-ରାଷ୍ଟ୍ରପତି ଶ୍ରୀ ସି.ପି. ରାଧାକୃଷ୍ଣନ କହିଛନ୍ତି, 'ଭାରତର ଆଧ୍ୟାତ୍ମିକ ଜ୍ଞାନରେ ନିହିତ ଥିବା ଯୋଗ ହେଉଛି ଏକ ପ୍ରାଚୀନ ପଦ୍ଧତି ଯାହା ଶରୀର, ମନ ଏବଂ ଆତ୍ମା ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ । ଆସନ (ଶାରୀରିକ ମୁଦ୍ରା) , ପ୍ରାଣାୟାମ (ଶ୍ୱାସକ୍ରିୟା ନିୟନ୍ତ୍ରଣ) ଏବଂ ଧ୍ୟାନ ହେଉଛି ଯୋଗର 'ମୂଳଦୁଆ' । ' (କେବଳ ଆୟୁ ନୁହେଁ, ଜୀବନର ଗୁଣବତ୍ତା ବଢାଏ ଯୋଗ', ପୃଷ୍ଠା-୭, 'ସମୟ' ତା ୨୧/୦୬/ ୨୦୨୬ ରିଖ) ।

ଆମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମ୍‌ଠାରେ ରାଜ୍ୟସ୍ତରୀୟ ଯୋଗ ଦିବସରେ ଅଂଶଗ୍ରହଣ କରି ନିଜେ ଯୋଗାସନ କରିଥିଲେ । ସେ ମଧ୍ୟ ସେଠାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ରାଜ୍ୟର ଯୁବକ ଓ ଯୁବତୀମାନେ ମୋବାଇଲ ଫୋନ ଛାଡି ଅନ୍ତତଃ ଦୈନିକ ୨୦ ବା ୩୦ ମିନିଟ ପର୍ଯ୍ୟନ୍ତ ଯୋଗାଭ୍ୟାସ କରିବା ଉଚିତ ।

ଦୁଃଖର କଥା 'ଯୋଗ'କୁ କେତେକ ଓଡ଼ିଆ ହିନ୍ଦୀ ଭାଷାର ଅନୁକରଣରେ 'ୟୋଗା' ବୋଲି କହୁଛନ୍ତି । ଏ ସବୁ ଅଭ୍ୟାସ ଓଡ଼ିଆମାନେ ପରିହାର କରିବା ଉଚିତ ।

# ଯେତେବେଳେ ନୀରବ ଶିକ୍ଷକ ଝୁଣ୍ଟି ପଡ଼େ



ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ

ଓଡ଼ିଶାରେ ନୂଆ କରି ପ୍ରଚଳିତ ହୋଇଥିବା ସ୍କୁଲ ପାଠ୍ୟପୁସ୍ତକଗୁଡ଼ିକରେ କିଛି ତଥ୍ୟଗତ (factual), ମୁଦ୍ରଣଜନିତ (typographical) ଏବଂ ଧାରଣାଗତ (conceptual) ଭୁଲ୍ ବିଷୟରେ ଆସିଥିବା ନିକଟତର ଖବରଗୁଡ଼ିକ ଅଭିଭାବକ, ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିନ୍ତାର ବାତାବରଣ ସୃଷ୍ଟି କରିବା ସ୍ୱାଭାବିକ । ଏଭଳି ଘଟଣାଗୁଡ଼ିକୁ ପ୍ରାୟତଃ ଛପା ହେବାର ସମୟସୀମା (printing schedules), କାର୍ଯ୍ୟଗତ ତ୍ରୁଟି (procedural lapses) ଏବଂ ସୁଧାରମୂଳକ ପଦକ୍ଷେପ (corrective measures) ଭାବରେ ଆଲୋଚନା କରାଯାଏ । କିନ୍ତୁ ଏହା ଆମକୁ ଏକ ଗଭୀର ପ୍ରଶ୍ନ ଉପରେ ଚିନ୍ତା କରିବାକୁ ଆମନ୍ତ୍ରଣ କରେ । ଏକ ପାଠ୍ୟପୁସ୍ତକ କେବଳ ଏକ ମୁଦ୍ରିତ ବସ୍ତୁ କିମ୍ବା ପାଠ୍ୟକ୍ରମ ପରିଚାଳନାର (curriculum delivery) ଏକ ଅଂଶ ବିଶେଷ ନୁହେଁ । ଏହା ଏକ ଶିଶୁର ବୌଦ୍ଧିକ ଜୀବନରେ (intellectual life) ଏକ ଅନନ୍ୟ ସ୍ଥାନ ଗ୍ରହଣ କରେ ଏବଂ ଏହାର ପ୍ରଭାବ ଶ୍ରେଣୀଗୃହର ସୀମା ବାହାରକୁ ମଧ୍ୟ ବ୍ୟାପିଥାଏ ।

ଶିଶୁ ଏବଂ ବହି:

ଅନେକ ପିଢ଼ି (generations) ପାଇଁ ଏକ ଦୃଶ୍ୟ ବେଶ୍ ପରିଚିତ । ସଞ୍ଜର ଅସ୍ତମିତ ଆଲୋକରେ ଜଣେ ଶିଶୁ ଶାନ୍ତ ଭାବରେ ବସି, ବହୁ ଯତ୍ନରେ ରଖାଯାଇଥିବା ଏକ ପ୍ରାଥମିକ ବହି (primer) କିମ୍ବା ପରିବାରର କୌଣସି ଗୁରୁଜନଙ୍କ ମୂଲ୍ୟବାନ ନୋଟବହିରୁ ପଢ଼ିବାକୁ ଶିଖୁଛି । ବହିର ପୃଷ୍ଠାଗୁଡ଼ିକ ଚିରି ଯାଇ ଥାଇପାରେ ଏବଂ ତାର ବାନ୍ଧେଣି (binding) ଦୁର୍ବଳ ହୋଇ ଥାଇପାରେ, କିନ୍ତୁ ଯେଉଁ ସମ୍ମାନର ସହ ସେହି ବହିଟିକୁ ଧରା ଯାଇଥାଏ, ତାହା ଏକ ଗଭୀର ସତ୍ୟ ପ୍ରକାଶ କରେ । ଶିଶୁ ପାଇଁ ବହିଟି କେବଳ କାଗଜ ଏବଂ କାଳି ନୁହେଁ । ଏହା ଏହି ବିଶାଳ ଦୁନିଆକୁ ଚିହ୍ନିବା ପାଇଁ ତାର ପ୍ରଥମ ବିଶ୍ୱସ୍ତ ମାର୍ଗଦର୍ଶକ (guide) ଅଟେ ।

ଯେତେବେଳେ ସମାଜ ଏକ ଶିଶୁର ହାତରେ ପାଠ୍ୟପୁସ୍ତକଟିଏ ଟେକିଦିଏ, ସେତେବେଳେ ସେ କେବଳ ଶିକ୍ଷାଦାନ ସାମଗ୍ରୀ (instructional material) ବାଣ୍ଟିବା ଅପେକ୍ଷା ବହୁତ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ । ଏହା ସେହି କୋମଳମତି ଶିକ୍ଷାର୍ଥୀକୁ ମାନବଜାତିର ସଞ୍ଚିତ ଜ୍ଞାନର ଉତ୍ତରାଧିକାର (accumulated inheritance) ସହ ପରିଚିତ କରାଏ । ଏହି ପାଠ୍ୟପୁସ୍ତକ ନିଜ ସହିତ ଶିକ୍ଷକ, ବିଦ୍ୟାଳୟ ଏବଂ ସରକାରୀ ଅନୁଷ୍ଠାନଗୁଡ଼ିକର ବିଶ୍ୱସନୀୟତା ଓ କର୍ତ୍ତୃତ୍ୱ (authority) ବହନ କରିଥାଏ । ତେଣୁ, ଏହା ଏଭଳି ଏକ ବିଶ୍ୱାସ ଲାଭ କରିଥାଏ ଯାହା ସାଧାରଣ ବହି ବା ପତ୍ରପତ୍ରିକାଗୁଡ଼ିକୁ ପ୍ରାୟତଃ ମିଳିନଥାଏ ।

ଅଦୃଶ୍ୟ ଶ୍ରେଣୀଗୃହ (The Invisible Classroom):

ଶିକ୍ଷକମାନେ ନିଜ ଅଭିଜ୍ଞତାରୁ ଜାଣନ୍ତି ଯେ ଜୀବନର ସବୁଠାରୁ ଦୀର୍ଘସ୍ଥାୟୀ (enduring) ଶିକ୍ଷାଗୁଡ଼ିକ ମଧ୍ୟରୁ କିଛି ସ୍କୁଲ ସମୟ ସରିବା ପରେ ହିଁ ଶିଖା ଯାଇଥାଏ । ସଞ୍ଜ ବେଳେ ପାଠର ପୁନରାବୃତ୍ତି (revising), ଛୁଟିଦିନ, ପିତାମାତାଙ୍କ ସହ ଖାଇବା ଟେବୁଲରେ ଆଲୋଚନା ଏବଂ ଏକାକୀ ବସି କୌତୁହଳୀ ହେବା ମଧ୍ୟରେ ପାଠପଢ଼ା ଚାଲିଥାଏ । ଶିକ୍ଷାର ଏକ ବଡ଼ ଅଂଶ ଶ୍ରେଣୀଗୃହର ଭୌତିକ ସୀମା (physical boundaries) ବାହାରେ ଘଟିଥାଏ । ଏହି ପରିସରକୁ ଆମେ 'ଅଦୃଶ୍ୟ ଶ୍ରେଣୀଗୃହ' (invisible classroom) ବୋଲି ଭାବିପାରିବା ।

ଏହି ଅଦୃଶ୍ୟ ଶ୍ରେଣୀଗୃହ ଭିତରେ, ପାଠ୍ୟପୁସ୍ତକ ହିଁ ଶିଶୁର ଜଣେ 'ନୀରବ ଶିକ୍ଷକ' ପାଲଟିଯାଏ । ଏହା ଶିକ୍ଷାର୍ଥୀର ଅନିଶ୍ଚିତତା (uncertainty) ଏବଂ ନୂତନ ଆବିଷ୍କାରର (discovery) ପ୍ରତ୍ୟେକ ମୁହୂର୍ତ୍ତରେ ସାଥୀ ହୋଇ ରହେ । ଜଣେ ଶ୍ରେଣୀଗୃହର ଶିକ୍ଷକଙ୍କ ପରି ନୁହେଁ, ଯିଏ କି ପାଠକୁ ବୁଝାଇ ପାରିବେ, ସ୍ପଷ୍ଟ କରିପାରିବେ ଏବଂ ଭୁଲ୍ ବୁଝାମଣାକୁ ତୁରନ୍ତ ସୁଧାରି ପାରିବେ । ବହିଟି କୌଣସି ବାଧା ବିନା (without interruption) କଥା କହେ ଏବଂ ସବୁବେଳେ ପାଖରେ ଉପଲବ୍ଧ ଥାଏ । ତେଣୁ ଏହାର ପ୍ରଭାବ ଅତ୍ୟନ୍ତ ଶାନ୍ତ, ନିରନ୍ତର ଏବଂ ସୁଦୂରପ୍ରସାରୀ ଅଟେ । ସ୍କୁଲ ସମୟ ଶେଷ ହୋଇଯାଏ, କିନ୍ତୁ ଏହି ନୀରବ ଶିକ୍ଷକ ନିଜ କାମ ଜାରି ରଖିଥାଏ ।

ପିଲାମାନେ ମୁଦ୍ରିତ ଶବ୍ଦକୁ କାହିଁକି ବିଶ୍ୱାସ କରନ୍ତି ।

ଯେଉଁମାନେ ଶ୍ରେଣୀଗୃହରେ ବର୍ଷ ବର୍ଷ ସମୟ ବିତାଇଛନ୍ତି, ସେମାନେ ବୁଝନ୍ତି ଯେ ଛୋଟ ପିଲାମାନେ ପାଠ୍ୟପୁସ୍ତକକୁ କେବେ ବି ସନ୍ଦେହ ଚକ୍ଷୁରେ ଦେଖନ୍ତି ନାହିଁ । ସେମାନେ କୌଣସି ଗବେଷକ (researchers) କିମ୍ବା ପଣ୍ଡିତମାନଙ୍କ ଭଳି ପ୍ରଶ୍ନ କରିବା ଶୈଳୀରେ ବହି ପଢ଼ନ୍ତି ନାହିଁ । ମୁଦ୍ରିତ ଶବ୍ଦଗୁଡ଼ିକ ସେମାନଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ୱୀକୃତି ଓ କର୍ତ୍ତୃତ୍ୱ ବହନ କରେ । ପିଲାମାନେ ସାଧାରଣତଃ ପାଠ୍ୟପୁସ୍ତକରେ ଲିଖିତ ପ୍ରତ୍ୟେକ ବିଷୟକୁ ସମ୍ପୂର୍ଣ୍ଣ ବିଶ୍ୱାସଯୋଗ୍ୟ ବୋଲି ଗ୍ରହଣ କରି ନିଅନ୍ତି ।

**ପିଢ଼ି ପରେ ପିଢ଼ି ଅତିକ୍ରମ କରିଯାଏ । ତଥାପି ପାଠ୍ୟପୁସ୍ତକଗୁଡ଼ିକ ଘରେ, ବହି ସେଲଫରେ ଏବଂ ସ୍ମୃତିରେ ରହିଯାଏ । ଶ୍ରେଣୀଗୃହଗୁଡ଼ିକ ନୀରବ ହୋଇଯିବାର ବହୁ ସମୟ ପରେ ମଧ୍ୟ, ବହିରୁ ଗ୍ରହଣ କରାଯାଇଥିବା ଶିକ୍ଷା ଚିନ୍ତାଧାରା ଏବଂ ବୁଝାମଣାକୁ ପ୍ରଭାବିତ କରି ଚାଲିଥାଏ ।**

ଏହି ପ୍ରାକୃତିକ ଆତ୍ମବିଶ୍ୱାସ ହିଁ ପ୍ରାଥମିକ ଶିକ୍ଷାର ଅନ୍ୟତମ ଶକ୍ତି, କାରଣ ଏହା ପାଠପଢ଼ାକୁ ସ୍ପଷ୍ଟତା ଏବଂ ନିଶ୍ଚିତତା (assurance) ସହିତ ଆଗକୁ ବଢ଼ାଇବାରେ ସାହାଯ୍ୟ କରେ । ଏଥିସହିତ, ଏହା ପାଠ୍ୟପୁସ୍ତକ ଉପରେ ଏଭଳି ଏକ ଗୁରୁ ଦାୟିତ୍ୱ ଲଦିଦିଏ, ଯାହା ସାଧାରଣ ପ୍ରକାଶନର ମାନଦଣ୍ଡଠାରୁ (ordinary standards of publishing) ବହୁ ଉପରେ ।

ଯେତେବେଳେ ଶିକ୍ଷା ଆତ୍ମବିଶ୍ୱାସ ଗଠନ କରେ:

ଶିକ୍ଷାକୁ ପ୍ରାୟତଃ ମାର୍କ, ର୍ୟାଙ୍କ ଏବଂ ପରୀକ୍ଷା ଫଳାଫଳ (examination performance) ଆଧାରରେ ମାପ କରାଯାଏ । ଏହି ସୂଚକଗୁଡ଼ିକ (indicators) ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ, ଏଗୁଡ଼ିକ କେବଳ କାହାଣୀର ଗୋଟିଏ ପାର୍ଶ୍ୱ ଦର୍ଶାନ୍ତି । ପ୍ରକୃତ ଶିକ୍ଷା କେବଳ ତଥ୍ୟ ପ୍ରଦାନ କରିବାଠାରୁ ବହୁତ ଅଧିକ କାମ କରେ ଏହା କୌତୁହଳ (curiosity), କଳ୍ପନାଶକ୍ତି (imagination) ଏବଂ ବିଶ୍ୱକୁ ବୁଝିବାର ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ । ଏହା ପିଲାମାନଙ୍କୁ କେବଳ ତଥ୍ୟ ମନେରଖିବା ପାଇଁ ପ୍ରେରିତ କରେନାହିଁ, ବରଂ ପ୍ରଶ୍ନ ପଚାରିବାକୁ ଏବଂ ନୂତନ ବିଚାରଧାରା ସହିତ ଜଡ଼ିତ ହେବା ପାଇଁ ଆବଶ୍ୟକ ହେଉଥିବା ବୌଦ୍ଧିକ ସାହସ (intellectual courage) ବିକଶିତ କରିବାକୁ ଉତ୍ସାହିତ କରେ ।

ଶିକ୍ଷାଦାନ କ୍ଷେତ୍ରରେ ବିତାଇଥିବା ଦଶନ୍ଧି ଦଶନ୍ଧିର ସମୟକୁ ପଛକୁ ଚାହିଁଲେ, ଜଣେ ଅନୁଭବ କରେ ଯେ ଆତ୍ମବିଶ୍ୱାସ ହିଁ ଶିକ୍ଷା ପ୍ରଦାନ କରିପାରୁଥିବା ସବୁଠାରୁ ମୂଲ୍ୟବାନ ଉପହାରଗୁଡ଼ିକ ମଧ୍ୟରୁ ଅନ୍ୟତମ । ଛାତ୍ରଛାତ୍ରୀମାନେ ସେତେବେଳେ ହିଁ ସଫଳ ହୁଅନ୍ତି, ଯେତେବେଳେ ସେମାନେ ବିଶ୍ୱାସ କରନ୍ତି ଯେ ଶିକ୍ଷା ହେଉଛି ବିଶ୍ୱାସଯୋଗ୍ୟ (reliable) ଏବଂ ଆନ୍ତରିକ ପ୍ରୟାସ ହିଁ ପ୍ରକୃତ ବୁଝାମଣା ଆଡ଼କୁ ନେଇଥାଏ । ଯେତେବେଳେ ଦ୍ୱନ୍ଦ୍ୱ ବଦଳରେ ସ୍ପଷ୍ଟତା ଆସେ ଏବଂ ଦ୍ୱିଧା (hesitation) ଉପରେ ପ୍ରୋତ୍ସାହନ ବିଜୟଲାଭ କରେ, ସେତେବେଳେ ସେମାନେ ସର୍ବୋତ୍ତମ ପ୍ରଦର୍ଶନ କରନ୍ତି । ଶିକ୍ଷକମାନେ ପିଢ଼ି ପରେ ପିଢ଼ି ଶ୍ରେଣୀଗୃହରେ ଏହି ସତ୍ୟର ବାରମ୍ବାର ସାମ୍ନା କରିଥାନ୍ତି ।

ପରୀକ୍ଷା ଏବଂ ମାର୍କର ସୀମା ବାହାରେ:

ଛାତ୍ରଛାତ୍ରୀମାନେ କେବଳ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପରୀକ୍ଷାର୍ଥୀ (candidates) ନୁହନ୍ତି । ସେମାନେ ହେଉଛନ୍ତି ଭବିଷ୍ୟତର ନାଗରିକ, ବୈଜ୍ଞାନିକ, ଡାକ୍ତର, ଶିକ୍ଷକ, ପ୍ରଶାସକ (administrators), କଳାକାର ଏବଂ ବୃତ୍ତିଧାରୀ (professionals) । ସମାଜର ସମୃଦ୍ଧି ଏବଂ ପ୍ରଗତି ପରିଶେଷରେ ସେହିମାନଙ୍କର ଗୁଣବତ୍ତା ଓ ଆତ୍ମବିଶ୍ୱାସ ଉପରେ ନିର୍ଭର କରେ, ଯେଉଁମାନେ ଆଗାମୀ ବର୍ଷଗୁଡ଼ିକରେ ଏହିସବୁ ଦାୟିତ୍ୱ ଗ୍ରହଣ କରିବେ । ଶୈଶବ ସମୟରେ ଅର୍ଜିତ ହୋଇଥିବା ବୌଦ୍ଧିକ ନିଶ୍ଚିତତା (intellectual assurance) ପ୍ରାୟତଃ ପରବର୍ତ୍ତୀ ସଫଳତାର ମୂଳଦୁଆ ସଦୃଶ ହୋଇଥାଏ ।

ଗଣଶିକ୍ଷା (Public education) ବ୍ୟବସ୍ଥା ନିଜେ ଏକ ଆତ୍ମବିଶ୍ୱାସର ଶିକୁଳି (chain of confidence) ଉପରେ ପ୍ରତିଷ୍ଠିତ:

ଅଭିଭାବକମାନେ ବିଦ୍ୟାଳୟକୁ ବିଶ୍ୱାସ କରନ୍ତି । ବିଦ୍ୟାଳୟଗୁଡ଼ିକ ଶିକ୍ଷକମାନଙ୍କୁ ବିଶ୍ୱାସ କରନ୍ତି । ଶିକ୍ଷକମାନେ ପାଠ୍ୟପୁସ୍ତକକୁ ବିଶ୍ୱାସ କରନ୍ତି । ଛାତ୍ରଛାତ୍ରୀମାନେ ପୁଣି ଏହି ସମସ୍ତଙ୍କ ଉପରେ ଆସ୍ଥା ପ୍ରକଟ କରନ୍ତି । ଏହି ଶିକୁଳିର ଶକ୍ତି କେବଳ ଶୈକ୍ଷିକ ସଫଳତାକୁ (academic achievement) ପ୍ରଭାବିତ କରେ ନାହିଁ, ବରଂ ସମାଜ ମଧ୍ୟରେ ଶିକ୍ଷା ଗ୍ରହଣ କରିବାର ବୃହତ ସଂସ୍କୃତିକୁ (culture of learning) ମଧ୍ୟ ନିର୍ଦ୍ଧାରଣ କରେ ।

ଅଭିଜ୍ଞତା ଶିଖାଏ ଯେ ପିଲାମାନେ କଠିନ ପାଠକୁ (demanding lessons) ସହଜରେ ଗ୍ରହଣ କରିପାରନ୍ତି, କିନ୍ତୁ ମନ ମଧ୍ୟରେ ସୃଷ୍ଟି ହେଉଥିବା ଅନିଶ୍ଚିତତା କିମ୍ବା ଦ୍ୱନ୍ଦ୍ୱକୁ ସେମାନେ ସହଜରେ କ୍ଷମା କରିପାରନ୍ତି ନାହିଁ । ଆତ୍ମବିଶ୍ୱାସ ଥରେ ଦୁର୍ବଳ ହୋଇଗଲେ, ତାହାକୁ ପୁନର୍ବାର ଫେରାଇ ଆଣିବା ଅତ୍ୟନ୍ତ କଠିନ । ଏହି କାରଣରୁ, ଶିକ୍ଷା ପ୍ରତି ଥିବା ବିଶ୍ୱାସକୁ ସେହିଭଳି ଯତ୍ନର ସହ ସୁରକ୍ଷିତ ରଖାଯିବା ଉଚିତ, ଯେମିତି ସମାଜ ନିଜର ଭୌତିକ ଏବଂ ଆର୍ଥିକ ସମ୍ପତ୍ତିକୁ (physical and economic assets) ରକ୍ଷା କରିଥାଏ । ଶିଶୁର ମନ ମଧ୍ୟରେ କରାଯାଉଥିବା ନିବେଶଠାରୁ ବହୁତ ଅଧିକ ଲାଭ (returns) ଅନ୍ୟ କୌଣସି ନିବେଶରୁ ମିଳିନଥାଏ ।

ନିରନ୍ତର ସୁଧାରର ପ୍ରକ୍ରିୟା:

ଭାଗ୍ୟବଶତଃ, ଶିକ୍ଷା ଗ୍ରହଣ କରିବା ନିଜେ ଏକ ନିରନ୍ତର ସୁଧାରର ପ୍ରକ୍ରିୟା ଅଟେ । ଶିକ୍ଷକମାନେ ନିଜ ଅଭିଜ୍ଞତା ମାଧ୍ୟମରେ ନିଜ ଶୈଳୀକୁ ସଂଶୋଧିତ କରନ୍ତି । ବିଶ୍ୱବିଦ୍ୟାଳୟଗୁଡ଼ିକ ପାଠ୍ୟକ୍ରମର (curricula) ପୁନଃନିରୀକ୍ଷଣ କରନ୍ତି । ବୈଜ୍ଞାନିକ ଜ୍ଞାନ ସଦାସର୍ବଦା ଭୁଲର ସଂଶୋଧନ ଏବଂ ଗଭୀର ବୁଝାମଣା ମାଧ୍ୟମରେ ଆଗକୁ ବଢ଼ିଥାଏ ।

କୌଣସି ବଡ଼ ଜ୍ଞାନର ଭଣ୍ଡାର କେବେ ବି ସଂଶୋଧନ (revision) ଏବଂ ପରିମାର୍ଜନ (refinement) ବିନା ପ୍ରଗତି କରିନାହିଁ । ପ୍ରଗତି କେବେ ବି ସମ୍ପୂର୍ଣ୍ଣ ନିର୍ଭୁଲତାର ଦାବି ଉପରେ ନିର୍ଭର କରିନଥାଏ । ବରଂ, ଏହା ଶିଖିବା, ସଂଶୋଧନ କରିବା ଏବଂ ସୁଧାରିବା ପାଇଁ ଥିବା ଇଚ୍ଛାଶକ୍ତି ଉପରେ ନିର୍ଭର କରେ । ସତ୍ୟ ଆଗରେ ନମ୍ରତା (humility) ପ୍ରକାଶ କରିବା ସଦାସର୍ବଦା ପ୍ରକୃତ ପାଣ୍ଡିତ୍ୟର ଏକ ମୁଖ୍ୟ ବୈଶିଷ୍ଟ୍ୟ ହୋଇ ରହିଆସିଛି ।

ଜଣେ ନିଜ ସାରା ଜୀବନ ଶିକ୍ଷା କ୍ଷେତ୍ରରେ ବିତାଇବା ପରେ ଚିନ୍ତା କଲେ, ଆଉ ଏକ ସତ୍ୟ ସ୍ପଷ୍ଟ ହୋଇଯାଏ । ଶିକ୍ଷକମାନେ ଆସନ୍ତି ଏବଂ ଯାଆନ୍ତି । ନୀତିଗୁଡ଼ିକ ବଦଳିଯାଏ । ପିଢ଼ି ପରେ ପିଢ଼ି ଅତିକ୍ରମ କରିଯାଏ । ତଥାପି ପାଠ୍ୟପୁସ୍ତକଗୁଡ଼ିକ ଘରେ, ବହି ସେଲଫରେ ଏବଂ ସ୍ମୃତିରେ ରହିଯାଏ । ଶ୍ରେଣୀଗୃହଗୁଡ଼ିକ ନୀରବ ହୋଇଯିବାର ବହୁ ସମୟ ପରେ ମଧ୍ୟ, ବହିରୁ ଗ୍ରହଣ କରାଯାଇଥିବା ଶିକ୍ଷା ଚିନ୍ତାଧାରା ଏବଂ ବୁଝାମଣାକୁ ପ୍ରଭାବିତ କରି ଚାଲିଥାଏ । ଏହି ଦୃଷ୍ଟିରୁ, ପାଠ୍ୟପୁସ୍ତକଗୁଡ଼ିକ ପ୍ରକୃତରେ ନୀରବ ଶିକ୍ଷକ ପାଲଟିଯାଆନ୍ତି, ଯେଉଁମାନଙ୍କର ସ୍ୱର ପ୍ରାୟତଃ ସେହି ବ୍ୟକ୍ତିମାନଙ୍କଠାରୁ ଅଧିକ ଦୀର୍ଘସ୍ଥାୟୀ ହୁଏ, ଯେଉଁମାନେ ଦିନେ ସେଗୁଡ଼ିକ ସାହାଯ୍ୟରେ ପଢ଼ାଉଥିଲେ ।

ଉପସଂହାର:


ଓଡ଼ିଶାର ସାମ୍ପ୍ରତିକ ପାଠ୍ୟପୁସ୍ତକ ଘଟଣାକୁ ତେଣୁ କେବଳ ଛପା କାର୍ଯ୍ୟ ଏବଂ ପ୍ରୁଫ୍-ରିଡିଂର (proofreading) ପରି ଏକ ସଂକୀର୍ଣ୍ଣ ଦୃଷ୍ଟିକୋଣରୁ ଦେଖାଯିବା ଉଚିତ ନୁହେଁ । ଏହା ଆମକୁ ମନେ ପକାଇଦିଏ ଯେ ପାଠ୍ୟପୁସ୍ତକ ପ୍ରତ୍ୟେକ ଶିଶୁର ଜୀବନରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରେ ।

ଯେତେବେଳେ ଜଣେ ନୀରବ ଶିକ୍ଷକ ସ୍ଖଳିତ ହୁଏ, ସେତେବେଳେ ଚିନ୍ତା କେବଳ କାଗଜ ଏବଂ କାଳି ମଧ୍ୟରେ ସୀମିତ ରହେନାହିଁ । ଏହା ସେହି ବିଶ୍ୱାସକୁ ସ୍ପର୍ଶ କରେ, ଯାହା ସାଧାରଣରେ ପିଲାମାନେ ନିଜେ ଜ୍ଞାନକୁ ବିଶ୍ୱାସ କରିବା ଶିଖନ୍ତି ।

ସତର୍କତା, ସଠିକତା ଏବଂ ସୁଧାର ପାଇଁ ଏକ ନିରନ୍ତର ପ୍ରତିବଦ୍ଧତା (commitment) ମାଧ୍ୟମରେ ସେହି ଆତ୍ମବିଶ୍ୱାସକୁ ସୁରକ୍ଷିତ ରଖିବା ହିଁ ଶିକ୍ଷାକୁ ଦିଆଯାଇଥିବା ସବୁଠାରୁ ମହତ୍ତମ ଦାୟିତ୍ୱଗୁଡ଼ିକ ମଧ୍ୟରୁ ଅନ୍ୟତମ । କାରଣ ଯେତେବେଳେ ଶ୍ରେଣୀଗୃହ ନୀରବ ହୋଇଯାଏ, ସେତେବେଳେ ଏହି ପାଠ୍ୟପୁସ୍ତକ ହିଁ ଗୋଟିଏ ପିଢ଼ି ସହିତ ଆଉ ଗୋଟିଏ ପିଢ଼ିର କଥାବାର୍ତ୍ତା ବା ଯୋଗାଯୋଗକୁ ଜାରି ରଖିଥାଏ । ଏହି ନୀରବ ଶିକ୍ଷକ ଯେପରି ସମ୍ପୂର୍ଣ୍ଣ ସ୍ପଷ୍ଟତା ଏବଂ ସତର୍କତା ସହିତ କଥା କହିବ, ତାହା ନିଶ୍ଚିତ କରିବା ଯେକୌଣସି ସମାଜର ନିଜ ଶିଶୁମାନଙ୍କ ପ୍ରତି ଥିବା ସର୍ବୋଚ୍ଚ ଦାୟିତ୍ୱ ମଧ୍ୟରୁ ଅନ୍ୟତମ ।

ମୋ-୯୪୩୭୦୦୦୯୬୧

# ଶଙ୍ଖନାଦର ଉପକାରିତା



ଦିଲୀପ ରାଜ ବେହେରା

'ଓଁ କାର' ଶବ୍ଦର ନିକଟତମ ଧ୍ୱନି ଶଙ୍ଖରୁ ଆସି ଥାଏ । ଶଙ୍ଖ ଧ୍ୱନି ଶୁଭ, ମଙ୍ଗଳ ଓ କଲ୍ୟାଣ ଦାୟକ । ପରିବେଶକୁ ଶଙ୍ଖ ଧ୍ୱନି ଶୁଦ୍ଧ, ପବିତ୍ର କରେ । ଶଙ୍ଖର ଉଦ୍‌ଘୋଷଣ ଧ୍ୱନି ଉତ୍ସାହ ବର୍ଦ୍ଧକ, ପ୍ରେରଣାଦାୟକ ଓ ଭୟଶୂନ୍ୟ କରିଥାଏ ।

ଆଧ୍ୟାତ୍ମିକ ସାଧନାରେ, ଅନାହତ ନାଦର ଲୟକୁ ସନ୍ନିବେଶିତ ରଖିବା ପାଇଁ ଶଙ୍ଖ ଧ୍ୱନିର ଆଶ୍ରୟ ନିଆଯାଏ । ଧ୍ୟାନ ସମୟରେ ଏହି ଶଙ୍ଖ ଧ୍ୱନିରେ ମନନ କରାଯାଏ । ମଣିପୁର ଚକ୍ରର ଜାଗରଣ କରିବା ନିମନ୍ତେ ଶଙ୍ଖଧ୍ୱନିରେ ଲୟବଦ୍ଧ ଏକାଗ୍ରତା କରାଯାଏ ।

ଏହା ଅସୀମ ଆତ୍ମଶକ୍ତି ଏବଂ ପ୍ରାଣ ଉର୍ଜାର ସଂଚାର କରିଥାଏ । ଶଙ୍ଖ ଧ୍ୱନି ଶବ୍ଦ ଯେଉଁଠାରେ ପହଞ୍ଚେ, ସେଇଠି ଲୋକଙ୍କ ମଙ୍ଗଳ ଓ କଲ୍ୟାଣ ହୋଇଥାଏ । ଶଙ୍ଖ ଫୁଙ୍କିବା ଦ୍ୱାରା ଶରୀର ରକ୍ତଚାପ ଠିକ୍ ରଖେ । ଶଙ୍ଖ ବଜାଇବା ଦ୍ୱାରା ଥାଇରଏଡ୍ ରୋଗରେ ଭଲ ହୋଇଥାଏ ।

ଦୈନିକ ଶଙ୍ଖ ଫୁଙ୍କିବା ଦ୍ୱାରା ଶରୀରର ଅନେକ ଅଙ୍ଗପ୍ରତ୍ୟଙ୍ଗ, ମାଂସପେଶୀ, ମୂତ୍ରାଶୟ, ତଳି ପେଟ, ଛାତି ଏବଂ ବେକର ମାଂସପେଶୀ ଆଦି ପ୍ରଭାବିତ ଓ ଶକ୍ତ ହୁଏ । ଶଙ୍ଖକୁ ଫୁଙ୍କିବା ଦ୍ୱାରା ନିଃଶ୍ୱାସ ଓ ପ୍ରଶ୍ୱାସ ନେବା କ୍ଷମତା ଉନ୍ନତ ହୁଏ ।



ଏହା ସ୍ୱର ପେଟିକୁ ବ୍ୟାୟାମ କରାଏ । ଶଙ୍ଖ ଫୁଙ୍କିବା ଦ୍ୱାରା ମୁଖର ମାଂସପେଶୀ ବିସ୍ତାରିତ ହୁଏ । ଶଙ୍ଖ କ୍ୟାଲସିୟମର ଏକ ବଡ଼ ଉତ୍ସ ଅଟେ । **ରାତିରେ ପାଣିରେ ଭର୍ତ୍ତି ହୋଇଥିବା ଶଙ୍ଖର ପାଣି ପିଇଲେ ଶରୀରର କ୍ୟାଲସିୟମ ଅଭାବ ଦୂର ହୋଇଥାଏ ।**

ଶଙ୍ଖ ଫୁଙ୍କିବା ଦ୍ୱାରା ମାନସିକ ଚାପରୁ ମୁକ୍ତି ମିଳିଥାଏ । ଶଙ୍ଖ ବଜାଇବା ଦ୍ୱାରା ଘର ଭିତରକୁ ଆସୁଥିବା ନକାରାତ୍ମକ ଶକ୍ତି ମଧ୍ୟ ଦୂରରେ ରହିଥାଏ । ଶଙ୍ଖ ଫୁଙ୍କିବା ଦ୍ୱାରା ହୃଦଘାତରୁ ମଧ୍ୟ ରକ୍ଷା ମିଳି ପାରିବ ।

ବାରମ୍ବାର ନିଃଶ୍ୱାସ ପ୍ରଶ୍ୱାସ ନେବା ଦ୍ୱାରା ଫୁସଫୁସ ସୁସ୍ଥ ରହିବା ସହିତ ସ୍ମୃତି ଶକ୍ତିକୁ ତୀବ୍ର କରେ । ଶଙ୍ଖନାଦ ଭାରତୀୟ ସଂସ୍କୃତି, ଧର୍ମ ଏବଂ ଆଧ୍ୟାତ୍ମିକ ପରମ୍ପରାର ଏକ ପବିତ୍ର ପ୍ରତୀକ । ଶଙ୍ଖର ଧ୍ୱନି କେବଳ ଏକ ଶବ୍ଦ ନୁହେଁ, ବରଂ ଏହା ଶକ୍ତି, ପବିତ୍ରତା, ସାହସ ଓ ଜାଗରଣର ଏକ ଦିବ୍ୟ ଆହ୍ୱାନ । ପ୍ରାଚୀନ କାଳରୁ ମନ୍ଦିର, ଯଜ୍ଞ, ପୂଜା-ଅର୍ଚ୍ଚନା ଏବଂ ଶୁଭ କାର୍ଯ୍ୟର ଆରମ୍ଭରେ ଶଙ୍ଖନାଦ କରାଯାଏ । ଏହା ଶୁଭ ସୂଚନା ଦେବା ସହିତ ପରିବେଶକୁ ପବିତ୍ର ଓ ଉର୍ଜାମୟ କରିଥାଏ । ଶଙ୍ଖର ଗମ୍ଭୀର ଧ୍ୱନି ମନକୁ ଏକାଗ୍ର କରି ଆଧ୍ୟାତ୍ମିକ ଭାବନାକୁ ଜାଗ୍ରତ କରେ ।

ମହାଭାରତରେ ଶଙ୍ଖନାଦର ବିଶେଷ ମହତ୍ତ୍ୱ ବର୍ଣ୍ଣିତ ହୋଇଛି । କୁରୁକ୍ଷେତ୍ର ଯୁଦ୍ଧ ଆରମ୍ଭ ପୂର୍ବରୁ ଶ୍ରୀକୃଷ୍ଣ ଓ ଅର୍ଜୁନ ନିଜ ନିଜ ଶଙ୍ଖ ବଜାଇ ଧର୍ମ, ସାହସ ଓ କର୍ତ୍ତବ୍ୟର ସନ୍ଦେଶ ଦେଇଥିଲେ । ଶଙ୍ଖନାଦ ସେଠାରେ ଧର୍ମର ବିଜୟ ଓ ଅଧର୍ମର ବିନାଶର ପ୍ରତୀକ ଥିଲା ।

ଆଧ୍ୟାତ୍ମିକ ଦୃଷ୍ଟିରୁ ଶଙ୍ଖନାଦ ଅଜ୍ଞାନ, ଭୟ ଓ ନକାରାତ୍ମକତାକୁ ଦୂର କରି ଜ୍ଞାନ, ସାହସ ଓ ସକରାତ୍ମକତାର ସଞ୍ଚାର କରେ । ଶଙ୍ଖ ଧ୍ୱନି ଆମକୁ ସ୍ମରଣ କରାଏ ଯେ ଜୀବନରେ ସତ୍ୟ, ଧର୍ମ ଓ ସଦାଚାରର ପଥରେ ଅଗ୍ରସର ହେବା ହିଁ ପ୍ରକୃତ ବିଜୟ ।

ଶଙ୍ଖନାଦ ଏକ ଜାଗରଣର ଧ୍ୱନି-ଏହା ଆମ ଅନ୍ତର୍ମନକୁ ଜାଗ୍ରତ କରି ଆତ୍ମବଳ, ଆତ୍ମବିଶ୍ୱାସ ଓ ଦିବ୍ୟ ଚେତନାର ଅନୁଭୂତି ପ୍ରଦାନ କରେ ।

ଶଙ୍ଖନାଦ କେବଳ ଧାର୍ମିକ ଆଚାର ନୁହେଁ, ବରଂ ଜୀବନକୁ ମଙ୍ଗଳମୟ ଓ ପ୍ରେରଣାଦାୟକ କରିବାର ଏକ ପବିତ୍ର ସନ୍ଦେଶ ।

**ଖଣ୍ଡଗିରି ଏନ୍‌କ୍ଲେଭ, ଭୁବନେଶ୍ୱର**
ମୋ-୭୭୩୫୩୪୮୬୬୦

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୫ ଛାତ୍ର...

ନିଆଁରୁ ରକ୍ଷା ପାଇବା ପାଇଁ ତଳକୁ ଡେଇଁପଡ଼ିଥିଲେ । ଆଉ କେତେକ ଲୋକ ମଧ୍ୟ ଝରକା ବାଟଦେଇ କୋଠାରୁ ଆସିବାକୁ ଉଦ୍ୟମ କରିଥିଲେ । ମାତ୍ର ସେମାନେ ସଫଳ ନ ହୋଇ ତଳେ ପଡ଼ିଯାଇଥିଲେ । ଅଧିକାଂଶ ଲୋକ ମଧ୍ୟ ସାହାଯ୍ୟ ପାଇଁ ଚିତ୍କାର କରୁଥିଲେ । ଏହି ଘଟଣାରେ ଅନେକ ଲୋକ ଆହତ ହୋଇଛନ୍ତି ଓ ସେମାନଙ୍କ ଚିକିତ୍ସା ଚାଲିଛି । ପୋଲିସ ଏବଂ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଘଟଣାସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି । ଯେଉଁ ୪ ଜଣ ଆହତ ହୋଇଛନ୍ତି ସେମାନଙ୍କୁ କେଜିଏମ୍ସି ଟ୍ରମା ସେଣ୍ଟରରେ ଭର୍ତ୍ତି କରାଯାଇଛି । ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀ ପାଠକ କହିଛନ୍ତି ଯେ ଆମର ପ୍ରାଥମିକତା ହେଉଛି ଆହତମାନଙ୍କୁ ଯଥା ସମ୍ଭବ ଭଲ ଚିକିତ୍ସା ମିଳିବ । ତଦନ୍ତ ରିପୋର୍ଟ ଆସିବା ପରେ ଅଗ୍ନିକାଣ୍ଡର କାରଣ ଜଣାପଡ଼ିବ । କର୍ତ୍ତୃପକ୍ଷ ମଧ୍ୟ ସେଠାରେ ସର୍ଚ୍ଚ ଅପରେସନ୍ ଶେଷ କରିଛନ୍ତି । କୌଣସି ପିଲା ନିଆଁ ଘେରରେ ଥିବା ଜଣାପଡ଼ିନାହିଁ । ଯେଉଁମାନେ ଏହି ଘଟଣା ପାଇଁ ଦାୟୀ ହେବେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ୩ ମହଲା ବିଶିଷ୍ଟ ଏହି ବିଲ୍ଡିଂରେ ଉପର ମହଲାରେ ନିଆଁ ଲାଗିଥିଲା ଓ ତୁରନ୍ତ ଏହା ସବୁଆଡ଼କୁ ବ୍ୟାପି ଯାଇଥିଲା । କେତେକ ଝରକାବାଟେ ଉଦ୍ଧାର କାର୍ଯ୍ୟ ଚାଲିଥିଲା । ୫ ରୁ ୭ ଛାତ୍ର ଡେଇଁପଡ଼ି ବଞ୍ଚିବାକୁ ଚେଷ୍ଟା କରିଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଘଟଣାକୁ ହୃଦୟ ବିଦାରକ ବୋଲି ବର୍ଣ୍ଣନା କରିବା ସହ ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ଏବଂ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦୀ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ଲାଗି ଦୁଇ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରିବା ସହ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ଘୋଷଣା କରିଛନ୍ତି । ଘଟଣା ପାଇଁ ମଧ୍ୟ ସେ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

## ବ୍ରିଟେନ୍...

ଜଣେ ଦକ୍ଷିଣପନ୍ଥୀ ପ୍ରତିଦ୍ୱନ୍ଦ୍ୱିଙ୍କୁ ପରାସ୍ତ କରି ଏକ ବଡ ବିଜୟ ହାସଲ କରିଥିଲେ । ତାଙ୍କୁ ବର୍ତ୍ତମାନ ଶାସକ ଲେବର ପାର୍ଟିର ପରବର୍ତ୍ତୀ ନେତା ଓ ବ୍ରିଟେନର ନୂତନ ପ୍ରଧାନମନ୍ତ୍ରୀ ଭାବେ ବିବେଚନା କରାଯାଉଛି । କିଛିମାସ ଧରି ପ୍ରଧାନମନ୍ତ୍ରୀ ଭାବେ ଷ୍ଟାର୍ମରଙ୍କ କାର୍ଯ୍ୟକାଳ ବିବାଦୀୟ ହୋଇଛି । ଯେଉଁଥିରେ ଜେଫ୍ରିଏପ୍ଷ୍ଟାଇନ୍‌ଙ୍କ ସହ ତାଙ୍କର ସମ୍ପର୍କ ବିଷୟରେ ପୂର୍ବରୁ ଜାଣିବା ସତ୍ତେ ବରିଷ୍ଠ ଲେବର ପାର୍ଟି ନେତା ପିଟର ମାଣ୍ଡେଲସନ୍‌ଙ୍କୁ ଆମେରିକାର ବ୍ରିଟିଶ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଥିଲା । ଏହାବ୍ୟତିତ ଟିକସ ଏବଂ ସାମାଜିକ ସୁବିଧା ସମ୍ପର୍କରେ କିଛି ନିଷ୍ପତ୍ତି ଏବଂ ପରବର୍ତ୍ତୀ ସମୟରେ ୟୁଟର୍ଣ୍ଣ ମଧ୍ୟ ସରକାରଙ୍କ ପ୍ରତିଛବିକୁ କ୍ଷତି ପହଞ୍ଚାଇଛି ।

## ସଦସ୍ୟତା...

ଗୋଟିଏ ଦଳ ଟିକେଟରେ ନିର୍ବାଚିତ ହୋଇ ଅନ୍ୟ ଦଳକୁ ଭୋଟ୍ ଦେବା ଦଳ ବିରୋଧୀ କାର୍ଯ୍ୟ । ଏମିତି ଏକ ଘଟଣାରେ ସିମ୍ଲା ବିଧାନସଭାରେ ବିଧାୟକମାନଙ୍କୁ ନିଲମ୍ବିତ କରାଯାଇଥିଲା । ଅଲଗା ଅଲଗା କାରଣ ଦର୍ଶାଇ କ୍ରସ୍ ଭୋଟିଂ କରିଥିବା ବିଧାୟକଙ୍କ ସଭ୍ୟପଦ ରଦ୍ଦ ନ ହେବା ଦୁର୍ଭାଗ୍ୟଜନକ । ଯେଉଁ ଦଳରୁ ଯିଏ ନିର୍ବାଚିତ ହୋଇଥାଏ ସେହି ଦଳର ନିଷ୍ପତ୍ତି ବିରୋଧରେ ଆଚରଣ ଓ ଉଚ୍ଚାରଣ କରିବା ଦଳ ବିରୋଧୀ କାର୍ଯ୍ୟ ମାଧ୍ୟମରେ ଏହା ପ୍ରମାଣିତ । ସୁପ୍ରିମ୍‌କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି ଯେ କେବଳ ଔପଚାରିକ ଭାବରେ ଦଳ ଛାଡ଼ିବା ନୁହେଁ, ଦଳ ବିରୋଧୀ ଆଚରଣ ମଧ୍ୟ ସଦସ୍ୟତା ପରିତ୍ୟାଗ ଭାବେ ବିବେଚନା କରାଯିବ । ଆବଶ୍ୟକ ହେଲେ ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରାଯିବ ।

## ବିପର୍ଯ୍ୟୟ...

କୃଷି, ଜଳସେଚନ ଓ ଅନ୍ୟ ସମ୍ପୃକ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି ସରକାର ସମ୍ପୂର୍ଣ୍ଣ ଆଭିମୁଖ୍ୟରେ କାମ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । କୃଷି ବିଭାଗକୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଏକ ରାଜ୍ୟସ୍ତରୀୟ ମନିଟରିଂ ମେକାନିଜିମ୍ ଜରିଆରେ ବୃଷ୍ଟିପାତ, ଜଳସ୍ତର, କ୍ରପ-ପ୍ଲାନିଙ୍ଗ୍ ଏବଂ ସାର ଓ ବିହନ ଯୋଗାଣର ନିୟମିତ ତଦାରଖ କରାଯାଉଛି । ଚଳିତ ବର୍ଷ ମଧ୍ୟପ୍ରାଚ୍ୟରେ ଅଶାନ୍ତ ପରିବେଶ ଯୋଗୁଁ ବିଶ୍ୱବ୍ୟାପୀ ସାର ସଙ୍କଟ ଦେଖାଦେଇପାରେ, ତେଣୁ ୟୁରିଆ ଓ କମ୍ପ୍ଲେକ୍ସ ସାର ଯୋଗାଣ ଉପରେ ତୀକ୍ଷଣ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ପର୍ଯ୍ୟାପ୍ତ 'ନାନୋ ୟୁରିଆ' ମହଜୁଦ ରଖିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ବିଶେଷ କରି ସାରର କଳାବଜାରୀ ରୋକିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ 'ନିରକ୍ଷଣ ସମିତି' ଗଠନ କରାଯାଇଛି ।

ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଦକ୍ଷ ବିପର୍ଯ୍ୟୟ ପରିଚାଳନା ଉପରେ ଆଲୋକପାତ କରିଛନ୍ତି । ଓଡ଼ିଶାର ଏହି ସଫଳ 'ଜିରୋ କାଜୁଆଲ୍‌ଟି' (ଶୂନ୍ୟ ମୃତ୍ୟୁହାର) ନୀତି ଆଜି ବିଶ୍ୱବ୍ୟାପୀ ଆଦୃତ ହୋଇଛି । ନିକଟରେ ପୁରୀଠାରେ ଅନୁଷ୍ଠିତ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ବୈଷୟିକ ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ରାଜ୍ୟର ଏହି ଦୀର୍ଘକାଳୀନ ବିପର୍ଯ୍ୟୟ ପ୍ରଶମନ ଓ ନିରାକରଣ ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିଛନ୍ତି ବୋଲି ଶ୍ରୀ ମାଝୀ ସୂଚନା ଦେଇଛନ୍ତି ।

ଗତ ଅକ୍ଟୋବର ମାସରେ ଓଡ଼ିଶା ଉପକୂଳ ଅତିକ୍ରମ କରିଥିବା ସାମୁଦ୍ରିକ ବାତ୍ୟା "ମୋନ୍ଥା" ଏବଂ ପୂର୍ବର "ଦାନା" ବାତ୍ୟା ସମୟରେ ରାଜ୍ୟର ଦକ୍ଷ ପରିଚାଳନା ଦେଖିବାକୁ ମିଳିଥିଲା । "ମୋନ୍ଥା" ଦ୍ୱାରା ରାଜ୍ୟର ୧୧ଟି ଜିଲ୍ଲା ପ୍ରଭାବିତ ହୋଇଥିବା ବେଳେ ସରକାରଙ୍କ ସମୟୋଚିତ ପଦକ୍ଷେପ ଯୋଗୁଁ ସମ୍ବେଦନଶୀଳ ଅଞ୍ଚଳରୁ ପ୍ରାୟ ୩୮ ହଜାର ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଯୁଦ୍ଧକାଳୀନ ଉଦ୍ଧାର କାର୍ଯ୍ୟରେ ୩୩ଟି ଓଡ୍ରାଫ୍, ୫ଟି ଏନଡିଆରଏଫ୍ ଏବଂ ୧୨୩ଟି ଅଗ୍ନିଶମ ବାହିନୀ ନିୟୋଜିତ ହୋଇ ରେକର୍ଡ ସମୟ ମଧ୍ୟରେ ସ୍ଥିତି ସ୍ୱାଭାବିକ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଚାଷୀ ଭାଇମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆମ ସରକାର ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଚାଷୀମାନଙ୍କୁ ସହାୟତା ଦେବା ପାଇଁ ରାଜ୍ୟ ସରକାର 'ଅଦିନିଆ ବର୍ଷା'କୁ ଏକ 'ରାଜ୍ୟ-ନିର୍ଦ୍ଦିଷ୍ଟ ବିପର୍ଯ୍ୟୟ' ଭାବେ ଘୋଷଣା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଭିତ୍ତିଭୂମି ପ୍ରସ୍ତୁତି କ୍ରମରେ ରାଜ୍ୟରେ ଥିବା ୯୧୧ଟି ବହୁମୁଖୀ ଆଶ୍ରୟସ୍ଥଳୀର ବାର୍ଷିକ ରକ୍ଷଣାବେକ୍ଷଣ ପାଇଁ ଆଶ୍ରୟସ୍ଥଳୀ ପିଛା ୬ ଲକ୍ଷ ଟଙ୍କା ଲେଖାଏଁ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି, ଯେଉଁଠାରେ ପାନୀୟ ଜଳ, ଆଲୋକ ଓ ରନ୍ଧାଖାଦ୍ୟର ବ୍ୟବସ୍ଥା ପ୍ରାକ୍-ପ୍ରସ୍ତୁତି ସମୟରେ ହିଁ ସୁନିଶ୍ଚିତ କରାଯିବ । ଜାତୀୟ ସ୍ତରର କମନ ଆଲର୍ଟିଂ ପ୍ରୋଟୋକଲ ମାଧ୍ୟମରେ ଏସ୍‌ଏମ୍‌ଏସ୍ ପ୍ରେରଣ ବ୍ୟବସ୍ଥା, ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ଏବଂ ୧୧୨ ହେଲ୍ପଲାଇନ ସମ୍ପୂର୍ଣ୍ଣ ସକ୍ରିୟ ରହିଛି । ବିପର୍ଯ୍ୟୟ ସମୟରେ ଗୁଜବ ରୋକିବା ପାଇଁ ଟେଲିଭିଜନ ସହିତ ସୋସିଆଲ ମିଡିଆ ମାଧ୍ୟମରେ ମୋବାଇଲ୍‌ରେ ଲୋକଙ୍କୁ ସଠିକ୍ ଓ ନିର୍ଭୁଲ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ବିଶେଷ ପରାମର୍ଶ ଦେଇଛନ୍ତି । ବର୍ତ୍ତମାନର ୨୦ଟି ଓଡ୍ରାଫ୍ ଟିମ୍ ଏବଂ ୩୪୭ଟି ଅଗ୍ନିଶମ କେନ୍ଦ୍ର ଅତ୍ୟାଧୁନିକ ସରଞ୍ଜାମ ସହ ପ୍ରସ୍ତୁତ ଥିବାବେଳେ, ରାଜ୍ୟରେ ଆଉ ୧୦ଟି ନୂତନ ଓଡ୍ରାଫ୍ବାହିନୀ ଗଠନ ପ୍ରକ୍ରିୟା ଜାରି ରହିଛି । ଶେଷରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ସ୍ୱତନ୍ତ୍ରତାକୁ ବଜାୟ ରଖିବା ପାଇଁ ସରକାର ଓ ଜନସାଧାରଣଙ୍କ ମିଳିତ ପ୍ରୟାସ ଏକାନ୍ତ ଆବଶ୍ୟକ ଏବଂ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି ଓଡ଼ିଶାବାସୀଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ସଙ୍କଳ୍ପବଦ୍ଧ ହୋଇ କାର୍ଯ୍ୟ କରିବେ । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ ଦର୍ଶାଇଥିଲେ ଯେ ଓଡ଼ିଶା କିଭଳି ବିଗତ ଦିନରେ ପ୍ରାକୃତିକ ସଂକଟଗୁଡ଼ିକର ସଫଳତାର ସହ ମୁକାବିଲା କରି ସାରା ବିଶ୍ୱରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିଛି । ବିଶେଷ କରି ସରକାରଙ୍କ ସୁଚିନ୍ତିତ ପ୍ରାକ୍-ପ୍ରସ୍ତୁତି ଏବଂ ସମୟୋଚିତ ଉଦ୍ଧାର କାର୍ଯ୍ୟ ଯୋଗୁଁ ରାଜ୍ୟ 'ଜିରୋ କାଜୁଆଲ୍‌ଟି' ବା ଶୂନ୍ୟ ମୃତ୍ୟୁହାର ନୀତିକୁ ସଫଳତାର ସହ ପାଳନ କରିବାରେ ସମର୍ଥ ହୋଇଛି । ରାଜ୍ୟର ବିପର୍ଯ୍ୟୟ ପରିଚାଳନା ପାଇଁ ଆବଶ୍ୟକୀୟ ଆର୍ଥିକ ଅନୁଦାନ ଓ ଭିତ୍ତିଭୂମିର ସମୀକ୍ଷା କରିବା ସହ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠିର ସଠିକ୍ ବିନିଯୋଗ ଉପରେ ଶ୍ରୀ ପୂଜାରୀ ଆଲୋକପାତ କରିଥିଲେ । ସେ ସୂଚନା ଦେଇଥିଲେ ଯେ ବିଗତ ବନ୍ୟା ଓ ବାତ୍ୟା ସମୟରେ ଉତ୍ତର ଓଡ଼ିଶା ଏବଂ ଆକସ୍ମିକ ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକୁ କୋଟି କୋଟି ଟଙ୍କାର ତୁରନ୍ତ ରିଲିଫ୍ ଓ ସାଧାରଣ ସମ୍ପତ୍ତିର ସାମୟିକ ମରାମତି ସହାୟତା ଯୋଗାଇ ଦିଆଯାଇଛି ବୋଲି କହିଥିଲେ ।

ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଉପସ୍ଥିତ ବିଧାୟକବୃନ୍ଦ ଏବଂ ସାଂସଦଗଣ ନିଜ ନିଜ ନିର୍ବାଚନ ମଣ୍ଡଳୀର ବାସ୍ତବ କ୍ଷେତ୍ରସ୍ତରୀୟ ସ୍ଥିତିକୁ ଆଧାର କରି ଅନେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଉପସ୍ଥାପନ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜନପ୍ରତିନିଧିମାନଙ୍କ ସମସ୍ତ ମୂଲ୍ୟବାନ ପରାମର୍ଶକୁ ସ୍ୱାଗତ କରିବା ସହ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ଯୋଜନାରେ ଏହାକୁ ଉପଯୁକ୍ତ ସ୍ଥାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅବସରରେ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ, ସାଂସଦ, ବିଧାୟକ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ୪୮ ଘଣ୍ଟାରେ...

ରହିଯାଇଥିବା ସମସ୍ତ ଅଞ୍ଚଳକୁ ମୌସୁମୀ ବାୟୁ ସମ୍ପୂର୍ଣ୍ଣ ଭାବେ ଛୁଇଁଯିବ । ଏଥିପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ଅଛି । ଯଦିଓ ଚଳିତ ବର୍ଷ ସ୍ୱାଭାବିକ ଠାରୁ ସାମାନ୍ୟ କମ୍ ବର୍ଷା ହେବ ବୋଲି ଆକଳନ କରାଯାଇଛି । ତଥାପି ଏହି ବର୍ଷା ଚାଷୀ ଭାଇମାନଙ୍କ ମନରେ ବଡ଼ ଆଶା ସଞ୍ଚାର କରିଛି ।

ଆସନ୍ତାକାଲି(ମଙ୍ଗଳବାର) ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ଗଜପତି ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ସ୍ଥାନେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଅଛି । ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୪୦-୫୦ କିମି ରହିପାରେ । ଅସନ୍ତା ୨୬ ତାରିଖ ପର୍ଯ୍ୟନ୍ତ କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ସତର୍କତା ଜାରି କରାଯାଇଛି ।

## ପୀଡ଼ିତାଙ୍କ...

୧୯ ଜଣଙ୍କୁ ଗିରଫ କରିସାରିଲାଣି । ରାୟଗଡା ଏସ୍‌ପି ଡିଜିପିଙ୍କୁ ମାମଲାକୁ ରେଡ୍‌ଫ୍ଲାଗ୍ ଶ୍ରେଣୀଭୁକ୍ତ କରିବା ପାଇଁ ଚିଠି ଲେଖିଥିଲେ । ପରେ ଡିଜିପି ମାମଲାକୁ ରେଡ୍‌ଫ୍ଲାଗ୍ ଶ୍ରେଣୀଭୁକ୍ତ ଘୋଷଣା କରିବା ସହ ସିଏଡବ୍ଲ୍ୟୁକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସିଏଡବ୍ଲ୍ୟୁ ଦାୟିତ୍ୱରେ ଥିବା ଏଡିଜି ଏସ୍.ସାଇନି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛନ୍ତି । କଲ୍ୟାଣସିଂପୁର ଆଇଆଇସିଙ୍କ ବୟାନ ରେକର୍ଡ କରାଯିବା ପରେ ଦିଲ୍ଲୀ ଚାଲିଯାଇଥିବା ପୀଡିତା ଯୁବତୀଙ୍କ ଭିଡିଓ କଲରେ ବୟାନ ରେକର୍ଡ ହୋଇଥିବା ସୂଚନା ମିଳିଛି । ଏସ୍.ସାଇନି ମଧ୍ୟ ଗଣମାଧ୍ୟମକୁ ଏ ସମ୍ପର୍କରେ କହିଛନ୍ତି । ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି ମଧ୍ୟ ତଦନ୍ତ ସମ୍ପର୍କରେ ଗଣମାଧ୍ୟମରେ ମତ ରଖିଛନ୍ତି । ତଦନ୍ତ ଆଗକୁ ବଢିବା ପରେ ରାୟଗଡା ଭିଡହିଂସା ସମ୍ପର୍କରେ ବହୁ ରହସ୍ୟ ସାମ୍ନାକୁ ଆସିବ ବୋଲି ମତ ପ୍ରକାଶ ପାଇଛି । ଦୁଇ ମାସ ମଧ୍ୟରେ ରାଜ୍ୟରେ ତିନୋଟି ଭିଡହିଂସା ମାମଲା ଘଟିଲାଣି । ସେ ତିନୋଟି ହେଉଛି ଭୁବନେଶ୍ୱର ବାଲିଅନ୍ତା, ରାୟଗଡା ଓ ସମ୍ବଲପୁରରେ । ବାଲିଅନ୍ତାରେ ଜଣେ ପୋଲିସ କନଷ୍ଟେବଲଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ବେଳେ ରାୟଗଡାରେ ଫେଲୋସିପ୍ ପାଇଁ ଆସିଥିବା ଜଣେ ଯୁବତୀଙ୍କୁ ପିଲାଚୋର ଅଭିଯୋଗରେ ବିବସ୍ତ୍ର କରି ଆକ୍ରମଣ କରିଥିଲେ ଦୁର୍ବୃତ୍ତ ।

## ଆଇନ୍‌ଜୀବୀଙ୍କ...

ପରିବାରର ନିକଟତମ ଆତ୍ମୀୟଙ୍କୁ ୧,୦୫,୦୦୦ ଟଙ୍କା ସହାୟତା ଦିଆଯିବ । ଏହାପରେ ପ୍ରତ୍ୟେକ ଅଧିକ ବର୍ଷର ଅଭିଜ୍ଞତା ପାଇଁ ସହାୟତା ରାଶି ପରିମାଣ ବୃଦ୍ଧି ପାଇବ । ଅବସର ଓ ଦେହାନ୍ତ କ୍ଷେତ୍ରରେ ଏହି ସହାୟତା ମିଳିବ । ୩୦ ବର୍ଷ କାର୍ଯ୍ୟରତ ଥିଲେ, ଅବସର କ୍ଷେତ୍ରରେ ସମ୍ପୃକ୍ତ ଆଇନଜୀବୀଙ୍କୁ କିମ୍ବା ଦେହାନ୍ତ କ୍ଷେତ୍ରରେ ତାଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ୬,୩୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ । ଏହା ସର୍ବାଧିକ ସହାୟତା ପରିମାଣ ।

## ପ୍ରବାସୀ...

ଅନ୍ୟପଟେ ପ୍ରବାସୀ ଶ୍ରମିକଙ୍କୁ ଉଦ୍ଧାର ପରେ ଡାକ୍ତରୀ ପରୀକ୍ଷା କରାଯାଇଥିଲା । ପରିବାର ସହ ଯୋଗାଯୋଗ ପରେ ଆଲେପି-ବୋକାରୋ ଟ୍ରେନ ଯୋଗେ ତାଙ୍କୁ ଘରକୁ ପଠାଯାଇଛି ।

କେରଳ ରାଜ୍ୟ ଆଲେପି ଜିଲ୍ଲାର ବିଷ୍ଣୁ ଏସ୍ (୩୧) ଜଣେ ପ୍ରବାସୀ ଶ୍ରମିକ ଅଟନ୍ତି । ସେ ବରଗଡ଼ ଜିଲ୍ଲାର ଏକ ୱେଲ୍‌ଡିଂ ଗ୍ୟାରେଜ୍‌ରେ କାମ କରୁଥିଲେ । ସମ୍ବଲପୁର ସହରକୁ କାମ ସନ୍ଧାନରେ ଆସିଥିଲେ । ଓଡିଆ ଏବଂ ସ୍ଥାନୀୟ ଭାଷା ଜାଣି ନଥିବାବେଳେ ତାଙ୍କ ଭାଷା ଓ ବେଶଭୂଷା ଦେଖି ପିଲା ଚୋର ବୋଲି ସ୍ଥାନୀୟ ଯୁବକମାନେ ସନ୍ଦେହ କରିଥିଲେ । ଧୋବାପଡା ପାର୍କ ନିକଟରେ ଗତ ୨୧ତାରିଖ ପୂର୍ବାହ୍ନ ପ୍ରାୟ ସାଢେ ୯ଟାରେ ପିଲା ଚୋର ସନ୍ଦେହରେ ଅଟକାଇ ଥିଲେ । ତାଙ୍କୁ ପଚରାଉଚରା କରିବା ସହ ନିର୍ଦ୍ଦୁମ ମାଡ଼ ମାରିଥିଲେ । ଶାରୀରିକ ନିର୍ଯାତନା ଦେବା ସହ ଅକଥନୀୟ ଅତ୍ୟାଚାର କରିଥିଲେ । ବିଧା, ଗୋଇଠା ସହ ଚପଲ ମାଡ଼ ମାରିବାକୁ ମଧ୍ୟ ପଛାଇନଥିଲେ । ଶ୍ରମିକ ଜଣକ କାକୁତିମିନତି ହୋଇଥିଲେ ସୁଦ୍ଧା କାହାର ମନରେ ଦୟା ଆସିନଥିଲା । ସ୍ଥାନୀୟ ଯୁବକ ମାନେ ଘୋଷାରି ଘୋଷାରି ନେବା ସହ ଲହୁଲୁହାଣ କରିବାକୁ ମଧ୍ୟ ପଛାଇନଥିଲେ । ଘଟଣାସ୍ଥଳରୁ କ୍ଷେତରାଜପୁର ଥାନା ଅତି ନିକଟରେ ଥିଲେ ସୁଦ୍ଧା ପୋଲିସକୁ ବିଳମ୍ବରେ ସୂଚନା ପାଇଥିଲା ।

ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ଭିଡ଼ରୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲା । ସୂଚନାଯୋଗ୍ୟ, ଭୁବନେଶ୍ୱର ବାଲିଅନ୍ତା, ରାୟଗଡାର କଲ୍ୟାଣସିଂହପୁର ପରେ ସମ୍ବଲପୁରରେ ମଧ୍ୟ ଭିଡ ହିଂସା ଘଟଣା ସାମ୍ନାକୁ ଆସିଛି । ରାଜ୍ୟରେ ଭିଡ଼ ହିଂସା ମାମଲା ଥମିବାର ନାଁ ନେଉନାହିଁ । ତେବେ ଆଇନକୁ ହାତକୁ ନନେଇ ପୋଲିସକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି ।

## ୪ ଲକ୍ଷ...

ଲେଖାଏଁ ସହାୟତା ଘୋଷଣା କରିଛନ୍ତି ।

ସୂଚନାଯୋଗ୍ୟ ଯେ ଦୁର୍ଘଟଣାଗ୍ରସ୍ତ ଶ୍ରମିକମାନଙ୍କ ସହାୟତା ପାଇଁ ଓଡ଼ିଶା ସରକାର ନିରନ୍ତର ତାମିଲନାଡୁ ପ୍ରଶାସନ ସହ ଯୋଗାଯୋଗରେ ଅଛନ୍ତି ।

ଗତକାଲି ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାମିଲନାଡୁର ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରି ଯେପରି ଓଡ଼ିଆ ଶ୍ରମିକ ମାନଙ୍କ ଉପଯୁକ୍ତ ଚିକିତ୍ସା ହୋଇ ପାରିବ ଏବଂ ଅନ୍ୟାନ୍ୟ ସହାୟତା ଠିକ୍ ଭାବରେ ମିଳି ପାରିବ, ସେ ବିଷୟରେ ଆଲୋଚନା କରିଥଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଓଡ଼ିଶା ସରକାରଙ୍କ ତିନି ଜଣ ବରିଷ୍ଠ ଅଧିକାରୀ ତାମିଲନାଡୁର ତିରୁଭଲ୍ଲୁରେ ପହଞ୍ଚି ତାମିଲନାଡୁ ଅଧିକାରୀମାନଙ୍କ ସହିତ ସମନ୍ୱୟ ରକ୍ଷାକରି ଆହତ ଶ୍ରମିକ ମାନଙ୍କ ଚିକିତ୍ସା ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ସହାୟତା ଜାରି ରଖିଛନ୍ତି ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 18-KUR-TRD-OT-2026-27

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ଷ୍ଟେସନର ପ୍ରମୁଖ ଉନ୍ନତିକରଣ ସହ ସମ୍ପର୍କିତ ବିଦ୍ୟୁତୀକରଣ ଏବଂ OHE ରୂପାନ୍ତରଣ କାର୍ଯ୍ୟ ।

ବିଜ୍ଞାପିତ ମୂଲ୍ୟ : ₹97,50,293.28, EMD : ₹1,95,000/-, ଶେଷ ହେବା ଅବଧି: 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.23.06.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.07.07.2026ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ । ଇ-ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-256/R/26-27



Phone: 06842-253708
E-Mail: rw_phulbani@yahoo.co.in

25001/484/2627

**OFFICE OF THE SUPERINTENDING ENGINEER RURAL WORKS DIVISION, PHULBANI**

Government of Odisha e-Procurement Notice

Bid Identification No. Online Tender/01/SERWDPLB/2026-27

Memo No. 3254/RWD/PLB, Date:12.06.2026

| | | |
|---|---|---|
| 1 | Name of the Work | Road Works |
| 2 | Estimated Cost | Rs.78.09 to 96.85 lakhs |
| 3 | Period of Completion | 6 (Six) Months as per Annexure |
| 4 | Date & Time of availability of Bid documents in the Portal | 24.06.2026 at 10.00 AM to 08.07.2026 upto 5.00 P.M |
| 5 | Last Date/ Time for receipt of Bids in the Portal | 08.07.2026 upto 5.00 P.M |
| 6 | Name and address of the Officer Inviting Bid | Superintending Engineer, Rural Works Division, Phulbani |

Further details can be seen from the e-procurement portal tendersodisha.gov.in/nicgep/app

Sd/- Superintending Engineer
Rural Works Division Phulbani

OIPR : 25001/25077/1/26-27/0001



8001/165/2627

**OFFICE OF THE DIVISIONAL FOREST OFFICER: REDHAKHOL FOREST DIVISION**

Telephone No:- 06644-299949,
Email ID:- dro.rcdhakhol@odisha.gov.in

Notice No. F & E/RKL/018 (OFFLINE)/2026-27 Date.20.06.2026

**Tender Cancellation Notice**

Tender for procurement of "Solar-powered Irrigation Systems and IoT/SCADA Solutions for the Design, Supply, Installation, Commissioning, and Maintenance Support of a Solar-Based Drip Irrigation System with IoT Integration for the 15 km Lemon/Lime Bio-Fencing Plantation" during the year 2026-27 of Divisional Forest Officer, Redhakhol vide Tender Call Notice No- F & E/RKL/015 (OFFLINE)2026-27, Dated 02.06.2026 is hereby cancelled. A fresh tender for the above work shall be floated shortly under RFP (Request for Proposal) mode. Intending bidders may kindly remain in watch for the fresh tender notice to be published in due course.

Sd/- Divisional Forest Officer,
Redhakhol Forest Division

OIPR : 8001/8146/1/26-27/0027



**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା**
ଜିଲ୍ଲା - ସୁବର୍ଣ୍ଣପୁର, ଓଡ଼ିଶା ୭୬୭୦୧୬

13001/975/2627

**NOTIFIED AREA COUNCIL, TARBHA**
Dist - Subarnapur, Odisha 767016

nactarbha@gmail.com

No.1060 / Date. 19.06.2026

**TENDER CALL NOTICE**

The Executive Officer NAC, Tarbha Dist - Subarnapur inviting sealed Tenders in conformity with detailed Tender Called Notice (DTCN) from the intending eligible Registered Contractors registered with PHEO/ RWSS/ RD/ WR/ PWD etc. Govt, of Odisha so as to be eventually drawn up in PWD F2 Contract Form, for executing following works under NAC, Tarbha. The Bidder can have a set of Tender Document from the Office of the Executive Officer, NAC, Tarbha by producing the requisite amount of Tender Paper Cost through Demand Draft/ Banker's Cheque (non-refundable) as mentioned in the Column No, 04 drawn in favour of Executive Officer, NAC Tarbha payable at Tarbha on working days during Office hours as mentioned below. Other Terms & Conditions available with the DTCN.

| | |
|---|---|
| Name of Inviting Officer | Executive Officer, NAC Tarbha |
| Total Nos. of Civil Works | 10 (Ten) Nos. |
| Value of Works | Rs. 1.03 Lakhs to 4.23 Lakhs |
| Last date & time of sale of Tender Paper | Up to 05.00 P.M. of 02.07.2026 |
| Last date & time of Receipt of BID | Up to 05.00 P.M. of 03.07.2026 |
| Date & Time of Opening BID | At 11.30 A.M. of 04.07.2026 |

Sd/- Executive Officer
N.A.C., Tarbha

OIPR : 13001/13199/1/26-27/0005



**କେନ୍ଦ୍ରୀୟ ହୋମିଓପାଥି ଗବେଷଣା ପରିଷଦ**
(ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟର ଏକ ସ୍ୱୟଂଶାସିତ ସଂସ୍ଥା)
ଜବାହରଲାଲ ନେହେରୁ ଭାରତୀୟ ଚିକିତ୍ସା ଆଉର୍ ହୋମିଓପାଥି ଅନୁସନ୍ଧାନ ଭବନ
୬୧-୬୫, ପ୍ରତିଷ୍ଠାନ କ୍ଷେତ୍ର, ଡି-ବ୍ଲକ୍ ସମ୍ମୁଖ, ଜନକପୁରୀ, ନୂଆଦିଲ୍ଲୀ-୧୧୦୦୫୮

**ଏଫ.ନଂ. ଏଡି ୨୨୦୧୯/୬୬/୨୦୨୫–ଆଡମିନ୍**

ବିଜ୍ଞାପନ ନଂ. ୧୮୫/୨୦୨୬-୨୭ ତାରିଖ: ୧୨.୦୬.୨୦୨୬

**ଚୁକ୍ତିଭିତ୍ତିରେ ବିଭିନ୍ନ ପଦବୀ ପାଇଁ ଖାଲିପଡ଼ିଥିବା ବିଜ୍ଞପ୍ତି**

ସିସିଆରଏଚ ଏହାର ବିଭିନ୍ନ ଚାଲୁଥିବା ପ୍ରକଳ୍ପ / ପ୍ରସ୍ତାବିତ ଗବେଷଣା ପ୍ରକଳ୍ପ / ମୁଖ୍ୟାଳୟ / ପ୍ରତିଷ୍ଠାନ / ୟୁନିଟ୍ ଏବଂ ଅନ୍ୟାନ୍ୟ ସ୍ଥାନରେ ଅଧ୍ୟୟନ ପାଇଁ ଚୁକ୍ତିଭିତ୍ତିକ କିମ୍ବା ସ୍ଥିର ଅବଧି ଭିତ୍ତିରେ ବୈଷୟିକ ଏବଂ ଅଣ–ବୈଷୟିକ ମାନବସମ୍ବଳକୁ ନିୟୋଜିତ କରିବାକୁ ଚାହୁଁଛି ।

ପଦବୀର ଯୋଗ୍ୟତା ମାନଦଣ୍ଡ ଏବଂ ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ସମ୍ବନ୍ଧୀୟ ବିସ୍ତୃତ ବିଜ୍ଞାପନ ପାଇଁ, ଦୟାକରି ପରିଷଦର ସରକାରୀ ୱେବସାଇଟ୍ www.ccrhindia.ayush.gov.in ପରିଦର୍ଶନ କରନ୍ତୁ ।

ସହାୟକ ନିର୍ଦ୍ଦେଶକ (ପ୍ରଶାସକ)



**ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା**
ନଂ. ୨୧୦୯ ତା. ୧୭.୦୬.୨୦୨୬

13001/967/2627

**ବିଜ୍ଞାପନ**

କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ, ଅଧିନସ୍ଥ ଦୈନିକ ବଜାରକୁ ଟେଣ୍ଡର ମାଧ୍ୟମରେ ଏକକାଳୀନ ତା.୦୧.୦୭.୨୦୨୬ ରିଖ ରୁ ତା. ୩୦.୦୬.୨୦୨୭ ରିଖ ପର୍ଯ୍ୟନ୍ତ ଲିଜ୍ ଦେବା ନିମନ୍ତେ ସ୍ଥିର କରାଯାଇଛଅଛି । ଏଣୁ ସର୍ବସାଧାରଣଙ୍କୁ ଏହି ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉକ୍ତ ଦୈନିକ ବଜାରକୁ ଟେଣ୍ଡର ମାଧ୍ୟମରେ ଲିଜ୍ ସୂତ୍ରରେ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି/ଅନୁଷ୍ଠାନ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଟ.୬୦୦୦.୦୦ (ଛଅ ହଜାର ଟଙ୍କା) ମାତ୍ର ଜମା ଦେଇ ଟେଣ୍ଡର ଦରଖାସ୍ତ ଫର୍ମ ତା. ୧୮.୦୬.୨୦୨୬ ରିଖ ଠାରୁ ତା. ୨୫.୦୬.୨୦୨୬ ରିଖ ପର୍ଯ୍ୟନ୍ତ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ କିଣି ପାରିବେ । ଟେଣ୍ଡର ଫର୍ମ ନେଇଥିବା ବ୍ୟକ୍ତି /ଅନୁଷ୍ଠାନ ତା. ୨୯.୦୬.୨୦୨୬ ରିଖ ଅପରାହ୍ନ ୩.୦୦ ଘଟିକା ସୁଦ୍ଧା କେବଳ Registered Post / Speed Post (not through courier/by hand) ମାଧ୍ୟମରେ ପଠାଇବେ । ତା.୨୯.୦୬.୨୦୨୬ ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ପରିଷଦ ର ନିର୍ବାହୀ ଅଧିକାରୀଙ୍କ ଅଫିସ୍ ପ୍ରକୋଷ୍ଠରେ ଟେଣ୍ଡର କାଗଜ ଦେଇଥିବା ବ୍ୟକ୍ତି / ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ । ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଟେଣ୍ଡର ଦରଖାସ୍ତ ଗୁଡିକ ବିଚାରକୁ ନିଆଯିବ ନାହିଁ । ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା ଯେକୌଣସି ସମୟରେ ବିନା କାରଣ ଦର୍ଶାଇ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରିପାରିବେ ।

ଲିଜ୍ ଟେଣ୍ଡର ସମ୍ବନ୍ଧୀୟ ବିବରଣୀ/ସୂଚନା ଏନ୍.ଏ.ସି. କାର୍ଯ୍ୟାଳୟର ୱେବସାଇଟ୍‌ରେ http://www.noc-kesinga.in ରେ ଉପଲବ୍ଧ ହେବ ।

Sd/- (Executive Officer, N.A.C., Kesinga)

OIPR : 13001/13109/1/26-27/0004



**GOVERNMENT OF ODISHA, P.R & D.W DEPARTMENT OFFICE OF THE SUPERINTENDING ENGINEER, MECHANICAL RWS&S DIVISION, SAMBALPUR.**

25001/477/2627

e-mail address:- eemrwsbp@rediffmail.com
E -Tender Notice No.SE/RWSS/MSBP-1/26-27

| | | |
|---|---|---|
| 1 | Name of the work | Supply of Outsourcing Semiskilled, Skilled, High Skilled workers for the 6 Nos. of Mech. RWS&S Sub-division under Mechanical RWS&S Division, Sambalpur for the year 2026-27 |
| 2. | No. of work | 6 (Six) |
| 3. | Category of execution | Registered & established Man power service Providers. |
| 4. | Bid Identification No. | No.SE/RWSS/MSBP :- 1(A) to 1(F)/ 2026-27 |
| 5. | Estimated Cost | Ranging from Rs. 12.95 Lakh to Rs.30.19 Lakh (Excluding GST) |
| 6. | Period of Completion | 12 calendar Months |
| 7. | Date & time of availability of bids of documents in the Portal. | From Dt. 25/06/2026 (10.AM) To Dt. 08/07/2026 (5.30PM) |
| 8. | Last date/time for receipt of bids in the Portal. | Dt. 08/07/2026 (up to 5.30 PM) |
| 9. | Date and Place of Opening Bid | Dt. 09/07/2026 (11 AM Noon onwards) In the O/O the Undersigned. |
| 10. | Name of the officer inviting Bids | Superintending Engineer, Mechanical RWS&S, division Sambalpur |

Further details as well as any corrigendum can be seen only from e-procurement portal https://tendersodisha.gov.in

Sd/- Superintending Engineer
Mechanical RWSS division, Sambalpur

OIPR : 25001/25015/1/26-27/0001



25001/472/2627

E_mail: eerwkesinga@yahoo.com

**GOVERNMENT OF ODISHA : OFFICE OF THE SUPERINTENDING ENGINEER RURAL WORKS DIVISION, KESINGA**

e-Procurement Notice

BID IDENTIFICATION NO. RWKSNG-online-2/26-27

| | | |
|---|---|---|
| 1. | Name of works | Road works (As per annexure) |
| 2. | Total No. of work | 44 Nos |
| 3. | Estimated Cost | Rs. 5.08 lakhs to Rs.58.47 lakhs (Approximately) |
| 4. | E.M.D | Please refer DTCN |
| 5. | Cost of Tender document | As per annexure |
| 6. | Class of Contractor | "D, C & B" Class |
| 7. | Period of completion | As per annexure |
| 8. | Other details | As per DTCN |

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | RWKSNG-online-2/26-27 | 25.06.2026 at 11.00 A.M. | 09.07.2026 upto 17.00 P.M. | 07.07.2026 upto 17.00 P.M. | 10.07.2026 at 11.00 A.M. |

Further details can be seen from the Website i.e www.tenderodisha.gov.in.

Sd/- Superintending Engineer
Rural Works Division

OIPR : 25001/25153/1/26-27/0003



**GOVERNMENT OF ODISHA : OFFICE OF THE SUPERINTENDING ENGINEER RURAL WORKS DIVISION, KENDRPARA**

INVITATION FOR BIDS (SHORT NOTICE)

25001/490/2627

'E' PROCUREMENT NOTICE NO. RWD / KPD-02 / 2026-27 DT.11.06.2026 eerw_kpd@yahoo.com

| | | |
|---|---|---|
| 1. | Name of work | Road work in the District of Kendrapara for the year 2026-27. |
| 2. | Total No of work | 05 Number of Road works. |
| 3. | Estimated Cost | Rs.50.85 lakhs to Rs.76.27 lakhs approximately |
| 4, | Period of Completion | As Specified in the Annexure |
| 5. | Class of contractors | As Specified in the Annexure |
| 6. | Cost of tender paper | Cost of tender paper is to be remitted ONLINE for Rs.10000.00 per set. |
| 6. | Detail projects | As per Annexure attached |

Further details can be seen form the Govt, website www. tendersorissa.gov.in

Other details as follows :

| Procurement Officer | Place of Opening | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 23.06.2026 At- 5.00 P.M | 09.07.2026 Up to 5.00 P.M. | Up to 5.00 P.M. on 08.07.2026 | 10.07.2026 at 11.00 A.M. | The date will be intimated to the technically qualified bidders later on |

Further details can be seen form the Govt, website www. tendersorissa.gov.in

Sd/- Superintending Engineer
Rural Works Division, Kendrapara

OIPR : 25001/25064/1/26-27/0002



**OFFICE OF THE NIMAPADA NOTIFIED AREA COUNCIL**
At/Po/Ps:-Nimapada, Dist.-Puri, Odisha, Pin-752106,
e-Mail:-nimapadanac@gmail.com,
Web: www..nimapadanac.in, Phone No : (06758-454167)

13001/979/2627

No. 2040/Date 20.06.2026

**e-Procurement Notice**

Bid Documents consisting of Work Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt website i.e. www.tendersodisha.gov.in.

| | | |
|---|---|---|
| 1. | Tender Reference No | NP-NAC-01/2026-27 |
| 2. | Tender I.D No. | 2026_ORULB_132556_1 to 2 |
| 3. | Name of the work | Civil Construction works as mentioned in website |
| 4. | No. of work | 02 Nos. |
| 5. | Estimated Cost | Rs. 64,62,052.00 to Rs. 81,14,956.00 |
| 6. | Period of Completion | 180 days |
| 7. | Date & time of Bidding | Dt. 23.06.2026 to Dt. 02.07.2026 upto 05.30 P.M. |
| 8. | Last date & time for receipt Of bids in the portal | Dt. 02.07.2026 upto 05.30 P.M. |
| 9. | Bids received online shall be opened on Dt. | Dt. 03.07.2026 at 11.00 A.M. |
| 10. | Name and address of the Officer inviting Bid | Executive Officer, Nimapada N.A.C. |

Further details can be seen from the procurement portal i.e www.tendersodisha.gov.in.

Sd/- Executive Officer
Nimapada N.A.C.

OIPR : 13001/13168/1/26-27/0002



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

## ଓଡ଼ିଶାରେ ନବୀକରଣଯୋଗ୍ୟ ଶକ୍ତି ଆଧାରିତ

# ଜୀବିକାର ବ୍ୟାପକୀକରଣ ଉପରେ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଏବଂ ସେଲକୋ ଫାଉଣ୍ଡେସନ୍ ର ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥିତ ହୋଟେଲ କ୍ରାଉନ୍‌ଠାରେ "ଓଡ଼ିଶାରେ ଡିଆରଇ ଆଧାରିତ ଜୀବିକା ଏବଂ ଗ୍ରାମୀଣ ଉଦ୍ୟୋଗ ସମାଧାନ ପାଇଁ ଆର୍ଥିକ ସହାୟତା ଓ ବ୍ୟାପକୀକରଣ" ଶୀର୍ଷକ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ନାବାର୍ଡ, ଏସ୍‌ଏଲ୍‌ବିସି, ବିଭିନ୍ନ ବିକାଶମୂଳକ ସଂଗଠନ, ପ୍ରଯୁକ୍ତି ପ୍ରଦାନକାରୀ ସଂସ୍ଥା ଏବଂ ଗ୍ରାମୀଣ ଉଦ୍ୟୋଗୀମାନଙ୍କ ପ୍ରତିନିଧିମାନେ ଯୋଗଦେଇ ବିକେନ୍ଦ୍ରୀକୃତ ନବୀକରଣଯୋଗ୍ୟ ଶକ୍ତି ଆଧାରିତ ଜୀବିକା ସମାଧାନର ବିସ୍ତାର ଓ ଏଥିପାଇଁ ଆର୍ଥିକ ସହାୟତା ସୁବିଧା ବୃଦ୍ଧି କରିବା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଅଧ୍ୟକ୍ଷ ଋଷି ସିଂହ, ଏସ୍‌ଏଲ୍‌ବିସି ଓଡ଼ିଶାର ସଂଯୋଜକ ପ୍ରଣବ କୁମାର ବିଶ୍ୱାସ, ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଭି. କେ. ଆର୍ଯ୍ୟ ଏବଂ ସେଲକୋ ଫାଉଣ୍ଡେସନର ସିଏଫ୍‌ଓ ଭି. କେ. ଜୋବି ସ୍ଥାୟୀ ଗ୍ରାମୀଣ ଜୀବିକାର ପ୍ରୋତ୍ସାହନ ପାଇଁ ସହଭାଗୀତା, ସ୍ୱଚ୍ଛ ଶକ୍ତି ଆଧାରିତ ଆର୍ଥିକ ସହାୟତା ଏବଂ ନବସୃଜନର ଗୁରୁତ୍ୱ ଉପରେ ନିଜ ନିଜର ମତ ରଖିଥିଲେ ।




କର୍ମଶାଳାର ଏକ ପ୍ରମୁଖ ଆକର୍ଷଣ ଥିଲା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଦ୍ୱାରା'ଶିଳ୍ପ ଉଦ୍ୟୋଗୀ ଯୋଜନା,'ପ୍ରଧାନମନ୍ତ୍ରୀ ଆନୁଷ୍ଠାନିକ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରୋତ୍ସାହନ ଯୋଜନା','ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ, 'ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା' ଏବଂ'କୃଷି ମିଆଦି ଋଣ' ଯୋଜନା ଅଧୀନରେ ଆର୍ଥିକ ସହାୟତା ପାଇ ନିଜ ଜୀବିକାକୁ ସୁଦୃଢ଼ କରିଥିବା ସଫଳ ଉଦ୍ୟୋଗୀମାନଙ୍କ କାହାଣୀକୁ ନେଇ ପ୍ରସ୍ତୁତ ଏକ ଭିଡିଓ ଡକ୍ୟୁମେଣ୍ଟେସନର ଉନ୍ମୋଚନ । ଏହା ସହିତ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ମାଧ୍ୟମରେ ଆର୍ଥିକ ସହାୟତା ପାଇପାରୁଥିବା ବିଭିନ୍ନ ନବୀକରଣଯୋଗ୍ୟ ଶକ୍ତି ଆଧାରିତ ଜୀବିକା ସମାଧାନକୁ ନେଇ ଏକ ପୋଷ୍ଟର ମଧ୍ୟ ଉନ୍ମୋଚନ କରାଯାଇଥିଲା ।

ସଚେତନତା ବୃଦ୍ଧି ପାଇଁ ଏହି ପୋଷ୍ଟରକୁ ରାଜ୍ୟର ସମସ୍ତ ୯୭୯ଟି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଶାଖାରେ ପ୍ରଦର୍ଶିତ କରାଯିବ । କର୍ମଶାଳାରେ ଚାମ୍ପିଅନ୍ ଉପଭୋକ୍ତା, ଏଫ୍‌ପିଓ କୃଷକ, ସୌର ଉଦ୍ୟୋଗ ଏବଂ ପ୍ରଯୁକ୍ତି ପ୍ରଦାନକାରୀଙ୍କ ଦ୍ୱାରା ନବୀକରଣଯୋଗ୍ୟ ଶକ୍ତି ଚାଳିତ ଜୀବିକା ସମାଧାନର ପ୍ରତ୍ୟକ୍ଷ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ସମସ୍ତ ୧୭ ଜଣ ଆଞ୍ଚଳିକ ପ୍ରବନ୍ଧକ, ୧୭ ଜଣ ବ୍ୟବସାୟ ମୁଖ୍ୟ ଏବଂ ଅଗ୍ରଣୀ ଶାଖା ପ୍ରବନ୍ଧକମାନେ ଅଂଶଗ୍ରହଣ କରିଥିଲେ । ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ସହଯୋଗରେ ପ୍ରଭୁ ପ୍ରସାଦ ମିଶ୍ର, ଶ୍ରୀମତୀ ସ୍ୱାଗତିକା ନାୟକ, ସଞ୍ଜୟ ତ୍ରିପାଠୀ ଏବଂ ସେଲକୋ ଫାଉଣ୍ଡେସନର ଅନ୍ୟ ସଦସ୍ୟମାନେ ସଫଳତାର ସହ ଏହି କର୍ମଶାଳାର ଆୟୋଜନ କରିଥିଲେ ।

### ସାଂସଦଙ୍କ ଚିକିତ୍ସା ଶିବିରରେ ୬୯୧ ଚିକିତ୍ସିତ

ବାଲିପାଟଣା ,(ସବ୍ୟୁ): ପି ଏମ ଶ୍ରୀ ବନମାଳୀପୁର ଉଚ୍ଚ ବିଦ୍ୟାଳୟ ଠାରେ ରବିବାର ପୂର୍ବାହ୍ନରେ ବ୍ଲକ ସ୍ତରୀୟ ସାଂସଦ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ୬୯୧ ଜଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି । ଆନୁଷ୍ଠାନିକ ଭାବେ ଏହାକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଯୋଗଦେଇ ଶୁଭାରମ୍ଭ କରିଥିଲେ ।ପ୍ରାୟ ୧୦ ଗୋଟି ବିଭାଗ ର ପ୍ରତିଷ୍ଠିତ ଡାକ୍ତର ମାନେ ରୋଗୀ ମାନଙ୍କୁ ସେବା ଯୋଗାଇବା ସହିତ ରୋଗ ନିରୂପଣ ପାଇଁ ବିଭିନ୍ନ ପ୍ରକାର ପରୀକ୍ଷା ମଧ୍ୟ କରା ଯିବାର ବ୍ୟବସ୍ଥା ହୋଇଥିଲା ।ମେଡିସିନ, ଗାଇନିକ, ଇ ଏନ ଟି, ଚର୍ମ ,ଶିଶୁ ରୋଗ ପ୍ରଭୃତିର ବିଶେଷଜ୍ଞ ଡାକ୍ତର ମାନେ ରୋଗ ନିରୂପଣ କରିବା ପରେ ରୋଗୀଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା ।କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅର୍ଣ୍ଣବ କୁମାର ବେହୁରା,ସାଂସଦଙ୍କ ପ୍ରତିନିଧି ଚୌଧୁରୀ ଦ୍ୱାରିକାନାଥ ଦାସ,ସରିତା ସ୍ୱାଇଁ,ବୀଣାପାଣି ପାତ୍ର,ସୁଧୀର ପଣ୍ଡା,ବିଦ୍ୟୁ କାଣ୍ଡି ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ସହଯୋଗ କରିଥିଲେ ।



ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହ ରାଜ୍ୟର ସ୍ୱାସ୍ଥ୍ୟମିତ୍ରମାନଙ୍କର ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି ।

## ବିବାହିତ ଝିଅ ଅନୁକମ୍ପାମୂଳକ ନିଯୁକ୍ତି ପାଇପାରିବେ :ହାଇକୋର୍ଟ

କଟକ,(ସବ୍ୟୁ): ବିବାହତ ଝିଅ ବୋଲି ଜଣଙ୍କୁ ଅନୁକମ୍ପାମୂଳକ ନିଯୁକ୍ତିରୁ ବଞ୍ଚିତ କରାଯାଇ ପାରିବ ନାହିଁ । ବିବାହିତ ଝିଅମାନେ ମଧ୍ୟ ଅନୁକମ୍ପାମୂଳକ ନିଯୁକ୍ତି ପାଇପାରିବେ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ଆବେଦନକାରିଣୀ ଗୌରୀ ଜେନାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏହି ଆଦେଶ ଦେଇଛନ୍ତି। ଆବେଦନକାରିଣୀ ଗୌରୀ ଜେନା ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ମାତ୍ର ସେ ଜଣେ ବିବାହିତ ଝିଅ ହୋଇଥିବାରୁ ତାଙ୍କର ଏହି ଦାବିକୁ ୨୦୧୬ ଜୁଲାଇ ୨୮ ତାରିଖରେ ଢ଼େଙ୍କାନାଳ ସିଡିଏମଓ ଖାରଜ କରିଦେଇଥିଲେ। ପ୍ରଶାସନର ଏହି ନିଷ୍ପତ୍ତି କୁ ଚାଲେଞ୍ଜ କରି ଆବେଦନକାରିଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ହାଇବ୍ରିଡ୍ ମୋଡ୍‌ରେ ଏହି ମାମଲାର ଶୁଣାଣି ହୋଇଥିଲା। ଶୁଣାଣି ସମୟରେ ଆବେଦନକାରିଣୀଙ୍କ ଆଇନଜୀବୀ ଅଦାଲତଙ୍କ ସମ୍ମୁଖରେ ଏହି ସନ୍ଦର୍ଭରେ ହାଇକୋର୍ଟ ଦେଇଥିବା ପୂର୍ବର କେତେକ ରାୟ ଉପସ୍ଥାପନ କରିଥିଲେ। ଏହି ସବୁ ମାମଲାରେ ହାଇକୋର୍ଟ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ, ମୃତ କର୍ମଚାରୀଙ୍କ ବିବାହିତ ଝିଅମାନେ ମଧ୍ୟ ଅନୁକମ୍ପାମୂଳକ ନିଯୁକ୍ତି ପାଇବାର ସମ୍ପୂର୍ଣ୍ଣ ଅଧିକାରୀ। ତେଣୁ ଗୌରୀ ଜେନାଙ୍କ ଆବେଦନକୁ ଖାରଜ କରିବା ଆଇନଗତ ଭାବେ ଗ୍ରହଣଯୋଗ୍ୟ ନୁହେଁ। ରାଜ୍ୟ ସରକାରଙ୍କ ଅତିରିକ୍ତ ସରକାରୀ ଓକିଲ ମଧ୍ୟ ପୂର୍ବରୁ ଆସିଥିବା ଏହି ସବୁ ସମାନ ରାୟକୁ ସ୍ୱୀକାର କରିଥିଲେ ଏବଂ ମାମଲାଟିକୁ ପୁନଃବିଚାର ପାଇଁ ପଠାଯାଉ ବୋଲି ମତ ଦେଇଥିଲେ । ଅଦାଲତ ଉଭୟ ପକ୍ଷଙ୍କ ଯୁକ୍ତିକୁ ଅନୁଧ୍ୟାନ କରିବା ପରେ ବିବାହିତ ଝିଅ ହୋଇଥିବା କାରଣରୁ ଅନୁକମ୍ପାମୂଳକ ନିଯୁକ୍ତି ଗ୍ରହଣୀୟ ନୁହେଁ ବୋଲି ଦିଆଯାଇଥିବା ଆଦେଶକୁ ରଦ୍ଦ କରି ଦେଇଥିଲେ। ଏଥିସହିତ କୋର୍ଟ ମାମଲାଟିକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇ ଦେଇଛନ୍ତି। ହାଇକୋର୍ଟଙ୍କ ପୂର୍ବ ରାୟଗୁଡ଼ିକୁ ଆଧାର କରି ଆବେଦନକାରିଣୀଙ୍କ ଦାବି ଉପରେ ଏକ ସ୍ୱଚ୍ଛ ଓ ନୂତନ ନିଷ୍ପତ୍ତି ନେବାକୁ ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି।

### ଜିତୁ ମୁଣ୍ଡା ଘଟଣା ଗ୍ରାମ୍ୟବ୍ୟାଙ୍କ ମ୍ୟାନେଜର ନିଲମ୍ବିତ

କେନ୍ଦୁଝର , (ଜିପ୍ର): ବହୁ ଚର୍ଚ୍ଚିତ ଜିତୁ ମୁଣ୍ଡା ଘଟଣାରେ ଶେଷରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ନବୀନଙ୍କ ଚିଠି ପରେ କେନ୍ଦ୍ର ସରକାର ଏହି ମାମଲାକୁ ଗମ୍ଭୀରତାର ସହ ନେଇ ଆକ୍ସନ ମୋଡକୁ ଆସିଛନ୍ତି । ମଲ୍ଲୀପୋଷି ବ୍ୟାଙ୍କର ବ୍ରାଞ୍ଚ ମ୍ୟାନେଜର ସସପେଣ୍ଡହେଇଛନ୍ତି । ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମଲ୍ଲୀପୋଷି ବ୍ରାଞ୍ଚ ମ୍ୟାନେଜରଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ (ସସପେଣ୍ଡ) କରାଯାଇଛି । ଜଣେ ଗରିବ ଆଦିବାସୀ ଗ୍ରାହକଙ୍କୁ ବ୍ୟାଙ୍କ କାର୍ଯ୍ୟପାଇଁ ହଇରାଣ ଓ ନିର୍ଯାତନା ଦେବା ଅଭିଯୋଗରେ ଏହି କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

## ମୀନାକ୍ଷୀଙ୍କ ପ୍ରାର୍ଥିପତ୍ର ନାକଚ ଏକ ଷଡ଼ଯନ୍ତ୍ର : ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ମଧ୍ୟପ୍ରଦେଶରେ ରାଜ୍ୟସଭା କଂଗ୍ରେସ ପାର୍ଥୀ ଥିବା ଗାନ୍ଧିବାଦୀ ନେତ୍ରୀ ମିନାକ୍ଷୀ ନଟରାଜନଙ୍କ ନିର୍ବାଚନ ଆୟୋଗଙ୍କ ଅସମ୍ବିଧାନିକ ପ୍ରାର୍ଥୀପତ୍ର ନାକଚ ଓ ଓଡ଼ିଶାର ତିଖିରୀ ପଞ୍ଚାୟତର ମହିଳା ସରପଞ୍ଚ ଚମେଲୀ ଓଝାଙ୍କୁ ପୁଲିସର ବେନିୟମ ଗିରଫଦାରୀ ବିରୁଦ୍ଧରେ ଆରଜିପିଆରଏସ ସଭାପତି ସୁଦର୍ଶନ ଦାସଙ୍କ ନେତୃତ୍ୱରେ ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନ ତରଫରୁ ଲୋୟର ପିଏମଜିଠାରେ ସତ୍ୟାଗ୍ରହ ସମାବେଶ ଆୟୋଜିତ ହୋଇଥିଲା । ସମାବେଶରେ ଯୋଗଦାନ କରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ, ବର୍ତ୍ତମାନର କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତ ସାମ୍ବିଧାନିକ ବ୍ୟବସ୍ଥାକୁ ଉଲଂଘନ କରି ଏକଛତ୍ରବାଦୀ ଶାସନ ଚଳାଉଛି । ନିଜ ପଞ୍ଚାୟତ ପ୍ରତି ସାବତ ପୁଅ ବ୍ୟବହାର ବିରୋଧରେ ସରପଞ୍ଚ ଚମେଲୀ ଓଝା ବିଡ଼ିଓଙ୍କ ଦ୍ୱାରସ୍ଥ ହେଲାବେଳେ ବିଡ଼ିଓ ଚମେଲୀଙ୍କ ଅଭିଯୋଗକୁ ଅଣଦେଖା କଲେ । ଫଳରେ ସରପଞ୍ଚ ପ୍ରତିବାଦ କରିବାରୁ ତାଙ୍କୁ ପୁଲିସ ଲଗାଇ ଯେଉଁଭଳି ଭାବରେ ଗିରଫ କରାଇଲେ ତାହା ସମଗ୍ର ଓଡ଼ିଶାରେ ହଇଚଇ ସୃଷ୍ଟି ହୋଇଥିଲା । ଏହି ନିନ୍ଦନୀୟ ଘଟଣାର କେନ୍ଦ୍ରବିନ୍ଦୁ ବିଡ଼ିଓଙ୍କୁ ଏପର୍ଯ୍ୟନ୍ତ ନିଲମ୍ବନ କରିବା ଦୂରେ ଥାଉ ବଦଳି ମଧ୍ୟ ସରକାର କଲେନି । ଅନ୍ୟପକ୍ଷରେ ତଳବର୍ଗଙ୍କ ଅଧିକାର ପାଇଁ ସବୁବେଳେ ଲଢୁଥିବା ଲଢୁଆ ନେତ୍ରୀ ମିନାକ୍ଷୀ ନଟରାଜନଙ୍କ ରାଜ୍ୟସଭା ପ୍ରାର୍ଥୀପତ୍ର ନାକଚ ହେବା ଦେଶର ଗଣତନ୍ତ୍ର ପ୍ରତି ଶକ୍ତ ଆଘାତ ହୋଇଛି । ମଧ୍ୟପ୍ରଦେଶରେ ଆମ ସଂଖ୍ୟା ଥିଲା କିନ୍ତୁ କେନ୍ଦ୍ର ସରକାରଙ୍କ ପ୍ରରୋଚନାରେ ନିର୍ବାଚନ ଆୟୋଗ କୁମାରୀ ନାଟରାଜନଙ୍କ ପ୍ରାର୍ଥୀ ପତ୍ର ନାକଚ କରିଦେଇଛନ୍ତି । ସରକାର ସମସ୍ତ ସାମ୍ବିଧାନିକ ବ୍ୟବସ୍ଥାକୁ ଜଳାଞ୍ଜଳି ଦେଇ ସାରିଲେଣି । ଏକଛତ୍ରବାଦର ଶାସନ ପ୍ରତିଷ୍ଠା କରୁଛନ୍ତି । ସରକାର ଭୟଭୀତ ହୋଇ କିଛି କାରଣ ନ ଥାଇ ତାଙ୍କ ପ୍ରାର୍ଥୀପତ୍ର ହିଁ ନାକଚ କରି ଦିଆଗଲା । ସତ୍ୟାଗ୍ରହ ସମାବେଶରେ ବରିଷ୍ଠ କଂଗ୍ରେସ ନେତା ଆଇନଜୀବୀ ଶିବାନନ୍ଦ ରାୟ, ପୂର୍ବତନ ବିଧାୟକ ଜଗନ୍ନାଥ ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ନିମାଇଁ ସରକାର, ବରିଷ୍ଠ କଂଗ୍ରେସ ନେତା ସତ୍ୟବ୍ରତ ପାତ୍ର, ସାଧାରଣ ସମ୍ପାଦକ ବିଜୟ ପ୍ରଧାନ, ଡଃ ମନୀଷା ଦାସ ପଟ୍ଟନାୟକ ଏବଂ ଆରଜିପିଆରଏସର ସଦସ୍ୟ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।




## ସୋଆରେ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କଳିଙ୍ଗ ନଗର କ୍ୟାମ୍ପସ୍‌ରେ ନୂତନ ଷ୍ଟାଡିୟମରେ ରବିବାର ସକାଳ ୬ଟାରେ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି ଅବସରରେ ବିଶିଷ୍ଟ ନ୍ୟୁରୋସର୍ଜନ ତଥା ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର (ସ୍ୱାସ୍ଥ୍ୟ ବିଜ୍ଞାନ) ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବ ଛାତ୍ରଛାତ୍ରୀମାନ ପରିବର୍ତ୍ତିତ ଜୀବନ ଶୈଳୀର ସେମାନଙ୍କ ଉପରେ ପକାଉଥିବା କୁପ୍ରଭାବ ଉପରେ ବୁଝାଇଥିଲେ ଏବଂ ଯୋଗ ଅଭ୍ୟାସ କିପରି ସେମାନଙ୍କର ଶାରୀରିକ, ମାନସିକ, ସାମାଜିକ ଏବଂ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟକୁ ପରିବର୍ତ୍ତିତ କରିପାରିବ ସେକଥା ସେ ବିଷୟରେ ପରାମର୍ଶ ଦେଇଥିଲେ । ଏହି ଅବସରରେ ସୋଆର ଇଂଟରନ୍ୟାସନାଲ ରିଲେସନ୍ସ ଆଣ୍ଡ ୟୁନିଭର୍ସିଟି ଆଉଟରିଚ ପ୍ରୋଗ୍ରାମର ନିର୍ଦ୍ଦେଶକ ପ୍ରଫେସର (ଡଃ) ନଚିକେତା ଶର୍ମା, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ଏବଂ ସୋଆ ଏନ.ଏସ.ଏସ. କାର୍ଯ୍ୟକ୍ରମ ସଂଯୋଜକ ଡଃ କମଳ ଲୋଚନ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ଯୋଗ ଶିକ୍ଷକ ଶ୍ରୀ ଅଖିଳ ଚନ୍ଦ୍ର ରଣା ଅନ୍ୟ ଯୋଗ ପ୍ରଶିକ୍ଷକମାନଙ୍କ ସହାୟତାରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଯୋଗାସନ ଏବଂ ପ୍ରାଣାୟମ ଅଭ୍ୟାସ କରିବାରେ ସାହାଯ୍ୟ କରିଥିଲେ। ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ ସୋଆର ଏନ.ଏସ. ଏସ. କାର୍ଯ୍ୟକ୍ରମ ଅଧିକାରୀ ଡଃ ସରୋଜ କୁମାର ମହାନ୍ତି, ଡଃ ନୀତିଶ କୁମାର ଜେନା, ଡଃ ମାନସ କୁମାର ପଟେଲ, ଡଃ ଭୀମସେନ ଭୋଳ, ଡଃ କନକଲତା ଓଝା, ଶ୍ରୀମତୀ ପଦ୍ମଜା ପଟେଲ, ଅନ୍ୟ ଅଧ୍ୟାପକ, ଛାତ୍ରଛାତ୍ରୀ ଓ ଏନ.ଏସ. ଏସ. ସ୍ୱେଚ୍ଛାସେବୀମାନଙ୍କ ଉପସ୍ଥିତିରେ ସଫଳତାର ସହିତ ସମାପ୍ତ ହୋଇଥିଲା ।



## ଜିନ୍ଦଲ ଷ୍ଟେନଲେସର ଯାଜପୁର ଏବଂ ମୁନ୍ଦ୍ରା ସୁବିଧା କେନ୍ଦ୍ରକୁ ବ୍ରିଟିଶ ସେଫ୍ଟି କାଉନସିଲ ଅନ୍ତର୍ଜାତୀୟ ସୁରକ୍ଷା ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ଜିନ୍ଦଲ ଷ୍ଟେନଲେସ୍, ଦେଶର ଅଗ୍ରଣୀ ଷ୍ଟେନଲେସ୍ କମ୍ପାନୀ ନିରାପତା ଓ କାର୍ଯ୍ୟକ୍ଷମ ଉତ୍କର୍ଷତା କ୍ଷେତ୍ରରେ ଏକ ବଳିଷ୍ଠ ସଂସ୍କୃତି ଗଢ଼ିବା ଦିଗରେ ତାର ପ୍ରତିବଦ୍ଧତା ସ୍ୱରୂପ ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍ ଏବଂ ମୁନ୍ଦ୍ରା ୟୁନିଟ୍ କ୍ରୋମେନି ଷ୍ଟିଲ୍ସ ଲିମିଟେଡ୍ କୁ ସମ୍ମାନଜନକ ବ୍ରିଟିଶ ସେଫ୍ଟି କାଉନସିଲ୍ ଇଂଟରନ୍ୟାସନାଲ ସେଫ୍ଟି ଆୱାର୍ଡ ୨୦୨୬ ରେ ସ୍ୱୀକୃତି ମିଳିଛି । ଏହି ପୁରସ୍କାର ସେହି ସଂସ୍ଥାଗୁଡ଼ିକୁ ସ୍ୱୀକୃତି ଦେଇଥାଏ ଯାହା ଦୃଢ଼ ବ୍ୟବସ୍ଥା, ନେତୃତ୍ୱ, ପ୍ରତିବଦ୍ଧତା ଏବଂ କାର୍ଯ୍ୟସ୍ଥଳ ସୁରକ୍ଷା ଅଭ୍ୟାସରେ ନିରନ୍ତର ଉନ୍ନତି ଆଣିଥାଏ । ଏଥିସହିତ ସେମାନଙ୍କ କାର୍ଯ୍ୟବଳର ସ୍ୱାସ୍ଥ୍ୟ, ନିରାପତା ଏବଂ କଲ୍ୟାଣର ସୁରକ୍ଷା ପାଇଁ ଥିବା ଦୃଢ ପ୍ରତିବଦ୍ଧତା ପ୍ରଦର୍ଶନ କରେ । ଏହି କ୍ରମରେ ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍ ଡିଷ୍ଟିଙ୍କସନ୍ ଆୱାର୍ଡ ଗ୍ରହଣ କରିଛି । ଯାହା ସର୍ବୋଚ୍ଚ ସ୍ତରର ସ୍ୱୀକୃତି ମଧ୍ୟରୁ ଗୋଟିଏ । ଏହା ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା, ଏକ ନିରାପଦ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିବା ଏବଂ ଶୂନ୍ୟ ଦୁର୍ଘଟଣାର ଲକ୍ଷ୍ୟକୁ ଆଗକୁ ବଢାଇବା ଦିଗରେ ଥିବା ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ । ସେହିପରି, କ୍ରୋମେନି ଷ୍ଟିଲ୍ସ ଲିମିଟେଡ୍, ମୁନ୍ଦ୍ରା, ଏହାର କାର୍ଯ୍ୟପରିସରରେ ସ୍ୱାସ୍ଥ୍ୟ, ନିରାପତା ଏବଂ କର୍ମଚାରୀଙ୍କ କଲ୍ୟାଣ ପ୍ରତି ଦୃଢ଼ ସୁରକ୍ଷା ଅଭ୍ୟାସ ଓ ପ୍ରତିବଦ୍ଧତା ପ୍ରଦର୍ଶନ ପାଇଁ ମେରିଟ୍ ବର୍ଗରେ ସ୍ୱୀକୃତିପ୍ରାପ୍ତ ହୋଇଛି । ଏହି ସଫଳତା ସମ୍ପର୍କରେ ଶ୍ରୀ ଅଭ୍ୟୁଦୟ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ, ଜିନ୍ଦଲ ଷ୍ଟେନଲେସ କହିଛନ୍ତି, "ଆମର କାର୍ଯ୍ୟ କରିବାର ପଦ୍ଧତି ଏବଂ ଦାୟିତ୍ୱବାନ ଉତ୍ପାଦନର ପାଇଁ ସୁରକ୍ଷା ହେଉଛି ଆମର ମୌଳିକ ଦୃଷ୍ଟିକୋଣର କେନ୍ଦ୍ରବିନ୍ଦୁ। ଏହି ସ୍ୱୀକୃତି କର୍ମକ୍ଷେତ୍ର ନିର୍ମାଣ ଦିଗରେ ଆମ ଟିମ୍ ର ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଯେଉଁଠାରେ ସୁରକ୍ଷା ପ୍ରତ୍ୟେକ ପ୍ରକ୍ରିୟା, ନିଷ୍ପତି ଏବଂ କାର୍ଯ୍ୟରେ ଅନ୍ତର୍ଭୁକ୍ତ ।

## ବ୍ରିଟ୍ କଲୋନୀ ଉନ୍ନୟନ ପରିଷଦର ନୂଆ କାର୍ଯ୍ୟକାରୀ କମିଟି ଗଠନ

ଭୁବନେଶ୍ୱର, (ସବ୍ୟୁ) : ବଡ ବଡ ବ୍ରିଟ୍ କଲୋନୀ ଉନ୍ନୟନ ପରିଷଦର ନୂଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି । ଏହି କମିଟି ଆସନ୍ତା ୨ ବର୍ଷ ପାଇଁ କାର୍ଯ୍ୟ କରିବ । ଏହି କମିଟିର କର୍ମକର୍ତ୍ତାମାନେ ହେଲେ ସଭାପତି ଗୋବିନ୍ଦ ଚନ୍ଦ୍ର ପାତ୍ର, ଉପସଭାପତି ପରମେଶ୍ୱର ଧଳ, ମିହିର ଆଚାର୍ଯ୍ୟ, ସମ୍ପାଦକ ବିଶ୍ୱବିଜୟ ବକ୍ସି ଆଚାର୍ଯ୍ୟ, ଯୁବ ସମ୍ପାଦକ ଅର୍ଦ୍ଧେନ୍ଦୁ ଶେଖର ପଟ୍ଟନାୟକ ଓ ଦୀପକ ପଟ୍ଟନାୟକ, କୋଷାଧ୍ୟକ୍ଷ ରଜନୀକାନ୍ତ ନାୟକ, ସହକୋଷାଧ୍ୟକ୍ଷ ଭବେସ ସାମନ୍ତରାୟ, ସମୀକ୍ଷକ ଅମରେଶ ଦାସ, ଉପଦେଷ୍ଟା ପ୍ରତାପ କୁମାର ଜେନା, ଡାକ୍ତର ପୁନଚନ୍ଦ୍ର ପ୍ରଧାନ, ଅର୍ଜ୍ଜୁନ ଜେନା, ଶ୍ରୀକର ଦାସ, ବନ୍ଦନା ସାହୁ, ଅଦୈତ କୁମାର ପାତ୍ର, ବିଦୁଲତା ବଳିଆର ସିଂଙ୍କ ସହିତ କାର୍ଯ୍ୟକାରୀ କମିଟିକୁ କାଶିନାଥ ଦାସ, ଆଲୋକ ମହାନ୍ତି,ହେମନ୍ତ ଷଡଙ୍ଗୀ, ସରଳା ସ୍ୱାଇଁ, ବେଣୁଧର ଦତ୍ତ, ଅଲେଖ ସାହୁ, ଅଶୋକ ପାତ୍ର, ସତ୍ୟାନନ୍ଦ ପ୍ରଧାନ, ସଂଗ୍ରାମ କେଶରୀ ବେହେରା, ପୁନଚନ୍ଦ୍ର ମହାନ୍ତି, କଲ୍ୟାଣୀ ପଣ୍ଡା, ଛନ୍ଦାଚରଣ ମହାପାତ୍ର, ଧୃଷାସନ ସାମନ୍ତରାୟ, ଫିବି ରାଓ, କ୍ଷୀରୋଦ ଦାସ, ଛନ୍ଦାଚରଣ ଦାସ, ମଳୟ ରଥ, ଅମୀୟରଞ୍ଜନ ଧଳ, କୃଷ୍ଣଚନ୍ଦ୍ର ମହାପାତ୍ର, ସ୍ୱାଧୀନ ପଟ୍ଟନାୟକ, ଡିଏସ୍ ଆପାରାଓ, ମନୋଜ ପାଢୀ, ସୁରେଶ ଜେନା, ଅମୀୟ କୁମାର ମିଶ୍ର, ସରୋଜ ସ୍ୱାଇଁ, ସତ୍ୟନାରାୟଣ ବକ୍ସି ଆଚାର୍ଯ୍ୟ, କୁନ୍ତଳା ସାହୁ, ଅଜୟ ଦେବବ୍ରତ ସ୍ୱାଇଁ ପ୍ରମୁଖ ସଭ୍ୟ ରୂପେ ଚୟନ କରାଯାଇଛି ।

## ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟରେ ରନ୍ଧା ଖାଦ୍ୟ ବଣ୍ଟନର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ, ନାଗେଶ୍ୱର ଟାଙ୍ଗୀ ଠାରେ ୪୩ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟର ରେରୋଗୀମାନଙ୍କ ପାଇଁ ରନ୍ଧା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଉକ୍ତ ଅବସର ରେ ଆୟୁଷ ନିର୍ଦ୍ଦେଶିକା ଅଞ୍ଜନା ପଣ୍ଡା, ଆଇ.ଏ.ଏସ୍., ଉପଅଧୀକ୍ଷକ ଡା. ଚିତ୍ତରଞ୍ଜନ ବେହେରା ଓ ହସ୍ପିଟାଲର ସମସ୍ତ କର୍ମଚାରୀବୃନ୍ଦଙ୍କ ଉପସ୍ଥିତିରେ ରୋଗୀମାନଙ୍କୁ ରନ୍ଧା ଖାଦ୍ୟ ପରିବେଷଣ କରାଯାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ଯାହା ଆୟୁଷ ବିଭାଗରେ ପ୍ରଥମ ଥର ପାଇଁ- ଏହି ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପତ୍ର ସଂଖ୍ୟା -୧୬୯୮୩/ଏଚ୍, ତା- ୧୮-୦୬-୨୦୨୬ ଦ୍ୱାରା କାର୍ଯ୍ୟକାରୀ କରାଯାଇଅଛି। ଏହାଦ୍ୱାରା ରୋଗୀଙ୍କୁ ଉତ୍ତମମାନ ଗୁଣ ଯୁକ୍ତ ପୁଷ୍ଟିକର ଓ ସ୍ୱାସ୍ଥ୍ୟାନୁକୂଳ ଖାଦ୍ୟ ଯୋଗାଇ ଦିଆଯାଇପାରିବ ।




### ଏନ୍‌ଏସ୍‌ଇ ଏବଂ ବିଏସ୍‌ଇରେ ତାଲିକାଭୁକ୍ତ

## ସ୍ୱାଧୀନ ସଂସ୍ଥା ଭାବରେ କାର୍ଯ୍ୟ ଆରମ୍ଭ କଲା ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ) : ବେଦାନ୍ତ ଆଲୁମିନିୟମ ମେଟାଲ୍ ଲିମିଟେଡ୍(ବିଏସଇ:୫୪୪୭୮୦। ଏନଏସଇ:ଭିଏଏମଏଲ) ୧୫ ଜୁନ୍ ୨୦୨୬ ରୁ ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ) ଏବଂ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ) ରେ ଏକ ସ୍ୱାଧୀନ ତାଲିକାଭୁକ୍ତ ସଂସ୍ଥା ଭାବରେ ଆନୁଷ୍ଠାନିକ ଭାବରେ ବାଣିଜ୍ୟ ଆରମ୍ଭ କରିଛି। ବେଦାନ୍ତ ଗ୍ରୁପର ଐତିହାସିକ ଡିମର୍ଜରର ସଫଳ ସମାପ୍ତି ପରେ, ଯାହା ୧ ମେ ୨୦୨୬ ରେ କାର୍ଯ୍ୟକାରୀ ହୋଇଥିଲା। ତାଲିକାଭୁକ୍ତ କମ୍ପାନୀର ବିବର୍ତ୍ତନରେ ଏକ ପ୍ରମୁଖ ମାଇଲଖୁଣ୍ଟ ଚିହ୍ନିତ କରିଛି, ବର୍ଦ୍ଧିତ ରଣନୈତିକ ନମନୀୟତା ଏବଂ ଦୃଢ଼ ଦୀର୍ଘକାଳୀନ ଅଭିବୃଦ୍ଧି ଦୃଶ୍ୟମାନତା ସହିତ ଏକ କେନ୍ଦ୍ରିତ, ବିଶୁଦ୍ଧ- ଆଲୁମିନିୟମ ବ୍ୟବସାୟ ସୃଷ୍ଟି କରିଛି। ବେଦାନ୍ତ ଆଲୁମିନିୟମ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଏବଂ ବିଶ୍ୱର ପ୍ରମୁଖ ସମନ୍ୱିତ ଆଲୁମିନିୟମ କମ୍ପାନୀ ମଧ୍ୟରୁ ଗୋଟିଏ ଭାବରେ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛି। କମ୍ପାନୀ ଆମେରିକା, ୟୁରୋପ, ମଧ୍ୟପ୍ରାଚ୍ୟ, ଅଷ୍ଟ୍ରେଲିଆ ଏବଂ ଆଫ୍ରିକାରେ ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଭାବରେ ଉଭା ହେବାକୁ ପ୍ରସ୍ତୁତ। ବିଦ୍ୟମାନ ଉତ୍ପାଦନ କ୍ଷମତାକୁ ବାର୍ଷିକ ୬୦ ଲକ୍ଷ ଟନକୁ ଦ୍ୱିଗୁଣିତ କରିବା, ଏବଂ ସଂରଚନାତ୍ମକ ମୂଲ୍ୟ ସୁବିଧା ସହିତ, ଏହା ବିଶ୍ୱ ସ୍ତରରେ ଉତ୍ପାଦନର ସର୍ବନିମ୍ନ ଖର୍ଚ୍ଚ ମଧ୍ୟରୁ ଗୋଟିଏ ହାସଲ କରିବାକୁ ସ୍ଥିର ହୋଇଛି, ଗୁଣବତାର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖି, ପ୍ରମୁଖ ବିଶ୍ୱ ବଜାରରେ ଚାହିଦା ପୂରଣ କରି ଏବଂ ଭିତିଭୂମି, ଅଟୋମୋଟିଭ୍, ବିଦ୍ୟୁତୀକରଣ, ମହାକାଶ ଏବଂ ଉନ୍ନତ ଉତ୍ପାଦନରେ ଦୀର୍ଘକାଳୀନ ଟେଲୱାଇଣ୍ଡରୁ ଲାଭ ପାଇଛି।



ଡିମର୍ଜରର ଗୁରୁତ୍ୱ ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ, ଭବିଷ୍ୟତର ଧାତୁ, ଆଲୁମିନିୟମର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ଉତ୍ସର୍ଗୀକୃତ ଏକ ଅଗ୍ରଣୀ ଧାତୁ କମ୍ପାନୀ ଗଠନ କରିବାର ଆମର ଦୃଷ୍ଟିକୋଣକୁ ତ୍ୱରାନ୍ୱିତ କରୁଛି। ଆମର ଧ୍ୟାନ ଏକ ଦ୍ରୁତ ପରିବର୍ତ୍ତିତ ବିଶ୍ୱର ଆବଶ୍ୟକତା ସହିତ ସମନ୍ୱିତ ଏକ ସ୍ଥିର, ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ ମୂଲ୍ୟ-ଦକ୍ଷ ବ୍ୟବସାୟ ସୃଷ୍ଟି କରିବା ଉପରେ। ବିଶ୍ୱ ଶକ୍ତି ପରିବର୍ତ୍ତନ ଏବଂ ଅତ୍ୟାଧୁନିକ ନବସୃଜନର ମୂଳରେ ଆଲୁମିନିୟମ ସହିତ, ଆମେ ଏକ ଉତ୍ପାଦନ ଶକ୍ତିହାଉସ୍ ଭାବରେ ଭାରତର ଉଦୟକୁ ଯୋଗଦାନ ଦେବା ସହିତ ଦୀର୍ଘକାଳୀନ ମୂଲ୍ୟ ପ୍ରଦାନ କରିବା ପାଇଁ ଅସାଧାରଣ ଭାବରେ ଭଲ ସ୍ଥିତିରେ ଅଛୁ। ବେଦାନ୍ତ ଆଲୁମିନିୟମ ପୂର୍ବରୁ ବିଶ୍ୱ ଆଲୁମିନିୟମ ମୂଲ୍ୟ ବକ୍ରର ପ୍ରଥମ ଚତୁର୍ଥାଂଶ ମଧ୍ୟରେ ଅବସ୍ଥିତ ଏବଂ ଗଭୀର ପଛୁଆ ସମନ୍ୱୟ, କ୍ୟାପ୍ଟିଭ୍ କଂଚାମାଲ ସୋର୍ସିଂ, କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସ୍କେଲ୍ ସୁବିଧା ମାଧ୍ୟମରେ ପ୍ରଥମ-ଡେସିଲ୍ ମୂଲ୍ୟ ପ୍ରତିଯୋଗିତା ଦିଗରେ ଅଗ୍ରଗତି କରୁଛି। କମ୍ପାନୀ ଲାଞ୍ଜିଗଡ଼ରେ ବିଶ୍ୱର ସର୍ବବୃହତ ଆଲୁମିନା ରିଫାଇନାରୀ ଏବଂ ଓଡ଼ିଶାର ଝାରସୁଗୁଡାରେ ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଲ୍ଟର ଏବଂ ଭାରତର ପ୍ରତୀକାତ୍ମକ ଆଲୁମିନିୟମ ଉତ୍ପାଦକ ଭାରତ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ବାଲକୋ) ଛତିଶଗଡ଼ର କୋରବାଠାରେ ପରିଚାଳନା କରୁଛି। ଏହା ସହିତ, ଏହାର କ୍ୟାପ୍ଟିଭ୍ ବକ୍ସାଇଟ୍ ଏବଂ କୋଇଲା ସମ୍ପଦ ଏବଂ ପ୍ରାୟ ୪.୫ ଏଡ କ୍ୟାପ୍ଟିଭ୍ ଶକ୍ତି ଉତ୍ପାଦନ କ୍ଷମତା ଅଛି, ଯାହା ଏକ ବିସ୍ତାରିତ ଡାଉନଷ୍ଟ୍ରିମ୍ ଉତ୍ପାଦନ ଇକୋସିଷ୍ଟମ୍ ଦ୍ୱାରା ସମର୍ଥିତ ଅଟେ।

ବେଦାନ୍ତ ଆଲୁମିନିୟମ୍ ବର୍ତ୍ତମାନ ଭାରତର ଆଲୁମିନିୟମ୍ ଉତ୍ପାଦନର ୫୦% ଯୋଗଦାନ କରେ ଏବଂ ବିଶ୍ୱବ୍ୟାପୀ ୬୦ରୁ ଦେଶରେ ଏକ ବିବିଧ ଗ୍ରାହକ ଆଧାର ବିକଶିତ କରିଛି। କମ୍ପାନୀ ପ୍ରାଥମିକ ଆଲୁମିନିୟମ୍ ପାଇଁ ବିଶ୍ୱର ସର୍ବବୃହତ ଅନଲାଇନ୍ ସୁପରଷ୍ଟୋର୍ ବେଦାନ୍ତ ମେଟାଲ୍ ବଜାର ମାଧ୍ୟମରେ ବିଶ୍ୱ ଶିଳ୍ପରେ ସର୍ବବୃହତ ଆଲୁମିନିୟମ୍ ଉତ୍ପାଦ ପୋର୍ଟଫୋଲିଓ ମଧ୍ୟରୁ ଗୋଟିଏ ପ୍ରଦାନ କରେ ଏବଂ ବୈଦ୍ୟୁତିକ ଯାନ, ମହାକାଶ, ପ୍ରତିରକ୍ଷା, ନବୀକରଣୀୟ ଶକ୍ତି ଏବଂ ଉନ୍ନତ ଉତ୍ପାଦନ କ୍ଷେତ୍ରକୁ ଯୋଗାଣ କରୁଥିବା ବିଲେଟ୍, ତାର ରଡ୍, ପ୍ରାଥମିକ ଫାଉଣ୍ଡ୍ରି ଆଲୟ, ରୋଲ୍ଡ ଉତ୍ପାଦ ଏବଂ ଆଲୁମିନିୟମ୍-ସିଲିକନ୍ ଉତ୍ପାଦ ସମେତ ଏହାର ମୂଲ୍ୟ-ସଂଯୋଜିତ ପ୍ରଦାନଗୁଡ଼ିକୁ ବିସ୍ତାର କରିବା ଜାରି ରଖିଛି। ମୂଲ୍ୟ-ସଂଯୋଜିତ ଉତ୍ପାଦଗୁଡ଼ିକ ସମୟ ସହିତ ପୋର୍ଟଫୋଲିଓର ପ୍ରାୟ ୯୦% ଅନ୍ତର୍ଭୁକ୍ତ କରିବ ବୋଲି ଆଶା କରାଯାଉଛି।

## ମଧ୍ୟପ୍ରାଚ୍ୟ ଯୁଦ୍ଧ

# ଶାନ୍ତି କଥାବାର୍ତ୍ତାରେ ପକ୍ଷ ରଖିଲେ ଆମେରିକା -ଇରାନ

## ନରମିଲେ ଜେଡି ଭାନ୍ସ

ତେହେରାନ : ଆମେରିକା-ଇରାନ ମଧ୍ୟରେ ସ୍ୱିଜରଲ୍ୟାଣ୍ଡରେ ଅନୁଷ୍ଠିତ ପ୍ରଥମ ରାଉଣ୍ଡ ଶାନ୍ତି ଆଲୋଚନା ନାଟକୀୟ ମୋଡ ନେଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ଧମକପୂର୍ଣ୍ଣ ବୟାନକୁ ବିରୋଧ କରି ଇରାନ ପ୍ରତିନିଧିମାନେ କିଛି ସମୟ ପାଇଁ ଆଲୋଚନା କକ୍ଷ ତ୍ୟାଗ କରିଥିଲେ । ଇରାନର ଏପରି ୱାକଆଉଟ୍ ଯୋଗୁ ପାକିସ୍ତାନୀ ଓ ଆମେରୀକୟ ଅଧିକାରୀ ଗୋଟିଏ ଅସହଜ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି । ସ୍ୱିଜରଲ୍ୟାଣ୍ଡର ବୁରଗେନଷ୍ଟକ ରିସର୍ଟରୁ ଆସିଥିବା ଭିଡିଓ ଏବେ ବେଶ ଭାଇରାଲ ହେବାରେ ଲାଗିଛି । ଏଥିରେ ଦେଖିବାକୁ ମିଳିଛି ଯେ ଆଲୋଚନା ପାଇଁ ଯାଇଥିବା ଇରାନର ବୈଦେଶିକ ମନ୍ତ୍ରୀ ଅବାସ ଅରାଘଚି ପ୍ରଥମେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ସହ କଥା ହେବା ହୋଇଥିଲେ । ଏହାପରେ ସେ ଆଲୋଚନା କକ୍ଷରୁ ଇରାନୀୟ ପ୍ରତିନିଧିଙ୍କୁ ଧରି ବାହାରକୁ ଚାଲି ଯାଇଥିଲେ । ଶରିଫ ଏହାକୁ ଦେଖି



ଚକିତ ହୋଇଥିଲେ ଓ ଏକଥା ତୁରନ୍ତ ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନିରଙ୍କୁ ଜଣାଇଥିଲେ । କିଛି ଦୂରରେ ଆମେରିକା ଉପ ରାଷ୍ଟ୍ରପତି ଜେଡି ଭାନ୍ସ ଏସବୁ ଛିଡ଼ା ହୋଇ ଦେଖିଥିଲେ । ଏହାପରେ ସେ ମୁନିର ଓ ଶରିଫଙ୍କ ସହ ବେଶ ଗମ୍ଭୀର ଭାବେ କିଛି କଥା ହୋଇଥିଲେ । ନିକଟରେ ଉତ୍ତେଜନା ହ୍ରାସ କରିବା ପାଇଁ ଆମେରିକା ଓ ଇରାନ ଗୋଟିଏ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ପାକିସ୍ତାନ ଓ କତର ମଧ୍ୟସ୍ଥତାରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସେହି ଅନୁସାରେ ସ୍ୱିଜରଲ୍ୟାଣ୍ଡରେ ପ୍ରଥମ ରାଉଣ୍ଡ ଆଲୋଚନା ବୈଠକ ଆୟୋଜନ ହୋଇଥିଲା । ଇରାନୀୟ ମିଡିଆ ଅନୁସାରେ, ଔପଚାରିକ ଆଲୋଚନା ପୂର୍ବରୁ ହିଁ ବିବାଦ ଦେଖା ଯାଇଥିଲା । ତେହରାନ ପକ୍ଷରୁ ଆମେରିକୀୟ ପ୍ରତିନିଧିଙ୍କ ସହ ହାତ ମିଳାଇବା ଓ ଫଟୋ ଉଠାଇବା କାର୍ଯ୍ୟକ୍ରମକୁ ବୟକଟ କରାଯାଇଥିଲା । ଆମେରିକା ହାତ ମିଳାଇବାକୁ ଚାହୁଁଥିଲେ ହେଁ ଇରାନ ପ୍ରତିନିଧି ଏଥିରେ ରାଜି ହୋଇ ନଥିଲେ ।ପରବର୍ତ୍ତୀ ସମୟରେ ଲେବାନନରେ ହେଜବୁଲ୍ଲାର କାର୍ଯ୍ୟକଳାପକୁ ରୋକିବାରେ ବିଫଳ ହେଲେ ଇରାନ ବିରୋଧରେ ପୁଣିଥରେ ସାମରିକ ଆକ୍ରମଣ କରାଯିବ ବୋଲି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ଚେତାବନୀ ଉପରେ ମଧ୍ୟ ଇରାନ କଡ଼ା ଆପତ୍ତି ଜଣାଇଥିଲା ।ଇରାନର ସରକାରୀ ଗଣମାଧ୍ୟମ କହିଛି ଯେ ଏହି ବିବାଦୀୟ ଫଟୋ ସେସନ୍ ଓ ଟ୍ରମ୍ପଙ୍କ ବୟାନକୁ ବିରୋଧ କରି ଇରାନୀୟ ପ୍ରତିନିଧି ଦଳ କିଛି ସମୟ ପାଇଁ ବୈଠକ ହଲ୍ରୁ ବାହାରି ଯାଇଥିଲେ । ଏହି ସମୟରେ ସେଠାରେ ଆମେରିକା ପକ୍ଷରୁ ଭାନ୍ସଙ୍କ ସହ ବିଶେଷ ଦୂତ ଷ୍ଟିଭ୍ ୱିଟକଫ୍ ଓ ଜାରେଡ୍ କୁଶନର ଉପସ୍ଥିତ ଥିଲେ ।ସେହିପରି ମଧ୍ୟସ୍ଥି ସାଜିଥିବା ଶରିଫ୍, ମୁନିର ଓ କତରର ପ୍ରତିନିଧିମାନେ ମଧ୍ୟ ସେଠାରେ ରହିଥିଲେ । ସମସ୍ତଙ୍କ ସାମ୍ନାରେ ଇରାନୀୟ ପ୍ରତିନିଧିମାନେ ଆଲୋଚନା କକ୍ଷରୁ ଚାଲି ଯାଇଥିଲେ । ବିବାଦ ସତ୍ତ୍ୱେ ଦୁଇ ଦେଶର ପ୍ରତିନିଧି କିଛି ସମୟ ପରେ ପ୍ରାୟ ୮୦ ମିନିଟ ଧରି ଆଲୋଚନା କରିଛନ୍ତି । ଆର୍ଥିକ ପ୍ରତିବନ୍ଧକରେ କୋହଳ, ଜବତ ହୋଇଥିବା ଇରାନୀୟ ସମ୍ପତ୍ତିକୁ ମୁକ୍ତ କରିବା ଓ ବୁଝାମଣାରେ ଥିବା ପ୍ରତିଶ୍ରୁତିଗୁଡ଼ିକ କାର୍ଯ୍ୟକାରୀ କରିବା ଭଳି ପ୍ରସଙ୍ଗରେ ଉଭୟ ଦେଶ କଥା ହୋଇଛନ୍ତି ।

## ମହାରାଷ୍ଟ୍ର ବିଧାନପରିଷଦ ନିର୍ବାଚନ

# ମହାୟୁତି ମେଣ୍ଟର ବିପୁଳ ବିଜୟ

ମୁମ୍ବାଇ : ମହାରାଷ୍ଟ୍ରରେ ବିଧାନ ପରିଷଦ ନିର୍ବାଚନର ଫଳାଫଳ ସୋମବାର ଘୋଷଣା ହୋଇଥିବାବେଳେ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ ୧୭ଟି ବିଧାନସଭା ପରିଷଦ ଆସନ ମଧ୍ୟରୁ ୧୬ଟିରେ ବିଜୟ ହାସଲ କରି ବିରୋଧୀଙ୍କୁ କଡ଼ା ଜବାବ ଦେଇଛି । ବିରୋଧୀ ମହା ବିକାଶ ଅଘାଡ଼ି (ଏମ୍ଭିଏ) ମେଣ୍ଟ ଖାତା ଖୋଲିପାରି ନାହିଁ । ଜୁନ୍ ୧୮ ତାରିଖରେ ୧୭ଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ବିଜେପି ସର୍ବାଧିକ ୧୧ଟି ଜିତିଛି । ଶିବସେନା (ସିନ୍ଦେ ଗୋଷ୍ଠୀ) ତିନୋଟି ଓ ଏନ୍ସିପି (ଅଜିତ ପାୱାର ଗୋଷ୍ଠୀ) ଦୁଇଟି ଜିତିଛି । ଗୋଟିଏ ନାସିକ ଆସନରେ ମହାୟୁତି ମେଣ୍ଟ ପରାଜିତ ହୋଇଛି । ଏହି ଆସନରେ ସ୍ୱାଧୀନ ପ୍ରାର୍ଥୀ ତଥା ବିଜେପିର ବିଦ୍ରୋହୀ ଗୋକୁଳ ଗିତେ ଶିବସେନା (ସିନ୍ଦେ ଗୋଷ୍ଠୀ)ର ପ୍ରାର୍ଥୀ



ନରେନ୍ଦ୍ର ଦରାଡେଙ୍କୁ ପରାଜିତ କରିଛନ୍ତି । ମହାୟୁତି ମେଣ୍ଟ ଜିତିଥିବା ୧୬ ଆସନ ମଧ୍ୟରୁ ୬ଟି ଆସନରେ ମେଣ୍ଟ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ଜିତିଥିଲେ । ଶିବସେନାର ରବୀନ୍ଦ୍ର ଫାଟକ (ଥାଣେ) ଓ ଦୁଷ୍ୟନ୍ତ ଚତୁର୍ବେଦୀ (ୟବତମାଲ), ଏନ୍ସିପିରୁ ଅନିକେତ୍ ତଟକରେ (ରାୟଗଡ଼-ରତ୍ନାଗିରି-ସିନ୍ଧୁଦୁର୍ଗ) ଓ ବିକ୍ରମ କାକଡେ (ପୁଣେ), ବିଜେପିର ଅରୁଣ ଲଖାନୀ (ୱର୍ଦ୍ଧା-ଚନ୍ଦ୍ରପୁର-ଗଡ଼ଚିରୋଲି) ଓ ପ୍ରାଜକ୍ତ ତନପୁରେ (ଅହିଲ୍ୟାନଗର) ରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ବିଜେପିରୁ ଜିତିଥିବା ୧୧ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ସୁହାସ ଶିରସାଟ (ଛତ୍ରପତି ସମ୍ଭାଜୀନଗର-ଜଲନା), ଅବିନାଶ ବ୍ରାହ୍ମଣକର (ଭଣ୍ଡାରା-ଗୋନ୍ଦିଆଁ), ଦର୍ଶିଲ କଦମ (ସାଙ୍ଗଲି-ସତାରା), ରାଜେନ୍ଦ୍ର ରାଉତ (ସୋଲାପୁର), ବସଭରାଜ ପାଟିଲ (ଧାରାଶିବ-ଲାଟୁର-ବିଦ୍) , ରାଜୀବ ପୋତଦାର (ନାଗପୁର), ନନ୍ଦକିଶୋର ମହାଜନ (ଜାଲଗାଓଁ), ପ୍ରବୀଣ ପୋଟେ (ଅମରାବତୀ) ଓ ଅମର ରାଜୁରକର (ନାନ୍ଦେଡ) । ପରଭଣୀ-ହିଙ୍ଗୋଲି ଆସନରୁ ଶିବସେନାର ସୟଦ ଖାନ ଜିତିଥିଲେ । ମହାରାଷ୍ଟ୍ରରେ ଏହି ନିର୍ବାଚନୀ ଫଳାଫଳ ବିରୋଧୀ କଂଗ୍ରେସ-ଏନସିପି (ଶରଦ ପାୱାର) - ଶିବସେନା (ୟୁବିଟି) ମହାବିକାଶ ଅଘାଡ଼ି ଗୋଷ୍ଠୀ ପାଇଁ ବଡ଼ ଝଟ୍କା ହୋଇଛି ।

## ମମତା ଟିଏମସି ଅଧ୍ୟକ୍ଷ ପଦରୁ ବିଦା

# ଅରୂପ ରାୟ ନୂତନ ଅଧ୍ୟକ୍ଷ ନିଯୁକ୍ତ

କୋଲକାତା : ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କୁ ତୃଣମୂଳ କଂଗ୍ରେସ (ଟିଏମସି) ମୁଖ୍ୟ ପଦରୁ ହଟାଇଛନ୍ତି ବିଦ୍ରୋହୀ ଗୋଷ୍ଠୀ । ଦଳରେ ବିଭାଜନ ପରେ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ବିଧାୟକ ଗୋଷ୍ଠୀ ନିଜକୁ ପ୍ରକୃତ 'ଟିଏମ୍ସି' ବୋଲି ଦାବି କରୁଥିବାବେଳେ ସୋମବାର ଦଳର ପ୍ରତିଷ୍ଠାତା ତଥା ମୁଖ୍ୟ ମମତା ବାନାର୍ଜୀଙ୍କୁ ଦଳର ଅଧ୍ୟକ୍ଷ ପଦରୁ ହଟେଇ ବରିଷ୍ଠ ବିଧାୟକ ଅରୂପ ରାୟଙ୍କୁ ତାଙ୍କ ସ୍ଥାନରେ ଅଧ୍ୟକ୍ଷ ନିଯୁକ୍ତ



କରିଛନ୍ତି । ବିଦ୍ରୋହୀ ଶିବିର ଏକ ସମାନ୍ତରାଳ ସଙ୍ଗଠନ ଗଠନ କରି ଦଳର ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କୁ ନିଲମ୍ବିତ କରିଛନ୍ତି । କୋଲକାତାର ନିଉ ଟାଉନସ୍ଥିତ ଏକ ପଞ୍ଚତାରକା ହୋଟେଲରେ ସ୍ୱତନ୍ତ୍ର ଅଧିବେଶନ ଡକା ଯାଇଥିବାବେଳେ ବିଦ୍ରୋହୀ ଗୋଷ୍ଠୀ ନୂତନ ଜାତୀୟ କାର୍ଯ୍ୟକାରୀ କମିଟି ଗଠନ ଘୋଷଣା କରିଛନ୍ତି । ଏହି କମିଟିରେ ଅରୂପ ରାୟ ଓ ରତବ୍ରତଙ୍କ ସମେତ ମମତାଙ୍କ ଏକଦା ସହଯୋଗୀ ଥିବା କୋଲକାତାର ପୂର୍ବତନ ମେୟର ଫିରହାଦ ହାକିମ, ଅରୂପ ବିଶ୍ୱାସ, ବିପ୍ଳବ ମିତ୍ର, ଅଖ୍ରୁଜଜମାନ ଅନସାରୀ, ସାବିନା ୟାସମିନ, ସନ୍ଦୀପନ ସାହା, ରଥିନ ଘୋଷ ଓ ଜାଭେଦ୍ ଖାନ୍ ଅଛନ୍ତି । ଏହି ବୈଠକ ପରେ ରତବ୍ରତ ବାନାର୍ଜୀ ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ, ସଦସ୍ୟମାନେ ସର୍ବସମ୍ମତିକ୍ରମେ ଅରୂପ ରାୟଙ୍କୁ ଅଧ୍ୟକ୍ଷ ଭାବରେ ନିର୍ବାଚିତ କରିଛନ୍ତି । ଯଦି ମମତା ବାନାର୍ଜୀ ଆମର ମୁଖ୍ୟ ପରାମର୍ଶଦାତା ହେବାକୁ ଚାହାନ୍ତି, ତେବେ ତାଙ୍କୁ ସ୍ୱାଗତ । ଆମେ ଟିଏମସି ଓ ଆଜିର ସ୍ୱତନ୍ତ୍ର ଅଧିବେଶନ କାର୍ଯ୍ୟପନ୍ଥା ବିଷୟରେ ନିର୍ବାଚନ କମିଶନଙ୍କୁ ଜଣାଇବୁ ବୋଲି ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା କହିଛନ୍ତି ।

## ବିହାରରେ ନିଟ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଡିଲ୍!

# ଡାକ୍ତରୀ ଛାତ୍ରଙ୍କ ସମେତ ୯ ଗିରଫ

ପାଟନା : ଏନଇଇଟି ୟୁଜି-୨୦୨୬ ପୁନଃପରୀକ୍ଷା ସମୟରେ ଆଶାୟୀ ପ୍ରାର୍ଥୀଙ୍କ ପାଇଁ ପରୀକ୍ଷା ଦେବା ଅଭିଯୋଗରେ ବିହାରର ଲଖିସରାଇ ଜିଲ୍ଲାରେ ପାଟନା ମେଡିକାଲ କଲେଜ ଏବଂ ହସ୍ପିଟାଲର ତୃତୀୟ ବର୍ଷର ଏମବିବିଏସ ଛାତ୍ର ମୟଙ୍କ କଶ୍ୟପଙ୍କ ସମେତ ୯ ଜଣଙ୍କୁ ଗିରଫ କରାଯାଇଛି । ମୟଙ୍କ କଶ୍ୟପ ବାୟୋମେଟ୍ରିକ୍ସ କର୍ମଚାରୀ ଭାବରେ ନିଜକୁ ପରିଚୟ ଦେଇ ହସନପୁର କେନ୍ଦ୍ରରେ ପ୍ରବେଶ କରିଥିଲେ । ତେବେ ଯାଞ୍ଚ ସମୟରେ ସେ ଧରାପଡ଼ିଥିଲେ ଏବଂ ଗ୍ୟାଙ୍ଗର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ । ମୟଙ୍କ ତାଙ୍କମେଡିକାଲ କଲେଜରୁବାହାରକୁ ଯିବା ପାଇଁ ମିଥ୍ୟା ଅସୁସ୍ଥତା ବାହାନା କରିଥିଲେ । ମୟଙ୍କଙ୍କ ସୂଚନା ଆଧାରରେ, ପୁଲିସ ଚଢାଉ କରିଥିଲା ଏବଂ ଅନ୍ୟ ସମସ୍ତ ଅଭିଯୁକ୍ତଙ୍କୁ ଧରିଥିଲା । ଗିରଫ ଅଭିଯୁକ୍ତମାନେ ଏକ ପ୍ରଶ୍ନର ସମାଧାନ କରୁଥିବା 'ସଲଭର୍ ଗ୍ୟାଙ୍ଗ'ର ଅଂଶ ବୋଲି ଅଭିଯୋଗ ହୋଇଛି । ସେମାନଙ୍କ ମଧ୍ୟରେ ଦିଲ୍ଲୀ ସ୍ଥିତ ମେଡିକାଲ କଲେଜ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ଏମ୍ସ, ରାୟବରେଲି ମେଡିକାଲ ପ୍ରତିଷ୍ଠାନ ଏବଂ ପାଟନା ମେଡିକାଲ କଲେଜ ଏବଂ ହସ୍ପିଟାଲ ଭଳି ପ୍ରତିଷ୍ଠାନ ସହିତ ଜଡିତ ଡାକ୍ତରୀ ଇର୍ଣ୍ଟର୍ନ ଏବଂ ଛାତ୍ରମାନେ ଅନ୍ତର୍ଭୁକ୍ତ ଅଛନ୍ତି । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ନର୍ସିଂ ଛାତ୍ରୀ ପୁନମ୍ କୁମାରୀ ଅନ୍ୟ ଜଣେ ପ୍ରାର୍ଥୀଙ୍କ ପରିଚୟ ନେଇ ପରୀକ୍ଷା ଦେଉଥିବା ସମୟରେ ଧରାପଡ଼ିଥିଲେ । ରାୟବରେଲିର ଏମ୍ସର ଛାତ୍ର ସୌରଭ ଝା ଏବଂ ଦିଲ୍ଲୀର ଜଣେଇର୍ଣ୍ଟର୍ନଅମନ ଅଗ୍ରୱାଲଙ୍କୁ ମଧ୍ୟ ଗିରଫ କରାଯାଇଛି । ଏହି ବଡ଼ ଠକେଇ ଘଟଣାରେ ନାଳନ୍ଦା ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ନର୍ସିଂ ଛାତ୍ର ସଞ୍ଜିତ ଏବଂ ତାଙ୍କ ଭାଇଙ୍କୁ ମଧ୍ୟ ପୁଲିସ ଅଟକ ରଖିଛି ।ପୁଲିସ କହିଛି ଯେ, କେନ୍ଦ୍ରୀୟ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରୁ ସାତ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେହିପରି କେଆରକେ ହାଇସ୍କୁଲ ଏବଂ ଉଚ୍ଚ ବିଦ୍ୟାଳୟ ହସନପୁରରୁ ଜଣେ ଲେଖାଏଁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ପ୍ରକ୍ସି ପ୍ରାର୍ଥୀ ଭାବରେ ମେଡିକାଲ ପ୍ରବେଶିକା ପରୀକ୍ଷା ଦେବା ପାଇଁ ଲଖିସରାଇର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ । ବାୟୋମେଟ୍ରିକ୍ ଯାଞ୍ଚ ପ୍ରକ୍ରିୟାକୁ ଏଡାଇ ପରୀକ୍ଷା କେନ୍ଦ୍ରରେ କିଛି ପ୍ରାର୍ଥୀଙ୍କୁ ପ୍ରବେଶ ଅନୁମତି ଦିଆଯାଉଥିବା ସମ୍ପର୍କରେ ପୁଲିସ ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ଗିରଫ କରାଯାଇଥିଲା । ସୂଚନା ପାଇ ଏକ ପୁଲିସ ଦଳ ଯାଞ୍ଚ କରି ସନ୍ଦିଗ୍ଧ ଲୋକଙ୍କୁ ଗିରଫ କରିଥିଲେ ।



ଅଧିକାରୀମାନେ କହିଛନ୍ତି ଯେ, ବାୟୋମେଟ୍ରିକ୍ ଯାଞ୍ଚ ଏଜେନ୍ସି ସହିତ ଜଡିତ କିଛି କର୍ମଚାରୀଙ୍କୁ ପଚରାଉଚରା ପାଇଁ ଅଟକ ରଖାଯାଇଛି । କାର୍ଯ୍ୟରେ ଅବହେଳା କରିଥିବା ନେଇ ହୋଇଥିବା ଅଭିଯୋଗରେ ସେମାନଙ୍କର ଭୂମିକା ବର୍ତ୍ତମାନ ତଦନ୍ତାଧୀନ ଅଛି ।ପଚରାଉଚରା ସମୟରେ, ଅଭିଯୁକ୍ତମାନେ ପ୍ରକାଶ କରିଛନ୍ତି ଯେ, ଆଶାୟୀଙ୍କ ପାଇଁ ପରୀକ୍ଷା ଦେବା ଲାଗି ପ୍ରତି ପ୍ରାର୍ଥୀଙ୍କ ସହିତ ୧୦ ଲକ୍ଷ ଟଙ୍କାର ଡିଲ୍ କରାଯାଇଥିଲା । ସବ-ଡିଭିଜନାଲ୍ ପୁଲିସ ଅଫିସର (ଏସଡିପିଓ)ଙ୍କ ଅନୁଯାୟୀ, ପ୍ରତ୍ୟେକ ସମାଧାନକାରୀ ୫୦ ହଜାରରୁ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ଆଗୁଆ ଦେୟ ପାଇଥିବା ଅଭିଯୋଗ ହୋଇଛି ।

# ଫିଲିପାଇନ୍ସ ସ୍କୁଲରେ ଆଖିବୁଜା ଗୁଳିମାଡ଼ : ୩ ମୃତ

ମାନିଲା : ଫିଲିପାଇନ୍ସର ଟାକ୍ଲୋବାନ ସହରରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ଏକ ସ୍କୁଲ କ୍ୟାମ୍ପସ ଭିତରେ ଆଖିବୁଜା ଗୁଳିମାଡ଼ ଘଟଣା ସମଗ୍ର ଅଞ୍ଚଳକୁ ଥରାଇ ଦେଇଛି । ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି ଘଟଣାରେ ତିନି ଜଣଙ୍କର ମୃତ୍ୟୁହୋଇଛି । ଅନେକ ଆହତ ହୋଇଥିବା ଜଣାପଡ଼ିଛି । ଆହତଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣା ପରେ ସ୍କୁଲ କ୍ୟାମ୍ପସ ଏବଂ ଏହାର ଆଖପାଖ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ସ୍କୁଲ ଭିତରେ ହଠାତ୍ ଗୁଳି ଫୁଟିଥିଲା, ଯାହା ଫଳରେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ କର୍ମଚାରୀମାନେ ନିରାପଦ ସ୍ଥାନକୁ ଦୌଡ଼ି ପଳାଇ ଯାଇଥିଲେ । ହଠାତ୍ ଆକ୍ରମଣ ଯୋଗୁଁ କ୍ୟାମ୍ପସରେ ଥିବା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା । ସ୍ଥାନୀୟ ପୁଲିସ ଏବଂ ଜରୁରୀକାଳୀନ ସେବା ଘଟଣାସ୍ଥଳରେ ପହଞ୍ଚିଥିଲା ଏବଂ ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।ପୁଲିସ ସମ୍ପୂର୍ଣ୍ଣ ସ୍କୁଲ କ୍ୟାମ୍ପସକୁ ଘେରାବନ୍ଦୀ କରି ଘଟଣାସ୍ଥଳରୁ ପ୍ରମାଣସଂଗ୍ରହ ଆରମ୍ଭ କରିଛି । ତଥାପି, ଆକ୍ରମଣ ପଛର ଉଦ୍ଦେଶ୍ୟ ଏବଂ ସନ୍ଦିଗ୍ଧ ବ୍ୟକ୍ତିଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ପୁଲିସ ଜନସାଧାରଣଙ୍କୁ କୌଣସି ଗୁଜବକୁ ବିଶ୍ୱାସ ନକରି କେବଳ ସରକାରୀ ସୂଚନା ଉପରେ ନିର୍ଭର କରିବାକୁ ନିବେଦନ କରିଛି । ପ୍ରାଥମିକ ତଦନ୍ତରେ ତିନି ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି ।ଏହି ଘଟଣା ପରେ, ସ୍ଥାନୀୟ ପ୍ରଶାସନ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ନିକଟସ୍ଥ ଅନ୍ୟାନ୍ୟ ସ୍କୁଲ ଏବଂ ସାର୍ବଜନୀନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି । ପ୍ରଶାସନ କହିଛି ଯେ ଭବିଷ୍ୟତରେ ସମାନ ଘଟଣା ରୋକିବା ଏବଂ ଛାତ୍ର ଏବଂ ଶିକ୍ଷକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯାଉଛି ।

# କଲମ୍ବିଆ ନିର୍ବାଚନ ହସ୍ତକ୍ଷେପ : ଆମେରିକୀୟ ଜାତୀୟ ପତାକା ଜାଳିଲେ ଉତ୍ତ୍ୟକ୍ତ ଜନତା


ବୋଗୋଟା : କଲମ୍ବିଆର ତୃତୀୟ ବୃହତ୍ତମ ସହର କାଲିରେ ପ୍ରଦର୍ଶନକାରୀମାନେ ଆମେରିକୀୟ ଜାତୀୟ ପତାକା ପୋଡ଼ିବା ସହିତ ପୁଲିସ ସହିତ ମୁହାଁମୁହିଁ ହୋଇଛନ୍ତି । ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ସମର୍ଥିତ ଦକ୍ଷିଣପନ୍ଥୀ ପ୍ରାର୍ଥୀ ଆବେଲାର୍ଡୋ ଡେ ଲା ଏସ୍ପ୍ରିଏଲା କଲମ୍ବିଆର ରାଷ୍ଟ୍ରପତି ନିର୍ବାଚନରେ ଅଳ୍ପ ଭୋଟରେ ବିଜୟୀ ହେବା ପରେ ଏହା ଘଟିଛି । ସମାଚାର ଏଜେନ୍ସି ଅନୁଯାୟୀ, ହଜାର ହଜାର ଲୋକଙ୍କ ଭିଡ଼କୁ ଘଉଡ଼ାଇବା ପାଇଁ ପୁଲିସ ଲୁହବୁହା ଗ୍ୟାସ୍ ବ୍ୟବହାର କରିଥିଲା । ଭିଡ଼ରେ କିଛି ଲୋକ ଆବେଲାର୍ଡୋ ଡେ ଲା ଏସ୍ପ୍ରିଏଲାଙ୍କ ବିଜୟ ନେଇ କ୍ରୋଧିତ ଥିଲେ । ସେମାନେ ହାତରେ ଇଟା ଏବଂ ଲୁହା ରଡ୍ ଧରିଥିଲେ । ରାଷ୍ଟ୍ରପତି ନିର୍ବାଚନରେ ପ୍ରାୟ ସମସ୍ତ ମତଦାନ କେନ୍ଦ୍ରରୁ ଫଳାଫଳ ସହିତ, ଆବେଲାର୍ଡୋ ଡେ ଲା ଏସ୍ପ୍ରିଏଲା ୪୯.୭୬ ପ୍ରତିଶତ ଭୋଟ୍ ପାଇଛନ୍ତି, ଯେତେବେଳେ ବାମପନ୍ଥୀ ସେନେଟର ଇଭାନ ସେପେଡା ୪୮.୭୦ ପ୍ରତିଶତ ଭୋଟ୍ ପାଇଛନ୍ତି । ୪୭ ବର୍ଷୀୟ ଆବେଲାର୍ଡୋ ଡେ ଲା ଏସ୍ପ୍ରିଏଲାଙ୍କ ବିଜୟ ଆମେରିକା ସହିତ କଲମ୍ବିଆର ସମସ୍ୟାପୂର୍ଣ୍ଣ ସମ୍ପର୍କରେ ଉନ୍ନତି ଆଣିବାର ସମ୍ଭାବନା ରହିଛି । ନିର୍ବାଚନ ଫଳାଫଳ ଲାଟିନ୍ ଆମେରିକାରେ ଦକ୍ଷିଣପନ୍ଥୀ ନେତାମାନଙ୍କର କ୍ଷମତା ଦଖଲକୁ ସହଜ କରିବ ବୋଲି ଚର୍ଚ୍ଚା ହେଉଛି । ଏକ ସୋସିଆଲ ମିଡିଆ ପୋଷ୍ଟରେ, ନବନିର୍ବାଚିତ କଲମ୍ବିଆ ରାଷ୍ଟ୍ରପତି କହିଛନ୍ତି ଯେ, ଆଜି କଲମ୍ବିଆ ତାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନରେ ବିଜୟୀ ହୋଇଛି । ସେ ଏହା ମଧ୍ୟ କହିଛନ୍ତି, ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କଥା ହୋଇଛନ୍ତି । ଟ୍ରମ୍ପ ତାଙ୍କୁ ବିଜୟ ପାଇଁ ଅଭିନନ୍ଦନ ଜଣାଇବା ସହ ନିଜର ସମର୍ଥନ ଜଣାଇଥିଲେ । ଆବେଲାର୍ଡୋ ଡେ ଲା ଏସ୍ପ୍ରିଏଲାଙ୍କ ବିଜୟ ସହିତ, କଲମ୍ବିଆରେ ଦକ୍ଷିଣପନ୍ଥୀ ରାଜନୀତି ପୁନର୍ବାର କ୍ଷମତାକୁ ଫେରିଛି । ଗତ ୨୦୦ ବର୍ଷ ଧରି, ଦକ୍ଷିଣପନ୍ଥୀ ଦଳଗୁଡ଼ିକ ଚାରି ବର୍ଷକୁ ଛାଡ଼ିଦେଲେ ଅଧିକାଂଶ ସମୟ ପାଇଁ ଦେଶକୁ ଶାସନ କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ନିର୍ବାଚନରେ ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ ପାର୍ଥକ୍ୟ କେବଳ କିଛି ଲକ୍ଷ ଭୋଟ । ନିର୍ବାଚନ ପ୍ରଚାରରେ ବହୁ ବିବାଦ ଏବଂ ସଂଘର୍ଷ ହୋଇଥିଲା । ବାମପନ୍ଥୀ ସମର୍ଥକମାନେ କଲମ୍ବିଆ ନିର୍ବାଚନରେ ଆମେରିକାର ହସ୍ତକ୍ଷେପ ଯୋଗୁଁ ଏସ୍ପ୍ରିଏଲାଙ୍କ ବିଜୟ ହୋଇଥିବା ଅଭିଯୋଗ କରୁଛନ୍ତି । ଆବେଲାର୍ଡୋ ଡେ ଲା ଏସ୍ପ୍ରିଏଲାଙ୍କର ଆମେରିକା ଏବଂ କଲମ୍ବିଆ ଉଭୟର ନାଗରିକତା ରହିଛି । ସେ ନିଜକୁ 'ଏଲ୍ ଟାଇଗ୍ରେ' (ବାଘ) ବୋଲି କହିଥାନ୍ତି । ନିର୍ବାଚନ ପ୍ରଚାର ସମୟରେ, ସେ କହିଥିଲେ, ବିଦ୍ରୋହୀ ଗୋଷ୍ଠୀମାନଙ୍କ ସହିତ ଚାଲିଥିବା ଶାନ୍ତି ଆଲୋଚନା ବନ୍ଦ କରିବେ ।

# କର୍ଣ୍ଣାଟକରେ ନିଟ୍ ପରୀକ୍ଷା ଦେଇପାରିଲେନି ୧୪୨ ଛାତ୍ରଛାତ୍ରୀ

ବେଙ୍ଗାଲୁରୁ : ରବିବାର ସାରା ଦେଶରେ ଏନଇଇଟି ପୁନଃପରୀକ୍ଷା ସୁରୁଖୁରୁରେ ଅନୁଷ୍ଠିତ ହୋଇଥିଲା । ପ୍ରାୟ ୨୨ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ପରୀକ୍ଷାକୁ ନେଇ କର୍ଣ୍ଣାଟକରେ ଏକ ନୂତନ ବିବାଦ ସୃଷ୍ଟି ହୋଇଛି । ଅଭିଯୋଗ ହୋଇଛି ୧୪୨ ଆଶାୟୀ ପରୀକ୍ଷା ଦେଇ ପାରି ନାହାନ୍ତି । ଏହାକୁ ନେଇ ଶାସକ ବିରୋଧି ମୁହାଁମୁହିଁ ହୋଇଛନ୍ତି । ଫଳରେ ପିଲାଙ୍କ ଭବିଷ୍ୟତ ଚିନ୍ତା ବଦଳରେ ରାଜନୈତିକ ଦଳଙ୍କ ମଧ୍ୟରେ ଆରୋପପ୍ରତ୍ୟାରୋପ ପାଲା ଆରମ୍ଭ ହୋଇଛି । ଏନଇଇଟି ପରୀକ୍ଷା ଦିନ, ଜୁନ୍ ୨୧ ତାରିଖରେ, କର୍ଣ୍ଣାଟକର ଶାସକ କଂଗ୍ରେସ ଦଳ ବେଙ୍ଗାଲୁରୁରେ ଏକ ବଡ଼ ରାଲିର ଆୟୋଜନ କରିଥିଲା । ବିଜେପି ଅଭିଯୋଗ କରିଛି ଯେ ଏହି ରାଲି ଯୋଗୁଁ ଛାତ୍ରଛାତ୍ରୀମାନେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାରେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିଲେ । କଂଗ୍ରେସ ବିଜେପିର ଅଭିଯୋଗର ଜବାବ ମଧ୍ୟ ଦେଇଛି ।

# ଉଦ୍ଧବ ସେନାରେ ବିଭାଜନ

ମୁମ୍ବାଇ : ମହାରାଷ୍ଟ୍ରରେ ବିଧିବଦ୍ଧ ଭାବେ ଏକନାଥ ସିନ୍ଦେଙ୍କ ଶିବସେନାରେ ସାମିଲ ହୋଇଛନ୍ତି ଉଦ୍ଧବ ଠାକେରଙ୍କ ଦଳର ୬ ବିଦ୍ରୋହୀ ସାଂସଦ । ଏଥିସହ ଆଜି ବିଧିବଦ୍ଧ ଭାବେ ଉଦ୍ଧବ ଠାକେରଙ୍କ ନେତୃତ୍ୱାଧୀନ ଶିବସେନା(ୟୁବିଟି) ଦୁଇ ଫାଳ ହୋଇଯାଇଛି । ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଉପସ୍ଥିତିରେ ବିଦ୍ରୋହୀ ସାଂସଦମାନେ ଦଳବଦଳ କରିଛନ୍ତି । ଉଦ୍ଧବ ସେନାର ଏହି ୬ ଲୋକସଭା ସାଂସଦ ବେଶ କିଛି ଦିନ ହେବ ସିନ୍ଦେ କ୍ୟାମ୍ପର ଯୋଗାଯୋଗରେ ରହିଥିଲେ । ଏପରି କି ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ଚିଠି ଲେଖି ସଂସଦରେ ବସିବାକୁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ କରିବାକୁ କହିଥିଲେ । ଏବେ ସେମାନେ ସିନ୍ଦେ ସେନାରେ ସାମିଲ ହୋଇ ଶିବସେନାକୁ ମହାରାଷ୍ଟ୍ରରେ ଆହୁରି ମଜବୁତ କରିଛନ୍ତି । ଲୋକସଭାରେ ଉଦ୍ଧବ ସେନାର ସାଂସଦଙ୍କ ସଂଖ୍ୟା ୯ ରହିଥିଲା । ସେମାନଙ୍କ ମଧ୍ୟରୁ ଆଜି ସଞ୍ଜୟ ଦିନା ପାଟିଲ, ସଞ୍ଜୟ ଦେଶମୁଖ, ସଞ୍ଜୟ ଯାଦବ, ଭାଉସାହେବ ୱାକଚାଉରେ, ନାଗେଶ ପାଟିଲ ଅଷ୍ଟିକର ଓ ଓମ ପ୍ରକାଶ ରାଜେ ନିମ୍ବାଲକର ଆଜି ଏକନାଥ ସିନ୍ଦେଙ୍କ ଶିବସେନାରେ ମିଶି ଯାଇଛନ୍ତି । ୬ ଜଣ ସାଂସଦ ଦଳ ବଦଳ କରିଥିବାରୁ ଏମାନଙ୍କୁ ଦଳ ବଦଳ ନିରୋଧ ଆଇନ



ଅନୁସାରେ ଅଯୋଗ୍ୟ ମଧ୍ୟ ଘୋଷଣା କରାଯାଇ ପାରିବ ନାହିଁ । ଆଜି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୬ ସାଂସଦଙ୍କୁ ନିଜ ସହ ସାମିଲ କରି ଏକନାଥ ସିନ୍ଦେ କହିଛନ୍ତି ଯେ "ଜଣେ ନୁହେଁ, ଆଜି ମୋ ସହ ୬ ଜଣ ବାଘ ରହିଛନ୍ତି । ଏଥର ପାଇଁ ଗୋଟିଏ ଛକା ମାରିଛୁ ।" ଏହାପୂର୍ବରୁ ସିନ୍ଦେଙ୍କ ନେତୃତ୍ୱରେ ୨୦୨୨ରେ ଶିବସେନାରେ ବିଦ୍ରୋହ ଦେଖାଯାଇଥିଲା । ଏ ସମ୍ପର୍କରେ ଏକନାଥ ସିନ୍ଦେ କହିଛନ୍ତି ଯେ ଦଳର ବିଚାରଧାରା ଓ ଧନୁ-ତୀର ଚିହ୍ନର ସୁରକ୍ଷା ପାଇଁ ବିଦ୍ରୋହ ହୋଇଥିଲା । ଏବେ ସାଂସଦମାନେ ବିଦ୍ରୋହ କରିଥିବାରୁ ଏହା ଉଦ୍ଧବ ଠାକରେଙ୍କ ପାଇଁ ଶକ୍ତ ଝଟକା ବୋଲି ସେ ପରୋକ୍ଷରେ ସଙ୍କେତ ଦେଇଛନ୍ତି । ସିନ୍ଦେ କହିଛନ୍ତି ଯେ ତାଙ୍କ ଗୋଷ୍ଠୀ ଦୀର୍ଘ ୪ ବର୍ଷ ହେଲା କଠିନ ପରିଶ୍ରମ କରି ଶିବସେନାକୁ ସଶକ୍ତ କରିଛି ଓ ହିନ୍ଦୁତ୍ୱ ବିଚାରଧାରା ପ୍ରତି ପ୍ରତିବଦ୍ଧ ରହିଛି । କିଛି ନେତା ଦଳର ନୀତିକୁ ପରିତ୍ୟାଗ କରିଛନ୍ତି ଓ ଜନାଦେଶ ସହ ପ୍ରତାରଣା କରିଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି । ନୂଆ କରି ଶିବସେନାରେ ସାମିଲ ହୋଇଥିବା ସାଂସଦଙ୍କ ସମସ୍ୟାର ସମାଧାନ କରାଯିବ ଓ ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ପାଣ୍ଠି ଯୋଗାଣ ହେବ ବୋଲି ମଧ୍ୟ ସିନ୍ଦେ ପ୍ରତିଶ୍ରୁତି ଦେଇଛନ୍ତି ।

## ପ.ବଙ୍ଗ ବିଧାନସଭାରେ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ

# ସାମ୍ବାଦିକଙ୍କ ପାଇଁ ପେନସନ, ମହିଳାଙ୍କ ପାଇଁ ମାଗଣା ବସ୍ ସେବା

କୋଲକାତା : ପଶ୍ଚିମବଙ୍ଗର ବିଜେପି ସରକାର ସୋମବାର (ଜୁନ୍ ୨୨) ବିଧାନସଭାରେ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସରକାର ବଜେଟରେ ଅନେକ ବଡ଼ ଘୋଷଣା କରିଛନ୍ତି । ଏକ ଲକ୍ଷ ସରକାରୀ ଚାକିରିଠାରୁ ଆରମ୍ଭ କରି ମହିଳାଙ୍କ ପାଇଁ ମାଗଣା ବସ୍ ସେବା ଏବଂ କର୍ମଚାରୀଙ୍କ ମହଙ୍ଗାଭତ୍ତାରେ ୨୦% ବୃଦ୍ଧି ଆଦି ଅନ୍ତର୍ଭୁକ୍ତ ରହିଛି । ବଜେଟ୍ ଉପସ୍ଥାପନ କରିବା ପୂର୍ବରୁ, ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏବଂ ଅର୍ଥମନ୍ତ୍ରୀ ସ୍ୱପନ ଦାସଗୁପ୍ତା ପୂଜା ଅର୍ଚ୍ଚନା କରିଥିଲେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାଂସ୍କୃତିକ ପରିଚୟ ଏବଂ ରାଜ୍ୟ ହସ୍ତଶିଳ୍ପର ପ୍ରତୀକ ଭାବେ ବଜେଟ୍ ଡକ୍ୟୁମେଣ୍ଟକୁ ପାରମ୍ପରିକ ବଙ୍ଗାଳୀ ଚଟେଇ ଏବଂ ଝୋଟରୁ ତିଆରି ଏକ ଫାଇଲରେ ବିଧାନସଭାକୁ ଅଣାଯାଇଥିଲା । ବଜେଟ୍ ଭାଷଣର ଆରମ୍ଭରେ, ଅର୍ଥମନ୍ତ୍ରୀ ସ୍ୱପନ ଦାସଗୁପ୍ତା ରାଜ୍ୟର ଆର୍ଥିକ ସ୍ଥିତି ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ କଥା ପ୍ରକାଶ କରିଥିଲେ । ସେ କହିଥିଲେ, ରାଜ୍ୟ ଉପରେ ୮୫୫ ହଜାର କୋଟିର ଋଣ ଅଛି । ଅର୍ଥମନ୍ତ୍ରୀ



ସ୍ପଷ୍ଟ ଭାବରେ ଘୋଷଣା କରିଥିଲେ ଯେ, ରାଜ୍ୟରେ ଚାଲିଥିବା ସମସ୍ତ ସାମାଜିକ ପ୍ରକଳ୍ପ ଜାରି ରହିବ । ଏହି ବିବୃତିକୁ ସରକାରଙ୍କ କଲ୍ୟାଣକାରୀ ଯୋଜନା ପ୍ରତି ପ୍ରତିବଦ୍ଧତା ଭାବରେ ଦେଖାଯାଉଛି ।ସରକାର ରାଜ୍ୟରେ ୧ ଲକ୍ଷ ଖାଲି ପଦବୀ ପୂରଣ କରିବାକୁ ଯୋଜନା ଘୋଷଣା କରିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପଦବୀ ମଧ୍ୟରୁ ୩୩ ପ୍ରତିଶତ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ । ଯାହା ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବ ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।ବିଧାନସଭାରେ ବଜେଟ୍ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ସ୍ୱପନ ଦାସଗୁପ୍ତା କହିଛନ୍ତି, ଆମେ ଏକ ଦୁର୍ନୀତିମୁକ୍ତ ବ୍ୟବସ୍ଥା ବିକଶିତ କରିବାକୁ ଚାହୁଁଛୁ, ଏବଂ ନୂତନ ସରକାରଙ୍କ ଲକ୍ଷ୍ୟ ହେଉଛି ଏକ ବିକଶିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ରାଜ୍ୟ ସୃଷ୍ଟି କରିବା । ବଜେଟର ସବୁଠାରୁ ବଡ଼ ଘୋଷଣାଗୁଡ଼ିକ ମଧ୍ୟରେ ରାଜ୍ୟ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ମହଙ୍ଗା ଭତ୍ତା (ଡିଏ) ରେ ୨୦ ପ୍ରତିଶତ ବୃଦ୍ଧି କରାଯାଇଛି । ଏହା ଦ୍ୱାରା ମୋଟ ଡିଏ ୩୮ ପ୍ରତିଶତକୁ ବୃଦ୍ଧି ପାଇବ । ଅର୍ଥମନ୍ତ୍ରୀ କହିଛନ୍ତି ଯେ ଏହି ନିଷ୍ପତ୍ତି ପିଛିଲା ଭାବେ ୧ ଏପ୍ରିଲ ୨୦୨୬ ରୁ କାର୍ଯ୍ୟକାରୀ ହେବ । ସରକାର ରାଜ୍ୟ ପରିବହନ ନିଗମ ବସ୍ କଣ୍ଡକ୍ଟରଙ୍କ ପାରିଶ୍ରମିକ ବୃଦ୍ଧି ଘୋଷଣା କରିଛନ୍ତି । ଅବସରପ୍ରାପ୍ତ ସାମ୍ବାଦିକଙ୍କ ପାଇଁ ମାସିକ ୫ ହଜାର ଟଙ୍କା ପେନସନ ଘୋଷଣା ମଧ୍ୟ ଦୃଷ୍ଟି ଆକର୍ଷଣ କରିଛି । ଏହି ନିଷ୍ପତ୍ତିଗୁଡ଼ିକ ଲକ୍ଷ ଲକ୍ଷ କର୍ମଚାରୀ, ପେନସନଭୋଗୀ ଏବଂ ସାମ୍ବାଦିକ ସମାଜକୁ ସିଧାସଳଖ ଲାଭ ଦେବ ବୋଲି ଆଶା କରାଯାଉଛି । ପଶ୍ଚିମବଙ୍ଗର ବିଜେପି ସରକାର ଜିରାମଜି ଯୋଜନା ପାଇଁ ୧୪ ହଜାର ଟଙ୍କାର କୋଟି ବଜେଟ୍ ବ୍ୟବସ୍ଥା ଘୋଷଣା କରିଛନ୍ତି । ମହିଳାମାନଙ୍କ ପାଇଁ ମାଗଣା ବସ୍ ସେବା ଜାରି ରଖିବା ପାଇଁ ୫୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏହି ସୁବିଧାର ଲାଭ ପ୍ରଦାନ କରିବା ପାଇଁ ସରକାର ଗୋଲାପୀ କାର୍ଡ ଜାରି କରିବେ । ଅର୍ଥମନ୍ତ୍ରୀ କହିଛନ୍ତି ଯେ ଅନ୍ନପୂର୍ଣ୍ଣା ଯୋଜନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜେଟ ବ୍ୟବସ୍ଥା କରାଯାଇଛି । ଏହା ବ୍ୟତୀତ, ରାଜ୍ୟର ସମସ୍ତ ଖଣି କେନ୍ଦ୍ର ସରକାରଙ୍କ ଇ-ନିଲାମ ବ୍ୟବସ୍ଥା ମାଧ୍ୟମରେ ନିଲାମ କରାଯିବ, ଯାହା ସ୍ୱଚ୍ଛତା ବୃଦ୍ଧି କରିବ ବୋଲି ଦାବି କରାଯାଉଛି । ଏହା ବ୍ୟତୀତ, କାନ୍ଥୀକୁ ଏକ ନୂତନ ପୁଲିସ ଜିଲ୍ଲା, ଗୋପୀବଲ୍ଲଭପୁରକୁ ଏକ ନୂତନ ଉପବିଭାଗ ଭାବରେ ନାମିତ କରାଯିବ ଏବଂ ରାଜ୍ୟ ସାରା ନୂତନ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା କରାଯିବ ।

# ଉରୁଗୁଏକୁ ଅଟକାଇଲା କେବ୍ ଭର୍ଡେ

ମାୟାମି, ୨୨।୬(ଏଜେନ୍ସି) : ଚଳିତ ଫିଫା ବିଶ୍ୱକପରେ ନିଜର ଐତିହାସିକ ପ୍ରଦର୍ଶନ ଜାରି ରଖିଛି କେବ୍ ଭର୍ଡେ। ମାୟାମି ଷ୍ଟାଡିୟମରେ ସୋମବାର ଭୋର୍ ସମୟରେ ଖେଳାଯାଇଥିବା ଗ୍ରୁପ'ଏଚ୍' ମ୍ୟାଚରେ ଉରୁଗୁଏ ସହ ମ୍ୟାଚ୍ ଡ୍ର ରଖିବାରେ ସଫଳ ହୋଇଛି ଏହି ଆଫ୍ରିକୀୟ ଦେଶ। ତେବେ ଏହି ଦଳ ଦ୍ୱାରା କରାଯାଇଥିବା ଏକ ଗୋଲ୍ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି। ଚର୍ଚ୍ଚିତ ଗୋଲ୍ଟି ମ୍ୟାଚର ୨୧ତମ ମିନିଟ୍‌ରେ କେବ୍ ଭର୍ଡେ ପକ୍ଷରୁ କେଭିନ୍ ପିନା ଦେଇଥିଲେ। ଏକ 'ଫ୍ରି କିକ୍'କୁ ଗୋଲରେ ପରିଣତ କରି ସେ ବିପକ୍ଷ ଉରୁଗୁଏକୁ ସ୍ତବ୍ଧ କରିଦେଇଥିଲେ। ୧୯୬୬ ପରେ ଫିଫା ବିଶ୍ୱକପରେ ଫ୍ରି କିକକୁ ଗୋଲରେ ପରିବର୍ତ୍ତନ କରିବାର ଏକ ପ୍ରଥମ ଘଟଣା। ଆଉ ଏକ କାରଣରୁ ପିନାଙ୍କ ଗୋଲକୁ ଐତିହାସିକ ବୋଲି କୁହାଯାଉଛି, ତାହା ହେଉଛି ବିଶ୍ୱକପ୍ ଇତିହାସରେ କେବ୍ ଭର୍ଡେର ଏହା ପ୍ରଥମ ଗୋଲ୍। ୨୧ ତମ ମିନିଟ୍‌ରେ କେବ୍ ଭର୍ଡେ ଏହି ଗୋଲ୍ ଦେଇ ୧-୦ରେ ଆଗୁଆ ହୋଇଯାଇଥିଲେ ବି ମଧ୍ୟାନ୍ତରର ଠିକ୍ ପୂର୍ବରୁ ଉରୁଗୁଏ ପକ୍ଷରୁ ମାକ୍ସି ଆରାଉଜୋ ଏକ ଗୋଲ୍ ଦେଇ ସ୍ଥିତି ବରାବର କରିଥିଲେ। ଆହତ ସମୟରେ ଅଗଷ୍ଟିନ କାନୋବିଓ ଆଉ ଏକ ଗୋଲ୍ ଦେଇ ଉରୁଗୁଏକୁ ୨-୧ରେ ଆଗୁଆ କରିଦେଇଥିଲେ। କିନ୍ତୁ ଉରୁଗୁଏ ଆଗରେ ହାର୍ ମାନିବାକୁ ପ୍ରସ୍ତୁତ ନଥିଲା କେବ୍ ଭର୍ଡେ। ୫୮ ତମ ମିନିଟ୍‌ରେ ଗ୍ୟାରି ରୋଡ୍ରିଗ୍ସଙ୍କ ସ୍ଥାନରେ ପଡ଼ିଆକୁ ଆସିଥିବା ହେଲିଓ ଭାରେଲା ମାତ୍ର ତିନି ମିନିଟ୍ ପରେ ଅର୍ଥାତ୍ ୬୧ତମ ମିନିଟ୍‌ରେ ଏକ ଗୋଲ୍ କରି



ସ୍ଥିତିକୁ ପୁଣି ବରାବର କରିଦେଇଥିଲେ। ଶେଷ ପର୍ଯ୍ୟନ୍ତ ଦୁଇ ଦଳ ପକ୍ଷରୁ ଘନ ଘନ ଆକ୍ରମଣ କରାଯାଇଥିଲେ ବି ଆଉ ଗୋଲ୍ ହୋଇନଥିଲା। ଦୁଇଟି ଡ୍ର ସହ ୨ ପଏଣ୍ଟ ପାଇବା ପରେ କେବ୍ ଭର୍ଡେର ନକ୍‌ଆଉଟ୍ ଖେଳିବା ସମ୍ଭାବନା ବୃଦ୍ଧି ପାଇଛି।

**ଫିଫା ବିଶ୍ୱକପ୍**

# ୯୨ ବର୍ଷ ପରେ ଇଜିପ୍ଟର ପ୍ରଥମ ବିଜୟ

ଭାଙ୍କୋଭର, ୨୨।୬(ଏଜେନ୍ସି) : ଚଳିତ ଫିଫା ବିଶ୍ୱକପରେ ଐତିହାସିକ ସଫଳତା ହାସଲ କରିଛି ଇଜିପ୍ଟ। ୧୯୩୪ରେ ଫିଫାବିଶ୍ୱକପ୍ ପଦାର୍ପଣ କରିଥିବା ଏହି ଆଫ୍ରିକୀୟ ଆରବ ଦେଶ ଦୀର୍ଘ ୯୨ ବର୍ଷ ପରେ ପ୍ରଥମ ଥର ପାଇଁ ଗୋଟିଏ ମ୍ୟାଚରେ ବିଜୟ ହାସଲ କରିଛି। ସୋମବାର ସକାଳେ ଖେଳାଯାଇଥିବା ଗ୍ରୁପ'ଜି' ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୧-୩ରେ ପରାସ୍ତ କରିଛି ଏହି ଦଳ। ମ୍ୟାଚ୍ ଆରମ୍ଭରୁ ୧୫ତମ ମିନିଟ୍ରେ ଫିନ୍ ସର୍ମାନ୍ ପ୍ରଥମ ଗୋଲ୍ ଦେଇ ନ୍ୟୁଜିଲାଣ୍ଡକୁ ଅଗ୍ରଣୀ କରିଥିଲେ। ତେବେ ୨୦ତମ ମିନିଟରେ ନ୍ୟୁଜିଲାଣ୍ଡର ଭାରତୀୟ ବଂଶୋଦ୍ଭବ




ଖେଳାଳି ସରପ୍ରିତ୍ ସିଂଙ୍କୁ ହଳଦିଆ କାର୍ଡ ଦେଖାଇଥିଲେ ରେଫରି। ପ୍ରଥମାର୍ଦ୍ଧ ଶେଷ ପର୍ଯ୍ୟନ୍ତ ଏହି ସ୍ଥିତି ବଜାୟ ରଖିବାରେ ସଫଳ ହୋଇଥିଲା ନ୍ୟୁଜିଲାଣ୍ଡ। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ସ୍ଥିତି ବଦଳିଯାଇଥିଲା। ଇଜିପ୍ଟର ଆକ୍ରାମକ ଖେଳ ଆଗରେ ନ୍ୟୁଜିଲାଣ୍ଡ ନିଷ୍ପ୍ରଭ ହୋଇଯାଇଥିଲା। ୫୮ତମ ମିନିଟ୍‌ରେ ମୁସ୍ତାଫା ଜିକୋ ଇଜିପ୍ଟ ପକ୍ଷରୁ ପ୍ରଥମ ଗୋଲ୍ ଦେଇ ସ୍ଥିତିକୁ ବରାବର କରିଥିଲେ। ଏହାର ଠିକ୍ ୯ ମିନିଟ୍ ପରେ ଅର୍ଥାତ୍ ୬୭ତମ ମିନିଟରେ ଇଜିପ୍ଟର କିମ୍ବଦନ୍ତି ଖେଳାଳି ମହମ୍ମଦ ସାଲେ ଆଉ ଏକ ଗୋଲ୍ ଦେଇ ଇଜିପ୍ଟକୁ ୨-୧ରେ ଅଗ୍ରଣୀ କରିଥିଲେ। ୮୨ତମ ମିନିଟ୍‌ରେ ଇଜିପ୍ଟର ବିଜୟ ସୁନିଶ୍ଚିତ ହୋଇଯାଇଥିଲା, ଯେତେବେଳେ ବଦଳ ଖେଳାଳିଭାବେ ଆସିଥିବା ଟ୍ରେଜେଗୁଏଟ୍ ଅଧିନାୟକ ସାଲେଙ୍କ ଏକ ନିଖୁଣ କର୍ଣ୍ଣରକୁ ଚମତ୍କାର ଢଙ୍ଗରେ ହେଡ୍ କରି ଗୋଲରେ ପରିଣତ କରିଦେଇଥିଲେ। ପରବର୍ତ୍ତୀ ସମୟରେ ଗୋଲ୍ କରିବାକୁ ନ୍ୟୁଜିଲାଣ୍ଡ ପକ୍ଷରୁ ପ୍ରବଳ ଉଦ୍ୟମ କରାଯାଇଥିଲେ ବି ସଫଳତା ମିଳିନଥିଲା। ଅତିରିକ୍ତ ସମୟରେ ନ୍ୟୁଜିଲାଣ୍ଡ ପକ୍ଷରୁ ମାର୍କୋ ଷ୍ଟାମେନିକ୍ ଓ ଟେଲର୍ ବିଣ୍ଡନ୍ ଗୋଲ୍ କରିବାକୁ ଉଦ୍ୟମ କରିଥିଲେ ବି ଇଜିପ୍ଟର ଗୋଲକିପର୍ ମୁସ୍ତାଫା ସୌବିର ତାହାକୁ ବିଫଳ କରିଦେଇଥିଲେ। ଏହି ବିଜୟ ସହ ଇଜିପ୍ଟ ଗୋଟିଏ ବିଜୟ, ଗୋଟିଏ ଡ୍ର ସହିତ ଗ୍ରୁପ'ଜି'ର ଶୀର୍ଷରେ ପହଞ୍ଚିଛି ଓ ନକ୍‌ଆଉଟ୍ ଖେଳିବା ସମ୍ଭାବନା ବୃଦ୍ଧି କରିଛି।

### କଦଳିଆ ପାଇକଯୁଗୁପୁରା ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରୟାଲ ଚାଲେଞ୍ଜ ବୈଶିଙ୍ଗା ଦଳ ଚମ୍ପିଆନ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ପଞ୍ଚାୟତ ଅଧୀନର କଦଳିଆ - ପାଏକ ଯୁଗୁପୁରା ଠାରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦଯାପିତ ହୋଇଯାଇଯାଇଛି । ଏଥିରେ ରୟାଲ ଚାଲେଞ୍ଜ ବୈଶିଙ୍ଗା ଦଳ ଚମ୍ପିଅନ ହୋଇଛି । କଦଳିଆ - ପାଇକଯୁଗୁପୁରା କ୍ରିକେଟ କ୍ଲବ ଆନୁକୁଲ୍ୟରେ ପରିଚାଳିତ କଦଳିଆ ପାଇକଯୁଗୁପୁରା ପ୍ରିମିୟର ଲିଗ ସିଜନ - ୧ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ । ୧୨ ତାରିଖ ପାଖରୁ ଏହି ପ୍ରିମିୟର ଲିଗ ଚାଲିଥିବା ବେଳେ ଶୁକ୍ରବାର ଫାଇନାଲ ମ୍ୟାଚ ପରେ ଏହା ଉଦଯାପିତ ହୋଇଯାଇଛି । ଫାଇନାଲରେ ରୟାଲ ଚାଲେଞ୍ଜ ବୈଶିଙ୍ଗା ଦଳ ଏବଂ ଏଆର ଆରକଟେକ ହାତୀଝୁରୀ ଦଳ ମୁହାଁମୁହିଁ ହୋଇଥିଲେ । ଏଥିରେ ବୈଶିଙ୍ଗା ଦଳ ନିର୍ଦ୍ଧାରିତ ଓଭରରେ ପ୍ରଥମ ବ୍ୟାଟିଙ୍ଗ କରି ୫ ୱିକେଟ ବିନିମୟରେ ୧୪୫ ରନ ସଂଗ୍ରହ କରିଥିଲା । ଉକ୍ତ ରନର ବିଜୟ ଲକ୍ଷ୍ୟ ନେଇ ମଇଦାନକୁ ଓହ୍ଲାଇଥିବା ହାତୀଝୁରୀ ଦଳ ନିର୍ଦ୍ଧାରିତ ଓଭରରେ ମାତ୍ର ୧୧୬ ରନ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା ଏହା ସହ ରୟାଲ ଚାଲେଞ୍ଜ ବୈଶିଙ୍ଗା ୨୯



ରନରେ ବିଜୟୀ ହୋଇଥିଲା। ଉଦଯାପନୀ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧିକାରୀ ବିରାମ ମାଝୀ ଏବଂ ସଂଗଠକ ବାବୁଲି ମନ୍ତ୍ରୀ ଯୋଗଦେଇ ଚାମ୍ପିଅନ ବୈଶିଙ୍ଗା ଦଳକୁ ପୁରସ୍କାରରାଶି ସମେତ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ରୟାଲ ଚାଲେଞ୍ଜ ବୈଶିଙ୍ଗା ଦଳର ଅଧିନାୟକ ଦୀପକ କୁମାର ପ୍ରଧାନ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ଅତିଥି ମହୋଦୟ ରନର୍ସଅପ ହାତୀଝୁରୀ ଟିମକୁ ନଗଦ ରାଶି ସମେତ ଟ୍ରଫି ଦ୍ୱାରା ପୁରସ୍କୃତ କରାଯାଇଥିଲା। ବଛାବଛା ୬ ଗୋଟି ଟିମ ଅଂଶଗ୍ରହଣ କରିଥିବାରୁ ଆୟୋଜକଙ୍କର ଏଭଳି ଗଠନମୂଳକ ଉଦ୍ୟମକୁ ଅତିଥିଗଣ ପ୍ରସଂସା କରିଥିଲେ। ଏଥିରେ ଏକାଧିକ ଦର୍ଶକଙ୍କ ସମାଗମ ମଧ୍ୟ ଦେଖିବାକୁ ମିଳିଥିଲା। ପରିଚାଳନାରେ କ୍ଲବର ସଦସ୍ୟ ଜୟନ୍ତ ରାଉଳ , ଅଜିତ ରାଉତ , ଆଶିଷ ମାରାଣ୍ଡିଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟଗଣ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ।

# ପ୍ରିତମଙ୍କୁ ସ୍ୱର୍ଣ୍ଣ, ଭାରତର ପଦକ ସଂଖ୍ୟା ୧୧ରେ ପହଞ୍ଚିଲା

ସୁଲ୍ (ଜର୍ମାନୀ), ୨୨।୬(ଏଜେନ୍ସି) : ଏଠାରେ ଚାଲିଥିବା ବିଶ୍ୱ କନିଷ୍ଠ ବନ୍ଧୁକଚାଳନା ଚାମ୍ପିଅନସିପରେ ଭାରତର ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରହିଛି। ବାଳକ ୧୦ ମିଟର ଏୟାର ରାଇଫଲ୍ ବର୍ଗରେ ପ୍ରିତମ କେନ୍ଦ୍ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲରେ ପୁଣେର ଏହି ୧୬ ବର୍ଷୀୟ କିଶୋର ୨୫୧.୩ ପଏଣ୍ଟ ହାସଲ କରି ପ୍ରଥମ ସ୍ଥାନରେ ରହିଥିଲେ। ରୁଷର ତିମୋଫେଇ ଆଲେନକୋଭ୍ ରୌପ୍ୟ ଓ ନରୱେର ଜେନ୍ସ ଓଏଷ୍ଟଲି କାଂସ୍ୟ ପଦକ ଜିତିଛନ୍ତି। ସେହିପରି ବାଳିକା ଦଳଗତ ୨୫ ମିଟର ଇଭେଣ୍ଟରେ ଭାରତ କାଂସ୍ୟ ପଦକ ଜିତିଛି। ଏହା ସହିତ ଭାରତର ପଦକ ସଂଖ୍ୟା ୫ ସ୍ୱର୍ଣ୍ଣ ସହ ମୋଟ ୧୧ରେ ପହଞ୍ଚିଛି। ଏହି ପ୍ରତିଯୋଗିତାରେ ସାରା ବିଶ୍ୱରୁ ୮୦୦ରୁ ଅଧିକ ସୁଟର୍ ଯୋଗ ଦେଇଛନ୍ତି। ସେଠାକୁ ଭାରତ ଏକ ୮୪ ଜଣିଆ ଦଳ ପଠାଇଛି।

# ଚର୍ଚ୍ଚାରେ ମେସି, ଏମବାପ୍ପେ ଓ ହାଲାଣ୍ଡ

ଭାଙ୍କୋଭର : ଫୁଟବଲର ଚୂଡ଼ାନ୍ତ ହେଭିୱେଟ୍ ଖେଳାଳିମାନେ ସେମାନଙ୍କର ଦ୍ୱିତୀୟ ଗ୍ରୁପ୍ ଫିକ୍ସର୍ ପାଇଁ ଫେରିବା ସମୟରେ, ଲିଓନେଲ୍ ମେସି, କାଇଲିଆନ୍ ଏମବାପ୍ପେ ଏବଂ ଏର୍ଲିଙ୍ଗ୍ ହାଲାଣ୍ଡ ଉଦଘାଟନୀ-ଦିନର ମାଷ୍ଟରକ୍ଲାସଗୁଡ଼ିକୁ ଏକୀକୃତ କରିବାକୁ ଏବଂ ଉତ୍ତର ଆମେରିକାରେ ପ୍ରାରମ୍ଭିକ ନକଆଉଟ୍ ଯୋଗ୍ୟତା ଆଡକୁ ସେମାନଙ୍କର ଦେଶଗୁଡ଼ିକୁ ଆଗେଇ ନେବାକୁ ଚେଷ୍ଟା କରନ୍ତି। ଏକ ବିଶ୍ୱକପର ପ୍ରାରମ୍ଭିକ ସଫଳତା ପ୍ରାୟତଃ ସାମୂହିକ - ଅଣ୍ଡରଡଗମାନଙ୍କର ଅଲିଖିତ ପ୍ରେମ, ନର୍ଭସ୍ ହେଭିୱେଟମାନଙ୍କର ସାମୂହିକ ନିଶ୍ୱାସ, ଏବଂ ଏକ ଟୁର୍ଣ୍ଣାମେଣ୍ଟର ତାତ୍ପର୍ଯ୍ୟ ଖୋଜିବାର ପ୍ରତିଯୋଗିତାର ସମ୍ମିଶ୍ରଣ ସହିତ ଜଡିତ। ତଥାପି, ଉତ୍ତର ଆମେରିକାରେ ୨୦୨୬ ଫାଇନାଲ୍ ଦ୍ୱିତୀୟ ରାଉଣ୍ଡର ଉଚ୍ଚ-ଷ୍ଟେକ୍ କ୍ଷେତ୍ରରେ ପରିଣତ ହେବା ସହିତ, ବ୍ୟକ୍ତିଗତ ପ୍ରତିଭା ଦ୍ୱାରା କାହାଣୀକୁ ବଳପୂର୍ବକ ଅପହରଣ କରାଯାଇଛି। କାନସାସ ସିଟିରେ ଆଲଜେରିଆ ବିପକ୍ଷରେ ଏକ ମହାନ ହ୍ୟାଟ୍ରିକ୍ ସହିତ ଲିଓନେଲ୍ ମେସି ଏକ ଐତିହାସିକ ଷଷ୍ଠ ଫାଇନାଲ୍ ଉପସ୍ଥିତି ପାଳନ କରିଥିଲେ, ଯାହା ମିରୋସ୍ଲାଭ୍ କ୍ଲୋଜଙ୍କ ସର୍ବକାଳୀନ ବିଶ୍ୱକପ୍ ସ୍କୋରିଂ ରେକର୍ଡ ୧୬ ଗୋଲ ସହିତ ସମାନ ଥିଲା। ଲିଓନେଲ୍ ମେସିଙ୍କ ଓପନିଂ-ନାଇଟ୍ ମାଷ୍ଟରକ୍ଲାସ୍ ଦେଖାଇଥିଲା ଯେ ତାଙ୍କର ଯାଦୁ ଅକ୍ଷୁର୍ଣ୍ଣ ରହିଛି। ଲିଓନେଲ୍ ସ୍କାଲୋନିଙ୍କ ସିଷ୍ଟମ୍ ଏପର୍ଯ୍ୟନ୍ତ ଆର୍ଜେଣ୍ଟିନା ଅଧିନାୟକଙ୍କୁ ତାଙ୍କର ମୁହୂର୍ତ୍ତଗୁଡ଼ିକ ବାଛିବାକୁ ଅନୁମତି ଦିଏ, କିନ୍ତୁ ଆଲଜେରିଆ ବିପକ୍ଷରେ ପ୍ରଚୁର ସ୍ଥାନ ପାଇବା ପରେ, ସେ ରାଲ୍ଫ ରଙ୍ଗନିକଙ୍କ ଅଷ୍ଟ୍ରିଆ ବିପକ୍ଷରେ ଅଧିକ କଠୋର ଏବଂ ଅଧିକ ଶାରୀରିକ ପରୀକ୍ଷାର ସମ୍ମୁଖୀନ ହେବାର ସମ୍ଭାବନା ଅଛି। ଜର୍ଡାନ ବିପକ୍ଷରେ କ୍ଲିନିକାଲ୍ ୩-୧ ବିଜୟ ପରେ ଅଷ୍ଟ୍ରିଆ ଟୁର୍ଣ୍ଣାମେଣ୍ଟରେ ପ୍ରବେଶ କରିଥିଲା, ହାଇପର-ଆକ୍ରାମକ, ସିଙ୍କ୍ରୋନାଇଜଡ୍ କାଉଣ୍ଟର-ପ୍ରେସିଂ ପ୍ରଦର୍ଶନ କରି ଯାହା ରଙ୍ଗନିକଙ୍କ ଗଠନମୂଳକ ସ୍ୱାକ୍ଷର ପାଲଟିଛି। ସେମାନେ ପ୍ରତିରକ୍ଷା ବିଶ୍ୱ



ଚାମ୍ପିଅନ୍ମାନଙ୍କୁ ଠିଆ ହୋଇ ପ୍ରଶଂସା କରିବେ ନାହିଁ; ବରଂ, ଅଷ୍ଟ୍ରିଆର ମଧ୍ୟଭାଗ ଇଞ୍ଜିନ୍ ରୁମ୍ ମେସି କାର୍ଯ୍ୟ କରୁଥିବା ସ୍ଥାନର ପକେଟଗୁଡ଼ିକୁ ଶ୍ୱାସରୁଦ୍ଧ ଭାବରେ ବନ୍ଦ କରିବାକୁ ଚେଷ୍ଟା କରିବ। ଯଦି ମେସିଙ୍କ ପ୍ରଦର୍ଶନ ଇତିହାସର ଭାରୀ ଓଜନ ବହନ କରିଥିଲା, ତେବେ ସେନେଗାଲ ବିପକ୍ଷରେ ଫ୍ରାନ୍ସର ୩-୧ ପ୍ରଥମ ବିଜୟରେ କାଇଲିଆନ୍ ଏମବାପ୍ପେଙ୍କ ପ୍ରଦର୍ଶନ ଟୁର୍ଣ୍ଣାମେଣ୍ଟ ଅନିବାର୍ଯ୍ୟତାର ଭୟଙ୍କର ବିପଦ ବହନ କରିଥିଲା। ଡିଡିୟର ଡେସଚାମ୍ପସଙ୍କ ଦଳ ପ୍ରଥମାର୍ଦ୍ଧରେ ପରିଶ୍ରମ କରିଥିଲା, କିନ୍ତୁ ମ୍ୟାଚ୍ ଯେତେବେଳେ ଏଲିଟ୍ ହସ୍ତକ୍ଷେପ ଦାବି କଲା, ଏମବାପ୍ପେ ଗିଅର ଦେଇ ପାଦ ଦେଇଥିଲେ। ତାଙ୍କର ଦ୍ୱିତୀୟ ଗୋଲ, ଏକ ଧମାକାଦାର ପ୍ରୟାସ ଯାହା ସେନେଗାଲର ବିଳମ୍ବ ପୁନରୁତ୍ଥାନକୁ ହତ୍ୟା କରିଥିଲା, ପରିସଂଖ୍ୟାନ ଆଉଟପୁଟ୍ କୁ ଶୁଦ୍ଧ ମ୍ୟାଚ୍-ବିଜୟୀ ମୂଲ୍ୟରୁ ପୃଥକ କରିବାର ତାଙ୍କର ଅନନ୍ୟ କ୍ଷମତାକୁ ପ୍ରକାଶ କରିଥିଲା। ମବାପ୍ପେ ବର୍ତ୍ତମାନ ବିଶ୍ୱକପରେ ସର୍ବକାଳୀନ ଗୋଲ ସ୍କୋରରଙ୍କ ତାଲିକାରେ (୧୪ ସହିତ) ମିଳିତ-ତୃତୀୟ ସ୍ଥାନରେ ଅଛନ୍ତି। ଏବଂ ଦିନର ପରେ ଏକ ହ୍ୟାଟ୍ରିକ୍ ତାଙ୍କୁ ଶୀର୍ଷରେ ନେଇଯିବ। ଲେସ୍ ବ୍ଲୁସ୍ ଫିଲାଡେଲଫିଆରେ ଇରାକ ପାଇଁ ପ୍ରସ୍ତୁତି କରୁଥିବା ସମୟରେ, ଉଦ୍ଦେଶ୍ୟ ହେଉଛି ଯୋଗ୍ୟତା ସୁରକ୍ଷା। ଫ୍ରାନ୍ସର ଏକ ଲଜ୍ଜାଜନକ ଧନ ଅଛି, ରିଅଲ୍ ମାଡ୍ରିଡ୍ ସୁପରଷ୍ଟାରଙ୍କ ସହିତ ବ୍ରାଡଲି ବାର୍କୋଲା ପ୍ରଚୁର ରସାୟନ ପ୍ରଦର୍ଶନ କରୁଛନ୍ତି, କିନ୍ତୁ ଏମବାପ୍ପେ ସେହି ନିର୍ବିବାଦ ସୂର୍ଯ୍ୟ ଭାବରେ ରହିଛନ୍ତି ଯାହା ଚାରିପାଖରେ ଫରାସୀ ସିଷ୍ଟମ ଘୂରି ବୁଲୁଛି। ପ୍ରଥମ ପର୍ଯ୍ୟାୟରେ ପ୍ରବଳ ପରାଜୟ ଯୋଗୁଁ ଆହତ ହୋଇଥିବା ଇରାକ ଫ୍ରାନ୍ସର ଧୈର୍ଯ୍ୟକୁ ଚ୍ୟାଲେଞ୍ଜ କରି ଏକ ନିମ୍ନ ପର୍ଯ୍ୟାୟରେ ପଡ଼ିଯିବାର ସମ୍ଭାବନା ଅଧିକ।

# ପାୱାର ଲିଫ୍ଟିଙ୍ଗ୍ ଜାତୀୟ ଚାମ୍ପିଅନ ବ୍ରହ୍ମାଂଶୁ ମହାରଣାଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୨।୬(ସବ୍ୟୁ) : ଜାତୀୟ ସ୍ତରୀୟ ପାୱାର ଲିଫ୍ଟିଂ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଗୌରବ ଆଣିଥିବା ବ୍ରହ୍ମାଂଶୁ ମହାରଣାଙ୍କୁ ଡେରାବିଶ ବ୍ଲକ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ତାଙ୍କ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଛି । ପାଟକୁରାର ବିଜେପି ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା ବ୍ରହ୍ମାଂଶୁଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରି ତାଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ଉତ୍ତର ପ୍ରଦେଶର ମଥୁରାଠାରେ ଜାତୀୟ ପାୱାର ଲିଫଟିଂ ଫେଡେରେସନ ପକ୍ଷରୁ ଗତ ଜୁନ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ପ୍ରତିଯୋଗିତାରେ ୧୮ ବର୍ଷୀୟ ବ୍ରହ୍ମାଂଶୁ ୭୭ କେଜି ବର୍ଗରେ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏହି ଅବସରରେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ ଟେଲିଫୋନ ଯୋଗେ ବ୍ରହ୍ମାଂଶୁଙ୍କ ସହ କଥା ହୋଇ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ସମ୍ବର୍ଦ୍ଧନା ସଭାରେ ବିଶ୍ୱ ମୋହନ ଦାସ, ସଞ୍ଜୟ ସାହୁ, ପ୍ରଶାନ୍ତ ସାଠୁଆ, ସରୋଜ ମାହାଳି, ଶରତ ବେହେରା, ପ୍ରସନ୍ନ କୁମାର ମିଶ୍ର, ଅକ୍ଷୟ କୁମାର ମହାନ୍ତି, ସତ୍ୟବ୍ରତ ବେହେରା, ରଶ୍ମି ରଞ୍ଜନ ରାଉତରାୟ, ରବୀନ୍ଦ୍ର ରାଉତ ଓ ଅନିରୁଦ୍ଧ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ବ୍ରହ୍ମାଂଶୁଙ୍କ ମା' ସୁଷମା ଓଝା ଓ ଅଜା ନୃସିଂହ ଚରଣ ଓଝା ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ତେଜେଶ୍ୱର ପରିଡ଼ା କହିଥିଲେ ଯେ, ବ୍ରହ୍ମାଂଶୁଙ୍କ ଭଳି ପ୍ରତିଭାବାନ କ୍ରୀଡ଼ାବିଙ୍କୁ ଆଗାମୀ ଦିନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ସହଯୋଗ ଯୋଗାଇ ଦେବା ପାଇଁ ସମସ୍ତ ପ୍ରୟାସ କରାଯିବ। ସେ ବ୍ରହ୍ମାଂଶୁଙ୍କ ସଫଳତା ପଛରେ ଥିବା ସ୍ଥାନୀୟ ପ୍ରଶିକ୍ଷକ ବିଭୂତି ଭୂଷଣ ବେହେରାଙ୍କ ଅବଦାନକୁ ମଧ୍ୟ ଉଚ୍ଚ ପ୍ରଶଂସା କରିଥିଲେ। ବ୍ରହ୍ମାଂଶୁଙ୍କ ଏହି ସଫଳତା କେବଳ କେନ୍ଦ୍ରାପଡ଼ା ନୁହେଁ, ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି।

# ଅଧିନାୟକ ପଦ ଫେରିପାଇଲେ ଷ୍ଟୋକ୍ସ

ଲଣ୍ଡନ, ୨୨।୬(ଏଜେନ୍ସି) : ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ପରାଜୟ ପରେ ଇଂଲଣ୍ଡ ଦଳରେ କେତେକ ପରିବର୍ତ୍ତନ କରାଯାଇଛି। ଅଧିନାୟକ ପଦକୁ ପୁଣି ଫେରିଛନ୍ତି ବେନ୍ ଷ୍ଟୋକ୍ସ। ଏହା ସହିତ ଦ୍ରୁତ ବୋଲର୍ ଗସ୍ ଅଟକିନ୍ସନ ବି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନାଇଟ୍ କ୍ଲବ୍ ବିବାଦ ପରେ ଉଭୟଙ୍କୁ କିଛିଦିନ ଲାଗି ଦଳରୁ ଦୂରେଇ ରଖାଯାଇଥିଲା। ଦଳରୁ ସାମୟିକ ସମୟ ପାଇଁ ବାଦ୍ ପଡ଼ିବା ପରେ ଷ୍ଟୋକ୍ସ ଡରହାମ୍ ପକ୍ଷରୁ କାଉଣ୍ଟି କ୍ରିକେଟ୍ ଖେଳୁଥିଲେ। ଏହି ପ୍ରତିଯୋଗିତାରେ ନର୍ଥହାମ୍ପଟନସାୟାର ବିପକ୍ଷ ମ୍ୟାଚରେ ସେ ୧୧୮ ବଲରୁ ୯୫ ରନ୍ କରି ଇସିବିର ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଇସିବିର ଅନୁରୋଧକ୍ରମେ ସେ ଅଧାରୁ କାଉଣ୍ଟି କ୍ରିକେଟରୁ ଓହରି ପୁଣି ଜାତୀୟ



ଦଳର ନେତୃତ୍ୱ ନେବାକୁ ଫେରିଛନ୍ତି। ନାଇଟ୍ କ୍ଲବ ବିବାଦକୁ ନେଇ ଜୁନ ୮ରେ ଇସିବିର ଶୃଙ୍ଖଳା କମିଟି ଶୁଣାଣି କରିଥିଲେ। ସେଥିରେ ଉଭୟଙ୍କୁ ଦୋଷମୁକ୍ତ କରାଯାଇଥିଲା। ଏ ସଂପର୍କିତ ତଦନ୍ତ ପରେ ଇସିବି ପକ୍ଷରୁ କୁହାଯାଇଛି ଯେ ନାଇଟ୍ କ୍ଲବରେ ଗଣ୍ଡଗୋଳ ସମୟରେ ଷ୍ଟୋକ୍ସ ଉପସ୍ଥିତ ନଥିଲେ। ସେହିପରି ଅଟକିନ୍ସନଙ୍କ ଉପରେ ଆକ୍ରମଣ ହୋଇଥିଲେ ବି ସେ ତାହାର ଜବାବ ଦେଇନଥିଲେ। ଏଣୁ ହିଂସା ପାଇଁ ଉଭୟଙ୍କୁ ଦାୟୀ କରାଯାଇପାରିବ ନାହିଁ। ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ଆସନ୍ତା ୨୫ ତାରିଖରୁ ନଟିଙ୍ଗହାମ୍ର ଟେଣ୍ଟବ୍ରିଜଠାରେ ଖେଳାଯିବ। ଷ୍ଟୋକ୍ସ ଓ ଅଟକିନ୍ସନ ଫେରିବା ପରେ ଇଂଲଣ୍ଡ ଦଳ ଅଧିକ ସନ୍ତୁଳିତ ହେବା ସହ ଏହାର ଶକ୍ତି ବୃଦ୍ଧି ପାଇବା ଆଶା କରାଯାଉଛି।

ସୂଚନା
BHIM
SCAN & PAY
ASHIRBAD PRAKASHAN PVT.LTD.

# ରାଜସ୍ଥାନ ରୟାଲ୍ସ ଯିବେ ହାର୍ଦ୍ଦିକ

# ମୁମ୍ବାଇ ଆଣିବ ନୂଆ ଖେଳାଳି

ମୁମ୍ବାଇ, ୨୨।୬(ଏଜେନ୍ସି) : ଆଇପିଏଲରେ ପୁଣି ଦୁର୍ବଳ ପ୍ରଦର୍ଶନ ପରେ ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସରୁ ଅଲଗା ହେବାର ସମ୍ଭାବନା ସୃଷ୍ଟି ହୋଇଛି। ହାର୍ଦ୍ଦିକଙ୍କୁ ମୁମ୍ବାଇ ୨୦୨୪ରେ ଗୁଜରାଟ ଟାଇଟନ୍ସରୁ ଟ୍ରେଡ ଡିଲ ବଳରେ ଆଣିଥିଲା। ଏହାପରେ ସେ ଦଳର କମାଣ ସମ୍ଭାଳି ଥିଲେ। କିନ୍ତୁ ଏବେ ଆଉ ମୁମ୍ବାଇ ସହ ରହିବାକୁ ଚାହୁଁ ନାହାନ୍ତି। ଡ୍ରେସିଂ ରୁମ ବିବାଦ ଯୋଗୁ ହାର୍ଦ୍ଦିକ ଓ ମୁମ୍ବାଇ ଅଲଗା ଅଲଗା ହେବାକୁ ଯାଉନ୍ତି। ରିପୋର୍ଟ ଅନୁସାରେ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଗୋଟିଏ ଟ୍ରେଡ ଡିଲ ବଳରେ ନେବାକୁ ରାଜସ୍ଥାନ ରୟାଲ୍ସ ଆଗ୍ରହ ଦେଖାଇଛି। ମୁମ୍ବାଇ ମଧ୍ୟ ହାର୍ଦ୍ଦିକଙ୍କୁ ଛାଡ଼ିବାକୁ ପ୍ରସ୍ତୁତ ରହିଛି। କିନ୍ତୁ ତାଙ୍କ ବଦଳରେ




ରାଜସ୍ଥାନର ଜଣେ ବିସ୍ଫୋରକ ବ୍ୟାଟରଙ୍କୁ ଆଣିବାକୁ ଚାହୁଁଛନ୍ତି ଦଳ। ରାଜସ୍ଥାନ ରୟାଲ୍ସ ଯଶସ୍ୱୀ ଜୈସୱାଲଙ୍କୁ ଦେଲେ ମୁମ୍ବାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦେବ ବୋଲି ସର୍ତ୍ତ ରଖିଛି। ଦୁଇ ପ୍ରାଞ୍ଚାଇଜ ଏ ସମ୍ପର୍କରେ ଆଲୋଚନା ପ୍ରାୟ ଶେଷ କରିଛନ୍ତି। ଖୁବଶୀଘ୍ର ଏପରି ଅଦଳବଦଳ ଉପରେ ମୋହର ବାଜିମାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଜୈସୱାଲ ମଧ୍ୟ ଗୋଟିଏରୁ ଦୁଇ ବର୍ଷ ହେଲା ବେଶ ଚର୍ଚ୍ଚାରେ ରହିଛନ୍ତି। ସଞ୍ଜୁ ସାମସନ ରାଜସ୍ଥାନରୁ ଚାଲି ଯିବା ପରେ ଜୈସୱାଲ ରାଜସ୍ଥାନ ଟିମରେ ବଡ଼ ସୁରଷ୍ଟାର ହେବାକୁ ବାଟ ଫିଟିଥିଲା। ସେ ଅଧିନାୟକ ଦୌଡ଼ରେ ବି ରହିଥିଲେ। କିନ୍ତୁ ଟିମ ମ୍ୟାନେଜମେଣ୍ଟ ରିୟାନ ପରାଗଙ୍କୁ କ୍ୟାପ୍ଟେନ କରିଛନ୍ତି। ଏହାକୁ ନେଇ ଜୈସୱାଲ ସାମନ୍ୟ ମନ ଊଣା କରିଥିବା କୁହାଯାଉଛି। ଏହାବାଦ ରାଜସ୍ଥାନବ ବ୍ୟାଟିଂ ୟୁନିଟକୁ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଆସିବା ପରେ ଜୈସୱାଲଙ୍କ ଗୁରୁତ୍ୱ ମଧ୍ୟ କମି ଯାଇଛି। ସେ ବର୍ତ୍ତମାନ ରାଜସ୍ଥାନ ଟିମର ସବୁଠାରୁ ଚର୍ଚ୍ଚିତ ଚେହେରା ବନି ଯାଇଛନ୍ତି। ତେଣୁ ଏସବୁ ସମସ୍ୟାକୁ ମୁକୁଳିବା ପାଇଁ ଜୈସୱାଲ ପ୍ରାଞ୍ଚାଇଜ ଛାଡ଼ିବା ଶ୍ରେୟସ୍କର ବୋଲି ବିଚାର କରୁଛନ୍ତି। ଜୈସୱାଲ ମୁମ୍ବାଇ ପାଇଁ ରଣଜୀ ଟ୍ରଫି ମଧ୍ୟ ଖେଳୁଛନ୍ତି। ତେଣୁ ମୁମ୍ବାଇ ତାଙ୍କ ପାଇଁ ସବୁଠାରୁ ଭଲ ସ୍ଥାନ ହେବ ବୋଲି ରିପୋର୍ଟ ପ୍ରକାଶ ପାଇଛି। ହାର୍ଦ୍ଦିକଙ୍କ ବ୍ୟକ୍ତିଗତ ଟିମ ଟ୍ରେଡ ଡିଲ ପାଇଁ ରାଜସ୍ଥାନ ରୟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ସହ କଥାବାର୍ତ୍ତା ଜାରି ରଖିଛି। ମୁମ୍ବାଇ ଇଣ୍ଡିଆନ୍ସ ପାଣ୍ଡ୍ୟାଙ୍କ ବଦଳରେ ଜୈସୱାଲଙ୍କ ଛଡ଼ା ଆଉ କାହାକୁ ନେବା ମୁଡରେ ନଥିବା ସ୍ପଷ୍ଟ କରିଛି। ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସର ସୂର୍ଯ୍ୟ କୁମାର ଯାଦବ ମଧ୍ୟ ଗୋଟିଏ ନୂଆ ଟିମ ସନ୍ଧାନରେ ରହିଛନ୍ତି। ସେ ୨୦୨୭ ପୂର୍ବରୁ ନୂଆ ଦଳରେ ଯୋଗ ଦେଇ ପାରନ୍ତି। ଦଳର ସବୁଠାରୁ ବଡ଼ ସୁପରଷ୍ଟାର ରୋହିତ ଶର୍ମା ନିଜ କ୍ୟାରିୟରର ଶେଷ ପାହାଚରେ ପହଞ୍ଚି ଯାଇଛନ୍ତି। ପାଣ୍ଡ୍ୟା ଓ ସୂର୍ଯ୍ୟ କୁମାର ମଧ୍ୟ ଅନ୍ୟତ୍ର ଯିବାର ଅଛି। ଏଥିପାଇଁ ମୁମ୍ବାଇ ଇଣ୍ଡିଆନ୍ସ ପରବର୍ତ୍ତୀ ପିଢ଼ିର ଖେଳାଳିଙ୍କୁ ନେଇ ନିଜ ପ୍ରାଞ୍ଚାଇଜ ତିଆରି କରିବାକୁ ଚାହୁଁଛି। ଜୈସୱାଲ ଏହି ଯୋଜନାରେ ଫିଟ ହେଉଥିବା ମଧ୍ୟ ଦଳ ଆଶା କରିଛି।

ସମୟ ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି